ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ନଭେମ୍ବର ୧୨/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, November 12/2022 Page 16 ₹ 7.00 ★★
୧୮ଶ ଭାଗ ୩୨୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 324 ମୂଲ୍ୟ₹୭/-

# ସରକାରୀ ସେବାରେ ସନ୍ତୁଷ୍ଟି ନାହିଁ

## ଘରୋଇ ହସ୍ପିଟାଲମୁହାଁ ବିଏସ୍‌କେୱାଇ କାର୍ଡଧାରୀ ଗର୍ଭବତୀ

**ରତନ ନାୟାର/ଅସମାପିକା ସାହୁ**
**ଢେଙ୍କାନାଳ ଅଫିସ/ଭୁବନେଶ୍ୱର (ବ୍ୟୁରୋ) , ୧୧।୧୧**

ନିରାପଦ ମାତୃତ୍ୱ ପାଇଁ ସରକାରଙ୍କ ଅନେକ ଯୋଜନା। ମାତୃ ଏବଂ ଶିଶୁ ମୃତ୍ୟୁହାରକୁ ଯଥାସମ୍ଭବ ହ୍ରାସ କରିବା ଲାଗି ଆରମ୍ଭ ହୋଇଛି ଅଭିଯାନ। ଗର୍ଭସଞ୍ଚାରଠାରୁ ଆରମ୍ଭ କରି ସୁରକ୍ଷିତ ପ୍ରସବ ଯାଏ ଯୋଗାଇ ଦିଆଯାଉଛି ନିଃଶୁଳ୍କ ସେବା। ଟିକାକରଣ, ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ମିଳୁଛି ବହୁମୂଲ୍ୟ ପରାମର୍ଶ। ଏହାସତ୍ତ୍ୱେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗର୍ଭବତୀ ଏବଂ ସେମାନଙ୍କ ପରିବାର ଭରସା ଜୁଟାଇ ପାରୁନାହାନ୍ତି। ଦୁର୍ବଳ ଭିତ୍ତିଭୂମି, ଆବଶ୍ୟକ ଅତ୍ୟାଧୁନିକ ସରଞ୍ଜାମ ଅଭାବ ସେମାନଙ୍କୁ ଘରୋଇ ଡାକ୍ତରଖାନାମୁହାଁ କରାଉଛି। ଢେଙ୍କାନାଳ ଜିଲାର ପ୍ରାଥମିକ



ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷକୁ ବର୍ଷ ପ୍ରସବ ସଂଖ୍ୟା ହ୍ରାସ ପାଇବା ପରେ ଗର୍ଭବତୀମାନେ ଯେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଆଡ଼କୁ ଅଧିକ ଆକର୍ଷିତ ହେଉଛନ୍ତି, ତାହା ସ୍ପଷ୍ଟ ହୋଇଛି।

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୬ ମାସିଆ ତୁଳନାତ୍ମକ ସମୀକ୍ଷାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୧-୨୨ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଜିଲାର ସମସ୍ତ ସରକାରୀ ଚିକିତ୍ସାଳୟରେ ୬,୨୬୭ ମହିଳାଙ୍କ ସନ୍ତାନ ପ୍ରସବ ହୋଇଛି। ତନ୍ମଧ୍ୟରେ କେବଳ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୪,୦୮୭ ଜଣଙ୍କ ସନ୍ତାନ ଜନ୍ମ ହୋଇଛି। ସେହିପରି ବ୍ଲକୱାରି ଦେଖିଲେ ଭୁବନରେ ୩୬୬, ଗଁଦିଆରେ ୪୪୫, ହିନ୍ଦୋଳରେ ୩୩୬, କାମାକ୍ଷାନଗରରେ ୪୩୮, କଙ୍କଡ଼ାହାଡ଼ରେ ୧୫୪, ଓଡ଼ାପଡ଼ାରେ ୨୭୧ ଏବଂ ପରଜଙ୍ଗର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭୦ ସନ୍ତାନ ଜନ୍ମ ହୋଇଥିଲା। ତେବେ ୨୦୨୨-୨୩ ବର୍ଷ ଏପ୍ରିଲରୁ ☞ପୃଷ୍ଠା-୪

# ୨୦୨୩ରେ ଚାଇନାକୁ ଟପିବ ଭାରତ

## ବିଶ୍ୱ ଜନସଂଖ୍ୟା ରିପୋର୍ଟ

**ୱାଶିଂଟନ୍,୧୧।୧୧**

ବିଶ୍ୱର ସବୁଠାରୁ ଅଧିକ ସଂଖ୍ୟକ ଲୋକ ଚାଇନାରେ ବସବାସ କରନ୍ତି। ବିଶ୍ୱ ଜନସଂଖ୍ୟାରେ ଚାଇନା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏହାପଛକୁ ଅର୍ଥାତ୍ ଦ୍ୱିତୀୟରେ ଭାରତ ରହିଛି। ମାତ୍ର ଗୋଟିଏ ମାସ ପରେ ଏହି ସ୍ଥାନ ପରିବର୍ତ୍ତନ ହେବାର ଦେଖିବାକୁ ମିଳିବ। ଜନସଂଖ୍ୟା କ୍ଷେତ୍ରରେ ଚାଇନାକୁ ଟପିବାକୁ ଯାଉଛି ଭାରତ। ୨୦୨୩ରେ ବିଶ୍ୱର ଜନବହୁଳ ଦେଶ ଭାବେ ପରିଗଣିତ ହେବ ଭାରତ। ଜାତିସଂଘ ପକ୍ଷରୁ ବିଶ୍ୱ ଜନସଂଖ୍ୟା ସମ୍ବନ୍ଧୀୟ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଚଳିତବର୍ଷର ୱାର୍ଲ୍ଡ ପପୁଲେଶନ୍ ରିପୋର୍ଟ ଅନୁସାରେ ଚାଇନାର ମୋଟ ଜନସଂଖ୍ୟା ୧.୪୨୬ ବିଲିୟନ ଥିବାବେଳେ ଭାରତର ମୋଟ ଜନସଂଖ୍ୟା ୧.୪୧୭ ବିଲିୟନ ରହିଛି।

ରିପୋର୍ଟରେ ପ୍ରଦତ୍ତ ତଥ୍ୟ ଅନୁସାରେ ଆସନ୍ତା ୧୫ରେ ବିଶ୍ୱ ଜନସଂଖ୍ୟା ୮ ବିଲିୟନ (୮୦୦ କୋଟି)ରେ ପହଞ୍ଚିବ। ୨୦୨୦ ସୁଦ୍ଧା ସାରା ବିଶ୍ୱର ଜନସଂଖ୍ୟା ୭୮୩.୬୬ କୋଟି ରହିଛି। ସେହିଭଳି ୨୦୩୦ ବେଳକୁ ଏହି ସଂଖ୍ୟା ୮.୫ ବିଲିୟନରେ ପହଞ୍ଚିବ। ଚଳିତ ବର୍ଷ ଜୁଲାଇରେ ୟୁଏନ୍ ୱାର୍ଲ୍ଡ ପପୁଲେଶନ୍ ପ୍ରୋସ୍ପେକ୍ଟସ୍ ୨୦୨୨ରେ ଏହି ରିପୋର୍ଟ ପ୍ରକାଶ ପାଇଥିଲେ ହେଁ ନଭେମ୍ବର ୧୫ ତାରିଖ ପୂର୍ବରୁ ଏହି ରିପୋର୍ଟ ପୁଣିଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ୧୯୫୦ ମସିହାଠାରୁ ପ୍ରଥମ ଥର ପାଇଁ ୨୦୨୦ରେ ବିଶ୍ୱ ଜନସଂଖ୍ୟା ୧% କମିଛି। ☞ପୃଷ୍ଠା-୪

# ୬ ଦୋଷୀଙ୍କୁ ମୁକ୍ତକଲେ ସୁପ୍ରିମକୋର୍ଟ

**ରାଜୀବ ଗାନ୍ଧୀ ହତ୍ୟା ମାମଲା**

**ନୂଆଦିଲ୍ଲୀ, ୧୧।୧୧(ପି.ଟି.)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଥିବା ନଳିନୀ ଶ୍ରୀହରନ୍ ଏବଂ ଆର୍.ପି. ରବିଚନ୍ଦ୍ରନଙ୍କ ସମେତ ୬ ଜଣଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟ ମୁକ୍ତ କରିଛନ୍ତି। ପ୍ରାୟ ୩୧ ବର୍ଷ ଧରି କାରାଦଣ୍ଡ ଭୋଗିବା ପରେ ଆଶ୍ୱସ୍ତି ଲାଭ କରିଥିବା ଅନ୍ୟ ଦୋଷୀମାନେ ହେଲେ ସନ୍ଥନ, ମୁରୁଗନ, ରବର୍ଟ ପାୟସ୍ ଏବଂ ଜୟକୁମାର। ଜେଲରେ ଉତ୍ତମ ବ୍ୟବହାର ☞ପୃଷ୍ଠା-୪

# ଆଦ୍ୟାଶା ମିଶ୍ର ଓଜେଏସ୍ ଟପ୍ପର

**କଟକ ଅଫିସ, ୧୧।୧୧**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ(ଓଜେଏସ୍)-୨୦୨୧ ପରୀକ୍ଷାଫଳ



ଆଦ୍ୟାଶା ମିଶ୍ର

ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୋଟ ୫୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରେ ୨୮ ଛାତ୍ରୀ ଓ ୨୨ ଜଣ ଛାତ୍ର ରହିଛନ୍ତି। ଏ ନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଆଦ୍ୟାଶା ମିଶ୍ର ଟପ୍ପର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଅସନ୍ତୁଷ୍ଟ ଅଧିକାରୀ**



1585-2022



# ମାତୃଭାଷାରେ ଶିକ୍ଷାଦାନ ଦକ୍ଷତା ବଢ଼ାଇବ: ରାଷ୍ଟ୍ରପତି

## ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପୁସ୍ତକ, ବୈଷୟିକ ଶବ୍ଦକୋଷ ଏବଂ ଇ-କୁମ୍ଭ ଉନ୍ମୋଚିତ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ମାତୃଭାଷା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ଜ୍ଞାନ ବିକଶିତ କରିଥାଏ। ମାତୃଭାଷାରେ ଶିକ୍ଷାଦାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳ ବଚାରଧାରା ଏବଂ ବିଶ୍ଳେଷଣ ଦକ୍ଷତା ବିକଶିତ କରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତିଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତର ଶୁକ୍ରବାର ଶେଷ ଦିବସରେ ଭୁବନେଶ୍ୱର ସୂଚନା ଭବନଠାରେ ଶିକ୍ଷା ମନ୍ତ୍ରଣାଳୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଏଥିସହିତ ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ ଆୟୋଗଙ୍କ ଦ୍ୱାରା ବିକଶିତ ଓଡ଼ିଆ ଭାଷାରେ ବୈଷୟିକ ଶବ୍ଦକୋଷ ଏବଂ ଇ-କୁମ୍ଭ (ବିଭିନ୍ନ ଭାରତୀୟ ଭାଷାରେ ପ୍ରକାଶିତ ଜ୍ଞାନ) ପୋର୍ଟାଲକୁ ମଧ୍ୟ ରାଷ୍ଟ୍ରପତି ଉନ୍ମୋଚନ କରିଥିଲେ।

ରାଷ୍ଟ୍ରପତି କହିଲେ, ଇଂଲିଶ ଭାଷାରେ ବୈଷୟିକ ଶିକ୍ଷାକୁ ବୁଝିବା କ୍ଷେତ୍ରରେ ଅନେକ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେଥିପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ରେ ସରକାର ଆଞ୍ଚଳିକ ଭାଷାର ବୈଷୟିକ ଶିକ୍ଷା ଯୋଗାଇ ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ସମାନ ସୁଯୋଗ ମିଳିପାରିବ। ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ଉପଲବ୍ଧ ହେଉ ନ ଥିବାରୁ ପୂର୍ବରୁ ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷାଦାନ କରିବା କ୍ଷେତ୍ରରେ ବାଧା ଉପୁଜୁଥିଲା। ଏହାକୁ ଦୂର କରିବା ପାଇଁ ଏଆଇସିଟିଇର ପ୍ରୟାସ ପ୍ରଶଂସନୀୟ। ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା କ୍ଷେତ୍ରରେ ଭାଷା ବାଧକ ନୁହେଁ, ବରଂ ସହାୟକ ହେବା ଉଚିତ। ଆଞ୍ଚଳିକ ତଥା ସ୍ଥାନୀୟ ଭାଷାରେ ଶିକ୍ଷାଦାନ ଦୀର୍ଘସ୍ଥାୟୀ ଭିତ୍ତିରେ ଏକ ଶିକ୍ଷିତ, ସଚେତନ ଏବଂ ସକ୍ରିୟ ସମାଜ ଗଠନରେ ସହାୟକ ହୋଇପାରିବ। ଓଡ଼ିଆ ଏକ ପ୍ରାଚୀନ ଏବଂ ସମୃଦ୍ଧ ଭାଷା। ଏହାର ଏକ ଅଭିନବ ସାହିତ୍ୟ ପରମ୍ପରା ଏବଂ ସମୃଦ୍ଧ ଶବ୍ଦ ଭଣ୍ଡାର ରହିଛି। ତେଣୁ ଓଡ଼ିଆ ଭାଷାରେ ବୈଷୟିକ ଶିକ୍ଷା ପାଇବା କ୍ଷେତ୍ରରେ କୌଣସି ଅସୁବିଧା ହେବ ନାହିଁ ବୋଲି ରାଷ୍ଟ୍ରପତି କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଆଇସିଟିଇ ଅଧ୍ୟକ୍ଷ ଏମ୍. ଜଗଦୀଶ କୁମାର, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୧୮ରେ ଭୁବନେଶ୍ୱରଠାରେ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ପ୍ରଦାନ ପାଇଁ ଏଆଇସିଟିଇ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା କେନ୍ଦ୍ର(ଆଇଓଏସ୍ଆର୍) ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ ଓଡ଼ିଆ ଭାଷାରେ ବିକଶିତ ଯାନ୍ତ୍ରିକ ଶବ୍ଦକୋଷକୁ ଉନ୍ମୋଚନ କରୁଛନ୍ତି।

## 'ଛାତ୍ରୀ ଜୀବନର ଅନେକ ଅଭୁଲା ସ୍ମୃତିକୁ ଉଜ୍ଜୀବିତ କରିଛି'

କାର୍ଯ୍ୟକ୍ରମ ପରେ ହଷ୍ଟେଲ ପରିଦର୍ଶନ ସମୟରେ ଭିଜିଟର୍ସ ବୁକ୍‌ରେ ନିଜ ମନର ଭାବନାକୁ ପରିପ୍ରକାଶ କରିଥିଲେ। 'ଆଜି କୁନ୍ତଳା କୁମାରୀ ସାବତ ଆଦିବାସୀ ଛାତ୍ରୀନିବାସ ପରିଦର୍ଶନ କରି ମୁଁ ଖୁବ୍ ଖୁସି। ମୋର ଏହି ହଷ୍ଟେଲ ପରିଦର୍ଶନ ମୋର ଛାତ୍ରୀ ଜୀବନର ଅନେକ ଅଭୁଲା ସ୍ମୃତିକୁ ଉଜ୍ଜୀବିତ କରିଛି। ହଷ୍ଟେଲର ଅନ୍ତେବାସୀ ଏବଂ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ମୁଁ ଭାବ ବିହ୍ୱଳ ହୋଇ ପଡିଲି। ସୁଖର କଥା ଏଠାରେ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଘରୋଇ ପରିବେଶ ମିଳୁଛି। ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛି।'

# ସ୍କୁଲ ସ୍ମୃତିକୁ ଉଜ୍ଜୀବିତ କଲେ ରାଷ୍ଟ୍ରପତି

## ନୂଆଦିଲ୍ଲୀ ଫେରିଲେ ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ)

- ଲକ୍ଷ୍ୟ ସାଧନ ପାଇଁ ଭଲ ପାଠ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ
- ରାଷ୍ଟ୍ରପତିଙ୍କୁ ନାମଲେଖା ରେଜିଷ୍ଟର ଉପହାର ଦେଲେ ଗଣଶିକ୍ଷା ମନ୍ତ୍ରୀ

ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବହୁ ସ୍ମୃତି ନେଇ ଶୁକ୍ରବାର ନୂଆଦିଲ୍ଲୀ ଫେରି ଯାଇଛନ୍ତି। ଶେଷ ଦିନରେ ନିଜେ ପଢୁଥିବା କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସ୍କୁଲ ଜୀବନର ସ୍ମୃତିକୁ ଉଜ୍ଜୀବିତ କରିଥିଲେ ରାଷ୍ଟ୍ରପତି। ଏହା ପୂର୍ବରୁ ସେ ପ୍ରଥମେ ଖଣ୍ଡଗିରିସ୍ଥିତ ତପୋବନ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରି ପଢୁଥିବା ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର (ଆଲୁମ୍‌ନି)ଙ୍କ ସହିତ ଭାବ ବିନିମୟ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କେତେଜଣ ଛାତ୍ରୀଛାତ୍ରଙ୍କ ପରିଚୟ ପଚାରି ବୁଝିଥିଲେ। ଏଥିସହ ଛାତ୍ରୀଛାତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ବିଭିନ୍ନ କଥା ପଚାରି ଜ୍ଞାନ ଆହରଣ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ଆତ୍ମବିଶ୍ୱାସ ରଖି କିପରି ଆଗକୁ ବଢିହେବ ସେ ନେଇ ରାଷ୍ଟ୍ରପତି ନିଜ ଅନୁଭୂତି ବଖାଣିଥିଲେ। ନିଜ ଲକ୍ଷ୍ୟ ସାଧନ ପାଇଁ ଭଲ ପାଠ ପଢି ଆଗକୁ ବଢିବାକୁ ରାଷ୍ଟ୍ରପତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜେଜେମା ତାଙ୍କର ରୋଲ ମଡେଲ ଥିଲେ ବୋଲି ରାଷ୍ଟ୍ରପତି କହିବା ସହ ପିଲାଙ୍କ ମନରେ ଉତ୍ସାହ ଭରିଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ପରିବେଶ ଓ ସଂପୂର୍ଣ୍ଣ ଶୈକ୍ଷିକ ବାତାବରଣକୁ ଦେଖି ଅତ୍ୟନ୍ତ ଭାବ ବିହ୍ୱଳ ହୋଇପଡ଼ିଥିଲେ। ବିଦ୍ୟାଳୟ ଛାଡ଼ିବା ପୂର୍ବରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ରାଷ୍ଟ୍ରପତି, ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ଫଟୋ ଉଠାଇଥିଲେ।

ପରେ ରାଷ୍ଟ୍ରପତି ସକାଳ ୯ଟା ୩୦ରେ ନିଜ ଶିକ୍ଷାନୁଷ୍ଠାନ ୟୁନିଟ୍-୨ସ୍ଥିତ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଥିଲେ। ବିଦ୍ୟାଳୟ ଛାତ୍ରୀମାନେ ବ୍ୟାଣ୍ଡ୍ ବଜାଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଏଥିସହ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ପ୍ରସ୍ତୁତ ବାଲୁକା କଳା 'ମୋ ସ୍କୁଲ୍'କୁ ନିଜେ ରାଷ୍ଟ୍ରପତି ଉନ୍ମୋଚନ କରିବା ପରେ ବିଦ୍ୟାଳୟ ପରିସରରେ ବଉଳ ଗଛ ଲଗାଇଥିଲେ। ଆୟୋଜିତ ସ୍ୱାଗତ ସଭାରେ ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ସହ ଜନଜାତି ନୃତ୍ୟ ପରିବେଷଣ କରିଥିଲେ। ରାଷ୍ଟ୍ରପତି ଛାତ୍ରୀଙ୍କ ସହ ଫଟୋ ଉଠାଇବା ସହ ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଷ୍ଟ୍ରପତିଙ୍କୁ ତାଙ୍କ ପଢୁଥିବା ବେଳର ନାମଲେଖା ରେଜିଷ୍ଟର ଉପହାର ଦେଇଥିଲେ, ଯାହାକୁ ଦେଖି ସେ ଖୁସି ହୋଇଯାଇଥିଲେ। ଏହାପରେ ବିଦ୍ୟାଳୟର କୁନ୍ତଳା କୁମାରୀ ସାବତ ଜନଜାତି ଛାତ୍ରୀନିବାସକୁ ରାଷ୍ଟ୍ରପତି ପରିଦର୍ଶନ କରିଥିଲେ। ହଷ୍ଟେଲ ପରିଦର୍ଶକ ପୁସ୍ତିକାରେ ସେ ଦସ୍ତଖତ ଓ ମନ୍ତବ୍ୟ ପ୍ରଦାନ କରିଥିଲେ। ହଷ୍ଟେଲର ଅନ୍ତେବାସିନୀମାନେ ରାଷ୍ଟ୍ରପତି ମୁର୍ମୁଙ୍କୁ ତାଙ୍କ ପିଲାବେଳର ଫଟୋ ଓ ପ୍ରସ୍ତୁତ ପ୍ରତିଛବି ଉପହାର ଦେଇଥିଲେ। ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍, ରାଜ୍ୟ ପ୍ରକଳ୍ପ (ଓସେପା) ନିର୍ଦ୍ଦେଶକ ଅନୁପମ ସାହା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ରହିଥିଲେ।


ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଷ୍ଟ୍ରପତିଙ୍କୁ ତାଙ୍କ ପଢୁଥିବା ବେଳର ନାମଲେଖା ରେଜିଷ୍ଟ୍ରାର ଉପହାର ଦେଉଛନ୍ତି।


ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବିଦାୟ ଜଣାଉଛନ୍ତି।



## ନିଜ ହଷ୍ଟେଲ୍ ଖଟରେ ବସିଲେ ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୭୦ ମସିହାରୁ ୧୯୭୪ ପର୍ଯ୍ୟନ୍ତ ଅଷ୍ଟମରୁ ଏକାଦଶ ପର୍ଯ୍ୟନ୍ତ ପାଠ ପଢିଥିଲେ। ଏହି ସମୟରେ ସେ କୁନ୍ତଳା କୁମାରୀ ସାବତ ହଷ୍ଟେଲ ତୁଳସୀ ମୁଣ୍ଡା ବ୍ଲକ୍‌ର ୬ ନଂ. ପ୍ରକୋଷ୍ଠରେ ରହୁଥିଲେ। ଶୁକ୍ରବାର ବିଦ୍ୟାଳୟ ପରିଦର୍ଶନବେଳେ ରାଷ୍ଟ୍ରପତି ଉକ୍ତ ପ୍ରକୋଷ୍ଠକୁ ଯାଇଥିଲେ। ୩ବର୍ଷ ଧରି ସେ ଯେଉଁ ଖଟରେ ଶୋଉଥିଲେ ସେହି ଖଟରେ କିଛି ସମୟ ପାଇଁ ବସିଥିଲେ। ଏତେ ବର୍ଷ ଧରି ସେହି ଖଟ ସାଇତା ହୋଇ ରହିଛି ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଥିଲେ। ସେହିପରି ସାଙ୍ଗମାନଙ୍କ ସହ ରହିଥିବା କିଛି ପୁରୁଣା ଫଟୋକୁ ଦେଖି ଖୁସି ହୋଇଥିଲେ। ପରେ ଉକ୍ତ ହଷ୍ଟେଲର ବିର୍ସା ମୁଣ୍ଡା ବ୍ଲକ୍‌କୁ ଯାଇଥିଲେ।

# ଶକ୍ତି ସୁଗାର୍ସ ସ୍ଥାନ ନେଲା ଆଇପିଏଲ୍



ଆଇପିଏଲ୍ ନୂତନ ସୁଗାର ୟୁନିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୧୧।୧୧

- ଆରମ୍ଭ ହେଲା ନୂଆ କମ୍ପାନୀର ପ୍ରଥମ ୟୁନିଟ୍
- ସମ୍ପ୍ରସାରଣରେ ୨୫୦ କୋଟି ଟଙ୍କା ବ୍ୟୟ କରାଯିବା ଲକ୍ଷ୍ୟ
- ଚାଷୀଙ୍କ ସାମଗ୍ରିକ ଉନ୍ନତିକୁ ପ୍ରାଥମିକତା ଦେବାକୁ ପ୍ରତିଶ୍ରୁତି

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହରିପୁର ଗ୍ରାମ ୫୫ନଂ. ଜାତୀୟ ରାଜପଥ ନିକଟରେ ପ୍ରତିଷ୍ଠିତ ପ୍ରମୁଖ ଚିନି କାରଖାନା 'ଶକ୍ତି ସୁଗାର୍ସ'ର ସ୍ଥାନ ନେଇଛି ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ (ଆଇପିଏଲ୍)। ଶୁକ୍ରବାର ନୂଆ କମ୍ପାନୀର ପ୍ରଥମ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ୨୫୦ କୋଟି ଟଙ୍କା ବ୍ୟୟରେ କାରଖାନା ସମ୍ପ୍ରସାରଣ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଥିବାବେଳେ ଚାଷୀ ଓ କର୍ମଚାରୀଙ୍କ ସାମଗ୍ରିକ ଉନ୍ନତିକୁ ପ୍ରାଥମିକତା ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

ଜିଲାର ଏକମାତ୍ର ଚିନି କାରଖାନା 'ଶକ୍ତି ସୁଗାର୍ସ' ଗତ ଜୁନ୍‌ରେ ବିକ୍ରି ହୋଇଯାଇଥିଲା। କମ୍ପାନୀ ଜାଗାରେ ଆଇପିଏଲ୍‌ର ନୂତନ ସୁଗାର ୟୁନିଟ୍ ଆରମ୍ଭ ହୋଇଛି। ଏହା ଭାରତରେ ଆଇପିଏଲ୍‌ର ୭ମ ୟୁନିଟ୍। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇପିଏଲ୍ ପରିଚାଳନା ନିର୍ଦ୍ଦେଶକ ଡ. ପରବିନ୍ଦର ସିଂ ଗେହେଲଟ୍ କହିଲେ, ବ୍ୟକ୍ତିଗତ କାରଣରୁ ଶକ୍ତିସୁଗାର୍ସ ଓଡ଼ିଶା ବାହାରକୁ ଯିବାକୁ ଚାହିଁଲା। ତେଣୁ ଉକ୍ତ ୟୁନିଟ୍‌କୁ ପ୍ରଦାନ କରିବା ପାଇଁ ଶକ୍ତି ସୁଗାର୍ସକୁ ଅନୁରୋଧ କରାଯାଇଥିଲା। ଖୁସିର କଥା ଏଠାରେ ଆଇପିଏଲ୍ ପକ୍ଷରୁ ନୂତନ ସୁଗାର ୟୁନିଟ୍ ଆରମ୍ଭ ହୋଇଛି। କମ୍ପାନୀ ସମ୍ପ୍ରସାରଣ କରିବା ପାଇଁ ୨୫୦ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। କୃଷକଙ୍କ ଉନ୍ନତିକୁ ପ୍ରାଥମିକତା ଦିଆଯିବ। କର୍ମଚାରୀ ଏବଂ ମ୍ୟାନେଜମେଣ୍ଟର ସୁବନ୍ଦୋବସ୍ତ କରାଯିବ। ଲୋକାଲ ମ୍ୟାନେଜମେଣ୍ଟରେ କୌଣସି ପରିବର୍ତ୍ତନ ହେବନାହିଁ। ପୁରୁଣା କମ୍ପାନୀର କର୍ମଚାରୀମାନେ ପୂର୍ବଭଳି କାର୍ଯ୍ୟ କରିବେ। ମାଗିବା ପୂର୍ବରୁ ଚାଷୀଙ୍କ ପ୍ରାପ୍ୟ ଓ କର୍ମଚାରୀଙ୍କ ଦରମା ଦିଆଯିବ। ଠିକ୍‌ଭାବେ କମ୍ପାନୀ ଚଳାଇବା ପାଇଁ ଲୋକାଲ ମ୍ୟାନେଜମେଣ୍ଟ ଏବଂ ଅଧିକାରୀଙ୍କୁ ସ୍ୱାଧୀନତା ମିଳିବ। ପ୍ରଥମେ ବିନିଯୋଗ ପରେ ଯେଉଁ ଲାଭ ହେବ ସେହି ଅର୍ଥକୁ ପୁଣି କମ୍ପାନୀରେ ଲଗାଯିବ। ଗୁଣବତ୍ତାରେ କୌଣସି ସାଲିସ କରାଯିବ ନାହିଁ। କର୍ମଚାରୀ ସଂଖ୍ୟା ବଢ଼ାଯିବ। ସ୍ଥାନୀୟ ଅଞ୍ଚଳର ଉନ୍ନତି, ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦିଆଯିବ। କମ୍ପାନୀ ପରିସରରେ ଗଠନମୂଳକ ପ୍ରସ୍ତାବ ଦେବା ପାଇଁ ସ୍ୱତନ୍ତ୍ର ବାକ୍ସ ରହିବ। କର୍ମଚାରୀମାନେ ନିଜର ମତାମତ ଲେଖି କରି ଦେବେ। ପ୍ରତି ସପ୍ତାହରେ ଏହାର ସମୀକ୍ଷା କରାଯିବ। ସମସ୍ତଙ୍କ ମୂଲ୍ୟବାନ ପ୍ରସ୍ତାବକୁ ଦେଖି କାର୍ଯ୍ୟ ହେବ। ଶକ୍ତି ସୁଗାର୍ସ ଭଳି ଆଇପିଏଲ୍‌କୁ ସହଯୋଗ କରିବା ପାଇଁ ନୂତନ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି। ମାର୍କେଟିଂ ବିଭାଗ ଜିଏମ୍ ନୀରଜ ଶର୍ମା କମ୍ପାନୀର ସଫଳତା ପାଇଁ ଆଶାବ୍ୟକ୍ତ କରିଛନ୍ତି। ଆଇପିଏଲ୍ କମ୍ପାନୀର ଭୁବନେଶ୍ୱର ମୁଖ୍ୟପରିଚାଳକ ସଞ୍ଜୀବ ଚନ୍ଦ୍ର ସିହ୍ନା ସ୍ୱାଗତ ଭାଷଣରେ କହିଲେ, ୧୯୫୫ରେ ଆଇପିଏଲ୍ କମ୍ପାନୀ ଆରମ୍ଭ ହୋଇଥିଲା। ଆରମ୍ଭରେ ଏହାର ବ୍ୟବସାୟ ୮୧ କୋଟି ଥିବାବେଳେ ୨୦୦୯ ବେଳକୁ ୩୨ ହଜାର କୋଟି ପାର୍ କରିବାରେ ସକ୍ଷମ ହୋଇଛି। ଢେଙ୍କାନାଳ ୟୁନିଟ୍ ମୁଖ୍ୟ ଆର୍. ରାମଦୁରାଇ କମ୍ପାନୀର ସଫଳ ପରିଚାଳନାରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ମୁନ୍‌ମୁନ୍ ସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଆଇପିଏଲ୍‌ର ଅର୍ଥ ବିଭାଗର ସାଧାରଣ ପରିଚାଳକ ଆର୍. ଶ୍ରୀନିବାସନ୍‌ଙ୍କ ସମେତ କମ୍ପାନୀରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଢେଙ୍କାନାଳରେ ୧୯୯୪-୯୫ରେ ଶକ୍ତିସୁଗାର୍ସ କମ୍ପାନୀ ଉତ୍ପାଦନ ଆରମ୍ଭ କରିଥିଲା। ୧୦୦ ଏକର ଜମିରେ ପ୍ରତିଷ୍ଠିତ ଏହି କମ୍ପାନୀରେ ସେହି ସମୟରେ ବ୍ୟୟ ହୋଇଥିଲା ପ୍ରାୟ ୧୦୦ କୋଟି ଟଙ୍କା। ଢେଙ୍କାନାଳ, କଟକ ଓ ଯାଜପୁର ଜିଲାର ଚାଷୀମାନେ ଏଠାରେ ଆଖୁ ପେଡ଼ାଉଥିଲେ। ବାର୍ଷିକ ୧୯,୦୦୦ ଟନ୍ ଆଖୁ ପେଡ଼ା ଯାଉଥିବାବେଳେ ୨,୫୦୦ ମେଟ୍ରିକ ଟନ୍ ଚିନି ଉତ୍ପାଦନ ହେଉଥିଲା। ଏହାବାଦ୍ ମୋଲାସେସ୍, ଜୈବଖତ, ସୋୟାବିନ୍ ଉତ୍ପାଦନ କରି ଦେଶ ବିଦେଶକୁ ରପ୍ତାନି କରାଯାଉଥିଲା। ପ୍ଲାଣ୍ଟରେ ପ୍ରାୟ ୩୦୦ କର୍ମଚାରୀ କାର୍ଯ୍ୟ କରୁଥିଲେ।



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୯୫,୩୪,୦୮୪ | ୬୬,୧୨,୩୨୮ | ୬୧,୯୦,୫୨,୧୬୬ |
| ଭାରତ | ୪,୪୬,୬୪,୮୧୦ | ୫,୩୦,୫୨୦ | ୪,୪୧,୨୧,୫୩୮ |
| ଓଡ଼ିଶା | ୧୩,୩୬,୩୦୪ | ୯୨୦୪(+୫୩) | ୧୩,୨୬,୯୧୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଲିଙ୍ଗ ନିରୂପଣ ଧରାଇଲେ ମିଳିବ ୨୫ ହଜାର

## ସୂଚନା ପ୍ରଦାନକାରୀ ପ୍ରୋତ୍ସାହନ ଯୋଜନା ଆରମ୍ଭ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

କନ୍ୟାଭ୍ରୂଣର ଜୀବନ ଅଧିକାରକୁ ସୁରକ୍ଷା କରିବା ତଥା ଲିଙ୍ଗ ନିରୂପଣ ଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ରାଜ୍ୟ ସରକାର ସୂଚନା ପ୍ରଦାନକାରୀ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି। ବେଆଇନ ଲିଙ୍ଗ ନିରୂପଣ ସମ୍ପର୍କରେ ସୂଚନା ଦେଲେ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ଏହି ପ୍ରୋତ୍ସାହନ ରାଶି ୩ଟି କିସ୍ତିରେ ୨୫ ହଜାର ଟଙ୍କା ଦିଆଯିବ। ପ୍ରଥମ କିସ୍ତିରେ ସୂଚନା ଠିକ୍ ଥିଲେ ୧୦ ହଜାର ଟଙ୍କା ସୂଚନା ପ୍ରଦାନକାରୀଙ୍କୁ ପ୍ରଦାନ କରାଯିବ। ଦ୍ୱିତୀୟ କିସ୍ତି ବାବଦ ୧୦ ହଜାର ଟଙ୍କା ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହେବା ପରେ ଏବଂ ତୃତୀୟ କିସ୍ତି ୫ ହଜାର ଟଙ୍କା ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡବିଧାନ ହେବା ପରେ ମିଳିବ। ଏହି ସ୍କିମ୍ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ଗାଇଡ୍‌ଲାଇନ ଜାରି କରାଯାଇଛି। ପ୍ରି-କନ୍‌ସେପ୍‌ଶନ ଆଣ୍ଡ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍ନିକ୍ସ(ପିସି ଏବଂ



ପିଏନ୍‌ଡିଟି) ଆଇନକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଗାଇଡ୍‌ଲାଇନକୁ ସରଳୀକରଣ କରାଯାଇ ଜିଲାପାଳ ଏବଂ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଲୋକମାନଙ୍କୁ ଏନେଇ ସଚେତନତା କରିବା ଲାଗି ପଦକ୍ଷେପ ନେବାକୁ ଜିଲାଗୁଡ଼ିକୁ କୁହାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଲିଙ୍ଗ ନିରୂପଣ ନେଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୂଚନା ପାଇବା ସକାଶେ ଜିଲାଗୁଡ଼ିକ ବିଶ୍ୱାସଭାଜନ ସୂଚନା ପ୍ରଦାନକାରୀ ନେଟ୍‌ୱର୍କ ସ୍ଥାପନ କରିବେ। ଜିଲାସ୍ତରରେ ପୃଥକ୍ ଭାବେ ଗୁପ୍ତ ଫାଇଲ୍ ଓ ରେଜିଷ୍ଟର ପ୍ରସ୍ତୁତ କରିବେ। ଏଥିସହିତ ଅଭିଯୋଗ ଗ୍ରହଣ କରିବା ପାଇଁ ଟେଲିଫୋନ ନମ୍ବର ବ୍ୟବସ୍ଥା କରିବେ। ଅଭିଯୋଗ ଗ୍ରହଣ କରିବା ପାଇଁ ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଅଭିଯୋଗ ମିଳିବା ପରେ ଉପଯୁକ୍ତ ଅଧିକାରୀ ଜିଲା ଟାସ୍କଫୋର୍ସ ସହାୟତାରେ ଅଭିଯୋଗର ସତ୍ୟାସତ୍ୟ ଜାଣିବା ଲାଗି ଚଢ଼ାଉ କରିପାରିବେ। ନୂତନ ଗାଇଡ୍‌ଲାଇନ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ସଚିବ କହିଛନ୍ତି ଯେ ବୈଷୟିକ ଜ୍ଞାନକୌଶଳର ଅପବ୍ୟବହାର କରି ଭ୍ରୂଣର ଲିଙ୍ଗ ନିରୂପଣ କରାଯାଉଛି, ଯାହାକି ମହିଳା ଓ ପୁରୁଷ ଅନୁପାତ ହ୍ରାସ ହେବାର ଏକ ପ୍ରମୁଖ କାରଣ। ଲିଙ୍ଗ ନିରୂପଣ ଯୋଗୁ ଶିଶୁକନ୍ୟାଙ୍କ ସଂଖ୍ୟା ହ୍ରାସ ପାଉଛି। ଫଳରେ ସାମାଜିକ ସନ୍ତୁଳନକୁ ବିଗାଡୁଛି। ଏଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇପାରିଲେ ଲିଙ୍ଗ ନିରୂପଣ ଭଳି ସମସ୍ୟାରେ ବିରାମ ଲାଗିପାରିବ। ଜିଲାସ୍ତରରେ ଏହାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ କୁହାଯାଇଛି ବୋଲି ସଚିବ କହିଛନ୍ତି।




# ୪୮୪୮ ସରକାରୀ ହାଇସ୍କୁଲର ସବୁ ପଦବୀ ପୂରଣ ହେବ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

ରାଜ୍ୟର ସମସ୍ତ ସରକାରୀ ହାଇସ୍କୁଲଗୁଡ଼ିକରେ ବିଭିନ୍ନ ବିଷୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୁବ୍‌ଶୀଘ୍ର ୭୫୪୦ ହାଇସ୍କୁଲରେ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କୁ ଅନୁରୋଧ କରାଯାଇଛି। ଏହି ନିଯୁକ୍ତି ପରେ ରାଜ୍ୟର ସମସ୍ତ ୪୮୪୮ଟି ସରକାରୀ ହାଇସ୍କୁଲର ସବୁ ଶିକ୍ଷକ ପଦବୀ ପୂରଣ ହୋଇପାରିବ।

ଟିଜିଟି (କଳା), ଟିଜିଟି (ପିସିଏମ୍ ଓ ସିବିଜେଡ୍), ସଂସ୍କୃତ, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ ଓ ଶାରୀରିକ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ। ୨୦୨୧-୨୨ରେ କରାଯାଇଥିବା ଦୁଇଟି ଚୟନ ପ୍ରକ୍ରିୟାରେ ୧୩ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ କରାଯାଇ ବିଭିନ୍ନ ସରକାରୀ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତ କରାଯାଇଥିଲା।

**୭୫୪୦ ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମରେ ରୂପାନ୍ତର ଆଣିବା ପ୍ରକ୍ରିୟା ଜାରି ରହିଥିବା ବେଳେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇ ପିଲାମାନଙ୍କ ପାଇଁ ଆଧୁନିକ ଶିକ୍ଷା ବ୍ୟବସ୍ଥା କରାଯାଇଛି। କମ୍ପ୍ୟୁଟର, ଇଣ୍ଟରନେଟଠାରୁ ଆରମ୍ଭ କରି ଇ-ଲାଇବ୍ରେରି, ଉନ୍ନତ ଖେଳ ଉପକରଣ ଓ ପଢ଼ିଆ ତଥା ଅନ୍ୟାନ୍ୟ ସୁବିଧାର ବିକାଶ କରାଯାଉଛି। ୫-ଟିରେ ନିଯୁକ୍ତି କାର୍ଯ୍ୟକ୍ରମକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି। ବିଭିନ୍ନ ବିଭାଗରେ ଥିବା ଖାଲି ପଦବୀଗୁଡ଼ିକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ କ୍ଷିପ୍ର ଗତିରେ ପୂରଣ କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ ବିଭିନ୍ନ ବିଭାଗର ହଜାର ହଜାର ପଦବୀ ପୂରଣ କରାଯାଇଥିବା ବେଳେ ଏହି ନିଯୁକ୍ତି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ।

# ସ୍ତ୍ରୀକୁ ବିବାହ କରାଇ ସ୍ୱାମୀ ଅଟକ

**ନର୍ଲା,୧୧।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଏବେ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ସ୍ତ୍ରୀକୁ ଅନ୍ୟ ଜଣକୁ ବିବାହ କରିଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ନର୍ଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ନର୍ଲା ଥାନା ଅନ୍ତର୍ଗତ ମୁଣ୍ଡାଗାର ପୂର୍ଣ୍ଣିମୀ ଭୋଇ(୨୨)ଙ୍କୁ ମସ୍କାଗୁଡା ଗ୍ରାମର କ୍ଷିରା ବେରୁକ ପ୍ରେମ ବିବାହ କରିଥିଲେ। ବିବାହର ୧ ବର୍ଷ ସେମାନେ ଭଲରେ ରହି ଆସୁଥିଲେ। ଗତ ୩୦ ତାରିଖରେ କୌଣସି କାରଣରୁ ଦାଦନ ଖଟିବାକୁ ଉଭୟେ ଦିଲ୍ଲୀ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ୨ ତାରିଖରେ କ୍ଷୀରା ଦିଲ୍ଲୀର ଜଣେ ବ୍ୟକ୍ତିଙ୍କୁ ସ୍ତ୍ରୀ ପୂର୍ଣ୍ଣିମୀଙ୍କୁ ବିବାହ କରିଦେଇଥିଲେ। ଏହାପରେ କ୍ଷୀରା ନିଜ ଘରକୁ ଚାଲି ଆସିଥିଲେ। ଗତ ୫ ତାରିଖରେ ପୂର୍ଣ୍ଣିମା ଏ ବିଷୟରେ ବାପା କୁଳମଣି ଭୋଇଙ୍କୁ ଫୋନ କରି ସବୁକଥା କହିଥିଲେ। ୬ ତାରିଖରେ କୁଳମଣି ନିଜ ଜ୍ୱାଇଁ କ୍ଷୀରାଙ୍କ ନାମରେ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୯/୨୨) ରୁଜୁ କରିବା ସହ କ୍ଷୀରାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି।

# ଉତ୍ତରପ୍ରଦେଶରୁ ଦ୍ୱିତୀୟ ଅଭିଯୁକ୍ତ ଗିରଫ

## ୩ କୋଟିର ଲୋଭ ଦେଖାଇ ୨.୩୫ କୋଟି ଠକେଇ ମାମଲା

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

- ରିମାଣ୍ଡରେ ଆଣୁଛି ଇଓଡବ୍ଲ୍ୟୁ, ଆଜି ହେବେ କୋର୍ଟଚାଲାଣ
- ମାର୍ଚ୍ଚରେ ଗିରଫ ହୋଇଥିଲେ ପ୍ରଥମ ଅଭିଯୁକ୍ତ
- ଅର୍ଥ ମନ୍ତ୍ରାଳୟର ଅଧିକାରୀ କହି ବ୍ୟବସାୟୀଙ୍କୁ ଫସାଇଥିଲେ

କେନ୍ଦ୍ର ସରକାରଙ୍କ ଅଧିକାରୀ କହି ୩ କୋଟିର ଲୋଭ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ୨.୩୫ କୋଟି ଟଙ୍କା ଠକେଇ କରିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରାକେଟର ଦ୍ୱିତୀୟ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ଏଟା ଜିଲାରୁ ଗିରଫ କରିଛି। ସେ ହେଲେ ବିଜୟ ଭରଦ୍ୱାଜ। ବୁଧବାର ବିଜୟଙ୍କୁ ଗିରଫ କରାଯିବା ପରେ ଏଟାସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଅନୁମତି ଦେବା ପରେ ଇଓଡବ୍ଲ୍ୟୁ ବିଜୟଙ୍କୁ ଓଡ଼ିଶା ଆଣୁଛି। ଶନିବାର କେନ୍ଦୁଝର ଜିଲା ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟରେ ତାଙ୍କୁ ହାଜର କରାଯିବ। ତେବେ ଏହାପୂର୍ବରୁ ମାର୍ଚ୍ଚ ୧୫ରେ ଏହି ଠକେଇରେ ସମ୍ପୃକ୍ତ ହିମାଂଶୁ ଭଣ୍ଡାରୀଙ୍କୁ ଉତ୍ତରପ୍ରଦେଶ ନୋଏଡ଼ାରୁ ଗିରଫ କରାଯାଇଥିଲା। ତେବେ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ମାକ୍ସ ନ୍ୟୁୟୋର୍କ ଲାଇଫ୍ ଇନ୍‌ସ୍ୟୁରାନ୍ସରେ ଏକ ପଲିସି ଥିବା କେନ୍ଦୁଝର ଜିଲା ଯୋଡ଼ାର ବ୍ୟବସାୟୀ ପ୍ରମୋଦ କୁମାର ରାଉତଙ୍କୁ ୨୦୧୯ ଅକ୍ଟୋବରରେ ଅଭିଯୁକ୍ତମାନେ ଜାଲରେ ଫଶାଇଥିଲେ। ଜଣେ ଅଭିଯୁକ୍ତ ତାଙ୍କୁ କଲ୍ କରି କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ଫଣ୍ଡ ରିଲିଜିଙ୍ଗ୍ ହେଡ୍ ଏ.କେ. ୱାଲିଆ ବୋଲି ପରିଚୟ ଦେଇଥିଲେ। ତାଙ୍କ ଜୀବନ ବୀମାକୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ 'ରାହତ କୋଷ ଯୋଜନା' ଦ୍ୱାରା ଚୟନ କରାଯାଇଛି ତେଣୁ ସରକାରଙ୍କ ପକ୍ଷରୁ ୩ କୋଟି ମିଳିବ ବୋଲି କହିଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ପ୍ରମୋଦଙ୍କ ହ୍ୱାଟ୍ସଆପ୍‌କୁ କେନ୍ଦ୍ର ସରକାରଙ୍କ ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଏଣ୍ଡ ଡେଭେଲପ୍‌ମେଣ୍ଟ ଅଥରିଟିର ଏକ ଜାଲ ଚିଠି ପଠାଇଥିଲେ। ୩ କୋଟି ପାଇବାକୁ ହେଲେ ୧ କୋଟି ୫୬ ଲକ୍ଷ ୩୬ ହଜାର ଟଙ୍କା ଦେବାକୁ ହେବ ବୋଲି ସେଥିରେ ଉଲ୍ଲେଖ ଥିଲା। ପ୍ରମୋଦ ୨୦୧୯ ନଭେମ୍ବର ୧୯ରୁ ୨୦୨୧ ଫେବୃୟାରୀ ୪ ମଧ୍ୟରେ ବିଭିନ୍ନ ଟ୍ୟାକ୍ସ ସହ ୨.୩୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଇଥିଲେ। ଅଭିଯୁକ୍ତମାନେ ପ୍ରମୋଦଙ୍କ ହ୍ୱାଟ୍ସଆପ୍‌କୁ ଅର୍ଥ ମନ୍ତ୍ରଣାଳୟ, ଆର୍‌ବିଆଇ ଓ ଇନ୍‌କମ୍ ଟ୍ୟାକ୍ସର ଅନେକ ଫେକ୍ ଲେଟର୍ ସହ ୧.୨୭ କୋଟି ଓ ୭୦.୮୧ ଲକ୍ଷର ୨ଟି ଫେକ୍ ବ୍ୟାଙ୍କ ଡିମାଣ୍ଡ ଡ୍ରାଫ୍ଟ ମଧ୍ୟ ପଠାଇଥିଲେ। ହେଲେ ତାଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ନ ଆସିବାରୁ ସନ୍ଦେହ ହୋଇଥିଲା। ଠକେଇର ଶିକାର ହେବା ଜାଣି ପ୍ରମୋଦଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୨ରେ ଏକ ମାମଲା (ନଂ.୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି, ଏହି ଗ୍ୟାଙ୍ଗର ଜଣେ ଅଭିଯୁକ୍ତ ବିଭିନ୍ନ ରାଜ୍ୟର ଠକେଇ ହୋଇଥିବା ବହୁ ମାମଲାରେ ସମ୍ପୃକ୍ତ ଅଛନ୍ତି। ତେବେ ଠକେଇ ଟଙ୍କା ୨.୩୭ କୋଟିରୁ ଅଭିଯୁକ୍ତ ବିଜୟଙ୍କ ଆକାଉଣ୍ଟକୁ ୭୯ ଲକ୍ଷ ଯାଇଥିବା ଇଓଡବ୍ଲ୍ୟୁକୁ ପ୍ରମାଣ ମିଳିଛି।



**ଆଜିର ମନ୍ତବ୍ୟ**

"ସୁଭାଷ ଚନ୍ଦ୍ର ବୋଷ ବ୍ରିଟିଶ ଶାସନରୁ ସ୍ୱାଧୀନ ହୋଇ ଆଜାଦ ହିନ୍ଦ୍ ସରକାର ଗଠନ କରିଥିଲେ, ତେଣୁ ସେ ଅବିଭକ୍ତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................


ରେୟାଂଶ
ପରିବାରବର୍ଗ


ଶ୍ରୀୟାରାଣୀ
ପରିବାରବର୍ଗ


ଶୁଭକାନ୍ତ
ପରିବାରବର୍ଗ


ପ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚାଷୀଙ୍କ ସ୍ୱାର୍ଥ ପାଇଁ ଅଧିକ ତାଳତେଲ କାରଖାନା ଦରକାର: ମନ୍ତ୍ରୀ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ରାଜ୍ୟରେ ଅଏଲ୍ ପାମ୍ ଉତ୍ପାଦନର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ପରିପ୍ରେକ୍ଷୀରେ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ତାଳତେଲ କାରଖାନା ପ୍ରତିଷ୍ଠା କରାଯିବା ଦରକାର। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ନ୍ୟାଶନାଲ ମିଶନ ଅନ୍ ଏଡିବୁଲ୍ ଅଏଲ୍ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରେ ଅଏଲ୍ ପାମ୍ ଚାଷର ପ୍ରସାରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ବେସରକାରୀ କମ୍ପାନୀ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରର ପୁନଃ ସମୀକ୍ଷା କରିବା ଲାଗି ସେ କହିଛନ୍ତି। ଏଥିସହିତ ବୁଝାମଣାପତ୍ର ଅନୁଯାୟୀ ଅଏଲ୍ ପାମ୍ କାରଖାନା ପ୍ରତିଷ୍ଠା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ସ୍ୱାଇଁ କମ୍ପାନୀଗୁଡ଼ିକୁ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ଜିଲାରେ ଅଏଲ୍ ପାମ୍ ଚାଷର ପ୍ରସାର ଓ ତେଲ ଉତ୍ପାଦନ ନିମନ୍ତେ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଭିନ୍ନ ବେସରକାରୀ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ମଧ୍ୟ ସାମିଲ କରାଯିବା ସହିତ ନୂତନ ଆଗ୍ରହୀ କମ୍ପାନୀଗୁଡ଼ିକ ସଙ୍ଗେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଚାଷର ପ୍ରସାର ନିମନ୍ତେ କମ୍ପାନୀଗୁଡ଼ିକ ପକ୍ଷରୁ ସ୍ଥାୟୀ ନର୍ସରି ପ୍ରତିଷ୍ଠା କରାଯାଇ ଉତ୍ତମ ମାନର ଚାରା ଉତ୍ପାଦନ କରିବା ଓ ଚାଷୀଙ୍କୁ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି। କମ୍ପାନୀଗୁଡିକ ଦ୍ୱାରା ଅଏଲ୍ ପାମ୍ ଚାଷ କରାଯାଉଥିବା ଅଞ୍ଚଳଗୁଡ଼ିକୁ ଜିଓ ଟ୍ୟାଗିଂ କରାଯିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। କମ୍ପାନୀ ଦ୍ୱାରା ଅଏଲ୍ ପାମ୍ ଚାଷକୁ କୃଷି ଉତ୍ପାଦନ କ୍ଲଷ୍ଟର ଭାବେ ବିବେଚନା କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।


## classifieds Everyday

0674-2580101, 2549302




**SALE**

ଭୁବନେଶ୍ୱରରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। ବର୍ଗଫୁଟ 799/- ଟଙ୍କା, 9439845141. D-1976

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166.** D-74142

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

ପୁରୀ ମାଳତୀପାଟପୁର ବସ୍ଷ୍ଟାଣ୍ଡ ପାଖ NHରୁ 1KM. ଦୂର ଏବଂ କଟକ ମଙ୍ଗୁଳି low cost plot ମିଳୁଛି। 9692213354. D-73997

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

**Duplex sale at Bhubaneswar @45 lakhs only- 9777433701, 9439206202.** D-74144




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140




2BHK furnished flat, 7Floor B2 Bishnupriya Apartment, Jayadev Bihar. Mob: 9658546082. D-1963

**ACCOMMODATION**

Required a 4-5Bedrooms/ 4Bathrooms individual good condition residential rented building with Two Car parking for a Family for minimum Three Years agreement at BJB Nagar/ Lewis road/ Surya Nagar/ Nayapalli/ Satyanagar/ Forest Park at Bhubaneswar. Owner please contact: 8917654187. D-73726




**Relax, Refresh your body, Mind at Saikrupa Spa with best therapies. 8984068077.** D-1863

Newly open Spa positively health benefit with expert. Contact: 7749976301. D-73894

**Full body massage by smart/expert therapist @999 only. 9078484455.** D-73660

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

Full body massage in homely atmosphere. All Therapy, Mob.- 8114881641. D-73416




Get professional Hair, Nail, Beauty Training Classes at affordable fees. Contact- 9692671608. D-1957

**AFFIDAVIT**

I Mrs. Mamatarani Nandi, spouse of Mr. Santosh Kumar Nandi resident of At/PO/ PS.- Raghunathpur, Dist.- Jagatsinghpur, Odisha-754132 have changed my name from Mrs. Mamatarani Nandi to Mrs. Mamatarani Mandal date of Birth 12.05.1959 as per affidavit dated 11.11.2022 executed before the Executive Magistrate, M. Das, Bhubaneswar. D-1982

By the virtue of an affidavit, I Ranjit Kumar Swain, S/o- Gopinath Swain at Bhubaneswar, P.O.- Bhoinagar, P.S.- Kharvel Nagar, Dist.- Khordha declare that my actual date of Birth is 13.11.2005 as per Aadhaar and Birth Certificate. During my registration for Class 10th ICSE Board Examination in Venkateswar E.M. School. I had been wrongly entered my date of Birth as 13.11.2004 instead of my actual and correct date of Birth as dtd 13.11.2005 and also same has been reflected in my 10th Pass Certificate vide No.-TT80074942 and Marksheet vide No.- TT40074944 containing unique ID (Roll No).-7464302 and index Number is 1211877/037. I made affidavit to correct facts by concern authorities. D-1977

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଦ୍ୟାଶା ମିଶ୍ର ...

ହୋଇଛନ୍ତି। ପ୍ରଥମ ତିନୋଟି ସ୍ଥାନରେ ଝିଅମାନେ ସ୍ଥାନ ପାଇଥିବାବେଳେ ଶ୍ରେଷ୍ଠ ୧୦ରେ ୬ଜଣ ମହିଳା ରହିଛନ୍ତି। ଚେତନା ପଟ୍ଟନାୟକ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଏ. ଗୀତାଞ୍ଜଳି ନାଇଡୁ ତୃତୀୟ, ବିଭୁ ପ୍ରସାଦ ନାୟକ ଚତୁର୍ଥ, ସୁସ୍ମିତା ରଥ ପଞ୍ଚମ, ରାଜଲକ୍ଷ୍ମୀ ମହାନ୍ତି ଷଷ୍ଠ, ରାଜେଶ ମିଶ୍ର ସପ୍ତମ, ସୁସ୍ମିତା ମିଶ୍ର ଅଷ୍ଟମ, ସିତେଶ ମହାନ୍ତି ନବମ ଓ ବିନାୟକ ପ୍ରସାଦ ସାହୁ ଦଶମ ସ୍ଥାନ ଅଧିକାର କରିଛନ୍ତି। ଏହି ଫଳାଫଳକୁ ନେଇ ଆଦ୍ୟାଶା ଖୁସିବ୍ୟକ୍ତ କରିବା ସହିତ ସଫଳତାର ଶ୍ରେୟ ସେ ମା', ବାପା, ସମସ୍ତ ଶିକ୍ଷକ, ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସର୍ବୋପରି ଭଗବାନଙ୍କୁ ଦେଇଛନ୍ତି। ଆଦ୍ୟାଶାଙ୍କ ମା' ବିଜୟଲକ୍ଷ୍ମୀ ମିଶ୍ର ଗୃହିଣୀ ଥିବାବେଳେ ବାପା ପ୍ରଭାତ ରଞ୍ଜନ ମିଶ୍ର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏଣ୍ଟୋମୋଲୋଜି ବିଭାଗରେ ପ୍ରଫେସର ଅଛନ୍ତି। ତାଙ୍କ ଘର ଅନୁଗୋଳରେ। ତେବେ ସେ ଭୁବନେଶ୍ୱରରେ ରୁହନ୍ତି। ପ୍ରଥମ ପ୍ରୟାସରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆଦ୍ୟାଶାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ମାତ୍ର ୨୪ବର୍ଷ ବୟସରେ ଓଜେଏସ୍ କ୍ଲିଅର କରିଛନ୍ତି। ଏ ସମ୍ପର୍କରେ ଆଦ୍ୟାଶା କହିଛନ୍ତି, ପରୀକ୍ଷା ପାଇଁ କୋଚିଂ ନେଉଥିଲି। ବାକି ସମୟ ଘରେ ପଢ଼ାପଢ଼ି କରୁଥିଲି। ଇଣ୍ଟରଭ୍ୟୁରେ ସୁପ୍ରିମକୋର୍ଟ ଦେଇଥିବା ଗର୍ଭପାତ ରାୟ ଉପରେ ମୋତେ ପ୍ରଶ୍ନ ପଚରାଯାଇଥିଲା। ମୋ ପାଇଁ ଏହା ପ୍ରଥମ ଇଣ୍ଟରଭ୍ୟୁ ଥିଲା। ମୋର ପିଜି ଶେଷ ହେବାବେଳକୁ ପରୀକ୍ଷା ପାଇଁ ବିଜ୍ଞପ୍ତି ବାହାରିଥିଲା। ତେଣୁ ପ୍ରାକ୍ଟିସ କରିବା ପାଇଁ ମୋ ପାଖରେ ସମୟ ନ ଥିଲା। ଦୁଇବର୍ଷ ପରେ ଏଥର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ଏଥର ଅନେକେ ଆବେଦନ କରିଥିଲେ। ଏପରି କି ଇଣ୍ଟରଭ୍ୟୁ ପାଇଁ ୩୨୧ଜଣ ମନୋନୀତ ହୋଇଥିଲେ, ଯାହାକି ବଡ଼ ସଂଖ୍ୟା ଥିଲା। ସେମାନଙ୍କ ମଧ୍ୟରେ ସବୁ ସିନିୟର ଏବଂ ଅଭିଜ୍ଞତା ଥିବା ପୁରୁଣା ପ୍ରାର୍ଥୀ ମଧ୍ୟ ଥିଲେ। ତେଣୁ ମନରେ ଭୟ ନିଶ୍ଚିତ ଥିଲା। କାରଣ ଏହା ମୋର ପ୍ରଥମ ପ୍ରୟାସ। ତେବେ ପରୀକ୍ଷା ଓ ଇଣ୍ଟରଭ୍ୟୁ ଭଲ ହୋଇଥିଲା। କୃତକାର୍ଯ୍ୟ ହେବି ବୋଲି ଆଶା ରଖିଥିଲି। କିନ୍ତୁ ଟପ୍ପର ହେବି ବୋଲି ଭାବି ନ ଥିଲି। ତେଣୁ ପ୍ରଥମ ପ୍ରୟାସରେ ପ୍ରଥମ ର୍‍ୟାଙ୍କ ପାଇବା ନିଶ୍ଚିତ ଭାବେ ମୋ ପାଇଁ ଆଶ୍ଚର୍ଯ୍ୟର ବିଷୟ। ଓଜେଏସ୍ ଆଶାୟୀଙ୍କ ପାଇଁ ସେ କହିଛନ୍ତି, ପ୍ରାକ୍ଟିସ ସମୟରେ ଫଣ୍ଡାମେଣ୍ଟାଲ ଷ୍ଟ୍ରଙ୍ଗ କରିବାକୁ ପଡ଼ିବ। କଠିନ ପରିଶ୍ରମ ସହିତ ମନୋବଳ ଦୃଢ଼ ରଖିବାକୁ ହେବ। ଧୈର୍ଯ୍ୟହରା ନ ହୋଇ ଆଗକୁ କିପରି ବଢ଼ିବ ସେ ଦିଗରେ ଚିନ୍ତା କରିବା ଉଚିତ।

## ୨୦୨୩ରେ ...

୨୦୫୦ ବେଳକୁ କଙ୍ଗୋ, ଇଜିପ୍ଟ, ଇଥିଓପିଆ, ଭାରତ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ ଓ ତାଞ୍ଜାନିଆର ମୋଟ ଜନସଂଖ୍ୟାରେ ୫୦% ବୃଦ୍ଧି ଘଟିବ। ସେହିବର୍ଷ ବିଶ୍ୱ ଜନସଂଖ୍ୟା ୯.୭ ବିଲିୟନ ଛୁଇଁବ। ୨୦୮୦ରେ ୱାର୍ଲ୍ଡ ପପୁଲେଶନ୍ ୧୦.୪ରେ ପହଞ୍ଚିବ, ଯାହା ୨୧୦୦ ପର୍ଯ୍ୟନ୍ତ ସ୍ଥିର ରହିବ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି। ୨୫ରୁ ୬୪ ବର୍ଷ ବୟସ ବର୍ଗଙ୍କ ସଂଖ୍ୟା ବୃଦ୍ଧି ଜରିଆରେ ବୈଶ୍ୱିକ ଅର୍ଥନୀତିରେ ଅଭିବୃଦ୍ଧି ଆସିବା ସମ୍ଭାବନା ରହିଛି। ଚିକିତ୍ସା ବିଜ୍ଞାନର ଉନ୍ନତୀକରଣ ଦ୍ୱାରା ବିଶ୍ୱରେ ଶିଶୁମୃତ୍ୟୁ ହାର କମିବ। ଜନସଂଖ୍ୟା ବୃଦ୍ଧି ଜୈବ ବିବିଧତାରେ ଅନେକ ପରିବର୍ତ୍ତନ ଆଣିବ ବୋଲି ଜାତିସଂଘ ସାଧାରଣ ସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡର କାହାକୁ, ଭୟ କାହାକୁ**
**ଠାକୁରେ ଅଛନ୍ତୁ ଚଉ ବାହାକୁ।**

ଈଶ୍ୱର ସର୍ବତ୍ର ବିଦ୍ୟମାନ। ଈଶ୍ୱରଙ୍କଠାରେ ଆସ୍ଥା ରଖିଥିବା ବ୍ୟକ୍ତି ତାଙ୍କର ସାନ୍ନିଧ୍ୟ ଓ କୃପା ଲାଭ କରୁଥିବାବେଳେ ସେ ଆଶ୍ରିତ ପ୍ରାଣୀଙ୍କୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି। ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାଳ ମାଙ୍କଡ଼ ଡ଼ାଳେ ଥାଇ**
**ଖତାଇ ହୁଅଇ କେତେ,**
**କରାଗତ କରି ମାରଗତ କଲେ**
**ସଲାମ କରଇ କେତେ।**

ବନ୍ୟ ପଶୁଙ୍କୁ ଶିକ୍ଷା ଦେଲେ ସେ ମନୁଷ୍ୟର ବଶୀଭୂତ ହୁଏ। ଏହା ମାଙ୍କଡ଼ର ସ୍ୱଭାବ ହୋଇଥିବାବେଳେ ପରୋକ୍ଷରେ କିଛି ମନୁଷ୍ୟର ମଧ୍ୟ ଏପରି ସ୍ୱଭାବ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରଥମ ପୃଷ୍ଠାରୁ...

## ୬ ଦୋଷୀଙ୍କୁ ମୁକ୍ତକଲେ ...

ଆଧାରରେ ସେମାନଙ୍କ ଦଣ୍ଡାଦେଶ କୋହଳ କରାଯାଉ ବୋଲି ତାମିଲନାଡୁ ସରକାର ସୁପାରିସ କରିଥିଲେ। ଏହା ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସପ୍ତମ ଦୋଷୀ ଏ.ଜି. ପେରାରିଭଲନ୍ ମୁକୁଳିଥିଲେ। ଫଳରେ ଅନ୍ୟ ଦୋଷୀମାନେ ମୁକ୍ତ ହେବାର ପଥ ପରିଷ୍କାର ହୋଇଥିଲା। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସ୍ୱାଗତ କରିଥିବାବେଳେ କଂଗ୍ରେସ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇବା ସହ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛି। ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୯୧ ମେ' ୨୧ ରାତିରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ନିର୍ବାଚନୀ ପ୍ରଚାର କରୁଥିବାବେଳେ ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ)ର ଧନୁ ନାମ୍ନୀ ଜଣେ ମହିଳାଙ୍କ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଦଣ୍ଡାଦେଶ ଭୋଗୁଥିଲେ। ଗତ ମେ' ୧୮ରେ ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁସାରେ ନିଜ ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରି ପେରାରିଭଲନ୍‌ଙ୍କୁ ମୁକ୍ତ କରିଥିଲେ। ଅନୁଚ୍ଛେଦ ୧୪୨ ବଳରେ ସର୍ବୋଚ୍ଚ ଅଦାଲତ 'ସମ୍ପୂର୍ଣ୍ଣ ନ୍ୟାୟ' ପ୍ରଦାନ ପାଇଁ ଆବଶ୍ୟକ ରାୟ ବା ନିର୍ଦ୍ଦେଶ ଦେଇପାରନ୍ତି। ପେରାରିଭଲନ ମୁକୁଳିବା ପରେ ଅନ୍ୟ ୬ ଦୋଷୀ ମଧ୍ୟ ଆଗୁଆ ମୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ବି.ଆର୍. ଗବାଇ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ ସେମାନଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ପେରାରିଭଲନ୍‌ଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଏହି ପ୍ରସଙ୍ଗରେ ମଧ୍ୟ ପ୍ରଯୁଜ୍ୟ। ସୁପ୍ରିମକୋର୍ଟ ଆହୁରି କହିଛନ୍ତି, ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୦୨ ବଳରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆବେଦନକାରୀଙ୍କ ଦଣ୍ଡ କୋହଳ କରିବା ନେଇ ରାଜ୍ୟ କ୍ୟାବିନେଟ୍ ପରାମର୍ଶ ଦେଲେ ରାଜ୍ୟପାଳ ତାହା ମାନିବାକୁ ବାଧ୍ୟ। ଏହି ମାମଲାରେ ତାମିଲନାଡୁ ସରକାରଙ୍କ ସୁପାରିସ ସମସ୍ତ ଦୋଷୀଙ୍କ କ୍ଷେତ୍ରରେ ଲାଗୁହେବ। ତେଣୁ ପେରାରିଭଲନଙ୍କ ମୁକ୍ତି ପରେ ସମାନ ଭାବେ ଅନ୍ୟ ଆବେଦନକାରୀମାନେ ମଧ୍ୟ ମୁକୁଳିବା ଉଚିତ। ସେମାନେ ସମସ୍ତେ ନିଜ ନିଜ ଅପରାଧ ପାଇଁ ଦଣ୍ଡ ଭୋଗିସାରିଛନ୍ତି। ତେଣୁ ଦୋଷୀମାନଙ୍କ ବିରୋଧରେ ଅନ୍ୟ କୌଣସି ମାମଲା ବିଚାରାଧୀନ ନ ଥିଲେ ସେମାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସରକାରୀ ସେବାରେ ...

ସେପ୍ଟେମ୍ବର ମଧ୍ୟରେ ଜିଲାର ସରକାରୀ ଡାକ୍ତରଖାନାରେ ପ୍ରସବ ସଂଖ୍ୟା ୪,୬୩୦କୁ ହ୍ରାସ ପାଇଛି। ତନ୍ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨,୮୩୨, ଭୁବନରେ ୩୩୭, ଗଁଦିଆରେ ୪୨୨, ହିନ୍ଦୋଳରେ ୨୪୬, କାମାକ୍ଷାନଗରରେ ୩୮୦, କଙ୍କଡ଼ାହାଡ଼ରେ ୧୦୧, ଓଡ଼ାପଡ଼ାରେ ୧୮୨ ଏବଂ ପରଜଙ୍ଗରେ ୧୩୦ ଗର୍ଭବତୀ ପ୍ରସବ କରିଥିବା ତଥ୍ୟ କହୁଛି। ପୂର୍ବରୁ ଜିଲା ଚିକିତ୍ସାଳୟରେ ଦୈନିକ ୩୦ରୁ ୩୫ ମହିଳା ପ୍ରସବ କରୁଥିବାବେଳେ ଏବେ ଏହି ସଂଖ୍ୟା ୧୦ରୁ ୧୨ ମଧ୍ୟରେ ସୀମିତ ରହିଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ୍‌ଦେଲେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମାନ ସମସ୍ୟା ପରିଲକ୍ଷିତ ହେଉଛି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପାଇଁ ଆବଶ୍ୟକ ସମସ୍ତ ସୁବିଧା ଉପଲବ୍ଧ ଥିବା ସ୍ୱାସ୍ଥ୍ୟ ବିଭାଗ କହୁଥିବାବେଳେ ଗର୍ଭବତୀମାନେ ଘରୋଇ ଡାକ୍ତରଖାନା ମୁହାଁ ହେବାର କାରଣ ଖୋଜିବା ଲାଗି ବିଭାଗୀୟ ତତ୍ପରତା ପ୍ରକାଶ ପାଉନାହିଁ। ସାଧାରଣରେ ଅଭିଯୋଗ ହେଉଛି ଯେ, ସରକାରୀ ଡାକ୍ତରଖାନାରେ ଅସ୍ତ୍ରୋପଚାରଜନିତ ପ୍ରସବରେ ବିଳମ୍ବ କରାଯାଉଥିବା ବେଳେ ସେହି ଡାକ୍ତରମାନେ ଘରୋଇ କ୍ଲିନିକ୍‌ରେ ମୋଟା ଅଙ୍କର ଅର୍ଥ ନେଇ ଅସ୍ତ୍ରୋପଚାର କରୁଛନ୍ତି। ଗଳିକନ୍ଦିରେ ଗଢ଼ି ଉଠିଥିବା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ପାଖକୁ ଆମ୍ବୁଲାନ୍ସ ପହଞ୍ଚିବା ଭଳି ସର୍ବନିମ୍ନ ସୁବିଧା ନ ଥିବା ସତ୍ତ୍ୱେ ସେଠାରେ ଗର୍ଭବତୀ ଭିଡ଼ ଜମାଇବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଧ୍ୟସ୍ଥଙ୍କ ସହାୟତାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡଧାରୀଙ୍କୁ ପ୍ରଲୋଭିତ କରି ସରକାରୀ ମେଡିକାଲରୁ ଘରୋଇ କ୍ଲିନିକ୍‌କୁ ରୋଗୀ ବୁହା ହେଉଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ପ୍ରାୟ ବର୍ଷେ ହେଲା ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ସଂଖ୍ୟା କମୁଛି। ଏହାର କାରଣ ବର୍ତ୍ତମାନ ସୁଦ୍ଧା ଜାଣିପାରୁନାହୁଁ କିନ୍ତୁ ଗର୍ଭବତୀମାନେ ଘରୋଇ ଚିକିତ୍ସାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ମାଧ୍ୟମରେ ଭର୍ତ୍ତି ହେଉଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟ, ସରକାରୀ ଚିକିତ୍ସାଳୟରେ ଉନ୍ନତ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ଥିବାବେଳେ କାହିଁକି ରୋଗୀଙ୍କ ସଂଖ୍ୟା କମୁଛି, ତାହା ଆମେ ବୁଝିପାରୁନାହୁଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି।

### ୪୦୨ ଘରୋଇ ହସ୍ପିଟାଲ୍‌ରେ ବିଏସ୍‌କେୱାଇ ସୁବିଧା

ଓଡ଼ିଶାର ୩୦ ଜିଲାର ୪୦୨ ଘରୋଇ ହସ୍ପିଟାଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଅନୁବନ୍ଧିତ ହୋଇଛି। ସେଥିମଧ୍ୟରେ କଟକ ୮୬, ଖୋର୍ଦ୍ଧା ୭୧, ଗଞ୍ଜାମ ୨୬, ଯାଜପୁର ୨୬, ବାଲେଶ୍ୱର ୨୨, ଢେଙ୍କାନାଳ ୧୮, ପୁରୀ ୧୮, କେନ୍ଦ୍ରାପଡ଼ାରେ ୧୪, ଭଦ୍ରକରେ ୧୪, ଜଗତ୍‌ସିଂହପୁର ୧୩, ନୟାଗଡ଼ ୧୩, ବରଗଡ଼ ୧୨, ଅନୁଗୋଳ ୯, କଳାହାଣ୍ଡି ୯, ସମ୍ବଲପୁର ୮, ମୟୂରଭଞ୍ଜ ୬, କେନ୍ଦୁଝର ୭, ବଲାଙ୍ଗୀର ୭, ସୁନ୍ଦରଗଡ଼ ୫, ସୋନପୁର ୪, ଗଜପତି ୪, କୋରାପୁଟ ୩, ଝାରସୁଗୁଡ଼ା ୨, ଦେବଗଡ଼, ନୂଆପଡ଼ା ଏବଂ ରାୟଗଡ଼ାରୁ ଗୋଟିଏ ଲେଖାଏ ଅନ୍ତର୍ଭୁକ୍ତ। ସେହିଭଳି ଓଡ଼ିଶା ବାହାରେ ୧୩ ରାଜ୍ୟରେ ୯୮ ଘରୋଇ ହସ୍ପିଟାଲରେ ଏହି ବିଜୁ ସ୍ୱାସ୍ଥ୍ୟକାର୍ଡରେ ସ୍ୱାସ୍ଥ୍ୟସେବା ମିଳୁଛି। ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୨୮ଟି ହସ୍ପିଟାଲ ଏଥିରେ ଅନୁବନ୍ଧିତ ହୋଇଥିବା ବେଳେ ଛତିଶଗଡ଼ ୨୩, କର୍ଣ୍ଣାଟକ ୭, ପଶ୍ଚିମବଙ୍ଗ ୭, ମହାରାଷ୍ଟ୍ର ୬, ଦିଲ୍ଲୀ ୫, ଗୁଜରାଟ ୫, ପଞ୍ଜାବ ୪, ତାମିଲନାଡୁ ୪, ଉତ୍ତରପ୍ରଦେଶ ୩, ହରିୟାଣା ୨, ଆସାମ, ଝାଡ଼ଖଣ୍ଡ, ରାଜସ୍ଥାନ ଏବଂ ତେଲଙ୍ଗାନାରେ ଗୋଟିଏ ଲେଖାଏ ହସ୍ପିଟାଲ ରହିଛି। ଦକ୍ଷିଣ ଓଡ଼ିଶାର ଅଧିକାଂଶ ରୋଗୀ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ହସ୍ପିଟାଲ ଉପରେ ନିର୍ଭର କରୁଥିବା ଦେଖାଯାଇଛି। ତେଣୁ ଏହି ଦୁଇଟି ରାଜ୍ୟରେ ଅଧିକ ସଂଖ୍ୟକ ହସ୍ପିଟାଲରେ ଏହି କାର୍ଡ ବ୍ୟବହାର ହେଉଛି।

ସୂଚନାଯୋଗ୍ୟ, ରାଜ୍ୟର ଆର୍ଥିକ ଅନଗ୍ରସର ବିପିଏଲ୍ ଏବଂ ରାଶନ କାର୍ଡଧାରୀ ପରିବାରକୁ ବିଏସ୍‌କେୱାଇରେ ସାମିଲ କରାଯାଇଛି। ଏହି ଯୋଜନାରେ ମହିଳାଙ୍କୁ ସର୍ବାଧିକ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ଯାଏ ଚିକିତ୍ସା ସହାୟତା ମିଳୁଛି। ତଥାପି କାର୍ଡଧାରୀମାନେ ସରକାରୀ ଡାକ୍ତରଖାନା ପରିବର୍ତ୍ତେ ଏହି ଯୋଜନାରେ ଅନୁବନ୍ଧିତ ବେସରକାରୀ ଡାକ୍ତରଖାନା ଉପରେ ନିର୍ଭର କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳିପାରି ନ ଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**

ଆଜି ବନ୍ଧୁଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। କିନ୍ତୁ କୃତ୍ତିକା ନକ୍ଷତ୍ରର ସାମୟିକ ଭାବରେ ଗୃହ, ଭୂମି, ଗାଡ଼ି, ମୋଟର ସମ୍ପର୍କୀୟ ସମସ୍ୟା ଲାଗିରହିବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପଡ଼ୋଶୀଙ୍କ ସହାୟତାରେ ଘରର ଅସଜଡ଼ା କାମକୁ ସଜାଡ଼ିନେବେ।

**ବୃଷ**

ଦୀର୍ଘଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁ କିମ୍ବା ବାନ୍ଧବୀଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟିକରିବ। ମୃଗଶିରା ନକ୍ଷତ୍ରର କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ।

**ମିଥୁନ**

ସାଧାରଣ ଘଟଣାକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତ ସୁଫଳ ପାଇବେ।

**କର୍କଟ**

ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ହେତୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**

କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମନରେ ସରସତା ରହିବ ନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ର ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନ ଖୁସି ରହିବ। ଈର୍ଷାପରାୟଣ ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା**

ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମର ସମୀକ୍ଷା କରି ବ୍ୟସ୍ତ ହେବେ। ଚିତ୍ରା ନକ୍ଷତ୍ରର ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। ହିତୈଷୀଙ୍କ ସାହାଯ୍ୟରୁ ପାରିବାରିକ ସମସ୍ୟା ସମାଧାନ କରିପାରିବେ।

**ତୁଳା**

ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଆଲୋଚନା କ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ସମାଲୋଚିତ ହୋଇପାରନ୍ତି। ଜମିଜମା ସମ୍ପର୍କୀୟ ବିବାଦୀୟ ପରିସ୍ଥିତି କିମ୍ବା କଚେରି ମାମଲା ସକାଶେ ଚିନ୍ତା ବଢ଼ିଯିବ। ସାମ୍ବାଦିକତା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**

ଉପରିସ୍ଥଙ୍କ ଆଦେଶାନୁପ୍ରାପ୍ତ ହୋଇ ଆଜି ସକାଳୁ ଦୂରଯାତ୍ରା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। ଅନୁରାଧା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ଉଚ୍ଚ ବର୍ଗଙ୍କ ସହାୟତା ପାଇବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ**

କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ପୂର୍ବଷାଢ଼ା ନକ୍ଷତ୍ର ଯାନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି।

**ମକର**

ସାମାନ୍ୟ ବ୍ୟତିକ୍ରମ ଓ ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କୌଣସି କାମ ସ୍ଥଗିତ ରହିବ ନାହିଁ। ଧନିଷ୍ଠା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**କୁମ୍ଭ**

କର୍ମକ୍ଷେତ୍ରରେ ସମସ୍ୟା ବିଜଡ଼ିତ ହେବା କାରଣରୁ ମାନସିକ ସ୍ଥିରତା କ୍ଷୁଣ୍ଣ ହୋଇପାରେ। ଶତଭିଷା ନକ୍ଷତ୍ର ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ**

ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ କ୍ଷତିରେ ପଡ଼ିବେ। ରେବତୀ ନକ୍ଷତ୍ର ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟିହେବ।

ଆଜି ନଭେମ୍ବର ୧୨ ତାରିଖ, ମାର୍ଗଶୀର କୃଷ୍ଣ ଚତୁର୍ଥୀ, ଶନିବାର, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୭।୨୫ ଗତେ ଘ.୦୮।୪୩ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୮।୪୩ ଗତେ ଘ.୧୦।୦୭ ମଧ୍ୟେ ରାହୁକାଳ।

# ଅର୍ଚ୍ଚନାଙ୍କ ସହଯୋଗୀ ଖଗେଶ୍ୱର ଗିରଫ

■ ମିଳିଲା ୫୦ ଲକ୍ଷ ଟଙ୍କାର ନେଣଦେଣ ପ୍ରମାଣ

■ ମାମଲା ସମ୍ପର୍କିତ ରିପୋର୍ଟ ମାଗିଲା ଏସ୍ଆଇଟି

## ୧୦ ଦିନିଆ ରିମାଣ୍ଡରେ ନେଲା ଇଡି

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ହନିଟ୍ରାପ୍‌ର ମାୟାଜାଲରେ ଫସାଇ ବିପୁଳ ଅର୍ଥ ହଡ଼ପ କରି ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଗିରଫ ମାମଲାର ବେଆଇନ ଆର୍ଥିକ ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅର୍ଚ୍ଚନାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଓରଫ ଖଗାଙ୍କୁ ଶୁକ୍ରବାର ଇଡି ଗିରଫ କରିବା ପରେ ଖୋର୍ଦ୍ଧା ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ମାମଲା ସମ୍ପର୍କିତ ଅଧିକ ତଥ୍ୟ ଯୋଗାଡ଼ କରିବା ପାଇଁ ତାଙ୍କୁ ୧୪ ଦିନ ରିମାଣ୍ଡରେ ନେବାକୁ ଇଡି ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ କୋର୍ଟ ୧୦ ଦିନ ପାଇଁ ରିମାଣ୍ଡ ଅନୁମତି ଦେବା ପରେ ଖଗେଶ୍ୱରଙ୍କୁ ଇଡି ଆଣି ପଚରାଉଚରା କରୁଛି। ଏହି ଘଟଣାରେ ଅର୍ଚ୍ଚନା ତାଙ୍କ ସ୍ୱାମୀ ଜଗବନ୍ଧୁ, ସହଯୋଗୀ ଖଗେଶ୍ୱର ଏବଂ ପୀଡ଼ିତା ଶ୍ରଦ୍ଧାଞ୍ଜଳିଙ୍କ ନାମରେ ଇଡି ମାମଲା ରୁଜୁ କରି ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ଖୋଳତାଡ଼ କରୁଛି। ତେବେ ଖଗେଶ୍ୱରଙ୍କୁ ପଚରାଉଚରା ସହ ତାଙ୍କ ବ୍ୟାଙ୍କ ନେଣଦେଣ ଯାଞ୍ଚ କରାଯିବା ପରେ ଇଡିକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡ଼ିଛି। ୨୦୧୭ ପରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ସହ ଖଗେଶ୍ୱର ବହୁ ବେଆଇନ ଅର୍ଥ କାରବାର କରିଛନ୍ତି। ଏପରିକି ଉଭୟଙ୍କ ସହ ଖଗେଶ୍ୱର ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ କରିଥିବା ଇଡିକୁ ପ୍ରମାଣ ମିଳିଛି। କେଉଁ ସୂତ୍ରରେ ଦମ୍ପତିଙ୍କ ସହ ଖଗେଶ୍ୱର ଏହି ଆର୍ଥିକ କାରବାର କରୁଥିଲେ ସେନେଇ ଇଡି ଜାଣିବାକୁ ପ୍ରୟାସ କରୁଛି। ୧୦ ଦିନିଆ ରିମାଣ୍ଡରେ ଆଉ କିଛି ବଡ଼ ତଥ୍ୟ ମିଳିବ ବୋଲି ଇଡି ଆଶା ରଖିଛି। ଅନ୍ୟପକ୍ଷରେ ଏହି ବେଆଇନ ଅର୍ଥ କାରବାର ଦିଗକୁ ନେଇ ଏସ୍ଆଇଟି ଖୋଳତାଡ଼ କରିବ। ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଏସ୍ଆଇଟି ବୈଠକ ହେବ ବୋଲି କୁହାଯାଉଛି। ତେଣୁ ଇଡିଠାରୁ ଏସ୍ଆଇଟି ଏହି ମାମଲାର ରିପୋର୍ଟ ମାଗିଥିବା ସୂଚନା ମିଳିଛି।


ଖଗେଶ୍ୱର ପାତ୍ର

### ଅର୍ଚ୍ଚନା, ଜଗବନ୍ଧୁଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା

ବେଆଇନ ଅର୍ଥ କାରବାର ଦିଗକୁ ନେଇ ତଦନ୍ତ କରୁଥିବା ଇଡିକୁ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଉଭୟଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୨୦୧୭ ପରଠୁ ଏଟିଏମ୍ ଓ ବ୍ୟାଙ୍କ ଜରିଆରେ ୧.୫୦ କୋଟିରୁ ଅଧିକ ଟଙ୍କା ଜମା ହୋଇଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ବିଭିନ୍ନ ଜିଲାର ଏଟିଏମ୍ ଓ ବ୍ୟାଙ୍କ ଜରିଆରେ ଲକ୍ଷେ ବା ୨ ଲକ୍ଷ ଲେଖାଏଁ ଅନେକ ଥର ଜମା କରାଯାଇଥିବା ଇଡି ଜାଣିବାକୁ ପାଇଛି। ଏସବୁ ଟଙ୍କା କିଏ ଜମା କରୁଥିଲେ, କୌଣସି ପ୍ରଭାବଶାଳୀ ନେତା ଏହି ଟଙ୍କା ଜମା କରିଛନ୍ତି କି, ଏସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ଇଡି ପ୍ରୟାସ ଆରମ୍ଭ କରିଛି। ତେଣୁ ଝାରପଡ଼ା ଜେଲରେ ଥିବା ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଇଡି ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି। ୧୦ ଦିନ ମଧ୍ୟରେ ଇଡି ଉଭୟଙ୍କୁ ରିମାଣ୍ଡରେ ଆଣି ଖଗେଶ୍ୱରଙ୍କ ସହ ମୁହାଁମୁହିଁ ଜେରା କରିପାରେ ବୋଲି ସୂଚନା ମିଳିଛି। ଇଡିର ତତ୍ପରତା ପରେ ଆର୍ଥିକ କାରବାର ସହ ଲିଙ୍କ ଥିବା ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ଛନକା ପଶିଥିବା ଚର୍ଚ୍ଚା ହେଉଛି।

### ଖଗେଶ୍ୱର ଗିରଫ ପରେ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ

ଅର୍ଚ୍ଚନା ଓ ଜଗବନ୍ଧୁ ଗିରଫ ପରେ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର କୁଆଡ଼େ ଗଲେ ବୋଲି ଚର୍ଚ୍ଚା ହୋଇଥିଲା। ଖଣ୍ଡଗିରି ଥାନା ମାମଲାର ୧୬ଟି ଦଫାରେ ଅଭିଯୁକ୍ତ ଥିବା ଖଗେଶ୍ୱରଙ୍କୁ ପୋଲିସ କେବେ ଗିରଫ କରିବ ବୋଲି ପ୍ରଶ୍ନ ଉଠିଥିଲା। ହେଲେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଗିରଫ କରି ପୋଲିସ ଚୁପ ବସିଥିଲା। ଏବେ ଇଡି ଖଗେଶ୍ୱରଙ୍କୁ ଗିରଫ କରିବା ପରେ କମିଶନରେଟ ପୋଲିସର ଦୁର୍ବଳ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ହାଇକୋର୍ଟରେ ସତ୍ୟପାଠ ଦାଖଲ

### ହାତୀ ମୃତ୍ୟୁ ମାମଲା

**କଟକ ଅଫିସ,୧୧।୧୧:** ରାଜ୍ୟରେ ଅନିୟନ୍ତ୍ରିତ ହାତୀମୃତ୍ୟୁ ରୋକିବା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପୋଲିସ ଓ ବନ ବିଭାଗର ମିଳିତ ଭାବେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟାସ୍କଫୋର୍ସର ଆଗାମୀ କାର୍ଯ୍ୟାବଳୀ ସମ୍ପର୍କିତ ସତ୍ୟପାଠ ଶୁକ୍ରବାର ହାଇକୋର୍ଟରେ ଦାଖଲ ହୋଇଛି। ଅତିରିକ୍ତ ଏସ୍‌ପି ତଥା ଜଏଣ୍ଟ ଟାସ୍କଫୋର୍ସ ସଦସ୍ୟ ଜତୀନ୍ଦ୍ର କୁମାର ପଣ୍ଡା ଓ ଚେୟାରମ୍ୟାନ ତଥା କନ୍‌ଭେନର ଡ. ମନୋଜ ଭି ନାୟାରଙ୍କ ପକ୍ଷରୁ ପୃଥକ୍ ଭାବେ ସତ୍ୟପାଠ ଦାଖଲ ଜରିଆରେ ହାଇକୋର୍ଟଙ୍କୁ ହାତୀମୃତ୍ୟୁ ସଂକ୍ରାନ୍ତରେ ରହିଥିବା ଯୋଜନା ବାବଦରେ ଅବଗତ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ଆବେଦନକାରୀ ଗୀତା ରାଉତଙ୍କ ପକ୍ଷରୁ ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାକୁ ନେଇ ଶୁଣାଣି ଜାରି ରହିଛି।

# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ


ଜବତ ମାଓବାଦୀ ସାମଗ୍ରୀ।

■ ମାଳିପଦର ଜଙ୍ଗଲରେ ମାଓବାଦୀ-ଏସ୍ଓଜି ଗୁଳିବିନିମୟ

■ ୩ ଦେଶୀ ବନ୍ଧୁକ, ବିସ୍ଫୋରକ, ୧୦ ବସ୍ତା ଗଞ୍ଜେଇ ଜବତ

କୋରାପୁଟ ,୧୧।୧୧ (ସ୍ୱ.ପ୍ର.)

କୋରାପୁଟ ଜିଲାର ବୈପାରିଗୁଡ଼ା ଥାନା ଅଧୀନ ମାଳିପଦର ଜଙ୍ଗଲରେ ଗୁରୁବାର ରାତିରେ ଏସ୍ଓଜି ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ବନ୍ଧୁକ, ବହୁ ବିସ୍ଫୋରକ, ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମାଗ୍ରୀ ସହ ୧୦ବସ୍ତା ଗଞ୍ଜେଇ ଜବତ କରାଯାଇଛି ବୋଲି ଶୁକ୍ରବାର କୋରାପୁଟ ଏସ୍‌ପି କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି।

ଡିଆଜିଙ୍କ ସୂଚନାନୁଯାୟୀ, ବୈପାରିଗୁଡ଼ାର ମାଳିପଦର, ବଦଲିପାହାଡ଼, ଅଟଲାଗୁଡ଼ା ଅଞ୍ଚଳରେ ଆନ୍ଧ୍ର-ଓଡ଼ିଶା ବୋର୍ଡର ସ୍ୱତନ୍ତ୍ର ଜୋନାଲ କମିଟିର ବହୁ ମାଓବାଦୀମାନେ ଏକାଠି ହୋଇ ବୈଠକ କରୁଥିବା ନେଇ ଗୋଇନ୍ଦା ବିଭାଗ ସୂଚନା ଦେଇଥିଲା। ଏହା ଆଧାରରେ ଗୁରୁବାର ରାତିରେ କୋରାପୁଟ ଏସ୍ଓଜି ଗୋଟିଏ ଟିମ୍ ବୈପାରିଗୁଡ଼ା ଥାନା ଅଧୀନ ଅଟାଳଗୁଡ଼ା, ମାଳିପଦର, ବଦଲିପାହାଡ଼ ଗ୍ରାମ ନିକଟ ଜଙ୍ଗଲରେ କୋମ୍ବିଂ କରିଥିଲେ। ମାଳିପଦର ନିକଟ ଜଙ୍ଗଲରେ ପୋଲିସକୁ ଦେଖି ହଠାତ୍ ମାଓବାଦୀଙ୍କ ପକ୍ଷରୁ ଗୁଳିଚଳାନା ଆରମ୍ଭ ହୋଇଥିଲା। ପୋଲିସ ମଧ୍ୟ ପାଲଟା ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା। ସେଠାରେ ଥିବା ୧୦ରୁ ୧୫ ମାଓବାଦୀ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଖସିଯାଇଥିଲେ। ତଲାସିବେଳେ ଘଟଣାସ୍ଥଳରୁ ୨ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ ୩ଟି ଦେଶୀ ବନ୍ଧୁକ, ୨ ଯୋଡା ମାଓବାଦୀ ପୋଷାକ, ୫ଟି ଡିଟୋନେଟର, ଗୋଟିଏ ବଣ୍ଡଲ କୋଡେକ୍ସ ତାର, ଗୋଟିଏ ମୋବାଇଲ ଚାର୍ଜର, ୩ଟି ବୁଲେଟ ଖୋକା, ଗୋଟିଏ ଟିଫିନ ବମ୍, ୧୦ ବସ୍ତା ଗଞ୍ଜେଇ, ୫ଟି ପଲିଥିନସିଟ, ମାଓବାଦୀଙ୍କ ପୁସ୍ତକ ଓ ପତ୍ରିକା, ମେଡିସିନ ଆଦି ମିଳିଛି। ମୃତଦେହ ଚିହ୍ନଟ ପାଇଁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ୭୨ ଘଣ୍ଟା ଯାଏ ମୃତଦେହ ରଖାଯିବ। ଏହା ମଧ୍ୟରେ ମୃତଦେହ ନେବାକୁ ଯଦି କେହି ନ ଆସନ୍ତି ତା'ର ସତ୍କାର କରାଯିବ ବୋଲି ଡିଆଇଜି କହିଛନ୍ତି। କୋରାପୁଟ ଜିଲାରେ ବୈପାରିଗୁଡ଼ା ବ୍ଲକର ତୁଳସୀପାହାଡ଼, ବଦଲିପାହାଡ, ମାଳିପଦରରେ ଏବେବି ବହୁ ମାଓବାଦୀଙ୍କ ଗତିବିଧି ରହିଥିବା ସ୍ପଷ୍ଟ ହୋଇଛି। ଉପରୋକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ଡିଆଇଜି ରାକେଶ କହିଛନ୍ତି। ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, ବୈପାରିଗୁଡ଼ାସ୍ଥିତ ବିଏସ୍ଏଫ୍ କମାଣ୍ଡାଣ୍ଟ ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ଭୁବନେଶ୍ୱର,୧୧।୧୧(ବ୍ୟୁରେ):** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଅଜିତ କୁମାର ମିଶ୍ରଙ୍କର କାର୍ଯ୍ୟକାଳ ଆଉ ୧ ବର୍ଷ ବୃଦ୍ଧି କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅବସର ଗ୍ରହଣ କରିବା ପରେ ମିଶ୍ରଙ୍କୁ ୨୦୨୧ ନଭେମ୍ବରରେ ତାଙ୍କୁ ୧ ବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା। ଚଳିତମାସରେ ତାଙ୍କର କାର୍ଯ୍ୟକାଳ ଶେଷ ହେବାକୁ ଥିବାରୁ ପୁଣି ୧ ବର୍ଷ ପାଇଁ ବୃଦ୍ଧି କରାଯାଇଛି।


## Directorate of Higher Secondary Education, Odisha

**Vacant Seat e-Admission (Phase-III) in Higher Secondary Schools for the Session 2022-23**

**No.N-59:** Vacant seats e-Admission (Phase-III) into Class XI of the Higher Secondary Schools (HSS) of the State for the Academic Session 2022-23 shall be done ONLINE ONLY through www.samsodisha.gov.in.

**Eligibility criteria:**
1. Applicants must have passed High School Certificate (HSC) Examination conducted by Board of Secondary Education (BSE), Odisha or its equivalent boards.
2. No reservation or weightage claim shall be considered for the vacant seat admission.

**Instruction:**
1. The students and parents/guardians are requested to read the "Common Prospectus" thoroughly prior to filling and submission of on-line Common Application Form (CAF). Applicants must retain the print-out of Application form and Payment receipt after filling in the CAF for future reference.
2. The CAF Fee must be paid through online mode only (details available in CP).
3. Candidate who had applied during the 1st phase and 2nd phase admission 2022 but not got selected in any Higher i Secondary School, they can apply again through their existing login without paying the CAF fee.
4. All relevant documents are to be verified at the selected Higher Secondary School during the time of admission only.
5. Apply and select Higher Secondary School of your choice by yourself. Never let others to apply on your behalf.
6. Check the fee structure of the Higher Secondary School (from its SAMS website **"individual HSS profile"**) while adding it to your choice of preference.
7. There will be no "Error Correction" option in this phase. So, the Common Application Form will be rejected, if any kind of **discrepancy /wrong entry** found. So applicants are advised to fill-up the CAF carefully.
8. Following Categories of applicants are eligible to apply.
   - Applicants who have not applied during Phase-I & II admission due to various reason.
   - Applicants who were previously admitted and taken admission, previously selected and not taken admission & not selected at all in Phase-I & II admission.
9. There will be single Selection admission. Simultaneously merit & waiting list will be notified in respect of each HSS. The nos. of seat that will remain vacant after admission of selected candidate shall be filled up from waiting category as per the dateline. Waiting list will be published in 1:10 ratio.

**Procedure:**
1. Fresh applicants need to register themselves in the website "www.samsodisha.gov.in" by using their mobile number & email address. They can then go to the online application link inside the SAMS log-in and apply.
2. Those who have already registered earlier on "www.samsodisha.gov.in" will use their respective logins to apply afresh for admission.
3. All other process such as application submission etc. will be as per the Common Prospectus available in the website "www.samsodisha.gov.in" for e-Admission.
4. Applicants will be intimated about their selection and admission reporting time through SMS, in their SAMS Login, on the HSS online merit list (www.samsodisha.gov.in) and on the HSS notice board. Intimation will also be generated in the applicant's login.

**SAMS e-Admission (Vacant Seat) Schedule 2022-23 (Phase-III)**

| Sl.# | Activities | Timeline |
|---|---|---|
| 1 | Availability of Online Common Application Form (CAF) in the S&ME Department website www.samsodisha.gov.in for vacant seat admission | 11-Nov-2022 (11:00 AM) |
| 2 | Last date of applying online CAF through www.samsodisha.gov.in | 15-Nov-2022(11:55 PM) |
| 3 | Publication of merit list including the waiting list (Ten times of the total vacant seat) | 18-Nov-2022(11:00 AM) |
| 4 | Admission of the selected applicants | 18-Nov-2022(02:00 PM) to 21-Nov-2022 (03:00 PM) |
| 5 | Registration of the waiting applicants | 21-Nov-2022 (03:30PM) to 22-Nov-2022 (03:30PM) |
| 6 | Publication of final list out of the students registered from waiting list at respective Higher Secondary Schools. | 22-Nov-2022 (05:00 PM) |
| 7 | Admission of the students selected from waiting list | 23-Nov-2022 (11:00 PM) to 24-Nov-2022 (02:00 PM) |
| 8 | Last date for admission data updation of students who took admission in the selection process by Higher Secondary Schools in the e-Space. | 24-Nov-2022 (06:00 PM) |

For More details, please contact
Sanjog Helpline (Toll Free) Number 155335, 1800-345-6770

OIPR-11033/11/0005/2223
Sd./- Director
Higher Secondary Education

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଅଶୋକ ଲେଲାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD16E4445
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1122384.38

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ELECTRICIAN WANTED**
Electricians and plumbers for interior company, Bangalore, minimum one year experience, Excellent salary, motorcycle and benefits, Call Rakesh
7760923260

**GREEN TRENDS UNISEX SALOON**
PATRAPADA
STAFF REQUIREMENT
Hair and beauty (Male/Female)
Makeup & beauty (Female)
9078426667,7325932612

**WANTED**
Lady Office Assistant for Office Work, At-Phulnakhara, Cuttack, Free Fooding + Free Room + 10,000/-.
8249851363

**REQUIRED**
We require Computer knowing person for our Surgical and Medicine wholeselling outlets **having knowledge of Tally and Accounting**. Preference will be given to experienced person in the relevant field.
We require Salesman/Office Boy for our firm.
(Freshers can also apply)
Salary Negotiable for Right Candidate
Contact/Whatsapp 7338439548
OM SURGICAL AND CHEMICALS
Bapuji Nagar and Ashok Nagar

**WANTED**
CA Firm Audit experienced Staffs including CA inter partly or fully qualified, qualified CA/ICWA for Mumbai Office of Odisha based leading CA firm at attractive terms. Apply to : bhagi1982@yahoo.co.in with full resume immediately.

**URGENTLY REQUIRED**
Faculties required for BHM, MHM, BBA, BCA, PMIR, Pol.Sc., Zoology (10Post). Marketing Manager (4Nos), Telecaller (15Nos), Front office ( Exp. in Educational institutions) (2Nos), Peon (4Nos), Sweeper (2Nos) & Hostel warden for boys & girls. Interested Candidate can Apply / Contact with all Copies of Certificate & Aadhaar card details for Interview.
S.T.A.R COLLEGE & MANAGEMENT
167, Forest Park, Bhubaneswar, Mail ID : starcmbbsr@gmail.com
Contact No: 9040090543, 9777897695, 9861444447, 9937337659

**REQUIRED**
Require one Optometrist for Mobile Eye Care Project, LEPRA Society, N1-89, IRC Village, Bhubaneswar, CTC.
Rs.22,000, Apply to
hrd@leprahealthinaction.in
Ph.No.8178936007
(Apply within 3 days)

**NBS : NATURES BEAUTY SOLUTION (A UNISEX SALON)**
1. MALE HAIR DRESSER : Salary 10,000/- to15,000/- + Incentives.
2. HOUSE KEEPING : (Female) Salary 8000/-
Address : Plot No-1, Adarsh Vihar, Patia, Bhubaneswar.
8260586265 / 9658044366

**WANTED**
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead market related needs of the company - Distributor and Agents.
- Competitive tracking and analysis to identify and pursue sales targets.
- Achieve sales targets to drive circulation.

Requirements:-
- 3 years frontline sales experience in print media.

Apply immediately to :
recruitment@dharitri.com
Attractive salary commensurate with experience

**REQUIRED**
Agency for Social Action, a leading NGO of Bolangir district need following staff for its Projects at Muribahal and Saintala block of Bolangir, Odisha.
**Programme Coordinator**- Agriculture and Horticulture, Diploma with 3 years of Experience or Graduate in Agriculture, Horticulture & allied Activities /Social Work/Tribal Development/ Rural development- Salary Rs.25000.00 to Rs35000.00 per month.
**Programme Coordinator**- Fisheries and Livestock, Diploma with 2 years of Experience or Graduate in Livestock & Fishery/ Veterinary Sciences/ /Social Work/Tribal Development/ Rural development- Salary Rs.25000/- per month.
**Chief Executive Officer of FPO**- Graduate with 2 to 3years of experience in CBO/ FPO management. Salary Rs.20000/- Accountant cum MIS Assistant- B.Com with Knowledge of Computer and Tally and 2 years of related experience, salary RS.12000/-.
For all the posts language proficiency in Odia & English and Knowledge of Computer operation and online work is essential. Eligible and interested persons are requested to submit the Curriculum Vitae with Certificates, Aadhaar and proof of experience on or before **18.11.2022** by email:-
to: asaorissa@rediffmail.com .
For queries contact : 7978535371/9437134136

DSPL - 277
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
www.ceoorissa.nic.in
ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩
ତାରିଖ-୦୯/୧୧/୨୦୨୨ - ୮/୧୨/୨୦୨୨
ଆପଣଙ୍କ ବୟସ କଣ ୧୭+?
ଆପଣଙ୍କ ବୟସ ଯଦି ନିମ୍ନୋକ୍ତ କୌଣସି ଯୋଗ୍ୟ ତାରିଖ ପୂର୍ବରୁ ୧୮ ବର୍ଷ ହେଉଛି..
୦୧ ଜାନୁଆରୀ'୨୩ | ୦୧ ଏପ୍ରିଲ'୨୩
୦୧ ଜୁଲାଇ'୨୩ | ୦୧ ଅକ୍ଟୋବର'୨୩
ଆପଣ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମୟ (ତା ୯/୧୧/୨୨ ରୁ ୮/୧୨/୨୨) ମଧ୍ୟରେ ଜଣେ ଭୋଟର ଭାବରେ ପଞ୍ଜିକରଣ ପାଇଁ ଆଗୁଆ ଆବେଦନ କରିପାରିବେ
ଭୋଟର ହେଲ୍ପଲାଇନ ଆପ୍ କିମ୍ବା nvsp.in ବା voterportal. eci.gov.in ରେ ଆବେଦନ କରିପାରିବେ।
ସ୍ୱତନ୍ତ୍ର ପ୍ରଚାର ଦିବସ
Nov-12, 2022 ଶନିବାର
Nov-13, 2022 ରବିବାର
Nov-26, 2022 ଶନିବାର
Nov-27, 2022 ରବିବାର
ଏହି ଦିବସ ଗୁଡ଼ିକରେ ଆପଣଙ୍କର ବୁଥ୍ ସ୍ତରୀୟ ଅଧିକାରୀ ବୁଥରେ ଉପସ୍ଥିତ ରହି ଆପଣଙ୍କର ନାମ ପଞ୍ଜିକରଣ, ସ୍ଥାନାନ୍ତର କିମ୍ବା ସଂଶୋଧନ କରିବାର ଆବେଦନ ଗୁଡ଼ିକ ଗ୍ରହଣ କରିବେ।
ତାହେଲେ ବିଳମ୍ବ କାହିଁକି ଅଧିକ ଜାଣିବା ପାଇଁ ଆପଣଙ୍କ ବୁଥସ୍ତରୀୟ ଅଧିକାରୀଙ୍କୁ ଶୀଘ୍ର ଯୋଗାଯୋଗ କରନ୍ତୁ।
OIPR-12113/13/0012/2223
www.nvsp.in www.eci.gov.in 1950 Download Voter Helpline App

ସବୁ କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି। ତୁମକୁ ଏହି କଥା ଭଲ ଲାଗିବା ଉଚିତ।... ଏହା ହିଁ ତୁମର ସ୍ୱପ୍ନ ଓ ଆକାଂକ୍ଷାର ବିଷୟବସ୍ତୁ ହେବା ଉଚିତ। -ଶ୍ରୀମା



# ଅସନ୍ତୁଷ୍ଟ ଅଧିକାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତମାସରେ ଉକ୍ତ ସ୍ତମ୍ଭରେ ଉତ୍ତରପୂର୍ବାଞ୍ଚଳରେ ନିଯୁକ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରୋତ୍ସାହନ ଏବଂ ଭତ୍ତା ପ୍ରତ୍ୟାହାର କରାଯାଇଥିବା ବିଷୟ ଉଲ୍ଲେଖ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ନେଇ ଅଧିକାରୀମାନେ କ୍ରୋଧ ପ୍ରକାଶ କରିଥିଲେ। ସେବେଠାରୁ କେନ୍ଦ୍ର ତା’ ନିର୍ଦ୍ଦେଶକୁ ସମୀକ୍ଷା କରୁଥବା ସଙ୍କେତ ଦେଉଥିଲେ ମଧ୍ୟ ଅଧିକାରୀମାନେ ଏଯାଏ ଅସନ୍ତୁଷ୍ଟ ଅଛନ୍ତି। ସର୍ବଭାରତୀୟ ସେବା (ଏଆଇଏସ୍) ସମେତ ଗ୍ରୁପ୍-ଏ ଅଧିକାରୀମାନଙ୍କୁ ମିଳୁଥିବା ସରକାରୀ ସୁବିଧାସୁଯୋଗ ପ୍ରତ୍ୟାହାର କରିବାକୁ କେନ୍ଦ୍ର ନିଷ୍ପତ୍ତି ନେଇଛି। ସିକିମ୍ ସହ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏହି ଅଧିକାରୀମାନଙ୍କୁ ଆଉ କିଛି ନୂଆ ସୁବିଧା ସୁଯୋଗ ପ୍ରଦାନ କରାଯିବ ନାହିଁ। କିନ୍ତୁ ଜମ୍ମୁକଶ୍ମୀର, ଲଦାଖ, ଆଣ୍ଡାମାନ ଓ ନିକୋବର ଆଇଲାଣ୍ଡ ଏବଂ ଲାକ୍ଷାଦ୍ୱୀପରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ସରକାର ଏହି ସୁବିଧାସୁଯୋଗ ଦେବାକୁ ଅନୁମତି ଦେଇଛନ୍ତି। ବିଶେଷସୂତ୍ରରୁ ସ୍ପଷ୍ଟ ଯେ, ଉତ୍ତରପୂର୍ବାଞ୍ଚଳରେ କାର୍ଯ୍ୟରତ ବାବୁମାନଙ୍କର ଅନ୍ୟସବୁ ଅଭିଯୋଗ ଦୀର୍ଘଦିନ ହେଲା ପଡ଼ିରହିଥିବାବେଳେ କେନ୍ଦ୍ରର ଉକ୍ତ ନୀତି ଏକ ଖରାପ ସ୍ଥିତି ସୃଷ୍ଟି କରିଛି। ଅଧିକାରୀମାନଙ୍କ ଅସନ୍ତୋଷ ଏପରି ଶୀର୍ଷରେ ପହଞ୍ଚିଲା ଯେ ତାହା ଦୂର କରିବା ଜରୁରୀ ହୋଇପଡ଼ିଲା। ଆବାସୀୟ ବ୍ୟବସ୍ଥା ସହ ୨୦୦୯ରେ ଆସାମ-ମେଘାଳୟ ଯୁଗ୍ମ କ୍ୟାଡର,ସିକିମ, ନାଗାଲାଣ୍ଡ, ତ୍ରିପୁରା ଏବଂ ମଣିପୁର କ୍ୟାଡରର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍‌କୁ ନେଇ ଗଠିତ ଅଲ୍ ଇଣ୍ଡିଆ ସର୍ଭିସର ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା ଅତିରିକ୍ତ ଆର୍ଥିକ ଭତ୍ତା ବନ୍ଦ କରାଯିବାରୁ ବାବୁମାନଙ୍କ ଅସନ୍ତୋଷ ବଢ଼ିଯାଇଛି। ବାବୁମାନେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ର ଅର୍ଡରକୁ ‘ଅସମ୍ବେଦନଶୀଳ’ ଓ ‘ଆକସ୍ମିକ’ ବୋଲି କହିଛନ୍ତି।

### ନିର୍ବାଚନରେ ବଦଳି

ଆସନ୍ତା ମାସରେ ଗୁଜରାଟ ବିଧାନସଭା ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ଘୋଷଣା କରିବା ସହ ୬ ଜଣ ପୋଲିସ ଅଧିକାରୀଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ ଅହମ୍ମଦାବାଦରେ କାର୍ଯ୍ୟରତ। ବଦଳି ହେବାକୁ ଥିବା ଅଧିକାରୀମାନଙ୍କ ମଧ୍ୟରେ ଅଛନ୍ତି ଅହମ୍ମଦାବାଦ ସହର ଜୋନ୍-୪ର ଏସ୍‌ପି ମୁକେଶ ପଟେଲ, ଟ୍ରାଫିକ୍(ପ୍ରଶାସନ) ଡିସିପି ଭକ୍ତି ଠାକୁର, ଅତିରିକ୍ତ ସିପି (ଟ୍ରାଫିକ) ଅଶ୍ୱିନୀ ଚୌହାନ, ଡିସିପି (କଣ୍ଟ୍ରୋଲରୁମ୍) ହର୍ଷଦ ପଟେଲ ଓ ଅତିରିକ୍ତ ସିପି(କ୍ରାଇମ୍‌ବ୍ରାଞ୍ଚ) ପ୍ରେମବୀର ସିଂ। ଜଣାପଡ଼ିଛି ଯେ , ଅଶ୍ୱିନୀ ଚୌହାନଙ୍କ ବଦଳିରେ ରାଜ୍ୟ ଗୃହ ବିଭାଗ ଏକ ଭୁଲ୍ କରିଛି। ପୂର୍ବରୁ ଅଶ୍ୱିନୀ ସିଆଇଡି କ୍ରାଇମ୍‌ରେ ୱେଷ୍ଟର୍ନ ରେଲୱେ ଡିଆଇଜି ଭାବେ କାର୍ଯ୍ୟ କରୁଥିଲେ। ସରକାର ତାଙ୍କୁ ଦୀପାବଳି ଦିନ ଅହମ୍ମଦାବାଦ ସହରର ଅତିରିକ୍ତ ସିପି( ଟ୍ରାଫିକ) ଭାବେ ବଦଳି କରିଥିଲେ। ଯେହେତୁ ଅଶ୍ୱିନୀ ଗତ ନିର୍ବାଚନରେ ଅହମ୍ମଦାବଦରେ ଡିପିସି(ଟ୍ରାଫିକ) ଭାବେ କାର୍ଯ୍ୟ କରିଥିଲେ, ସେଥିପାଇଁ ସେ ଏହି ନିର୍ବାଚନରେ ସିକ୍ରେଟ ଇନ୍‌ଫରମେଶନ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ (ଏସ୍ଆଇଆଇଏମ୍) ପଦବୀରେ ରହିପାରିବେ ନାହିଁ। ଏଣୁ ତାଙ୍କୁ ପୁଣି ଥରେ ବଦଳି କରାଯିବ। ଏହା ବ୍ୟତୀତ ବିଧାନସଭା ନିର୍ବାଚନ ଘୋଷଣା ଏବଂ ଆଚରଣବିଧି ଲାଗୁ ହେବାର କିଛି ଘଣ୍ଟା ପୂର୍ବରୁ ମଧ୍ୟ ଗୁଜରାଟ ସରକାର ରାଜ୍ୟରେ ୧୨ଜଣ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ବାବୁ ଅଭାବ

ଜମ୍ମୁକଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ(ୟୁଟି)ହେବା ପରେ ସେଠାରେ ପ୍ରଶାସନିକ ଅନିଶ୍ଚୟତା ରହିଛି। ଜମ୍ମୁକଶ୍ମୀର କ୍ୟାଡର ଉଚ୍ଛେଦ କରି ଏହି ଦୁଇ ୟୁଟିକୁ ଏଜିଏମ୍‌ୟୁଟି (ଅରୁଣାଚଳପ୍ରଦେଶ-ଗୋଆ-ମିଜୋରାମ ଆଣ୍ଡ ୟୁନିୟନ୍ ଟେରିଟୋରି)କ୍ୟାଡର ଅନ୍ତର୍ଭୁକ୍ତ କରାଯିବା ପରେ ଏଭଳି ସ୍ଥିତି ଉପୁଜିଛି। ଗତମାସରେ ଜଣେ ଆଇଏଏସ୍ ଅଧିକାରୀ ଆର୍ଥିକ ବ୍ୟାପାର ବିଭାଗକୁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲାବେଳେ ଏବେ ଜମ୍ମୁକଶ୍ମୀର କ୍ୟାଡରର ପ୍ରମୁଖ ସଚିବ ର୍ୟାଙ୍କର ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ପ୍ରସ୍ତୁତ ହେଉଛନ୍ତି ଏବଂ ସେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ର ଚୂଡାନ୍ତ ସଙ୍କେତକୁ ଅପେକ୍ଷା କରିଛନ୍ତି। ଆଉ ଜଣେ ଅଧିକାରୀ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଆବେଦନ କରିଛନ୍ତି। ଜମ୍ମୁକଶ୍ମୀର ଓ ଲଦାଖ ୟୁଟିରେ ବିଭିନ୍ନ କାରଣରୁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ଅଭାବ ଲାଗିରହିଛି। ଏଜିଏମ୍‌ୟୁଟି କ୍ୟାଡର ଏବଂ ଅନ୍ୟ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କୁ ନିଯୁକ୍ତି ଦେଇ ଧୀରେ ଧୀରେ ସ୍ଥିତିକୁ ନିୟନ୍ତ୍ରଣ କରାଯାଉଛି। ଏହି ଦୁଇ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଅନେକ ଏଜିଏମ୍‌ୟୁଟି କ୍ୟାଡର ଆଇଏଏସ୍, ଆଇପିଏସ୍ ଏବଂ ଅନ୍ୟ ସର୍ବଭାରତୀୟ ସେବା ଅଧିକାରୀଙ୍କୁ ନିଯୁକ୍ତ କରିଆସୁଛି। ଏହାସହ ଆନ୍ତଃ କ୍ୟାଡର ଡେପୁଟେଶନରେ କେନ୍ଦ୍ର ଓ ଅନ୍ୟ ରାଜ୍ୟଗୁଡ଼ିକରୁ କେତେଜଣ ଅଧିକାରୀଙ୍କୁ ଆଣି ନିଯୁକ୍ତି ଦିଆଯାଇଛି। ମାସେ ଦୁଇମାସ ମଧ୍ୟରେ ଅନେକ ଏଜିଏମ୍‌ୟୁଟି କ୍ୟାଡର ଅଧିକାରୀଙ୍କୁ ଜମ୍ମୁକଶ୍ମୀର ଓ ଲଦାଖକୁ ଡେପୁଟେଶନରେ ପଠାଯାଇଛି। ପୁନଶ୍ଚ ଲଦାଖରେ ଅଧିକାରୀମାନଙ୍କ ଅଭାବକୁ ଲକ୍ଷ୍ୟ କରି ସେଠାରେ ଜମ୍ମୁକଶ୍ମୀର ପ୍ରଶାସନିକ ସେବା ଏବଂ ଜମ୍ମୁକଶ୍ମୀର ପୋଲିସ ସେବା ଅଧିକାରୀଙ୍କୁ ଡେପୁଟେଶନରେ ନିଯୁକ୍ତ କରାଯାଇଛି। ତେବେ ଆମେ ଆଶ୍ୱସ୍ତ ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଡିଓପିଟି ଜମ୍ମୁକଶ୍ମୀରରେ ବାବୁମାନଙ୍କ ସ୍ଥିତି ଉପରେ ସମୀକ୍ଷା କରୁଛନ୍ତି ଏବଂ ସେଠାରେ ଅଧିକ ସଂଖ୍ୟକ ବାବୁଙ୍କ ନିଯୁକ୍ତି ନିଶ୍ଚିତ କରିବା ଲାଗି ପଦକ୍ଷେପ ନେଉଛନ୍ତି।

Email: dilipcherian@gmail.com

# ଉଚ୍ଚଶିକ୍ଷାରେ ବୈଷମ୍ୟ



ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଶା ସରକାର ନାରୀଙ୍କୁ ସମ୍ମାନ ଓ ମହିଳା ସଶକ୍ତୀକରଣ କଥା ଜୋର୍ ପାଟିରେ କହୁଥିଲାବେଳେ ଉଚ୍ଚଶିକ୍ଷା କ୍ଷେତ୍ରରେ ନାରୀ ଶିକ୍ଷାନୁଷ୍ଠାନକୁ ଦେଖିଲେ ହତାଶ ହେବାକୁ ପଡ଼େ। ଏହାର ମୁଖ୍ୟ କାରଣ ଆମର ଯାବତୀୟ ରାଜନୈତିକ, ସାମାଜିକ, ପ୍ରଶାସନିକ ଆସ୍ଫାଳନ ସତ୍ତ୍ୱେ ଆମର ମନ ଏବେ ବି ପୁରୁଷକୈନ୍ଦ୍ରିକ ହୋଇ ରହିଛି।

କିଛିବର୍ଷ ତଳେ କେବଳ ରେଭେନ୍ସା, ଖଲ୍ଲିକୋଟ, ଗଙ୍ଗାଧର ମେହେର କଲେଜକୁ ଛାଡ଼ିଦେଲେ ଓଡ଼ିଶାର ବାକିସବୁ କଲେଜକୁ ଏକ ସ୍ତରର ଅନୁଷ୍ଠାନ ରୂପେ ଦେଖାଯାଉଥିଲା। ୯୦ ଦଶକରେ ସରକାର ମହାବିଦ୍ୟାଳୟଗୁଡ଼ିକର ବର୍ଗୀକରଣ କଲେ। ସେହି ବିଚାରରେ ଉଚ୍ଚଶିକ୍ଷା ବିଭାଗ ଏହି ତିନି କଲେଜକୁ ଛାଡ଼ି ବାକି କେତେକ ପ୍ରମୁଖ ମହାବିଦ୍ୟାଳୟକୁ ‘ଲିଡ୍’ କଲେଜ ରୂପେ ଘୋଷଣା କଲେ ଏବଂ ପରେ ସେହି କଲେଜଗୁଡ଼ିକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରୂପାନ୍ତରିତ ହେଲା। ଏହି ‘ଲିଡ୍’ ବା ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ବେଳେ ବିଭାଗ ମହିଳା ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ କଥା ଭାବିଲା ନାହିଁ କି ବିଚାର ମଧ୍ୟ କଲା ନାହିଁ। ଅର୍ଥାତ୍ କେବଳ ଶୈଳବାଳା ଓ ରମାଦେବୀ ମହିଳା ମହାବିଦ୍ୟାଳୟକୁ ଛାଡ଼ି ଓଡ଼ିଶାର କୌଣସି ସରକାରୀ ମହିଳା କଲେଜ ଏ ମାନ୍ୟତା ପାଇଲେ ନାହିଁ। ଅଥଚ ସେହି ମହକୁମାରେ ଥିବା ସହଧ୍ୟାୟୀ ମହାବିଦ୍ୟାଳୟଟିଏ ସ୍ୱୀକୃତି ପାଇଲା। ଏଠାରେ ଉଲ୍ଲେଖଯୋଗ୍ୟ, ମହିଳା କଲେଜମାନ ଷାଠିଏ ବା ସତୁରି ଦଶକରେ ସ୍ଥାପିତ ହୋଇଥିଲା। ତେଣୁ ବିଳମ୍ବରେ ‘ଭୂମିଷ୍ଠ’ ହୋଇଥିବାରୁ ଏହି ‘କନ୍ୟାନୁଷ୍ଠାନ’ଗୁଡ଼ିକ ସବୁଦିନ ‘କନିଷ୍ଠ’, ନିମ୍ନମାନର ତଥା ଏକ ବଞ୍ଚିତ ଗୋଷ୍ଠୀ ହୋଇ ରହିଗଲେ। ଏହି କଲେଜଗୁଡ଼ିକୁ ପର୍ଯ୍ୟାୟକ୍ରମେ ଉନ୍ନୀତ କରି ସେଥିରେ ବିଜ୍ଞାନ, ବାଣିଜ୍ୟ ଶ୍ରେଣୀ ସହ ଆଧୁନିକ ବିଷୟ ତଥା ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଗଲାନାହିଁ। ବିଡ଼ମ୍ବନାର କଥା, ସରକାରଙ୍କ ଅବହେଳା ଓ ହୀନଦୃଷ୍ଟିର ଶିକାର ହୋଇ ବର୍ଗୀକରଣରେ ଖସିପଡ଼ିଥିବା ଏହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଆହୁରି ଲାଞ୍ଛିତ କରାଗଲା ଯେତେବେଳେ ଏହିସବୁ ଅନୁଷ୍ଠାନର ଅଧ୍ୟକ୍ଷ ପଦ ଲିଡ୍ ବା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦଠୁ ନିମ୍ନସ୍ତରରେ ରଖାଗଲା। ଅର୍ଥାତ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ ପ୍ରଫେସର ଗ୍ରେଡ୍‌ର ଥିବାବେଳେ ‘ଅଣସ୍ୱୟଂଶାସିତ’ ବା ‘ଅଣ ଲିଡ୍’ କଲେଜର ଅଧ୍ୟକ୍ଷ ପଦବୀ ହେଲା ରିଡର ଗ୍ରେଡ୍‌ର।

ଇତିମଧ୍ୟରେ କିଛି ମହିଳା କଲେଜ ସେମାନଙ୍କ ଅଧ୍ୟକ୍ଷମାନଙ୍କ ପାରଦର୍ଶିତା ଓ ସରକାରଙ୍କ ସହଯୋଗକ୍ରମେ କଳା, ବାଣିଜ୍ୟ, ବିଜ୍ଞାନ ଶ୍ରେଣୀ ଖୋଲି ପୂର୍ଣ୍ଣାଙ୍ଗ ହୋଇଛନ୍ତି। କିନ୍ତୁ ଏହି ରୂପାନ୍ତରୀକରଣ ଦ୍ୱାରା ଏହି ଅନୁଷ୍ଠାନର ଅଧ୍ୟକ୍ଷ ପଦବୀ ଆପଣାଛାଏଁ ଉନ୍ନୀତ ହେବନାହିଁ। ସେମାନଙ୍କୁ ଆପଣାଛାଏଁ ସ୍ୱୟଂଶାସିତ ମାନ୍ୟତା ମିଳିବ ନାହିଁ। ୟୁ.ଜି.ସି.ର ମାନ୍ୟତା ଆକଳନ ପରିଷଦ (ନାକ୍) ଦ୍ୱାରା ମୂଲ୍ୟାୟିତ ହେଲେ ହିଁ ସେମାନେ ନୂତନ ନିୟମ ଅନୁସାରେ ସ୍ୱୟଂଶାସିତ ମାନ୍ୟତା ପାଇବେ। ଓଡ଼ିଶା ପରିପ୍ରେକ୍ଷୀରେ ଅସ୍ୱସ୍ତିକର ଖବର ଏହି ଯେ, ୟୁ.ଜି.ସି.ର ନୂଆ ନିୟମ ଅନୁସାରେ ସ୍ୱୟଂଶାସିତ ମାନ୍ୟତା ପାଇଁ ଆବେଦନ କରିବାକୁ ହେଲେ କଲେଜକୁ ନାକ୍ ଦ୍ୱାରା ମୂଲ୍ୟାୟିତ ହୋଇ ‘ଏ’ ଗ୍ରେଡ୍ ପାଇବାକୁ ପଡ଼ିବ, ଯାହା ଓଡ଼ିଶା ପ୍ରସଙ୍ଗରେ ଦିବାସ୍ୱପ୍ନ। କାରଣ ଓଡ଼ିଶାର କାଁ ଭାଁ ଗୋଟିଏ, ଯୋଡ଼ିଏ କଲେଜକୁ ଛାଡ଼ି ବାକିସବୁ କଲେଜ ‘ବି’ ଅବା ‘ସି’ ଗ୍ରେଡ୍‌ର। ଏଠାରେ ଉଲ୍ଲେଖଯୋଗ୍ୟ, ଉଚ୍ଚତର ମାନ୍ୟତା ପାଇଁ ଯେଉଁ ଯେଉଁ ଯୋଗ୍ୟତା ହାସଲ କରିବାକୁ ପଡ଼ିବ, ସେ ସବୁର ଚାବିକାଠି ସରକାରଙ୍କ ହାତରେ। ଯେପରି ଖାଲିଥିବା ପଦବୀ ପୂରଣ, ଉନ୍ନତମାନର ପାଠାଗାର ଓ ପରୀକ୍ଷାଗାର, ମହାବିଦ୍ୟାଳୟର ଗବେଷଣାତ୍ମକ କାର୍ଯ୍ୟକ୍ରମ, ପ୍ୟାଟେଣ୍ଟ ହାସଲ ତଥା ବିଭିନ୍ନ ବୈଷୟିକ କ୍ଷେତ୍ରରେ ପରାମର୍ଶଦାତାର ଯୋଗ୍ୟତା ହାସଲ ଇତ୍ୟାଦି। ମାତ୍ର ଦୁଃଖର କଥା, ସରକାର ଏ ଦିଗରେ ସେମିତି କିଛି ପଦକ୍ଷେପ ନିଅନ୍ତି ନାହିଁ, ଯେଉଁଥିପାଇଁ ଓଡ଼ିଶାର ଅଧିକାଂଶ କଲେଜ ଓ ବିଶ୍ୱବିଦ୍ୟାଳୟ ନିମ୍ନ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ।



ଭାତହାଣ୍ଡିରୁ ଭାତ ଚିପିଲା ପରି ସରକାରୀ ମହିଳା କଲେଜ ପ୍ରତି ସରକାରଙ୍କ ଆଭିମୁଖ୍ୟର ଏକ କେସ୍ ଷ୍ଟଡି ହିସାବରେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟକୁ ଦେଖାଯାଉ। ଦୀର୍ଘ ୨୬ ବର୍ଷ ବାରିପଦା ସହରର ଏକ ବାଳିକା ବିଦ୍ୟାଳୟରେ ସହାବସ୍ଥାନ କରି ଏହା ୨୦୦୧ରେ ସ୍ଥାନାନ୍ତରିତ ହେଲା ମୟୂରଭଞ୍ଜ ରାଜବାଟୀକୁ। ଇତିମଧ୍ୟରେ ୨୧ ବର୍ଷ ବିତିଗଲାଣି। ସ୍ୱାଧୀନ ପରିସରଟିଏ ମିଳିଲା ନାହିଁ ଏହି ମହିଳା କଲେଜକୁ, ଯେହେତୁ ସେହି ପରିସରରେ ଏକ ସହଧ୍ୟାୟୀ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଭାରତବର୍ଷର କେଉଁଠି ବି ଏକ ମହିଳା ଶିକ୍ଷାନୁଷ୍ଠାନ ଏକ ସହଧ୍ୟାୟୀ ଅନୁଷ୍ଠାନ ସହ ଏକ ପରିସରରେ, ଏକ ସମୟରେ କାର୍ଯ୍ୟ କରିବା ଦେଖାଯାଏ ନାହିଁ। ତେଣୁ ଅଧ୍ୟାପିକା, ଛାତ୍ରୀମାନଙ୍କ ସ୍ୱାଧୀନତା, ସଂଭ୍ରମ, ମର୍ଯ୍ୟାଦା, ନିରାପତ୍ତା ବଳିପଡୁଛି ନିତିଦିନ। କେତେବେଳେ ସେହି କଲେଜର ତ କେତେବେଳେ ବାହାର ପୁଅମାନେ ନାନାଦି ଆପତ୍ତିଜନକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଖାଲି ସେତିକିରେ ଅନୁଷ୍ଠାନର ନିର୍ଯାତନାର କାହାଣୀ ସରୁନାହିଁ। ଶିକ୍ଷାନୁଷ୍ଠାନ ପରିସରରେ ଥିବା ହଷ୍ଟେଲରେ ପୁଅପିଲାମାନେ ରହୁଥିବା ବେଳେ ମହିଳା ମହାବିଦ୍ୟାଳୟର ଝିଅମାନେ ରହୁଛନ୍ତି ଏକ ବାଳିକା ସ୍କୁଲର ଭଙ୍ଗା ଆଜ୍‌ବେଷ୍ଟସ ଘରେ। ଏବେ ୬ କି.ମି. ଦୂର ନୂତନ ହଷ୍ଟେଲକୁ ସେମାନେ ଯିବେ। ଅର୍ଥାତ୍ ପୁଅମାନେ ରହିଲେ କଲେଜ କ୍ୟାମ୍ପସ୍‌ରେ, ଝିଅ ଯିବେ ରହିବାକୁ ୬ କି.ମି. ଦୂରକୁ। ଏସବୁ ବିଷୟରେ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଯେତେଥର ଜଣାଇଲେ ବି ଫଳ ଶୂନ। ଆଗକୁ ନାକ୍ ଟିମ୍‌ର କଲେଜ ପରିଦର୍ଶନ ଅଛି। କଲେଜର ମଞ୍ଜୁରପ୍ରାପ୍ତ ଶିକ୍ଷକ ସଂଖ୍ୟା ପାଖାପାଖି ୪୦ ହୋଇଥିଲାବେଳେ ଅଛନ୍ତି ମାତ୍ର ୮/୧୦ ଜଣ। ଏପରି କି କଲେଜର ଶୈକ୍ଷିକ ହୃତ୍‌ପିଣ୍ଡ, ଲାଇବ୍ରେରିର ଏକମାତ୍ର ଲାଇବ୍ରେରିଆନ ପଦବୀ ୮ ବର୍ଷ ହେଲା ଖାଲି ରହିଛି। ଏପରି ସ୍ଥିତିରେ କି ପ୍ରକାର ନାକ୍ ମାନ୍ୟତା ପାଇବ ଏହି ଅନୁଷ୍ଠାନ?

ସରକାର ତଥା ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ ବହୁ ପଛରେ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ଏକ ଉଦାର ମନୋଭାବ ପୋଷଣ କରି ଏମାନଙ୍କୁ ଭିତ୍ତିଭୂମି, ପାଠ୍ୟକ୍ରମ, ପଦବୀ ପୂରଣ-ସବୁଥିରେ ଅଗ୍ରାଧିକାର ଦେଇ ସେମାନଙ୍କୁ ନିକଟତମ ସହଧ୍ୟାୟୀ କଲେଜ ସହ ଏକ ସମତଳକୁ ଆଣନ୍ତୁ। ଗୋଟିଏ ମହକୁମାରେ ଥିବା ସହଧ୍ୟାୟୀ ଓ ମହିଳା କଲେଜ ଭିତରେ ଉପଲବ୍ଧ ସୁବିଧାର ତାରତମ୍ୟ ରଖା ନ ଯାଉ ଅବା ସେହି ତାରତମ୍ୟଭିତ୍ତିରେ ମହିଳା କଲେଜକୁ କ୍ଷୁଦ୍ର ମଣି ଅଧ୍ୟକ୍ଷ ନିଯୁକ୍ତିରେ ପାତରଅନ୍ତର କରା ନ ଯାଉ। ସରକାର କୁଳପତି ନିଯୁକ୍ତି ଦେଲାବେଳେ, ଜିଲା ବା ସବ୍‌ଡିଭିଜନରେ ପ୍ରଶାସନିକ ଅଧିକାରୀ ନିଯୁକ୍ତ କଲାବେଳେ, କୌଣସି ବିଶ୍ୱବିଦ୍ୟାଳୟ ଅବା ଜିଲାକୁ ଛୋଟ କିମ୍ବା ବଡ଼ ଭାବୁ ନ ଥିଲାବେଳେ, ଏକା ଶିକ୍ଷା ପ୍ରଦାନ କରୁଥିବା ଦୁଇ ଅନୁଷ୍ଠାନ ଭିତରେ ଅନୁଷ୍ଠାନ ମୁଖ୍ୟ ନିଯୁକ୍ତି ବେଳେ କାହିଁକି ଏ ଛୋଟ ବଡ଼ ଭେଦଭାବ ରଖୁଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମଧ୍ୟରେ ପଦବୀଗତ ତାରତମ୍ୟ ନ ଥିଲାବେଳେ, ପୁରୀ ସରକାରୀ ମହିଳା କଲେଜ ଓ ସାମନ୍ତ ଚନ୍ଦ୍ରଶେଖର କଲେଜର ଅଧ୍ୟକ୍ଷଦ୍ୱୟଙ୍କ ପଦବୀରେ ଉଚ୍ଚନୀଚ କାହିଁକି? ତେଣୁ ସ୍ୱାଧୀନତା ପୂର୍ବରୁ ୯୦ ଦଶକ ପର୍ଯ୍ୟନ୍ତ ସବୁ ସରକାରୀ କଲେଜର ଅଧ୍ୟକ୍ଷ ଏକ ଶ୍ରେଣୀଭୁକ୍ତ ନିୟମକୁ ପୁନଃ ପ୍ରଚଳନ କରି ଏହି ଭେଦଭାବ ତୁରନ୍ତ ଅପସାରଣ କରନ୍ତୁ, ବିଶେଷତଃ ମହିଳା କଲେଜ ପ୍ରତି ରହିଥିବା ବାଛବିଚାରକୁ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍ ରୋଡ୍, ବାଲେଶ୍ୱର
ମୋ:୯୪୩୭୩ ୭୬୨୧୯

# ସୃଷ୍ଟିର ଆଦ୍ୟ ଶବ୍ଦ



ଡ. ନରେନ୍ଦ୍ର ସେଠୀ

ପୂର୍ବରୁ ବିଜ୍ଞାନ ଜଗତରେ ଏହି ବିଶ୍ୱାସ ଥିଲା ଯେ ମହାକାଶରେ କୌଣସି ଶବ୍ଦ ତରଙ୍ଗର ଉପସ୍ଥିତି ନାହିଁ ବା ସୁଦୂର ମହାକାଶରେ କୌଣସି ଶବ୍ଦ ସୃଷ୍ଟି ହୁଏ ନାହିଁ। କାରଣ ବିଜ୍ଞାନ ଅନୁସାରେ ଶୂନ୍ୟରେ ଶବ୍ଦ ତରଙ୍ଗ ଗତି କରିପାରେନି। କିନ୍ତୁ ଏଇ କିଛିଦିନ ତଳେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ବୈଜ୍ଞାନିକମାନେ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ପୃଥିବୀଠାରୁ ଅଢ଼େଇକୋଟି ଆଲୋକ ବର୍ଷ ଦୂରରେ ଥିବା ଏକ କୃଷ୍ଣ ଗର୍ତ୍ତର ଶବ୍ଦ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି। ଏହି ଶବ୍ଦ ତରଙ୍ଗକୁ ନାସା ସର୍ବବିଦିତ କଲାପରେ ବିଶେଷ କରି ହିନ୍ଦୁଧର୍ମର ଅଧ୍ୟୟନରତ ଧର୍ମାଭିଳାଷୀମାନଙ୍କ ଭିତରେ ଏକ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଶବ୍ଦ ତରଙ୍ଗକୁ ଆଖି ବନ୍ଦ କରି ଶୁଣିଲେ ଗଭୀର ଧ୍ୟାନରେ ଥିବା ସନ୍ନ୍ୟାସୀ ମୁଖରୁ ନିଃସୃତ ଓଁ ଧ୍ୱନି ଭଳି ଲାଗୁଛି। ଅନେକେ ଏହାକୁ ବିଶ୍ୱର ପ୍ରଥମ ଶବ୍ଦ କହୁଛନ୍ତି, ଯାହା ଭାରତୀୟ ମୁନିଋଷିମାନେ ମତ ପ୍ରକାଶ କରିଆସିଥିଲେ। ତେଣୁ ଏପର୍ଯ୍ୟନ୍ତ ଯେଉଁ ଭ୍ରାନ୍ତଧାରଣା ଥିଲା ଯେ ମହାକାଶରେ କୌଣସି ଶବ୍ଦ ନାହିଁ, ତାହା ଭୁଲ୍ ପ୍ରମାଣିତ ହୋଇଛି। ହିନ୍ଦୁ ଧର୍ମରେ କୌଣସି ମନ୍ତ୍ର ପୂର୍ବରୁ ଓଁର ଉଚ୍ଚାରଣ କରାଯାଇ ଥାଏ। ବୌଦ୍ଧ, ଜୈନ, ଶିଖ୍ ଇତ୍ୟାଦି ଧର୍ମରେ ମଧ୍ୟ ଓଁ ଶବ୍ଦକୁ ଧାର୍ମିକ ମହତ୍ତ୍ୱ ଦିଆଯାଇଛି। ଓଁର ଆକ୍ଷରିକ ଅର୍ଥ ହେଲା ‘ସବୁକିଛି ଓ ସମସ୍ତେ’। ଅର୍ଥାତ୍ ଓଁ ମାନେ ସମଗ୍ର ବ୍ରହ୍ମାଣ୍ଡକୁ ସୂଚାଇ ଥାଏ।

ଏହି ମନ୍ତ୍ରର ମର୍ମ ଜାଣିବା ପାଇଁ ବୈଜ୍ଞାନିକମାନେ ପରିମାଣ ଭୌତିକ ବିଜ୍ଞାନ ବା କ୍ୱାଣ୍ଟମ ଫିଜିକ୍ସ ସାହାଯ୍ୟରେ ଚେଷ୍ଟା କରିଛନ୍ତି। ବୈଜ୍ଞାନିକ ତଥ୍ୟ ଅନୁଯାୟୀ ବିଶ୍ୱର ସବୁ ଚିଜିନିଷ୍ ପଦାର୍ଥ ସୂକ୍ଷ୍ମ ସ୍ତରରେ ଭାଓଲିନର ଛୋଟ କମ୍ପନ ତାର ତରଙ୍ଗ ସଦୃଶ ଗଠିତ। ସେହି ଛୋଟ ତରଙ୍ଗ ତାରଗୁଡିକ ବିଭିନ୍ନ ପ୍ରକାର କମ୍ପନ କରି ଭିନ୍ନ ଭିନ୍ନ ପଦାର୍ଥର ଓଜନ ଓ ଆକାର ଦେଇ ସୂକ୍ଷ୍ମ କଣିକାକୁ ଆକାର ଦିଅନ୍ତି ଯାହାକୁ ଅଣୁ ପରମାଣୁ କୁହାଯାଏ। ସେହି ସମାନ ତରଙ୍ଗ ଥିବା ସୂକ୍ଷ୍ମ କଣିକାଗୁଡ଼ିକ ମିଶି ପଦାର୍ଥକୁ ତିଆରି କରନ୍ତି। ସୂକ୍ଷ୍ମରୁ ସ୍ଥୂଳ ଦୁନିଆରେ ଆସିଲେ ସେହି ତରଙ୍ଗ ବା କମ୍ପନ ସାରା ବିଶ୍ୱରେ ଗୁଞ୍ଜରିତ ହେଉଥାଏ। ତେଣୁ ଆଧୁନିକ ବିଜ୍ଞାନରେ ଷ୍ଟ୍ରିଙ୍ଗ ଥିଓରିକୁ ସର୍ବୋଚ୍ଚ ମାନ୍ୟତା ଦିଆଯାଇଛି, ଯାହାକୁ ନେଇ ସାରା ବିଶ୍ୱ ପରସ୍ପର ସହ ଏକ ସନ୍ତୁଳନ ରକ୍ଷା କରି ରହିଛି। ଓଁ ଶବ୍ଦର ତରଙ୍ଗକୁ ପରୀକ୍ଷା କରି ଦେଖାଗଲା ଯେ ଏହି ଶବ୍ଦର ତରଙ୍ଗ ପ୍ରତ୍ୟେକ ପଦାର୍ଥର ଅଣୁ ପରମାଣୁରେ ଅଛି। ଓଁର କମ୍ପନ ତରଙ୍ଗ ବ୍ରହ୍ମାଣ୍ଡୀୟ ତରଙ୍ଗ ସହ ମେଳ ଖାଇ ସାରା ବିଶ୍ୱ ସହ ଆମକୁ ଆମ ଅଜାଣତରେ ସମ୍ପର୍କରେ ରଖେ। ଯେଉଁଥିପାଇଁ ହିନ୍ଦୁଧର୍ମରେ ଓଁକୁ ଶବ୍ଦ ବ୍ରହ୍ମର ଆଖ୍ୟା ଦିଆଯାଇଛି। ଓଁ ଶବ୍ଦର ଆଉ ଏକ ବୈଜ୍ଞାନିକ ବ୍ୟାଖ୍ୟାନ ହେଲା ଏହାର ଧ୍ୱନି। ବର୍ଣ୍ଣମାଳାର ଭିନ୍ନ ଭିନ୍ନ ଅକ୍ଷର ଉଚ୍ଚାରଣ କଲେ ଭିନ୍ନ ଭିନ୍ନ ଶବ୍ଦ ତରଙ୍ଗ ବାହାରେ ଏହା ଶରୀରର ଏକ ବିଶିଷ୍ଟ ଅଙ୍ଗ ସହ ସନ୍ତୁଳନ କରି କମ୍ପନ କରିଥାଏ। ସେହିପରି ଓଁ ଉଚ୍ଚାରଣରେ ଏକ ଅଲଗା ଶବ୍ଦ ତରଙ୍ଗ



ବାହାରି ଥାଏ, ଯାହାର ଶବ୍ଦ ଆବୃତ୍ତି ୪୩୨Hz। ଯାହା ମନୁଷ୍ୟର ଶୁଣିବା ସୀମା ୨୦Hzରୁ ୨୦୦୦୦Hz ଭିତରେ ଓ ଖୁବ୍ ନିମ୍ନସ୍ତରରେ। ଏହାର ଅର୍ଥ ହେଲା ଓଁ ଶବ୍ଦର ଧ୍ୱନି ତରଙ୍ଗ ବହୁତ ଲମ୍ବା ଓ ଏହା ଶୁଣା ନ ଗଲେ ମଧ୍ୟ ବ୍ୟାପକ ପରିସୀମା ପର୍ଯ୍ୟନ୍ତ ପ୍ରଭାବ ପକାଇ ଥାଏ। ତେଣୁ ଓଁର ଠିକ୍ ଉଚ୍ଚାରଣ କରି ଶରୀରକୁ ଅଦୃଶ୍ୟ ଭାବରେ ସମଗ୍ର ବିଶ୍ୱ ସହିତ ଯୋଡିଦିଏ।

ଏଠାରେ କହିରଖିବା ଉଚିତ ହେବ ଯେ ଓଁ ଶବ୍ଦର ତରଙ୍ଗ ଆବୃତ୍ତି ପୃଥିବୀ ନିଜ ଅକ୍ଷ ଚାରିପଟେ ବୁଲୁଥିବା ବେଳର ତରଙ୍ଗ ଆବୃତ୍ତି ସହ ସମାନ। ଅନ୍ୟ ଅର୍ଥରେ ପୃଥିବୀ ମଧ୍ୟ ସର୍ବଦା ଓଁ ଉଚ୍ଚାରଣ କରୁଛି ବୋଲି କହିଲେ ଭୁଲ୍ ହେବନି। ଉଲ୍ଲେଖଯୋଗ୍ୟ ଯେ ଭେଷଜ ଶାସ୍ତ୍ରରେ ଶବ୍ଦ ଓ ଶବ୍ଦ ତରଙ୍ଗ ବ୍ୟବହାର କରି ଉପଚାର କରିବାର ଉଦାହରଣ ରହିଛି। ସେହିପରି ଓଁ ଶବ୍ଦ ଉଚ୍ଚାରଣ ଦ୍ୱାରା ଶରୀର ଭିତରେ ଆଶ୍ଚର୍ଯ୍ୟଜନକ ପ୍ରଭାବ ପଡ଼ିଥିବାର ପ୍ରାମାଣିକ ତଥ୍ୟ ରହିଛି। ଆଧୁନିକ ବିଜ୍ଞାନ ସାହାଯ୍ୟରେ ଶବ୍ଦ ତରଙ୍ଗର ତର୍ଜମା ଏବଂ ଓଁ ଜପ ବେଳେ ମସ୍ତିଷ୍କର ଚୁମ୍ବକୀୟ ଚିତ୍ର ଅଧ୍ୟୟନ କରି ଅନେକ ତଥ୍ୟ ଜଣାପଡ଼ିଛି। ଏହା ମଧ୍ୟରେ ମନ ଶାନ୍ତ ହେବା, ହୃତ୍‌ପିଣ୍ଡର ବେଗ ସନ୍ତୁଳିତ ହେବା ଓ ସର୍ବୋପରି ମସ୍ତିଷ୍କକୁ ଶାନ୍ତି ଓ ଶୀତଳତା ପ୍ରଦାନ କଲା ଭଳି ପ୍ରଭାବ ପଡ଼ିଥାଏ। ଓଁ ଶବ୍ଦର ସମୟ ତରଙ୍ଗ ଗବେଷଣା କରି ୨ଜଣ ବୈଜ୍ଞାନିକ ଏକ ଖ୍ୟାତିସମ୍ପନ୍ନ ବିଜ୍ଞାନ ପତ୍ରିକାରେ କିଛିବର୍ଷ ତଳେ ତାଙ୍କର ଗଣେଷଣା ପ୍ରକାଶ କରିଥିଲେ। ଗାଣିତିକ ମଡେଲ ସାହାଯ୍ୟରେ ସେମାନେ ଓଁ ଜପ କରୁଥିବା ଲୋକମାନଙ୍କ ଭିତରେ ଗବେଷଣା କରି ଅତି ରୋଚକ ତଥ୍ୟ ଉପସ୍ଥାପନ କରିଥିଲେ। ସେହି ଗବେଷଣା ଅନୁସାରେ ଓଁ ଜପ ସମୟ ସୀମା ଅନୁସାରେ ମନୁଷ୍ୟର ଧୈର୍ଯ୍ୟ ଓ ଏକାଗ୍ରତା ବଢ଼ିଥାଏ। ଏହା ସହିତ ଓଁ ଉଚ୍ଚାରଣ କଲେ ମନରୁ ଅଯଥା ଶୋଚନା ଓ କ୍ଳେଶ ଦୂର ହେଇଥାଏ ବୋଲି ପ୍ରମାଣିତ କରିଥିଲେ। ଓଁ ଶବ୍ଦର ବୈଜ୍ଞାନିକ ଅର୍ଥ ଓ ତର୍ଜମା କଲେ ଏହାକୁ କୌଣସି ଧର୍ମ ସହ ଯୋଡ଼ିବା ଭୁଲ୍ ହେବ। ବରଂ ଓଁ ଏକ ଭୌଗୋଳିକ ଶବ୍ଦ ତରଙ୍ଗ ସୃଷ୍ଟି କରୁଥିବା ଶବ୍ଦ, ଯାହା ଆମକୁ ବିଶ୍ୱ ସହ ଯୋଡ଼ିଦିଏ। ମନକୁ ଶାନ୍ତ ଓ ମସ୍ତିଷ୍କକୁ ବିଶ୍ରାମ ଦେଇ ଚରମ ଆନନ୍ଦ ପ୍ରଦାନ କରିଥାଏ। ଓଁ ପ୍ରାଚୀନ ଭାରତୀୟ ମୁନି ଋଷିମାନଙ୍କର ଅଧ୍ୟୟନ ଓ ଗବେଷଣାର ଫଳ, ଯାହା ବିଶ୍ୱକୁ ଉପହାର ସ୍ୱରୂପ ମିଳିଛି। ଏହାକୁ ଉଚ୍ଚାରଣ କଲେ କୌଣସି ବ୍ୟକ୍ତି କିମ୍ବା ଦେବତା ବିଶେଷଙ୍କୁ ଦର୍ଶାଇ ନ ଥାଏ। ଗୁରୁ ଗ୍ରନ୍ଥସାହିବରେ ଏକ ସୁନ୍ଦର ପଂକ୍ତି କହେ ‘ଏକ ଓଁକାର ଶତ ନାମ, କରତା ପୁରଖ...,’ ଅର୍ଥାତ୍ କେବଳ ଓଁ ଭିତରେ ସବୁ କିଛି। ହଜାର ହଜାର ବର୍ଷ ତଳେ ଓଁ ପରି ଏକ ଅଦ୍ଭୁତ ଶବ୍ଦ ଭାରତର ମୁନି ଋଷିମାନେ ଉପହାର ଦେଇଯାଇଛନ୍ତି ଯାହାର ଉଚ୍ଚାରଣରେ ଏକ ବୈଶ୍ୱିକ ଧ୍ୱନି ତରଙ୍ଗ ତିଆରି ହୁଏ ଓ ଆମକୁ ସାରା ବିଶ୍ୱ ସହ ଅଦୃଶ୍ୟ ସମ୍ପର୍କର ସୂତାଖିଅରେ ଯୋଡି ଦିଏ। ତେବେ ମହାକାଶରୁ ଭାସି ଆସୁଥିବା ଏହି ଶବ୍ଦର ଏପରି ଧର୍ମୀୟ ବ୍ୟାଖ୍ୟା ବିଜ୍ଞାନ ପାଖରେ ଅନ୍ଧବିଶ୍ୱାସ ହୋଇପାରେ। ମାତ୍ର ଯଦି ବିଶ୍ୱାସ କରାଯାଏ ସମଗ୍ର ସୃଷ୍ଟିର ଆଦ୍ୟ ଶବ୍ଦ ‘ଓଁ’ ତେବେ ଏଥିରେ ସନ୍ଦେହ ନାହିଁ।

ମୋ- ୭୦୦୪୦୬୮୧୧୦

## ଏଇ ଭାରତରେ

କେବଳ ମହିଳାମାନେ ଚଳାଉଥିବା ଏକ ହାଟ ରହିଛି ମଣିପୁର ଇମ୍ଫାଲରେ। ଏହା ଏସିଆର ସବୁଠୁ ବଡ଼ ମହିଳା ସଞ୍ଚାଳିତ ହାଟ, ସମ୍ଭବତଃ ପୃଥିବୀରେ ମଧ୍ୟ। ଇମାକୈଥଲ ମାର୍କେଟ ନାମକ ଏହି ହାଟ ୫୦୦ ବର୍ଷର ପୁରୁଣା। ଇମାକୈଥଲ ମାର୍କେଟ କହିଲେ ‘ମା’ଙ୍କ ହାଟ’ ବୋଲି ବୁଝାଯାଏ। ଇମ୍ଫାଲର ମଧ୍ୟଭାଗରେ ଥିବା ଉକ୍ତ ହାଟରେ ପ୍ରତିଦିନ ୫୦୦୦ରୁ ଊର୍ଦ୍ଧ୍ୱ ମହିଳା ବ୍ୟବସାୟୀ ହସ୍ତକଳାଠାରୁ ଆରମ୍ଭ କରି ପୋଷାକ,ସ୍ଥାନୀୟ ଉତ୍ପାଦ ଓ ମାଛ ଆଦି ବିକ୍ରି କରିଥାନ୍ତି। ଏହି ହାଟ ଷୋଡ଼ଶ ଶତାବ୍ଦୀର ହାଟ ବୋଲି ବହୁ ଗବେଷକ ମତ ଦିଅନ୍ତି। ଏହାର ଐତିହାସିକ ଓ ପୌରାଣିକ ମହତ୍ତ୍ୱ ରହିଛି। ସେତେବେଳେ ପୁରୁଷମାନଙ୍କୁ ଦୂର ସ୍ଥାନରେ କୃଷି କାର୍ଯ୍ୟରେ କିମ୍ବା ଯୁଦ୍ଧରେ ନିୟୋଜିତ କରାଯାଉଥିଲା। ଫଳରେ ମହିଳାମାନେ ଗାଁରେ ରହି ଚାଷ କରିବା ସହ ସେମାନଙ୍କ ଉତ୍ପାଦିତ ଜିନିଷ ବିକ୍ରି କରୁଥିଲେ। ଏହି ଧାରାରୁ ଉକ୍ତ ହାଟ ସୃଷ୍ଟି ହୋଇଥିଲା ବୋଲି ଅନେକ ଗବେଷକଙ୍କ ମତ। ଇଂରେଜମାନେ ଏହି ହାଟର ଘରଗୁଡ଼ିକୁ ବିଦେଶୀ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ଚେଷ୍ଟା କରିବାରୁ ମହିଳାମାନେ ବିରୋଧ କରିଥିଲେ। ସେମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ୧୯୩୯ରେ, ଯାହାକୁ କୁହାଯାଏ ‘ଓମେନ୍ସ ୱାର’। ଶେଷରେ ମହିଳାଙ୍କ ଆଗରେ ଇଂରେଜମାନେ ହାର ମାନିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୭

- ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ସିବିଆଇ ଆବଶ୍ୟକୀୟ ଚାର୍ଜଶିଟ ଦାଖଲ କରିବାରେ ସମର୍ଥ ନ ହେବାରୁ ଭୂତପୂର୍ବ ମନ୍ତ୍ରୀ ସି.ପି. ବର୍ମାଙ୍କୁ ବାଧ୍ୟତାମୂଳକ ଜାମିନ ପ୍ରଦାନ।
- ଇନ୍ଦ୍ରାବତୀଠାରେ ନିଜସ୍ୱ କୋଇଲାଖଣି ପ୍ରତିଷ୍ଠା ପାଇଁ ୧୦୦ ପ୍ରତିଶତ ବିଦେଶୀ ଅଂଶଧନ ସଂଗ୍ରହ କରିବା ନେଇ ମିତ୍ତଲ ଗ୍ରୁପକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମତି ପ୍ରଦାନ।
- ରେଙ୍ଗାଳି ଜଳସେଚନ ଯୋଜନା ପାଇଁ ଜାପାନର ଓଇସିଏଫ୍ ପ୍ରଥମ ପର୍ଯ୍ୟାୟରେ ୨୨୫ କୋଟି ଟଙ୍କାର ଋଣ ସହାୟତା ଦେବା ନେଇ ସମ୍ମତି ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | | 5 | |
| | | | | | 6 | | | |
| 1 | 4 | 2 | | | | | | |
| | | 9 | 5 | | | | | |
| 6 | | | | | 7 | | | 9 |
| | | | 1 | | 8 | 7 | | |
| 4 | 3 | | | 7 | | | | |
| | | 5 | | | 9 | | | 4 |
| | 8 | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 7 | 6 | 4 | 3 | 5 | 9 | 8 |
| 9 | 5 | 4 | 8 | 2 | 1 | 3 | 7 | 6 |
| 6 | 3 | 8 | 7 | 5 | 9 | 4 | 1 | 2 |
| 5 | 1 | 3 | 2 | 9 | 8 | 6 | 4 | 7 |
| 2 | 7 | 6 | 3 | 1 | 4 | 9 | 8 | 5 |
| 4 | 8 | 9 | 5 | 6 | 7 | 1 | 2 | 3 |
| 3 | 9 | 2 | 4 | 7 | 5 | 8 | 6 | 1 |
| 7 | 4 | 5 | 1 | 8 | 6 | 2 | 3 | 9 |
| 8 | 6 | 1 | 9 | 3 | 2 | 7 | 5 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟାଳୟ ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ଉତ୍କଳମଣି ଗୋପବନ୍ଧୁ ଓ ତାଙ୍କ ସତୀର୍ଥମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଣିଷ ତିଆରି କାରଖାନା ସଦୃଶ ସତ୍ୟବାଦୀ ବିଦ୍ୟାଳୟର ରୂପାନ୍ତରୀକରଣ ହୋଇ ସୁନ୍ଦର ହୋଇଛି। ହେଲେ ଏଠାରେ ଥିବା ପ୍ରଧାନ ଶିକ୍ଷକ ସମେତ ୪ ଜଣ ବରିଷ୍ଠ ଶିକ୍ଷକ ପଦୋନ୍ନତି ପାଇ ଅନ୍ୟାନ୍ୟ ସ୍କୁଲରେ ଯୋଗଦେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ବିଦ୍ୟାଳୟର ଶିକ୍ଷକ ପଦବୀଗୁଡ଼ିକ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ତେଣୁ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ଉପରିସ୍ଥ ଅଧିକାରୀମାନେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ଅଭିଭାବକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଆଗକୁ ପରୀକ୍ଷା ଥିବା ବେଳେ ପାଠ୍ୟକ୍ରମଗୁଡ଼ିକ ଆଗେଇ ପାରୁନାହିଁ। ଏଥିପାଇଁ ସରକାର ତୁରନ୍ତ ଦୃଷ୍ଟି ଦିଅନ୍ତୁ।

-ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କୁଟୀର ଦୁଆରେ ବିଲୋକି ସୁଷମା ଶାଟୀର
ହେଲି ବାଇ
ସୁନା ପାଲଟିଲା ଶତେକ ସପନ ମାଟିର
ମନେ ନାହିଁ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଅଟ୍ଟାରି- ୱାଘା ବର୍ଡର ସୀମାରୁ ୨,୦୦୦ ବର୍ଷ ପୁରୁଣା ପ୍ରସ୍ତର ବୁଦ୍ଧ ମୂର୍ତ୍ତି ସୀମା ଶୁଳ୍କ ବିଭାଗ ପକ୍ଷରୁ ଜବତ କରାଯାଇଛି। କେତେଜଣ ବିଦେଶୀ ୱାଘା ବର୍ଡର ଦେଇ ପାକିସ୍ତାନ ଯାଉଥିବାବେଳେ ଇଣ୍ଟିଗ୍ରେଟେଡ୍ ଚେକ୍‌ପୋଷ୍ଟ ନିକଟରେ ସେମାନଙ୍କ ଯାଞ୍ଚ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ଥିବା ଏକ ବ୍ୟାଗରୁ ପଥରରେ ତିଆରି ବୁଦ୍ଧଙ୍କ ଖଣ୍ଡିତ ମସ୍ତକ ମିଳିଥିଲା, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଓ ତୃତୀୟ ଶତାବ୍ଦୀର ହୋଇଥିବା ଆକଳନ କରାଯାଇଛି। ଯୁବକଙ୍କୁ ଅଟକ ରଖାଯିବା ସହ ଘଟଣାର ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

## ସଂକ୍ଷେପରେ

### ମରାଠୀ ଚଳଚ୍ଚିତ୍ରକୁ ଅଟକାଇ ଏନ୍‌ସିପି ନେତା ଗିରଫ


ଜିତେନ୍ଦ୍ର ଅୱ୍ହାଦ

**ଠାଣେ,୧୧।୧୧:** ଛତ୍ରପତି ଶିବାଜୀଙ୍କ ଉପରେ ଭୁଲ୍ ଚିତ୍ରଣକୁ ବିରୋଧ କରି ଠାଣେରେ ଏକ ମରାଠୀ ଚଳଚ୍ଚିତ୍ର 'ହର ହର ମହାଦେବ'ର ପ୍ରଦର୍ଶନକୁ ରୋକିବା ସହ ଦର୍ଶକଙ୍କୁ ମାଡ଼ ମାରିଥିବା ଏନ୍‌ସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଜିତେନ୍ଦ୍ର ଅୱ୍ହାଦଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ତାଙ୍କର ୯ ଜଣ ସମର୍ଥକ ମଧ୍ୟ ଗିରଫ ହୋଇଛନ୍ତି। ସୋମବାର ରାତିରେ ଶରଦ ପାୱାରଙ୍କ ଦଳର ନେତା ଅୱ୍ହାଦ ଓ ତାଙ୍କ ସମର୍ଥକମାନେ ଠାଣେ ସହରରେ ଥିବା ଏକ ମଲ୍ଟିପ୍ଲେକ୍ସ ଭିତରେ ଜବରଦସ୍ତ ପ୍ରବେଶ କରି ଚଳଚ୍ଚିତ୍ର ପ୍ରଦର୍ଶନକୁ ବନ୍ଦ କରିବା ସହ ଦର୍ଶକମାନଙ୍କୁ ଆକ୍ରମଣ କରିଥିଲେ। ଏହାର ଭିଡିଓ ଫୁଟେଜ୍ ଭାଇରାଲ ହୋଇଛି। ଏହି ଚଳଚ୍ଚିତ୍ରରେ ଇତିହାସକୁ ବିକୃତ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ଭର୍ତକ ନଗର ଥାନାରେ ଏତଲା ଦାଏର ହୋଇଥିଲା।

### ହୃଦ୍‌ଘାତରେ ଟିଭି ଅଭିନେତା ସୂର୍ଯ୍ୟବଂଶୀଙ୍କ ପରଲୋକ



**ନୂଆଦିଲ୍ଲୀ,୧୧।୧୧:** ଟେଲିଭିଜନ ଜଗତରେ ଲୋକପ୍ରିୟ ନାଁ ସିଦ୍ଧାନ୍ତ ବୀର୍ ସୂର୍ଯ୍ୟବଂଶୀଙ୍କର ଶୁକ୍ରବାର ଅକାଳ ବିୟୋଗ ଘଟିଛି। ୪୬ ବର୍ଷୀୟ ଅଭିନେତାଙ୍କୁ ଜିମ୍‌ରେ ହୃଦ୍‌ଘାତ ହୋଇଥିଲା। 'କୁସୁମ' ଏବଂ 'କସୌଟି ଜିନ୍ଦଗି କେ' ଶୋ'ରେ ଅଭିନୟ ପାଇଁ ସେ ବେଶ୍ ଲୋକପ୍ରିୟ ହୋଇଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ସନ୍ତାନ ଅଛନ୍ତି। ଅଭିନେତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଆନନ୍ଦ ସୂର୍ଯ୍ୟବଂଶୀ ଭାବେ ଲୋକପ୍ରିୟ ସିଦ୍ଧାନ୍ତ ଜଣେ ମଡେଲ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ କୁସୁମ ଟିଭି ଶୋ' ଜରିଆରେ ଅଭିନୟ ଜଗତରେ ପାଦ ଦେଇଥିଲେ। ସୁଫିୟାନା ଇଶ୍କ ମେରା, ଜିଦ୍ଦି ଦିଲ୍ ମାନେ ନା ଏବଂ ୱାରିସ୍ ଭଳି ସିରିଏଲ୍‌ରେ ସେ କାର୍ଯ୍ୟ କରିଛନ୍ତି। ୨୦୧୫ରେ ପ୍ରଥମ ସ୍ତ୍ରୀ ଇରା ଚୌଧୁରୀଙ୍କ ସହ ଛାଡ଼ପତ୍ର ହେବା ପରେ ସେ ୨୦୧୭ରେ ସୁପରମଡେଲ୍ ଆଲେସିଆ ରାଉତଙ୍କୁ ବିବାହ କରିଥିଲେ।

### ଜିରୋ-କୋଭିଡ୍ ନୀତି କୋହଳ କଲା ଚାଇନା

**ବେଜିଂ,୧୧।୧୧:** ଚାଇନା ଏହାର କଠୋର ଜିରୋ-କୋଭିଡ୍ ନୀତି କୋହଳ କରିବା ଆରମ୍ଭ କରିଛି। ଏଥିସହିତ ବାହାର ଦେଶରୁ ଆସୁଥିବା ଯାତ୍ରୀଙ୍କ ନିମନ୍ତେ କ୍ୱାରାଣ୍ଟାଇନ୍ ସମୟସୀମାକୁ ହ୍ରାସ କରାଯିବା ସହ ଅନ୍ତର୍ଜାତୀୟ ବିମାନ ଚଳାଚଳ କଟକଣା ହଟାଇ ଦିଆଯାଇଛି। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଅଧକ୍ଷତାରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ନବନିର୍ବାଚିତ ଷ୍ଟାଣ୍ଡିଂ କମିଟିର ପ୍ରଥମ ବୈଠକ ପରେ ଉପରୋକ୍ତ ନୂଆ ନିୟମ ଘୋଷଣା କରାଯାଇଛି। କୋଭିଡ୍ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ପାଇଁ କ୍ୱାରାଣ୍ଟାଇନ ସମୟ ୧୦ ଦିନ ଥିବାବେଳେ ତାହାକୁ ୮ ଦିନକୁ ହ୍ରାସ କରାଯାଇଛି। ଅନ୍ତର୍ଜାତୀୟ ବିମାନରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଉକ୍ତ ଦେଶ ସହ ବିମାନ ଚଳାଚଳ ବାତିଲ କରାଯିବ ନାହିଁ। ମାମଲା ଚିହ୍ନଟ ହେଲେ ବିମାନକୁ ଖାଲି ଫେରିବା ପାଇଁ ଅନୁମତି ଦିଆଯିବ। ସୂଚନାଯୋଗ୍ୟ, କୋଭିଡ୍ କଟକଣା ଯୋଗୁ ଭାରତ ଓ ଚାଇନା ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ହେଉ ନ ଥିବାରୁ ଦୁଇ ଦେଶର ଯାତ୍ରୀ ତୃତୀୟ ଦେଶ ଦେଇ ଯାତାୟାତ କରୁଛନ୍ତି। ସର୍କିଟ ବ୍ରେକର ନିୟମ ହଟିଲେ ଦୁଇଦେଶ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି।

# ଆମ ପାଇଁ ନ୍ୟାୟ କାହିଁ

## ଆହତ ହୋଇଥିବା ଅବସରପ୍ରାପ୍ତ ମହିଳା ପୋଲିସ ଅଧିକାରୀଙ୍କ ପ୍ରଶ୍ନ

**ଚେନ୍ନାଇ/ନୂଆଦିଲ୍ଲୀ,୧୧।୧୧**

ମୁକ୍ତି ପାଇଥିବା ନଳିନୀ ଶ୍ରୀହରନ୍‌ଙ୍କ ସମେତ ଅନ୍ୟ ଦୋଷୀମାନଙ୍କ ପରିବାର ଲୋକେ ଖୁସି ବ୍ୟକ୍ତ କରିଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ସମୟରେ ଆତ୍ମଘାତୀ ବିସ୍ଫୋରଣରେ ମୃତାହତ ହୋଇଥିବା ଲୋକଙ୍କ ପାଇଁ ନ୍ୟାୟ କାହିଁ ବୋଲି ଶୁକ୍ରବାର ଜଣେ ଅବସରପ୍ରାପ୍ତ ମହିଳା ପୋଲିସ ଅଧିକାରୀ ପ୍ରଶ୍ନ କରିଛନ୍ତି। ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଆୟୋଜିତ କଂଗ୍ରେସର ସଭାସ୍ଥଳରେ ଭିଡ଼ ନିୟନ୍ତ୍ରଣ କରୁଥିବା ଅନସୂୟା ଡେଜି ଆର୍ନେଷ୍ଟ ସେତେବେଳେ ପୋଲିସ ସବ୍-ଇନ୍‌ସ୍ପେକ୍ଟର ଥିଲେ। ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ସଦସ୍ୟା ଧନୁ ଆତ୍ମଘାତୀ ବିସ୍ଫୋରଣ ଘଟାଇ ରାଜୀବଙ୍କୁ ହତ୍ୟା କରିଥିଲେ। ସେହି ସମୟରେ କର୍ତ୍ତବ୍ୟରତ ଅନସୂୟାଙ୍କ ଶରୀରରେ ଗୁଳି ବାଜିଥିଲା। ସେଥିପାଇଁ ସେ ଏବେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏହା ହେଉଛି ଆହତମାନଙ୍କ ଦୁଃଖ। ଆତଙ୍କବାଦୀମାନଙ୍କୁ ସାଧାରଣ ଅପରାଧୀ ଭଳି ନୁହେଁ, ଆତଙ୍କବାଦ ନିରୋଧୀ ଆଇନ ଅନୁସାରେ ବ୍ୟବହାର କରାଯିବା ଉଚିତ। ଏହି ଘାତକ ଆତଙ୍କବାଦୀ ଆକ୍ରମଣରେ ଯେଉଁମାନେ ପ୍ରାଣ ହରାଇଲେ ଓ ମୋ ଭଳି ଆହତ ହେଲେ, ସେମାନଙ୍କ ପାଇଁ ନ୍ୟାୟ କାହିଁ ବୋଲି ଅନସୂୟା ପ୍ରଶ୍ନ କରିଛନ୍ତି। ଅନସୂୟା ୨୦୧୮ରେ ଅତିରିକ୍ତ ପୋଲିସ ଅଧୀକ୍ଷକ ପଦରୁ ଅବସର ନେଇଥିଲେ। ତାଙ୍କୁ ବର୍ତ୍ତମାନ ୬୨ ବର୍ଷ ହେଉଛି। ସେହି ବିସ୍ଫୋରଣରେ ରାଜୀବଙ୍କ ସମେତ ମୋଟ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪୫ ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୯ ପୋଲିସ ଓ ଅନ୍ୟ ୬ ଜଣ ଥିଲେ। ସୁଇସାଇଡ୍ ବମ୍ବର ଧନୁ ଏବଂ ଏଲ୍‌ଟିଟିଇ ସମର୍ଥକ ତଥା ଫଟୋଗ୍ରାଫର ହରିବାବୁ ମଧ୍ୟ ନିହତ ହୋଇଥିଲେ।


ଅନସୂୟା ଡେଜି ଆର୍ନେଷ୍ଟ


ନଳିନୀ ଶ୍ରୀହରନ୍

> ତାମିଲନାଡୁ ସରକାର ସମସ୍ତ ଦୋଷୀଙ୍କୁ ମୁକ୍ତ କରିବା ପାଇଁ ସୁପାରିସ କରିଛନ୍ତି, ଯାହା ଉପରେ ରାଜ୍ୟପାଳ କୌଣସି ପଦକ୍ଷେପ ନେଇନାହାନ୍ତି। ଦୋଷୀମାନେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଜେଲରେ ବିତାଇସାରିଛନ୍ତି। ଜେଲରେ ସେମାନଙ୍କ ଆଚରଣ ସନ୍ତୋଷଜନକ ରହିଛି। ତେଣୁ ସମସ୍ତ ଆବେଦନକାରୀଙ୍କୁ ମୁକ୍ତ କରାଯାଉ, ଯଦି ସେମାନଙ୍କ ବିରୋଧରେ ଅନ୍ୟ କୌଣସି ମାମଲା ବିଚାରାଧୀନ ନାହିଁ।
>
> **-ସୁପ୍ରିମକୋର୍ଟ**

> ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଅବଶିଷ୍ଟ ହତ୍ୟାକାରୀଙ୍କୁ ମୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଅଗ୍ରହଣୀୟ ଏବଂ ତ୍ରୁଟିପୂର୍ଣ୍ଣ। କଂଗ୍ରେସ ଦଳ ଏହି ଅଯୌକ୍ତିକ ରାୟକୁ ନିନ୍ଦା କରୁଛି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଭାରତର ଭାବାବେଗକୁ ଦୃଷ୍ଟିରେ ନ ରଖି ଦୁର୍ଭାଗ୍ୟଜନକ ରାୟ ଦେଇଛନ୍ତି।
>
> **-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

## ରାଜୀବ ହତ୍ୟାକାଣ୍ଡ ଘଟଣାକ୍ରମ

**୧୯୯୧ ମେ' ୨୧:** ତାମିଲନାଡୁସ୍ଥିତ ଶ୍ରୀପେରୁମ୍ବୁଦୁରର ଏକ ନିର୍ବାଚନୀ ସଭାରେ ଧନୁ ନାମ୍ନୀ ଜଣେ ଆତ୍ମଘାତୀ ମହିଳା ବିସ୍ଫୋରଣ ଘଟାଇବାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ଘଟିଥିଲା।

**୧୯୯୧ ମେ' ୨୪:** ଏହି ହାଇ ପ୍ରୋଫାଇଲ ମାମଲାର ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିଲା।

**୧୯୯୧ ଜୁନ୍ ୧୧:** ସିବିଆଇ ୧୯ ବର୍ଷୀୟ ଏ.ଜି. ପେରାରିଭଲନ୍‌ଙ୍କୁ ଗିରଫ କରି ଆତଙ୍କବାଦ ଓ ବିଧ୍ୱଂସକ କାର୍ଯ୍ୟକଳାପ ନିବାରଣ ଆଇନ (ଟାଡା) ବଳରେ ଗିରଫ କରିଥିଲା।

୧୯୯୮ ଜାନୁୟାରୀ ୨୮: ଟାଡା କୋର୍ଟ ପେରାରିଭଲନ୍‌ଙ୍କ ସମେତ ୨୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

**୧୯୯୯ ମେ' ୧୧:** ସୁପ୍ରିମକୋର୍ଟ ପେରାରିଭଲନ୍‌ଙ୍କ ଦଣ୍ଡାଦେଶକୁ ବଳବତ୍ତର ରଖିଲେ।

**୧୯୯୯ ଅକ୍ଟୋବର ୮:** ପେରାରିଭଲନ୍‌ଙ୍କ ରିଭ୍ୟୁ ପିଟିଶନ ସର୍ବୋଚ୍ଚ ଅଦାଲତରେ ଖାରଜ।

**୨୦୦୦ ଏପ୍ରିଲ:** ତାମିଲନାଡୁ ରାଜ୍ୟ ସରକାରଙ୍କ ସୁପାରିସ ଏବଂ କଂଗ୍ରେସର ପୂର୍ବତନ ଅଧକ୍ଷା ତଥା ରାଜୀବଙ୍କ ବିଧବା ସ୍ତ୍ରୀ ସୋନିଆ ଗାନ୍ଧୀଙ୍କ ଅନୁରୋଧ କ୍ରମେ ରାଜ୍ୟପାଳ ନଳିନୀ ଶ୍ରୀହରନ୍‌ଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରିଥିଲେ।

**୨୦୧୧ ଅଗଷ୍ଟ ୧୨:** ସମ୍ବିଧାନର ଅନୁଚ୍ଛେଦ ୭୨ ଅନୁସାରେ ପେରାରିଭଲନ୍ ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ଆବେଦନ କରିଥିଲେ, ଯାହାକି ଖାରଜ ହୋଇଯାଇଥିଲା। ପରେ ସେ ମାଡ୍ରାସ୍ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ।

**୨୦୧୨ ମେ' ୧:** ହାଇକୋର୍ଟ ଏହି ମାମଲା ସୁପ୍ରିମକୋର୍ଟଙ୍କ ନିକଟକୁ ସ୍ଥାନାନ୍ତର କରିଥିଲେ।

**୨୦୧୪ ଫେବୃୟାରୀ ୧୮:** ସୁପ୍ରିମକୋର୍ଟ ପେରାରିଭଲନ୍‌ଙ୍କ ସମେତ ଅନ୍ୟ ୨ ବନ୍ଦୀ ସନ୍ଥନ୍ ଓ ମୁରୁଗନ୍‌ଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିଥିଲେ। କେନ୍ଦ୍ର ସରକାର ସେମାନଙ୍କ ମର୍ସି ପିଟିଶନ ଉପରେ ନିଷ୍ପତ୍ତି ନେବାରେ ୧୧ ବର୍ଷ ବିଳମ୍ବ କରିଥିବା ଦର୍ଶାଇ ଅଦାଲତ ଏହି ରାୟ ଦେଇଥିଲେ।

**୨୦୧୫ ଡିସେମ୍ବର ୩୦:** ପେରାରିଭଲନ୍ ସମ୍ବିଧାନର ଅନୁଚ୍ଛେଦ ୧୬୧ ବଳରେ ନିଜ ଦଣ୍ଡ କୋହଳ ପାଇଁ ଆବେଦନ କରିଥିଲେ।

**୨୦୧୮ ସେପ୍ଟେମ୍ବର ୯:** ତାମିଲନାଡୁ କ୍ୟାବିନେଟ୍ ପେରାରିଭଲନ୍‌ଙ୍କ ମୁକ୍ତି ସକାଶେ ସଂକଳ୍ପନାମା ପାରିତ କରି ରାଜ୍ୟପାଳଙ୍କୁ ସୁପାରିସ କରିଥିଲା।

**୨୦୨୧ ଜାନୁୟାରୀ ୨୫:** ତାମିଲନାଡୁ ରାଜ୍ୟପାଳ ପେରାରିଭଲନ୍‌ଙ୍କ ଆବେଦନ ଓ କ୍ୟାବିନେଟ ସୁପାରିସକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ।

**୨୦୨୨ ମାର୍ଚ୍ଚ ୯:** ପେରାରିଭଲନ୍ ୩୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲ ଦଣ୍ଡ ଭୋଗିସାରିଥିବାରୁ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ଦେଇଥିଲେ।

**୨୦୨୨ ମେ' ୧୮:** ସମ୍ବିଧାନର ଅନୁଚ୍ଛେଦ ୧୪୨ ବଳରେ ନିଜ ଇଚ୍ଛାଧୀନ କ୍ଷମତାର ବ୍ୟବହାର କରି ସୁପ୍ରିମକୋର୍ଟ ପେରାରିଭଲନ୍‌ଙ୍କ ମୁକ୍ତି ପାଇଁ ନିର୍ଦ୍ଦେଶ ଦେଲେ।

**୨୦୨୨ ଅଗଷ୍ଟ ୧୨:** ନଳିନୀ ଶ୍ରୀହରନ୍ ଏବଂ ରବିଚନ୍ଦ୍ରନ୍ ଆଗୁଆ ମୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**୨୦୨୨ ସେପ୍ଟେମ୍ବର ୨୬:** ନଳିନୀ ଏବଂ ରବିଚନ୍ଦ୍ରନ୍‌ଙ୍କ ମୁକ୍ତି ଆବେଦନ ଉପରେ କେନ୍ଦ୍ର ଓ ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ କରିଥିଲେ।

# ଗଣତାନ୍ତ୍ରିକ ସିଦ୍ଧାନ୍ତର ବିଜୟ: ଷ୍ଟାଲିନ୍

## ରାୟକୁ ସ୍ୱାଗତ କଲେ ଡିଏମ୍‌କେ-ଏଆଇଏଡିଏମ୍‌କେ

**ଚେନ୍ନାଇ/ନୂଆଦିଲ୍ଲୀ,୧୧।୧୧**

ରାଜୀବ ଗାନ୍ଧୀଙ୍କ ୬ ହତ୍ୟାକାରୀଙ୍କୁ ମୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସ୍ୱାଗତ କରିଛନ୍ତି। ଡିଏମ୍‌କେ ମୁଖ୍ୟ ଷ୍ଟାଲିନ୍ କହିଛନ୍ତି, ଏ.ଜି. ପେରାରିଭଲନ୍‌ଙ୍କ ପରେ ସୁପ୍ରିମକୋର୍ଟ ଅନ୍ୟ ୬ ଜଣଙ୍କୁ ଛାଡ଼ିଦେଇଛନ୍ତି। ଦୀର୍ଘ ଆଇନଗତ ଲଢ଼େଇ ଏବଂ ମାନବିକତାର ବିଜୟ ହୋଇଛି। ଏହା ହେଉଛି ଗଣତାନ୍ତ୍ରିକ ସିଦ୍ଧାନ୍ତର ବିଜୟ। ସରକାରଙ୍କ ନିଷ୍ପତ୍ତିଗୁଡ଼ିକୁ ରାଜ୍ୟପାଳ ଆଲମାରି ଥାକରେ ରଖିବା ଅନୁଚିତ ବୋଲି ଷ୍ଟାଲିନ୍ ଟୁଇଟ୍ କରିଛନ୍ତି। ସେହିପରି ବିରୋଧୀ ଦଳ ଏଆଇଏଡିଏମ୍‌କେ ମଧ୍ୟ ଏହାକୁ ସ୍ୱାଗତ କରିଛି। ୨୦୧୮ରେ ତତ୍କାଳୀନ ଏଆଇଏଡିଏମ୍‌କେ ସରକାର ଦୋଷୀମାନଙ୍କ ମୁକ୍ତି ସକାଶେ ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କୁ ସୁପାରିସ କରିଥିଲେ। ଗତବର୍ଷ ଷ୍ଟାଲିନ୍ କ୍ଷମତାସୀନ ହେବା ପରେ ସେମାନଙ୍କ ମୁକ୍ତି ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ। ଏଥିସହ ସେମାନଙ୍କ ଆଇନଗତ ଲଢ଼େଇରେ ସବୁ ପ୍ରକାର ସହଯୋଗ କରିଥିଲେ ବୋଲି ଷ୍ଟାଲିନ୍ କହିଛନ୍ତି। ଅନ୍ୟପକ୍ଷେ ଏଆଇଏଡିଏମ୍‌କେ ଏହି ମୁକ୍ତି ପାଇଁ ଶ୍ରେୟ ନେବାକୁ ଉଦ୍ୟମ କରିଛି। ଏହା ଏଆଇଏଡିଏମ୍‌କେ ପାଇଁ ଏକ ବିଜୟ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି।


୧୯୯୧ ମେ ୨୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା ପୂର୍ବର ଦୃଶ୍ୟ।

# ସୁପାରିସ ସତ୍ତ୍ୱେ ପକାଇରଖୁଛି କେନ୍ଦ୍ର

## ଉଚ୍ଚ ଅଦାଲତରେ ବିଚାରପତି ନିଯୁକ୍ତି

**ନୂଆଦିଲ୍ଲୀ,୧୧।୧୧**

ଉଚ୍ଚତର ଅଦାଲତଗୁଡ଼ିକରେ ବିଚାରପତି ନିଯୁକ୍ତି ଲାଗି ନାମ ସୁପାରିସ ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ପକାଇ ରଖିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ସୁପ୍ରିମକୋର୍ଟ କଲେଜିୟମ ଏନେଇ ସରକାରଙ୍କୁ ସ୍ମରଣ କରାଇବା ସତ୍ତ୍ୱେ ନିଯୁକ୍ତି ଦିଆଯାଉ ନାହିଁ। ଏହା ଗ୍ରହଣୀୟ ନୁହେଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ କହିଛନ୍ତି। ଉଚ୍ଚତର କୋର୍ଟରେ ନିଯୁକ୍ତି ଲାଗି ସୁପାରିସ ହୋଇଥିବା ବିଚାରପତିଙ୍କ ନାଁକୁ ଝୁଲାଇ ରଖି ସେମାନଙ୍କ ସହମତି ହାସଲ କରିବା ଏକପ୍ରକାର କୌଶଳରେ ପରିଣତ ହୋଇଥିବା ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଏନେଇ ଖଣ୍ଡପୀଠ କେନ୍ଦ୍ର ଆଇନ ମନ୍ତ୍ରଣାଳୟର ପଦସ୍ଥ ସଚିବ (ନ୍ୟାୟ)ଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଠିକ୍ ସମୟରେ ବିଚାରପତି ନିଯୁକ୍ତି ଲାଗି ଗତବର୍ଷ ଏପ୍ରିଲ ୨୦ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ବେଙ୍ଗାଲୁରୁର ଆଇନଜୀବୀ ସଂଘ ପକ୍ଷରୁ ଏହା ବିରୋଧରେ ପିଟିଶନ ଦାଏର ହୋଇଥିଲା।



## ଡିସେମ୍ବର ପ୍ରଥମ ସପ୍ତାହରୁ ଶୀତ ଅଧିବେଶନ

**ନୂଆଦିଲ୍ଲୀ,୧୧।୧୧(ପି.ଟି.):** ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇ ସେହି ମାସ ସୁଦ୍ଧା ଶେଷ ହୋଇପାରେ। ଅଧିବେଶନ ପୁରୁଣା ପାର୍ଲାମେଣ୍ଟ ଭବନରେ ଅନୁଷ୍ଠିତ ହେବ ବୋଲି ଏକ ସୂତ୍ରରୁ କୁହାଯାଇଛି। ତେବେ ଅଧିବେଶନ ତାରିଖ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ସଂସଦୀୟ ବ୍ୟାପାର କ୍ୟାବିନେଟ କମିଟି ନେବ। ଶୀତ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ପ୍ରାୟ ୨୦ ଦିନ ଚାଲିଥାଏ। ୨୦୧୭ ଓ ୨୦୧୮ରେ ଅଧିବେଶନ ଡିସେମ୍ବରରେ ହୋଇଥିଲା। ଏଥର ମଧ୍ୟ ଡିସେମ୍ବର ପ୍ରଥମ ସପ୍ତାହରୁ ଅଧିବେଶନ ଆରମ୍ଭ ହେବ ବୋଲି କୁହାଯାଉଛି। ଅଧିବେଶନ ପୂର୍ବରୁ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ କାର୍ଯ୍ୟ ଶେଷ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କେତେକ କାର୍ଯ୍ୟ ବାକି ଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ ଏହା ଶେଷ ହୋଇ ନ ପାରେ ବୋଲି କୁହାଯାଉଛି।

# ୪ ହଜାର କି.ମି. ଯାତ୍ରା କରିବ ରିଭର୍ କ୍ରୁଜ୍

## ବାରାଣସୀରୁ ଯିବ ଡିବ୍ରୁଗଡ଼

**ଲକ୍ଷ୍ନୌ,୧୧।୧୧**

ଭାରତରେ ଜଳପଥର ଉନ୍ନତୀକରଣ ଲାଗି କେନ୍ଦ୍ର ସରକାର ବାରଣସୀରେ ବିଶ୍ୱର ଦୀର୍ଘତମ ରିଭର୍ କ୍ରୁଜ୍ ଯାତ୍ରା ଆରମ୍ଭ କରିବା ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହା ବାରାଣସୀଠାରୁ ଆସାମର ଡିବ୍ରୁଗଡ଼ ପର୍ଯ୍ୟନ୍ତ ପାଖାପାଖି ୪୦୦୦ କି.ମି ଦୂର ଅତିକ୍ରମ କରିବ। ଜାନୁୟାରୀ ୧୦ରୁ ଏହି ୫୦ ଦିବସୀୟ କ୍ରୁଜ୍‌ଯାତ୍ରା ଆରମ୍ଭ ହେବ। କୋଲକାତା, ଢାକା ଦେଇ ଗଙ୍ଗା ବିଳାଶ କ୍ରୁଜ୍ ଡିବ୍ରୁଗଡ଼ ଜିଲା ବୋଗିବିଲରେ ମାର୍ଚ୍ଚ ୧ ତାରିଖରେ ପହଞ୍ଚିବ। ୫୦ ଦିନିଆ ଯାତ୍ରାରେ ୨୭ ନଦୀ ସାଙ୍ଗକୁ ବିଶ୍ୱ ଐତିହ୍ୟକୁ ମିଶାଇ ପାଖାପାଖି ୫୦ ପର୍ଯ୍ୟଟନସ୍ଥଳ ଦେଇ ଏହି କ୍ରୁଜ୍ ଯିବ। ଯାତ୍ରାର ୨୦ ଦିନରେ ଏହା କୋଲକାତାରେ ପହଞ୍ଚିବ। ପରଦିନ କ୍ରୁଜ୍ ଯାତ୍ରୀଙ୍କୁ ନେଇ ବାଲାଂଦେଶ ବାଲି ସୀମାରେ ପ୍ରବେଶ କରିବ, ଯେଉଁଠାରେ ଏହା ୧୫ଦିନ ବିତାଇବ। ଏହା ବିଶ୍ୱର ବସୁଠାରୁ ଦୀର୍ଘତମ ଜଳଯାତ୍ରା ହୋଇଥିବାବେଳେ ଭାରତ ଓ ବାଂଲାଦେଶକୁ ସଂଯୋଗ କରୁଥିବା ଜଳପଥ ଦେଇ ଏହି କ୍ରୁଜ୍ ଯିବ ବୋଲି ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି। ଦେଶରେ ଜଳପଥର ଉନ୍ନତୀକରଣ ଦ୍ୱାରା ବାଣିଜ୍ୟ ସାଙ୍ଗକୁ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ସମ୍ଭବ। ଇନ୍‌ଲାଣ୍ଡ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲୁଏଆଇ), ଅନ୍ତରା ଲଗ୍‌ଜୁରୀ ରିଭର୍ କ୍ରୁଜ୍ ଏବଂ ଜେ.ଏମ୍. ବକ୍ସି ରିଭର୍ କ୍ରୁଜ୍ ମିଳିତ ଭାବେ ପବ୍ଲିକ-ପ୍ରାଇଭେଟ୍ ପାର୍ଟନରଶିପ୍ (ପିପିପି) ମଡେଲ୍ ଦ୍ୱାରା ଏହି କ୍ରୁଜ୍ ବ୍ୟବସ୍ଥା କରାଯିବ। କ୍ରୁଜ୍‌ରେ ପର୍ଯ୍ୟଟକଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ।



# ସବୁ ଅଭିଯୁକ୍ତ ଦୋଷମୁକ୍ତ

## ଆର୍‌ଟିଆଇ କର୍ମୀ ହତ୍ୟା ମାମଲା

**ବେଙ୍ଗାଲୁରୁ,୧୧।୧୧**

ଆର୍‌ଟିଆଇ କର୍ମୀ ତଥା 'ମହାପ୍ରଚଣ୍ଡ' ଖବରକାଗଜର ସମ୍ପାଦକ ଲିଙ୍ଗାରାଜୁ ହତ୍ୟା ମାମଲାରେ ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ କର୍ଣ୍ଣାଟକ ହାଇକୋର୍ଟ ସମସ୍ତ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ୨୦୧୨ ନଭେମ୍ବର ୧୨ରେ ଲିଙ୍ଗାରାଜୁଙ୍କୁ ୩ ଜଣ ସଶସ୍ତ୍ର ବ୍ୟକ୍ତି ହତ୍ୟା କରିଥିଲେ। ପୋଲିସ ମୋଟ ୧୨ ଅଭିଯୁକ୍ତଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୨୦ ଅକ୍ଟୋବର ୨୮ରେ ବେଙ୍ଗାଲୁରୁର ଅତିରିକ୍ତ ସେସନ୍ସ କୋର୍ଟ ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡ ଦେଇଥିଲେ। ଏହି ଦଣ୍ଡାଦେଶକୁ ସେମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

# ପ୍ରମାଣ ନଷ୍ଟ ପାଇଁ ୧୪୦ ଫୋନ୍ ବଦଳାଇଛନ୍ତି ଅଭିଯୁକ୍ତ

## ଦିଲ୍ଲୀ ଅବକାରୀ ଦୁର୍ନୀତି

**ନୂଆଦିଲ୍ଲୀ,୧୧।୧୧**

ଦିଲ୍ଲୀ ଅବକାରୀ ନୀତି କାର୍ଯ୍ୟକାରୀ ହେବା ପୂର୍ବରୁ ଏହା କେତେକ ମଦ କମ୍ପାନୀ ନିକଟରେ ପହଞ୍ଚିଥିଲା। ମଦ ଲାଇସେନ୍ସ ପ୍ରଦାନରେ ହୋଇଥିବା ଲାଞ୍ଚ କାରବାରର ଡିଜିଟାଲ ପ୍ରମାଣ ନଷ୍ଟ କରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ପ୍ରାୟ ୧୪୦ଟି ମୋବାଇଲ ଫୋନ୍ ବଦଳାଇଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କହିଛି। ଏ ସମ୍ପର୍କରେ ଇଡି ସ୍ୱତନ୍ତ୍ର ମନିଲଣ୍ଡରିଂ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟଙ୍କୁ ଅବଗତ କରାଇଛି। ପ୍ରମାଣ ନଷ୍ଟ ଲାଗି ମୋବାଇଲ ଫୋନ୍ ବଦଳାଇବାରେ ୧.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଲାଇସେନ୍ସ ପ୍ରଦାନରେ ୧୦୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଥିଲା ବୋଲି ଇଡି କହିଛି। ଦିଲ୍ଲୀରେ ଖୁଚୁରା ମଦ ଦୋକାନ ଖୋଲିବା ଲାଗି ଅବକାରୀ ଅଧିକାରୀମାନେ ଏହି ଲାଞ୍ଚ ଅର୍ଥ ସଂଗ୍ରହ କରିଥିଲେ।

# ପାନାମା ପେପର ସହ ତେଲଙ୍ଗାନା ଗ୍ରାନାଇଟ୍ ଶିଳ୍ପର ସମ୍ପୃକ୍ତି

## ୧.୦୮ କୋଟିର ହାୱାଲା ଦୁର୍ନୀତି

**ହାଇଦ୍ରାବାଦ,୧୧।୧୧**

ପାନାମା ପେପର ଲିକ୍ ସହ ତେଲଙ୍ଗାନା କରିମନଗରସ୍ଥିତ ଗ୍ରାନାଇଟ୍ ଶିଳ୍ପର ସମ୍ପୃକ୍ତି ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଜାଣିବାକୁ ପାଇଛି। ପାନାମା ପେପରରେ ବହୁସଂଖ୍ୟାରେ ଶିଳ୍ପସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ନାଁ ପ୍ରଘଟ ହୋଇଥିଲା, ଯେଉଁମାନେ ଟିକସ ଫାଙ୍କି ଓ ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିଲେ। ସେମାନଙ୍କର ଗ୍ରାନାଇଟ୍ ଶିଳ୍ପସଂସ୍ଥା ସହ ଆର୍ଥିକ କାରବାର ଥିବା ଇଡି କହିଛି। ତଲାସି ବେଳେ ୧.୦୮ କୋଟି ଟଙ୍କାର ହିସାବ ବହିର୍ଭୂତ ନଗଦ ଅର୍ଥ ଜବତ ହୋଇଥିଲା। ରପ୍ତାନି ପାଇଁ ହାୱାଲାରେ ଏହି ଅର୍ଥ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାନାଇଟ୍ ଖାଦାନଗୁଡ଼ିକରୁ ୧୦ ବର୍ଷର ଗ୍ରାନାଇଟ୍ ପ୍ରେରଣ ତଥ୍ୟ ମଧ୍ୟ ଇଡିର ହସ୍ତଗତ ହୋଇଛି। ବହୁସଂଖ୍ୟାରେ ସନ୍ଦିଗ୍ଧ ବେନାମୀ ଆକାଉଣ୍ଟ ମଧ୍ୟ ମିଳିଛି।

ଇଡି ଅଧିକାରୀମାନେ ଦୁଇଦିନ ହେଲା ଶ୍ୱେତା ଗ୍ରାନାଇଟ୍‌ସ, ଶ୍ୱେତା ଏଜେନ୍ସିଜ୍, ଶ୍ରୀ ଭେଙ୍କଟେଶ୍ୱର ଗ୍ରାନାଇଟ୍ସ ପ୍ରାଇଭେଟ ଲିମିଟେଡ, ପିଏସ୍‌ଆର୍ ଗ୍ରାନାଇଟ୍ସ ପ୍ରାଇଭେଟ ଲିଃ, ଅରବିନ୍ଦ ଗ୍ରାନାଇଟ୍‌ସ, ଗିରିରାଜ ଶିପିଂ ଏଜେନ୍ସି ପ୍ରା.ଲିଃ ଏବଂ କରିମନଗର ଓ ହାଇଦ୍ରାବାଦରେ ଥିବା ସେମାନଙ୍କ ସହ ସମ୍ପୃକ୍ତ ସଂସ୍ଥା ଉପରେ ଚଢ଼ାଉ କରିଥିଲେ। ବିଦେଶ ବିନିମୟ ପରିଚାଳନା ଆଇନର ଉଲ୍ଲଂଘନ ନେଇ ଏହି ଚଢ଼ାଉ କରାଯାଇଥିଲା। ଉପରୋକ୍ତ କମ୍ପାନୀଗୁଡ଼ିକ ଚାଇନା, ହଂକଂ ଓ ଅନ୍ୟ ଦେଶଗୁଡ଼ିକୁ କଞ୍ଚା ଗ୍ରାନାଇଟ୍ ବ୍ଲକ୍ ରପ୍ତାନି କରୁଥିଲେ। ତେବେ ରୟାଲ୍‌ଟି ଦିଆଯାଉଥିବା ପରିମାଣଠାରୁ ଯଥେଷ୍ଟ ଅଧିକ ଗ୍ରାନାଇଟ ରପ୍ତାନି ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଅନେକ କାରବାର ବ୍ୟାଙ୍କ ଆକାଉଣ୍ଟ ଜରିଆରେ ହୋଇ ନ ଥିବାରୁ ଅନ୍ୟ ଚ୍ୟାନେଲ ଦେଇ କାରବାର ଚାଲିଥିବା ଇଡି ଅଭିଯୋଗ କରିଛି। ଗ୍ରାନାଇଟ ରପ୍ତାନିକାରୀ ସଂସ୍ଥାର କର୍ମଚାରୀମାନଙ୍କ ନାମରେ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ବେଆଇନ ରପ୍ତାନି ବାବଦ ଅର୍ଥ ସେଥିରେ ଜମା କରାଯାଉଥିଲା। ଚାଇନା ସଂସ୍ଥାଠାରୁ ବିନା କାଗଜପତ୍ରରେ ଭାରତୀୟ ସଂସ୍ଥାକୁ ଋଣ ନାମରେ ଅର୍ଥ ଆସୁଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଚାଇନାର ଏହି କମ୍ପାନୀ ଲି ୱେନ୍‌ହୁଙ୍କ ନାମରେ ରହିଛି, ଯାହାଙ୍କ ନାଁ ପାନାମା ପେପରରେ ଲିକ୍ ହୋଇଥିଲା। ଶ୍ୱେତା ଗ୍ରାନାଇଟ୍ସର ମାଲିକାନା ଟିଆର୍‌ଏସ୍ ମନ୍ତ୍ରୀ ଗାଙ୍ଗୁଲା କମଲାକରଙ୍କ ପରିବାର ନାମରେ ଥିବାରୁ ତାଙ୍କ ଘର ଉପରେ ଚଢ଼ାଉ ହୋଇଥିଲା।



## ସଂକ୍ଷେପରେ

### ସମ୍ପର୍କୀୟ ଭଉଣୀଙ୍କୁ ବଳାତ୍କାର ଅଭିଯୋଗରେ ଭାଇ ଗିରଫ

ନାକଟିଦେଉଳ,୧୧।୧୧(ଡ଼ି.ଏନ.ଏ.): ସମ୍ପର୍କୀୟ ଭଉଣୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ନାକଟିଦେଉଳ ପୋଲିସ ସମ୍ପୃକ୍ତ ଭାଇଙ୍କୁ ଗିରଫ କରିଛି। ସେ ହେଲେ ନାକଟିଦେଉଳ ଥାନା ସାଧୁବାହାଲି ଗ୍ରାମର ଭଗବାନ ନାଏକ (୪୦)। ସୂଚନା ଅନୁସାରେ ଗତ ୯ତାରିଖରେ ଭଗବାନଙ୍କ ସମ୍ପର୍କୀୟ ଭଉଣୀ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଭଗବାନ ସେଠାରେ ପହଞ୍ଚି ଜୋର ଜବରଦସ୍ତ ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀ ଜଣଙ୍କ ସେଠାରୁ ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ୧୦ତାରିଖରେ ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୨୦୬/୨୨) ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତ ଭଗବାନଙ୍କୁ ଗିରଫ କରିଥିଲା। ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ ଭଗବାନଙ୍କୁ ଶୁକ୍ରବାର ୩୭୬ଦଫାରେ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃପାସିନ୍ଧୁ ବାଗ ପ୍ରକାଶ କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଜମନକିରା,୧୧।୧୧(ଡି.ଏନ.ଏ.): ଜମନକିରା ଥାନା ଶଣ୍ଢପଥର ଛକ ବୁଲାଣିରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପରିଚୟ ମିଳି ନ ଥିବା ଯୁବକ ଜଣକ କୋଆଗୋଲା ଜମନକିରା ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱ ବାଡରେ ପିଟିହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାକର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତକରି ଡାକ୍ତରଖାନା ଆଣିଛି। ଏ ନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଲୁହା ବାରିକେଡ୍ ଚୋରି: ଜଣେ କୋର୍ଟ ଚାଲାଣ

ଜମନକିରା,୧୧।୧୧(ଡି.ଏନ.ଏ.): ଭୋଜପୁର-ଜମନକିରା ରାସ୍ତା ପାର୍ଶ୍ୱରେ ପ୍ରାୟ ୧ବର୍ଷ ତଳେ ଆର୍‌ଆଣ୍ଡବି ପକ୍ଷରୁ ଲୁହା ବାରିକେଡ୍ ଲଗାଯାଇଥିଲା। ହେଲେ ବିଭିନ୍ନ ସ୍ଥାନରେ ଏହି ବାରିକେଡ୍ ଓ ସୂଚନା ବୋର୍ଡ ଚୋରି ହେଉଥିବା ନଜରକୁ ଆସିଥିଲା। ଏ ନେଇ ବିଭାଗ ପକ୍ଷରୁ ଏତଲା ପରେ ପୋଲିସ ତଦନ୍ତ କରି ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କଚରବଗା ଥାନା ଲଇଡା ପଞ୍ଚାୟତ ବିଦୁଡ଼ିହି ଗ୍ରାମର ବାସୁଦେବ ବାଗ (୪୫)। ଥାନାରେ ୧୨୬/୨୨ରେ ମାମଲା ରୁଜୁ କରି ପୋଲିସ ବାସଦେବଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମହୁଲପାଲିରେ ସ୍ୱାସ୍ଥ୍ୟ ଶିବିର

ପଡିଆବାହାଲ,୧୧।୧୧(ଡି.ଏନ.ଏ.): ଝୁମୁରା ବ୍ଲକ ବୀରସିଂଗଡ ପଞ୍ଚାୟତର ମହୁଲପାଲିଠାରେ ଶୁକ୍ରବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଓ ବାଏଫ ପକ୍ଷରୁ ଆୟୋଜିତ ଶିବିରରେ ୭୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହାକୁ ଜେଡିପିଓ ସ୍ମିତାରାଣୀ ପଟ୍ଟନାୟକ ଓ ପ୍ରୀତି ପଲ୍ଲବୀ ନାୟକ ପରିଚାଳନା ଓ ସିଆର୍‌ପି ଅରୁଣ ସାହୁ ସହଯୋଗ କରିଥିଲେ।

# ବସ୍‌କୁ ପିଟିଲା ଟ୍ରକ୍: ଜଣେ ମୃତ, ୧୦ ଗୁରୁତର

ସମ୍ବଲପୁର/ରେଙ୍ଗାଲି,୧୧।୧୧ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଖିଣ୍ଡା ଛକ ନିକଟରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ପଛରେ ଟ୍ରକ୍ ପଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ବସ୍‌ରେ ଥିବା ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସୁରେନ୍ଦ୍ର ସିଂ (୫୮)। ଆହତ ନନ୍ଦିଲାଲ ପ୍ରସାଦ (୪୪), ବାଇଲୋଚନ ବାଗ (୨୯), ବିକାଶ ମଣ୍ଡଳ (୨୬), କୁଳମଣି ରୋହିଦାସ (୨୦), ରାମ ନିବାସ ସିଂ (୫୮), ଫକୀର ମୋହନ ପୃଷ୍ଟି (୩୬), ଜୟ ପ୍ରକାଶ ପ୍ରସାଦ (୨୫), ନେହା ଦୁବେ (୩୨) ପ୍ରମୁଖଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ଦୁର୍ଘଟଣା ପରେ ବସ୍ ଭିତରୁ ଯାତ୍ରୀଙ୍କୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ କର୍ମଚାରୀ।

ଅନ୍ୟଜଣେ ଗୁରୁତର ଥିବା ଜିଏମ୍ କଲେଜ ଛାତ୍ରୀଙ୍କୁ ବୁର୍ଲାରୁ ବରଗଡ ବିକାଶ ହସ୍ପିଟାଲ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁସାରେ, ଘରୋଇ ବସ୍ ନଂ.ଓଆର୍୧୫ଏଫ୨୨୫୭ ପ୍ରତିଦିନ ଭଳି ସମ୍ବଲପୁରରୁ ଯାତ୍ରୀ ନେଇ ଝାରସୁଗୁଡ଼ା ଯାଉଥିଲା। କୋଇଲା ବୋଝେଇ ଟ୍ରକ୍ ନଂ.ଓଆର୨୩ଏଫ୮୧୧ ଦ୍ରୁତ ଗତିରେ ଯାଇ ବସ୍‌କୁ ପିଟିଥିଲା। ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କେତେକ ଯାତ୍ରୀଙ୍କୁ ବାହାର କରିଥିଲେ। ରେଙ୍ଗାଲି ତହସିଲଦାର ବେରିସସ ଡୁଙ୍ଗଡୁଙ୍ଗ ବୁର୍ଲା ଡାକ୍ତରଖାନାକୁ ଯାଇ ଆହତମାନଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଏହି ରାସ୍ତ କଡ଼ରେ ଶିଳ୍ପ ଅନୁଷ୍ଠାନ ଗଢିଉଠିଥିବାରୁ ନିୟମିତ ହଜାର ସଂଖ୍ୟାରେ ଟ୍ରକ୍ ଯିବାଆସିବା କରୁଛନ୍ତି। ଏଥିଯୋଗୁ ଟ୍ରାଫିକ ଜାମ୍ ହେବା ସହ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାକୁ ନେଇ ବାରମ୍ବାର ସ୍ଥାନୀୟ ଲୋକେ ଅଭିଯୋଗ କଲେ ମଧ ସ୍ଥାୟୀ ସମାଧାନ କରାଯାଉନାହିଁ।

## ସମବାୟ ସପ୍ତାହ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଚାରକମାନେ।

କୁଚିଣ୍ଡା,୧୧।୧୧(ଡି.ଏନ.ଏ.)

୬୯ତମ ସମବାୟ ସପ୍ତାହ ପାଳନ ଅବସରରେ କୁଚିଣ୍ଡା ସମବାୟ ବିଭାଗ ପକ୍ଷରୁ ଆଇଟିଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ସମବାୟ ବିଭାଗର ସହକାରୀ ନିବନ୍ଧକ ଭବାନୀକାନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଲୋଚନ ଶବର, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମନୋଜ ମହାନ୍ତ, କୁଚିଣ୍ଡା ମହାବିଦ୍ୟାଳୟର ଅଧାପକ ଅଭିନ କିଷାନ ବିଚାରକ ଭାବେ ଯୋଗଦେଇ ଓଡିଶାରେ ସମବାୟର ବିକାଶ ଓ ଭବିଷ୍ୟତ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ମୋଟ ୧୫ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଣ୍ଟ ଥୋମାସ ଇଂଲିଶ ମିଡିୟମ ସ୍କୁଲ ଛାତ୍ରୀ ସମୀକ୍ଷା ନାଏକ ପ୍ରଥମ, ଶ୍ରୀଅରବିନ୍ଦ ସ୍କୁଲର ଛାତ୍ରୀ ପ୍ରିୟାନି ସାହୁ ଦ୍ୱିତୀୟ ଓ ପଞ୍ଚାୟତ ହାଇସ୍କୁଲ ଭାତପୁରାର ଛାତ୍ର ଶୁଭମ ପଶାୟତ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଜାତୀୟ ଶିକ୍ଷା ଦିବସରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ରାଲି




ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସଚେତନତା ରାଲି।

ଝାରସୁଗୁଡା ଅଫିସ,୧୧।୧୧(ଡି.ଏନ.ଏ.)

ସ୍ଥାନୀୟ ବୁଡାପଡା ବୁରୋମାଲ ଉପକଣ୍ଠରେ ଥିବା ଝାଡେଶରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ନିକୁଞ୍ଜ ବିହାରୀ ଜ୍ୟୋତିଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧକ୍ଷା ମମତା ଦାଶଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ତାପସ କୁମାର ମିଶ୍ର ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନମିତା ନାଥ, ସୁଲୋଚନା ସାହୁ, ସସ୍ମିତା ବରାଳ, ଉପେନ୍ଦ୍ର ଭଇଁଶା, କୌସ୍ତୁ କୁଅଁର, ସୀମା ସୁନା ପ୍ରମୁଖ ସହଯୋଗ କରିଥିଲେ। ଉପେନ୍ଦ୍ର ଭଇଁଶା ଧନ୍ୟବାଦ ଦେଇଥିଲେ।

## ବନ୍ଦ ସ୍କୁଲ ଖୋଲିବା ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

କୁଚିଣ୍ଡା,୧୧।୧୧(ଡି.ଏନ.ଏ.)

ବିଭିନ୍ନ ଆଳ ଦେଖାଇ କୁଚିଣ୍ଡା ଉପଖଣ୍ଡର ପ୍ରାୟ ୯୫ ପ୍ରାଥମିକ ସ୍କୁଲ ବନ୍ଦ କରିଦିଆଯାଇଛି। ବନ୍ଦ ଥିବା ସ୍କୁଲ ଖୋଲିବା ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଶିକ୍ଷା ବିଭାଗ କମ ପିଲା ଥିବା ଦର୍ଶାଇ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ପ୍ରାୟ ୯୫ରୁ ଉର୍ଦ୍ଧ ସ୍କୁଲ ବନ୍ଦ କରିଦେଇଛି। ଫଳରେ ଗ୍ରାମାଞ୍ଚଳର ଗରିବ ପିଲାମାନେ ୮ରୁ ୧୦ କି.ମି. ଦୂର ଅନ୍ୟ ସ୍କୁଲକୁ ଯାଇ ପାଠ ପଢୁଛନ୍ତି। ଅଭିଭାବକମାନେ କୁନି ପିଲାଙ୍କୁ ଏତେ ବାଟ ଛାଡିବା ନେଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଶିକ୍ଷା ଅଧିକାରୀ ଓ ପ୍ରଶାସନକୁ ଦାବି କରିଆସୁଥିଲେ ମଧ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। କାର୍ଯ୍ୟକ୍ରମରେ ବାମରା ବ୍ଲକ ଅଧକ୍ଷା ପିଙ୍କି ନାଏକ, ଉପାଧକ୍ଷ ସଞ୍ଜୟ ଦାଶ, ସଭାପତି କାହ୍ନୁଚରଣ ନାୟକ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ସୁନୀଲ ଦାଶ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଯୁବନେତା ମହେଶ ରାୟ, ପିଙ୍କୁ ପାଣିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥିଲେ।

## ଜୋନାଲ ଲେଭୁଲ କଳା ଉତ୍ସବରେ ବିକାଶ ଛାତ୍ର ପ୍ରଥମ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ବରଗଡ ବିଜ୍ଞାନ କେନ୍ଦ୍ରଠାରେ ଜୋନାଲସ୍ତରୀୟ କଳା ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସମଗ୍ର ଶିକ୍ଷା ଓ ଭୁବନେଶ୍ୱର ଓପେପା ଆନୁକୂଲ୍ୟରେ ହୋଇଥିବା ଉତ୍ସବରେ ୫ ଜିଲାରୁ ବିଭିନ୍ନ ବର୍ଗର ପ୍ରତିଯୋଗୀ ଭାଗ ନେଇଥିଲେ। ବିକାଶ ସ୍କୁଲର ନବମ ଶ୍ରେଣୀ ଛାତ୍ର ଶିବା ନାୟକ ପାରମ୍ପରିକ ଲୋକଗୀତ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆଗାମୀ ୧୪ ତାରିଖ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଛାତ୍ରଙ୍କ ଏହି କୃତୀ ପାଇଁ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକାଡେମିକ ଡାଇରେକ୍ଟର ଜି. ରାମକୃଷ୍ଣ, ବିକାଶ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ବାବୁ, ସମସ୍ତ ଶିକ୍ଷକ, ଶିୟୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତାରେ ସଫଳ ହେବା ପାଇଁ ଶୁଭ କାମନା ଜଣାଇଛନ୍ତି।

## ଚେସ୍ ଆସୋସିଏଶନ କାର୍ଯ୍ୟକାରୀ କମିଟି ପୁନର୍ଗଠନ



ବୈଠକରେ ଉପସ୍ଥିତ ଆସୋସିଏଶନ କର୍ମକର୍ତ୍ତା।

ଝାରସୁଗୁଡ଼ା ଅଫିସ,୧୧।୧୧

ସ୍ଥାନୀୟ ବେହେରାମାଲସ୍ଥିତ ଏକ ହୋଟେଲରେ ଶୁକ୍ରବାର ଝାରସୁଗୁଡ଼ା ଜିଲା ଚେସ୍ ଆସୋସିଏଶନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ କିଶୋର କୁମାର ମହାନ୍ତି ଅଧକ୍ଷତା କରିଥିବା ବେଳେ ବିଜୟ ଲକ୍ଷ୍ମୀ ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ କମିଟିର ପୁନଃ ଗଠନ କରାଯାଇଥିଲା। କିଶୋର କୁମାର ମହାନ୍ତି ସଭାପତି, ପ୍ରସନ୍ନ କୁମାର ନାଏକ ଉପ ସଭାପତି, ପଦ୍ମିନୀ ସିଂ ସାଧାରଣ ସମ୍ପାଦିକା, ପ୍ରକାଶ କୁମାର ସାହୁ ଯୁଗ୍ମ ସମ୍ପାଦକ, ଦିନେଶ କୁମାର ଉପାଧ୍ୟାୟ ସଂଗଠନ ସମ୍ପାଦକ, ବିବେକାନନ୍ଦ ମିଶ୍ର କୋଷାଧକ୍ଷ, ବିଜୟ ଲକ୍ଷ୍ମୀ ଷଡ଼ଙ୍ଗୀ ଅଧିବକ୍ତା, ସମୀର କୁମାର ବିଶି ମିଡିଆ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ଏହି କମିଟି ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟ କରିବ। ସାଧାରଣ ସମ୍ପାଦିକା ସିଂ ଧନ୍ୟବାଦ ଦେଇଥିଲେ।

## ବଦଳିଲା ପଡ଼ାର ନାମ

ଝାରସୁଗୁଡା ଅଫିସ୍,୧୧।୧୧

ଝାରସୁଗୁଡା ଜିଲା ଲଖନପୁର ତହସିଲ ବଞ୍ଜାରୀ ପଞ୍ଚାୟତ ଗ୍ରିଣ୍ଡୋଲା ଗ୍ରାମର ଏକ ପଡାର ନାମ ମଦପାଣି ରହିଥିଲା । ନାମ ପରିବର୍ତ୍ତନ ପାଇଁ ପଡାବାସୀ ଦାବି କରିଆସୁଥିଲେ । ଏହି ନାମରେ ଏକ ବନସୁରକ୍ଷା ସମିତି ରହିଥିବାରୁ ବନ ବିଭାଗ ମଧ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ କରିଥିଲା । ଏନେଇ ଜିଲାପାଳ ସରୋଜ କୁମାର ସାମଲ ଓ ଡିଏଫ୍‌ଓ ଲଳିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ପଡାର ନାମ ମଧୁବନ କରାଯାଇଛି । ଏହି ଅବସରରେ ଗୁରୁବାର ପଡାରେ ଏକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଲଖନପୁର ବିଡିଓ ଜୟନ୍ତ ସାହୁ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଅତିରିକ୍ତ ବିଡିଓ ଗୋପାଳକୃଷ୍ଣ ମିଶ୍ର, ରେଞ୍ଜର ସୁବାସ ଚନ୍ଦ୍ର ମହାପାତ୍ର, ଫରେଷ୍ଟର ପ୍ରଦୀପ କୁମାର ନାୟକ, ସରପଞ୍ଚ ସୀମା ସାହୁ, ସମିତିସଭ୍ୟା ପ୍ରତିଭା ବଡେଇ, ବନସୁରକ୍ଷା ସମିତି ସଭାପତି ଗଣପତି ନେଟୀ ପ୍ରମୁଖ ଯୋଗଦେଇଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

ରେଢାଖୋଲ,୧୧।୧୧(ଡି.ଏନ.ଏ.)

ରେଢାଖୋଲ ଶୁଣ୍ଡିମୁଣ୍ଡାସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଆଦର୍ଶ ବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ର ୮୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ଏବିଇଓ ନରୋତ୍ତମ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଣି ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟାନନ୍ଦ ପ୍ରଧାନ, ଯମାଦାରପାଲି ସମ୍ବଲପୁରର ବିଜ୍ଞାନ ଶିକ୍ଷକ ଜଗଦୀଶ ବାଘ, ବାରବାଙ୍କ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଶିଷ ସାହୁ ବିଚାରକ ଭାବେ ଯୋଗଦେଇଥିଲେ। ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି,ଏନଏସି ଅଧକ୍ଷ ଶିବରାମ ସାହୁ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ହାଡ଼ିପାଲିରେ ମାଣ୍ଡିଆ ଦିବସ

କୁଚିଣ୍ଡା,୧୧।୧୧(ଡି.ଏନ.ଏ.)

ହାଡ଼ିପାଲି ପଞ୍ଚାୟତ ରାଜୀବ ଭବନଠାରେ ରୋପ ଅନୁଷ୍ଠାନ ପକ୍ଷରୁ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏଥିରେ ହାଡ଼ିପାଲି ସରପଞ୍ଚ ମନ୍ଦାକିନୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ମେଗା ଜଳସେଚନ ଅଞ୍ଚଳରେ ମାଣ୍ଡିଆ ଫସଲର ବିବିଧିକରଣ ଉପରେ ରୋପ ସଂଯୋଜିକା ତୃପ୍ତମୟୀ ଦାଶ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ହାଡ଼ିପାଲି ପଞ୍ଚାୟତ ଏମ୍‌ବିକେ ସୁଜାତା ନାୟକ ମାଣ୍ଡିଆର ବିଭିନ୍ନ ପୋଷାକ ତତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କିଣ୍ଡିରାର ମା' ସରସ୍ୱତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବ୍ୟଞ୍ଜନ ପିଠା, ଲଡୁ ଓ ଖିରି କରି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ହାଡ଼ିପାଲି ପଞ୍ଚାୟତର ସମସ୍ତ ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ମହିଳା ଗୋଷ୍ଠୀ ସଦସ୍ୟା ଯୋଗଦାନ କରିଥିଲେ।

# ଭିସୁଟ୍‌ରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଷ୍ଟାର୍ଟଅପ୍ ଓଡିଶାର ଫ୍ଲାଗ୍‌ଶିପ୍ ଅଭିଯାନ ଷ୍ଟାର୍ଟଅପ୍ ଓଡିଶା ଯାତ୍ରା ୨.୦ ପକ୍ଷରୁ ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍‌ରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଷ୍ଟାର୍ଟଅପ୍ ଓଡିଶାର ଅଧିକାରୀମାନଙ୍କ ସହ ଉଦ୍ୟୋଗୀମାନଙ୍କୁ ଗୋଟିଏ ଅନୁଷ୍ଠାନରେ ଏକାଠି ହେବାର ସୁଯୋଗ ମିଳିଥିଲା। ଷ୍ଟାର୍ଟଅପ୍ ଓଡିଶାର କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ଓମ୍‌କାର ରାୟ ଛାତ୍ରୀଛାତ୍ରଙ୍କୁ ଅଭିନବ ବିଚାର ପରିପ୍ରକାଶ କରିବା ଲାଗି ସଚେତନ କରିଥିଲେ। ଏହାବ୍ୟତୀତ ସେ ଓଡିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଯେପରିକି ଫଣ୍ଡ ଅଫ୍ ଫଣ୍ଡସ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସେସ୍, ଷ୍ଟାର୍ଟଅପ୍ ସିଡ୍ ଫଣ୍ଡ ଆଦିକୁ ଗତିଶୀଳ କରିବା ପାଇଁ ଛାତ୍ର ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏ ସମ୍ପର୍କରେ ଡ. ଓମ୍‌କାର ରାୟ କହିଛନ୍ତି, ଷ୍ଟାର୍ଟଅପ୍ ଓଡିଶା ଯାତ୍ରା ହେଉଛି ଯୁବ ଛାତ୍ରଛାତ୍ରୀଙ୍କୁ ରାଜ୍ୟର ବିକଶିତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସମ୍ପର୍କରେ ସଚେତନ କରିବା। କର୍ମଶାଳାରେ ଭିସୁଟ୍‌ର ୧୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୦ରୁ ଅଧିକ ଆଇଡ଼ିଆ ଉପସ୍ଥାପନ କରାଯାଇଥିଲା। ବୁଟ୍‌କ୍ୟାମ୍ପରେ ଷ୍ଟାର୍ଟଅପ୍ ଓଡିଶା ଏଭାଞ୍ଜେଲିଷ୍ଟ ଡ. ସଞ୍ଜୁକ୍ତା ବଡେଇ, ଭିସୁଟ୍‌ର ଆଲୁମ୍ନି ଏବଂ ଆଇଜି ଡ୍ରୋନ୍‌ସର ସିଇଓ ଓ ପ୍ରତିଷ୍ଠାତା ଡ. ବୋଧିସତ୍ୱ ସଂଘପ୍ରିୟ, ଷ୍ଟାର୍ଟଅପ୍ ଓଡିଶାର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ଭିସୁଟରେ ଷ୍ଟାଟଅପ ଓଡିଶା କାର୍ଯ୍ୟକ୍ରମ ।

# ମାମଲା ଶୁଣାଣି ପାଇଁ ସମୟ ଧାର୍ଯ୍ୟ ରହିଛି

**ଜିଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ**

ସମ୍ବଲପୁର,୧୧।୧୧(ବ୍ୟୁରୋ)



ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଉପଭୋକ୍ତା ପରିଷଦ ବୈଠକ ।

ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ଆଇନ ଅନୁସାରେ ଦଣ୍ଡିବିଧାନ ମଧ କରାଯାଉଛି। ୨୦୧୯ ପୂର୍ବରୁ ଉପଭୋକ୍ତା ସୁରକ୍ଷା ଆଇନର ପରିବର୍ତ୍ତନ କରାଯାଇଛି। ବିଭିନ୍ନ ସ୍ଥାନରେ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂର୍ବରୁ ମାମଲାର ଶୁଣାଣିରେ ବିଳମ୍ବ ହେଉଥିଲା। ହେଲେ ଏବେ ଧାର୍ଯ୍ୟ ସମୟ କରାଯାଇଛି। ଫଳରେ ଅଧିକରୁ ଅଧିକ ଉପଭୋକ୍ତା ନିଜ ସମସ୍ୟା ଓ ଠକେଇକୁ ନେଇ ମାମଲା ରୁଜୁ କରି ଆଇନଗତ ଲାଭ ନେଇପାରିବେ ବୋଲି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକରେ ମତପ୍ରକାଶ ପାଇଥିଲା। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ଏଥିରେ ଅଧକ୍ଷତା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ବିଧାୟକ ପ୍ରତିନିଧି ସମୀର ରଞ୍ଜନ ବାବୁ, ଗୋପି ରଞ୍ଜନ ବେହେରା, ଏଡିଏମ୍ ଅଜାମ୍ବର ମହାନ୍ତି ଓ ଉପଭୋକ୍ତା ଫୋରମ ବିଚାରପତି ରମାକାନ୍ତ ଶତପଥି ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ସେମାନେ ଦର୍ଶାଇଥିଲେ, ଉପଭୋକ୍ତାଙ୍କୁ ସୁରକ୍ଷା ଦେବାରେ ଉପଭୋକ୍ତା ପରିଷଦର ପ୍ରମୁଖ ଭୂମିକା ରହିଛି। ନିଜ ଅଞ୍ଚଳରେ ଘଟୁଥିବା ସମସ୍ୟା ଓ ଘଟଣା ଉପରେ ମତ ରଖି ଜିଲା ପରିଷଦ ଜରିଆରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇପାରିବେ। ଏବେ ଗ୍ରାହକମାନେ ଅନଲାଇନ ଠକେଇର ଶିକାର ହେଉଛନ୍ତି। ଏହାକୁ ରୋକିବା ପାଇଁ ପୋଲିସର ମୁଖ୍ୟ ଭୂମିକା ରହିଛି। ଏଥିସହ ସାମଗ୍ରୀରେ ଥିବା ଏମ୍‌ଆର୍‌ପିଠାରୁ ଅଧିକ ଦରରେ ବିକ୍ରି କରିବା, ସାମଗ୍ରୀର ମାନ ଯାଞ୍ଚ କରିବା, ତୈଳ ଜାତୀୟ ସାମଗ୍ରୀ ପରିମାଣ ଯାଞ୍ଚ କରିବା, ଓଜନ ମେଶିନ ଭଳି ସାମଗ୍ରୀକୁ ଗ୍ରାହକମାନେ ଯାଞ୍ଚ କରିବା ଉଚିତ। ସମୟ ଅନୁସାରେ ଯେତିକି ଅତ୍ୟାଧୁନିକ ପ୍ରଣାଳୀ ବାହାର କରି ସୁବିଧା ନିଆଯାଉଛି, ସେତିକି ଅସୁବିଧାର ମଧ ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଗ୍ରାହକ ସଚେତନ ହେଲେ ସୁରକ୍ଷିତ ରହିପାରିବେ ବୋଲି କହିଥିଲେ। ଏହାସହ ବିଭିନ୍ନ ଲାଇନ ବିଭାଗରୁ ଆସିଥିବା ଅଧିକାରୀମାନଙ୍କୁ ନିଜ ବିଭାଗରେ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରି ଗ୍ରାହକମାନଙ୍କୁ ସୁରକ୍ଷା ଦେବାପାଇଁ ସମିତିରେ ସ୍ଥିର କରାଯାଇଥିଲା। ଅଧିକାରୀ ଓ ଜନପ୍ରତିନିଧିଙ୍କ ସୁଚିନ୍ତିତ ପ୍ରସ୍ତାବ ଗୃହୀତ କରାଯାଇ ଜିଲା ପ୍ରଶାସନ ପାଖରେ ଦାଖଲ କରାଯିବାକୁ ସ୍ଥିର କରାଯାଇଛି।

## ସଂକ୍ଷେପରେ

### ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ହେମଗିର,୧୧।୧୧(ଡି.ଏନ୍.ଏ ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ମୁମ୍ବାଇ-ହାୱଡ଼ା ରେଳପଥର କନିକା ଷ୍ଟେସନନିକଟରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳ ସମୟରେ ରେଳ ଧାରଣାରେ ଖଣ୍ଡ ବିଖଣ୍ଡିତ ଜଣେ ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ସେ ଟ୍ରେନରୁ ଖସିପଡ଼ିଛନ୍ତି କି ଆତ୍ମହତ୍ୟା କରିଛନ୍ତି ଜଣାପଡ଼ିନାହିଁ।

### ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କୁ ହତ୍ୟା ଧମକ, ସ୍ୱାମୀ କୋର୍ଟ ଚାଲାଣ

କୁଆଁରମୁଣ୍ଡା, ୧୧।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଥିବା ସୁନିତା ଅହିରଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ ନେଇ ସେ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଏହି ଧମକ ଅନ୍ୟ କେହି ନୁହେଁ, ଖୋଦ୍ ତାଙ୍କ ସ୍ୱାମୀ ଦେଇଥିବା ସୁନିତା ଅଭିଯୋଗ କରିଛନ୍ତି। ଏ ନେଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ବିଭିନ୍ନ ଦଫାରେ ଏକ ମାମଲା (ନଂ. ୨୫୪/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସୁନା ଅହିର(୪୪)ଙ୍କୁ ଶୁକ୍ରବାର ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି। ଏହି ଖବର ପ୍ରଚାରିତ ହୋଇଯିବା ପରେ ବ୍ଲକ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭିନ୍ନ ଆଲୋଚନା ହେଉଛି।

### ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର




ସୁନ୍ଦରଗଡ଼,୧୧।୧୧(ଡି.ଏନ.ଏ. ): ସ୍ଥାୟୀ ନିଯୁକ୍ତି ଦାବିନେଇ ଓଡ଼ିଶା ସ୍ୱାସ୍ଥ୍ୟ କର୍ମଚାରୀ ମହାସଂଘ ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ଶାଖାର ସଭାପତି ରଶ୍ମିରେଖା ପାଣି ଓ ସମ୍ପାଦକ ଅରୁଣ ବେହେରାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା:ସରୋଜ କୁମାର ମିଶ୍ରଙ୍କୁ ପ୍ରଦାନ କରିଥିଲେ। ପରେ ଠିକା କର୍ମଚାରୀ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ପ୍ରଦାନ କରିଥିଲେ।

# ମାଣ୍ଡିଆ ଚାଷ ଦେଲା ସ୍ୱତନ୍ତ୍ର ପରିଚୟ

- ମାଣ୍ଡିଆ ଚାଷରୁ ଲକ୍ଷାଧିକ ଆୟ କରୁଛନ୍ତି ଦୁଇ ଭାଇ
- ପରିଚୟ ଦେଲା ଗାଁ ମାଟି -ରୂପାବାହାଲର ସୁନାଚାଷୀ

ସୁନ୍ଦରଗଡ଼,୧୧।୧୧(ଡି.ଏନ୍.ଏ.)


ରୂପାବାହାଲରେ ମାଣ୍ଡିଆ ଚାଷ ହୋଇଛି।

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମ ପଞ୍ଚାୟତର ଏକ ରାଜସ୍ୱ ଗ୍ରାମ ହେଉଛି ରୂପାବାହାଲ। ଦିନେ କୌଣସି ସ୍ୱତନ୍ତ୍ର ପରିଚୟ ପାଇ ନ ଥିବା ଏହି ଗ୍ରାମଟି ଆଜି ମାଣ୍ଡିଆ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଛି ସମଗ୍ର ଜିଲାରେ। ଓଡ଼ିଶା ମିଲେଟ ମିଶନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ମିଳିତ ଉଦ୍ୟମରେ ରୂପାବାହାଲ ଗ୍ରାମର ୨୦ ଚାଷୀ ମାଣ୍ଡିଆ ଚାଷରୁ ଉପକୃତ ହୋଇଥିବା ବେଳେ ଏହାର ମଙ୍ଗୁଆଳ ସାଜି ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି ଦୁଇ ଭାଇ ଗୋବିନ୍ଦ ରୋହିଦାସ ଓ ଶତ୍ରୁଘ୍ନ ରୋହିଦାସ। ନିଜର ଆଗ୍ରହ, ପରିଶ୍ରମ ବଳରେ ସଫଳ ମାଣ୍ଡିଆ ଚାଷୀ ହେବା ସଙ୍ଗେ ସଙ୍ଗେ ସାଜିଛନ୍ତି ରୂପାବାହାଲ ଗ୍ରାମର ସୁନା ଚାଷୀ। ଏହି ରୋହିଦାସ ଭାତୃଦ୍ୱୟଙ୍କ ୨ ବର୍ଷ ପୂର୍ବରୁ ମୁଖ୍ୟ ଜୀବିକାର ପନ୍ଥା ଥିଲା ଧାନ ଚାଷ। ସୁନ୍ଦରଗଡ଼ ଜିଲାରେ ଜିଲା ଖଣିଜ ପାଣ୍ଠି ସହାୟତାରେ ଓଡ଼ିଶା ମିଲେଟ ମିଶନର କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଟାଙ୍ଗରପାଲି ବ୍ଲକ ପାଇଁ ସେବକକୁ ସହଯୋଗୀ ଅନୁଷ୍ଠାନ ଭାବରେ ଚୟନ କରାଯାଇଥିଲା। ସେବକର ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା, ସହକାରୀ ବ୍ଲକ ସଂଯୋଜକ ଅମୀୟରଞ୍ଜନ ଲେଙ୍କା, ଗୋଷ୍ଠୀ କର୍ମୀ ଆକାଶ ଚୌଧୁରୀଙ୍କ ଅକ୍ଳାନ୍ତ ଉଦ୍ୟମ, ନିରନ୍ତର ପ୍ରବର୍ତ୍ତନା ଦ୍ୱାରା ୨୦୨୧-୨୨ ଖରିଫ ଋତୁରେ ଟାଙ୍ଗରପାଲି ବ୍ଲକର ୭୯୩ ଜଣ ଚାଷୀ ୩୨୪ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିଲେ। ସେମାନଙ୍କ ମଧ୍ୟରୁ ରୂପାବାହାଲ ଗ୍ରାମର ଗୋବିନ୍ଦ ରୋହିଦାସ ୩.୫ ଏକରରୁ ୩୩ କୁଇଣ୍ଟାଲ ଓ ଶତ୍ରୁଘ୍ନ ରୋହିଦାସ ୩ ଏକରରୁ ୨୯ କୁଇଣ୍ଟାଲ ମାଣ୍ଡିଆ ଅମଳ କରିଥିଲେ। ନିଜ ପରିବାରକୁ ପୁଷ୍ଟିଶସ୍ୟ ଯୋଗାଇବାକୁ ନିଜସ୍ୱ ବ୍ୟବହାର ପାଇଁ ମାଣ୍ଡିଆ ରଖି ଗୋବିନ୍ଦ ୩୧ କୁଇଣ୍ଟାଲ ବିକ୍ରିକରି ୧.୧୭ ଲକ୍ଷ ଓ ଶତ୍ରୁଘ୍ନ ୨୭ କୁଇଣ୍ଟାଲ ବିକ୍ରିକରି ୧୦୧୯୭୯ ଟଙ୍କା ରୋଜଗାର କରି ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପ୍ରଥମେ କେବଳ ଧାନ ଚାଷ କରି ନିଜର ଜୀବିକା ନିର୍ବାହ କରୁଥିବାବେଳେ ବର୍ଷାର ଅନିୟମିତତା ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଆଶାଜନକ ଲାଭ ପାଉ ନ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକରୁ ମାର୍ଗଦର୍ଶନ ପାଇ ଗୋବିନ୍ଦ ଓ ଶତ୍ରୁଘ୍ନ ବିଭିନ୍ନ ବିଲାତି, ବାଇଗଣ, ଝୁଡଙ୍ଗ, କାକୁଡ଼ି, ବନ୍ଧାକୋବି, ଫୁଲକୋବି, ଆଳୁ ଓ ପିଆଜ ଇତ୍ୟାଦି ପନିପରିବା ଚାଷ ସଙ୍ଗେ ସଙ୍ଗେ ଧାନ ଓ ମାଣ୍ଡିଆ ଚାଷ କରି ବାର୍ଷିକ ୮ ରୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ନିଜର ସଫଳତା ପାଇଁ ଗୋବିନ୍ଦ ଓ ଶତ୍ରୁଘ୍ନ କହନ୍ତି, ଆମ୍ଭ ଦୁଇ ଭାଇଙ୍କ ୧୫ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଥିଲେ ମଧ୍ୟ ଆମେ କେବଳ ଧାନ ଚାଷ କରି ଅତି କମ ଲାଭ ପାଉଥିଲୁ। ଧାନ ଚାଷରୁ ମାତ୍ର ୬ ମାସ ପାଇଁ ଆୟ ହେଉଥିବାବେଳେ ଅନ୍ୟ ସମୟରେ ମଜୁରି କାମ କରି ପରିବାର ପ୍ରତିପୋଷଣ କରୁଥିଲୁ। ସେବକର କର୍ମକର୍ତ୍ତାଙ୍କ ମାର୍ଗଦର୍ଶନ ତଥା କୃଷି ବିଭାଗ ଓ ମିଲେଟ ମିଶନର ଅଧିକାରୀଙ୍କ ପରାମର୍ଶ ଆମକୁ ମର୍ଯ୍ୟାଦାପୂର୍ଣ୍ଣ ଜୀବିକା ଯୋଗାଇବା ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଭାବରେ ସ୍ୱାବଲମ୍ବୀ କରିପାରିଛି। ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକଙ୍କ ମତରେ ଗୋବିନ୍ଦ ଓ ଶତ୍ରୁଘ୍ନଙ୍କ ପରିଶ୍ରମ ଓ ନୂଆ କିଛି କରିବାର ଜିଜ୍ଞାସା ସେମାନଙ୍କୁ ସ୍ୱାବଲମ୍ବୀ କରିବା ସଙ୍ଗେ ସଙ୍ଗେ ଏକ ଆଦର୍ଶ ଚାଷୀର ପରିଚୟ ପ୍ରଦାନ କରିଛି। ସେଥିନିମନ୍ତେ ତାଙ୍କୁ ଗାଁ ଲୋକମାନେ କହୁଛନ୍ତି ରୂପାବାହାଲର ସୁନାଚାଷୀ।

### ସଞ୍ଚୟ ପକ୍ଷ ପାଳନ ଅବସରରେ ସଚେତନତା ବୈଠକ

ଦେବଗଡ଼,୧୧।୧୧(ଡି.ଏନ୍.ଏ.)

ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଅବସରରେ ସ୍ୱଳ୍ପ ସଞ୍ଚୟ ବିଭାଗ ଅନୁକୂଲ୍ୟରେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୋଷ୍ଟ ମାଷ୍ଟର ପ୍ରତାପ ଭୋଇ ଯୋଗଦେଇ ମିତବ୍ୟୟିତା ଓ ସ୍ୱଳ୍ପ ସଞ୍ଚୟ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ଶତପଥି, ଧନେଶ୍ୱର ସାମଲ, ଶୋଭାରାଣୀ ସାମଲ, ବରିଷ୍ଠ ସହାୟିକା ଅନା ନାୟକ, ଲୋପିତା ସାହୁ, ଜାହ୍ନବୀ ପ୍ରଧାନ, ମୁଖ୍ୟକିରାଣୀ ପ୍ରମୋଦ ପାତ୍ର , ସୁବ୍ରତ ସାହୁ, ଅଶ୍ୱିନୀ ବେହେରା, କିରଣ ପ୍ରଧାନ, ରମଣୀରଞ୍ଜନ ବିଶ୍ୱାଳ ଓ ସିମୁନ ଜିତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ସହାୟିକା ନନ୍ଦିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନକ୍ ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲହୁଣୀପଡ଼ା, ୧୧।୧୧(ଡି.ଏନ.ଏ.)


ଅତିଥିମାନେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଖେଳ ପଡ଼ିଆଠାରେ ଶୁକ୍ରବାର ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ତିନିଦିନିଆ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିବାବେଳେ ଏହାର ଉଦ୍‌ଘାଟନୀ ମ୍ୟାଚରେ ରୂପା ଆଣ୍ଡ ରୂପା ଏଫସି ଦଳକୁ ବିଡିଏମ୍ ସ୍ପୋର୍ଟିଂ କ୍ଲବ ଓଡ଼ିଶା ଦଳ ୪-୦ ଗୋଲରେ ପରାସ୍ତ କରିଥିଲା। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ରମ, ନିକିତା ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ନିଗେଶ ଚନ୍ଦ୍ର ଚୌରାସିଆ, ଦିଲୀପ ଖଟୁଆ, ଭୁବନେଶ୍ୱର ବେହେରା ଯୋଗ ଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନର ସଭାପତି ମଣ୍ଟୁ ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନର ସମ୍ପାଦକ ପିଣ୍ଟୁ ରାୟ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁନୁ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ କମିଟିର କର୍ମକର୍ତ୍ତା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ଅତିଥିମାନେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ଖେଳକୁ ଉଦ୍‌ଘାଟନ କରିଥିଲେ। ଭାନୁ ବାଉରୀ, ଥବିର ଗରୁଡ଼, ସାମୁ ହଂସଦା, ଆଲୋକ କୁମାର ଦେହୁରୀ, ଗୋପାଳ ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। ବେଣୁଧର ମାହାନ୍ତ, ନିହାରରଞ୍ଜନ ମାହାନ୍ତ, ନିକୁଞ୍ଜ ସିଂ, ଟିକିନା ପ୍ରଧାନ, ସୁଧାଂଶୁ ମାହାନ୍ତ, ଏମ୍‌ଡ଼ି ଛୋଟୁ, ସଞ୍ଜୟ ପଶାୟତ, ଏମ୍‌ଡ଼ି ଉମର,ଏମ୍‌ଡ଼ି ଅମୀର, ହିମାଂଶୁ ମାହାନ୍ତ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତା ଫୁଟବଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ସହରରେ ସଚେତନତା ରାଲି

ରାଜଗାଙ୍ଗପୁର, ୧୧।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ଅଧିକାରୀ ସୁରେଶ ଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଶୁକ୍ରବାର ରାଜଗାଙ୍ଗପୁର ସହରରେ ଏକ ନିଶାମୁକ୍ତ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଏକ ନିଶାମୁକ୍ତ ସଚେତନତା ରଥ ରାଣିବନ୍ଧ କାର୍ଯ୍ୟାଳୟରୁ ବାହାରି ସହରର ପ୍ରମୁଖ ଛକ ଯଥା ବିଜୁ ପଟ୍ଟନାଏକ ଛକ, ସୁବାସ ଛକ, ମ୍ୟୁନିସିପାଲଟି ଛକ, ବସଷ୍ଟାଣ୍ଡ ଛକ, ଲିପି ଲୋଇ ଛକ ପ୍ରଭୃତି ସ୍ଥାନରେ ଛିଡା ହୋଇ ନିଶା କିଭଳି ଭାବେ ବ୍ୟକ୍ତି, ପରିବାର ତଥା ସମାଜକୁ ଧ୍ୱଂସାଭିମୁଖି କରିଥାଏ ସେ ସମ୍ପର୍କରେ ଡାକବାଜି ଦ୍ୱାରା ସଚେତନତା କରାଯାଇଥିଲା। ଏହା ସଙ୍ଗେସଙ୍ଗେ ବ୍ୟାନର ମାଧ୍ୟମରେ ଓ ଲିଫଲେଟ ମାଧ୍ୟମରେ ସାଧାରଣ ଜନତାଙ୍କୁ ଅବକାରୀ ବିଭାଗ ପକ୍ଷରୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କିଶୋର ସୁନାନି, ବାସନ୍ତୀ ବାଖଲି, ଚନ୍ଦ୍ରଶେଖର ଖଣ୍ଡା, ଚନ୍ଦ୍ରକାନ୍ତା ବେହେରା, ପ୍ରଦୀପ ସାହୁ, ସୁମନ୍ତ ନାଏକ ପ୍ରମୁଖଙ୍କ ସହ ଅନ୍ୟମାନେ ରହିଥିଲେ।



ନିଶାମୁକ୍ତ ସଚେତନତା ରଥ ସହର ପରିକ୍ରମା କରୁଛି।

### ଜିଲା ଜୁନିୟର କ୍ରିକେଟ ପ୍ରତିଯୋଗିତା ଲାଗି ପଞ୍ଜୀକରଣ

ଦେବଗଡ଼, ୧୧।୧୧(ଡି.ଏନ୍.ଏ.)

ଦେବଗଡ଼ ଜିଲା ଜୁନିୟର ୧୪ ଓ ୧୯ ବର୍ଷ ବୟସ ବର୍ଗ କ୍ରିକେଟ ପ୍ରତିଯୋଗିତା ପାଇଁ ଶୁକ୍ରବାର ୧୧ରୁ ପଞ୍ଜିକରଣ ଆରମ୍ଭ ହୋଇଛି ବୋଲି ଜିଲା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ଖେଳାଳି ୧ ସେପ୍ଟେମ୍ବର ୨୦୦୭ ରୁ ୩୧ ଅଗଷ୍ଟ ୨୦୦୯ ମଧ୍ୟରେ ଜନ୍ମ ଗ୍ରହଣ କରିଥିବେ ସେମାନେ ୧୬ ବର୍ଷରୁ କମ ବୟସ ବର୍ଗ ଆବେଦନ କରି ପାରିବେ। ସେହିପରି ୧୯ ବର୍ଷ ବୟସ ବର୍ଗରେ ଯେଉଁ ଖେଳାଳି ୧ ସେପ୍ଟେମ୍ବର ୨୦୦୪ ମସିହା ପରେ ଜନ୍ମ ଗ୍ରହଣ କରିଥିବେ ସେମାନେ ଆବେଦନ କରି ପାରିବେ। ତେବେ ୧୪ ବର୍ଷରୁ କମ ବୟସ ବର୍ଗର ଖେଳାଳି ଆବେଦନ କରି ପାରିବେ ନାହିଁ। ଜିଲାର ଇଚ୍ଛୁକ ଖେଳାଳି ମାନେ ୧୬ ନଭେମ୍ବର ମଧ୍ୟରେ ନିଜର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ସ୍କୁଲ ପରିଚୟପତ୍ର ସହ ଆବେଦନ କରି ପାରିବେ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ଜଣାଇଛନ୍ତି ।

## ମଉସାଙ୍କୁ ଶିଳପୁଆରେ ଛେଚି ହତ୍ୟା: ଯୁବକ ଅଟକ

ଲହୁଣୀପଡ଼ା, ୧୧।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ହାତୀଅଡା ଡୁରୀଟୋଲା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ନିଜ ମଉସାଙ୍କୁ ଶିଳପୁଆରେ ଛେଚି ପୁତୁରା ହତ୍ୟା କରିଛନ୍ତି। ପୋଲିସ ପୁତୁରାଙ୍କୁ ଅଟକ ରଖିଛି। ହାତୀଅଡା ଡୁରୀଟୋଲା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଗ୍ରାମର ଲୋକମାନେ ଯୋଗଦେଇ ବାଦ୍ୟନୃତ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ଲୋକେ ନିଜ ଘରକୁ ଯାଉଥିବାବେଳେ ସେହି ଗ୍ରାମର ମଉସା ଜହ୍ନୁରୁ ମାଝି (୩୬)ଙ୍କ ସହିତ ପୁତୁରା ବିଜୟ ବାଗେ(୨୫)ସାମ୍ନାସାମ୍ନି ହୋଇଥିଲେ। ଉଭୟ ପରିବାର ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ମାଲିମୋକଦ୍ଦମା ଯୋଗୁ ଶତ୍ରୁତା ଲାଗି ରହିଥିଲା। ମଉସା ଜହ୍ନୁରୁଙ୍କୁ ବିଜୟ ଦେଖିବା ମାତ୍ରେ ଗାଳିଗୁଲଜ କରିଥିଲେ। ଗାଳିଗୁଲଜକୁ ମଉସା ଜହ୍ନୁରୁ ବିରୋଧ କରିବା ସହିତ ନିଜ ଘରକୁ ଯାଉଥିବାବେଳେ ବିଜୟ ରାଗିଯାଇ ଜହ୍ନୁରୁଙ୍କୁ ଏକ ଥାପଡ଼ ମାରିବା ସହିତ ପାଖରେ ଥିବା ଏକ ଶିଳପୁଆ ସାହାଯ୍ୟରେ ମୁଣ୍ଡକୁ ଛେଚି ଦେଇ ଫେରାର୍ ହୋଇଯାଇଥିଲେ। ଏସମ୍ପର୍କରେ ଜହ୍ନୁରୁ ମାଝି ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାକୁ ଖବର ଦିଆଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବିଜୟ ବାଗେଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଗୋଡଭଗାରେ ହିତଚିନ୍ତକ ଅଭିଯାନ

ଜାମଟିକ୍ରା,୧୧।୧୧(ଡି.ଏନ.ଏ.)

ଅତାବିରାରେ ବଜରଙ୍ଗ ଦଳ ତରଫରୁ ହିତଚିନ୍ତକ ଅଭିଯାନ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ବିଶ୍ୱହିନ୍ଦୁ ପରିଷଦର (କଳିକତା କ୍ଷେତ୍ର) କ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ସପନ କୁମାର ମୁଖାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରଠାରେ ଚାଷୀ ମେଳା

ସୁନ୍ଦରଗଡ଼, ୧୧।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଶୁକ୍ରବାର ଜିଲାସ୍ତରୀୟ ଚାଷୀ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ 'ଜଳ ଶକ୍ତି ଅଭିଯାନ' ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ବର୍ଷା ଜଳ ସଂରକ୍ଷଣ ଓ ଏହାର ପରିଚାଳନା ସହିତ ଭୂତଳ ଜଳସ୍ତର ବୃଦ୍ଧି ଆଦି ବିଷୟରେ ଚାଷୀମାନଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା। ବର୍ଷା ଜଳ ସଂରକ୍ଷଣ ପାଇଁ ବିଭିନ୍ନ ସ୍ଥାନରେ ଚେକ ଡ୍ୟାମ ନିର୍ମାଣ ସହ ପୋଖରୀ ଖନନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହା ଫଳରେ ଭୂତଳ ଜଳସ୍ତର ନିୟନ୍ତ୍ରଣ ହେବା ସହ ଆବଶ୍ୟକସ୍ଥଳେ ଏହାକୁ ଚାଷ କାମରେ ବ୍ୟବହାର କରାଯାଇ ପାରିବ ବୋଲି କୃଷି ବୈଜ୍ଞାନିକ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଚାଷୀମାନଙ୍କୁ କହିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ଜଳସେଚନ ଲାଗି ସରକାରଙ୍କର ରହିଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଚାଷୀମାନେ କିପରି ଭଲ ଫସଲ ଅମଳ କରି ଲାଭବାନ ହେବେ ସେ ବିଷୟରେ ଏହି ମେଳାରେ ଆଲୋଚନା କରାଯାଇଥିଲା। ଏହି ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଚାଷୀମାନେ ଏହି ଯନ୍ତ୍ରପାତି ବୁଲି ଦେଖିବା ସହ ଏହାର ପରିଚାଳନା ବିଷୟରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ୩୦୦ରୁ ଅଧିକ ଚାଷୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଲକ୍ଷ୍ମୀପ୍ରିୟା ପ୍ରଧାନ, ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ନାବାର୍ଡର ଡିଡିଏମ ତାପସ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ଜିଲ୍ଲାସ୍ତରୀୟ ଚାଷୀ ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସୁନ୍ଦରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ସୁନ୍ଦରଗଡ଼, ୧୧।୧୧(ଡି.ଏନ.ଏ.)



'ସୁରଭି' କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୃଜନାତ୍ମକ ପ୍ରତିଭାର ବିକାଶ ଲାଗି ସୁନ୍ଦରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ମନୋନୀତ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ପ୍ରତିଯୋଗିତା ହୋଇଥିଲା। ଜିଲାସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ପାଇବେ। ସୁନ୍ଦରଗଡ଼ ଜିଲାରେ ଅକ୍ଟୋବର ୪ରୁ 'ସୁରଭି' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମେ କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସଫଳତା ପାଇଥିବା ଛାତ୍ରୀଛାତ୍ରମାନେ ବ୍ଲକ ସ୍ତରରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ବ୍ଲକ ସ୍ତରରୁ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଏହି ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭିତରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବାରେ ଏଭଳି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ ବୋଲି ସାହୁ କହିଥିଲେ। ଜିଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ କୁଇଜ ଆଦି ୧୭ଟି ବିଷୟରେ ଜୁନିୟର ଏବଂ ସିନିୟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାର ସମସ୍ତ ୧୭ଟି ବ୍ଲକର ବିଭିନ୍ନ ସରକାରୀ ସ୍କୁଲରୁ ୪୧୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିଲ୍ଲୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ କିକ ବକ୍ସିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଲୁ ତିର୍କୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ନଭେମ୍ବର ୧୪ ରୁ ୧୬ ତାରିଖ ଯାଏଁ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଜିଲାରୁ ମନୋନୀତ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଜିଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁଶ୍ରୀ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲାପାଳ, ସଂସ୍କୃତି ଅଧିକାରୀ କୁଲଦୀପ ଖାଖା, ସୁନ୍ଦରଗଡ଼ ସଦର ବିଇଓ ଲଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ସୁନ୍ଦରଗ 'ଡାଏଟ'ର ଅଧ୍ୟକ୍ଷ ଶିବ ଶଙ୍କର ଷଡ଼ଙ୍ଗୀ, ଜାତୀୟ ବୃତ୍ତିଗତ ଭିନ୍ନକ୍ଷମ ପରାମର୍ଶ ସେବା କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ରାମକିଶୋର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କୁନି କୁନି ଛାତ୍ରୀଛାତ୍ର ଚାନ୍ଦନୀ ସାହୁ, ସ୍ମୃତି ଠାକୁର, ଅନୁରାଗ ଯାଦବ ଓ ସତ୍ୟମ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ପାତ୍ର, ଅମାତ୍ୟ ପଧାନ, ସୁଜାତା ସାହୁ, ସୁସ୍ମିତା ନାଏକ, ଶର୍ମିଳା ପିଢୀ, ମିତ୍ରଭାନୁ ନାଏକ,ଆଶୀଷ ନାଏକ, ସ୍ୱାଗତିକା ପଣ୍ଡା,କବିତା ଦାଶ, ଅମିତ ଖମାରୀ,ରାଜକୁମାର ବାଗ, ସଞ୍ଜିବ ନାଏକ, ସୁଜାତା ଦାଶ, ଚନ୍ଦ୍ରଶେଖର ସାହୁ, ଆଦିବାସୀ ଶିକ୍ଷା ସଯୋଜକ ଡ.ଦୀପକ କୁମାରଦାସ ପ୍ରମୁଖ ପରିଚାଳନା କରିଥିଲେ।

**ପଲିସି ବଜାରରେ ନୂତନ ସୁବିଧା**

ନୂଆଦିଲ୍ଲୀ: ପଲିସି ବଜାର ଡଟ୍ କମ୍‌ରେ ନୂତନ ବୀମା ସେବା ସୁବିଧା ଉପଲବ୍ଧ ହେଉଛି। ଏପରିକି କମ୍ପାନୀର ବୀମା ସହଭାଗୀ ରିଲାଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ, କୋଟକ ଜେନେରାଲ ଇନ୍ସ୍ୟୁରାନ୍ସ ଏବଂ ଗୋଡିଜିଟ ଜେନେରାଲ ଇନ୍ସ୍ୟୁରାନ୍ସ ଭଳି କମ୍ପାନୀର ସେବା ପଲିସି ବଜାର ୱେବ୍‌ସାଇଟରେ ଆକର୍ଷଣୀୟ 'ପେ ଆଜ୍ ୟୁ ଗୋ' କାର ବୀମା ଯୋଜନା ଉପଲବ୍ଧ କରାଉଛି। 'ପେ ଆଜ୍ ୟୁ ଗୋ' ମୋଟର ବୀମା ଆଡ୍-ଅନ୍ ନିକଟରେ ଆଇଆରଡିଏଆଇ ପକ୍ଷରୁ ଉତ୍ପାଦକୁ ଏହାର ଗ୍ରାହକଙ୍କ ନିମନ୍ତେ ଅଧିକ ବ୍ୟବହାରକାରୀ ଉପଯୋଗୀ ଏବଂ କମ୍ ଖର୍ଚ୍ଚ ବିଶିଷ୍ଟ କରିବା ଉଦ୍ଦେଶ୍ୟରେ ଘୋଷଣା କରାଯାଇଥିଲା।

# ଜିଡିପି ଆକଳନ କମାଇଲା ମୁଡିଜ୍

**ନୂଆଦିଲ୍ଲୀ,୧୧।୧୧**




ସାରା ବିଶ୍ୱ ସମେତ ଭାରତ ମଧ ମାନ୍ଦାବସ୍ଥା ସାଙ୍ଗକୁ ଅନ୍ତରାଷ୍ଟ୍ରୀୟ ସମସ୍ୟାର ସମ୍ମୁଖୀନ ହେଉଛି। ଏପରିକି ଗତ କିଛି ମାସ ହେବ ଭାରତର ଭୌଗୋଳିକ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ଏବଂ ଦରବୃଦ୍ଧି ଉଭୟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଭଳି ପରିସ୍ଥିତିରେ ଶୁକ୍ରବାର ଅନ୍ତରାଷ୍ଟ୍ରୀୟ ଆର୍ଥିକ ଆକଳନକାରୀ ସଂସ୍ଥା ମୁଡିଜ୍ ଇନ୍‌ଭେଷ୍ଟର୍ସ ସର୍ଭିସ ପକ୍ଷରୁ କୁହାଯାଇଛି ଯେ ଦେଶର ଆର୍ଥିକ ବିକାଶରେ ମନ୍ଥର ଆସିବାର ଆଶଙ୍କା ରହିଛି। ଏପରିକି ଦେଶର ଜିଡିପି ଅଭିବୃଦ୍ଧିକୁ ନେଇ ମଧ ସଂସ୍ଥା ନୂଆ ଆକଳନ କରିଛି। ସଂସ୍ଥାର ଆକଳନ ଅନୁଯାୟୀ ଚଳିତ ବର୍ଷ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୦.୭% ହ୍ରାସ ଘଟି ୭%ରେ ରହିବ ବୋଲି ମୁଡିଜ୍ ଆକଳନ କରିଛି। ଏହା ପୂର୍ବରୁ ସଂସ୍ଥାର ଆକଳନ ୭.୭% ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷରେ ୨ୟ ଥର ପାଇଁ ମୁଡିଜ୍ ଭାରତର ଅଭିବୃଦ୍ଧି ହାରକୁ ହ୍ରାସ କରି ନୂଆ ଆକଳନ ଜାରି କରିଛି। ୨୦୨୨ ମେ'ରେ ମଧ ସଂସ୍ଥା ଭାରତର ଅଭିବୃଦ୍ଧି ହାର ୮.୮% ରହିବା ନେଇ ମୁଡିଜ୍ ଆକଳନ କରିଥିଲା। ହେଲେ ଚଳିତ ବର୍ଷ ସେପ୍ଟେମ୍ବରରେ ସଂସ୍ଥା ତା'ର ପୂର୍ବ ଆକଳନକୁ ହ୍ରାସକରି ୭.୭% କରିଥିଲା। ଅପରପକ୍ଷରେ ମୁଡିଜ୍‌ର ସର୍ଭେ ଅନୁସାରେ ଘରୋଇ ସ୍ତରରେ ଉଚ୍ଚ ସୁଧ ହାର ଏବଂ ବିଶ୍ୱର ଅଭିବୃଦ୍ଧି ମାନ୍ଦା ଯୋଗୁ ଭାରତର ଆର୍ଥିକ ବିକାଶକୁ ପ୍ରଭାବିତ କରିବ। ବିଶେଷକରି ଦରବୃଦ୍ଧି, ଉଚ୍ଚ ସୁଧ ହାର ଏବଂ ବିଶ୍ୱର ବିକାଶରେ ମନ୍ଥର ଆସିବା ପ୍ରଭାବ ଆମ ପୂର୍ବ ଆକଳନଠାରୁ ଅଧିକ ରହିବ ବୋଲି ସଂସ୍ଥା ମତପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ, ରେଟିଂ ଏଜେନ୍ସି ମୁଡିଜ୍ କହିଛି, ୨୦୨୩ ବିକାଶ ହାରରେ ହ୍ରାସ ହୋଇ ୪.୮% ରହିବ ହେଲେ ୨୦୨୪ ରେ ଏହା ପରିମାଣ ବଢି ପ୍ରାୟ ୬.୪% ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ , ଦେଶର ବଢ଼ି ଚାଲିଥିବା ଆର୍ଥିକ ସମସ୍ୟା ସାଙ୍ଗକୁ ମୁଦ୍ରାସ୍ଫୀତ ଏବଂ ଦରବୃଦ୍ଧିରେ ନିୟନ୍ତ୍ରଣ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ ବିଭିନ୍ନ ସମୟରେ ଅର୍ଥ ବ୍ୟବସ୍ଥାର ସୁଧାର ସାଙ୍ଗକୁ ସାଧାରଣ ଜନତା ପାଇଁ ଦରଦାମ ବୃଦ୍ଧି ହ୍ରାସ ସମ୍ପର୍କରେ ମଧ କାର୍ଯ୍ୟ କରୁଥିବା ଦେଖାଦେଇଛି। ହେଲେ ସବୁ ସତ୍ତ୍ୱେ ମଧ ଭାରତୀୟ ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରୁନାହିଁ।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧୧।୧୧**

କ୍ରମାଗତ ୨ଦିନର ହ୍ରାସ ପରେ ଶୁକ୍ରବାର ଷ୍ଟକ୍ ବଜାରରେ ବଡ଼ ଧରଣର ବୃଦ୍ଧି ଘଟିଛି। ଫଳରେ ନିବେଶକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୮୧ (୧୧୮୧.୩୪) ପଏଣ୍ଟ ବୃଦ୍ଧି ଘଟି ୬୧,୭୯୫ (୬୧,୭୯୫.୦୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୩୨୨ (୩୨୧.୫୦) ପଏଣ୍ଟ ବଢ଼ି ୧୮,୩୫୦ (୧୮,୩୪୯.୭୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଦଲାଲ ଷ୍ଟ୍ରିଟ୍‌ରେ ଆଇଟି ଏବଂ ମେଟାଲ ଶିଳ୍ପର ଫଳାଫଳ ସାଙ୍ଗକୁ ବ୍ୟାଙ୍କିଙ୍ଗ,ଏଫ୍‌ଏମ୍‌ସିଜି ଏବଂ ଅଟୋଶିଳ୍ପ ଆଦି ନିବେଶରେ ମଧ ଅଭିବୃଦ୍ଧି ଘଟିଥିବା ଦେଖାଯାଇଛି।

## ପ୍ରଦର୍ଶନୀରେ ସାମିଲହୋଇ ପୁରସ୍କାର ଜିତନ୍ତୁ



**ଭୁବନେଶ୍ୱର,୧୧।୧୧**

ଓଡ଼ିଶା ଲୋକପ୍ରିୟ ଘରୋଇ ଓଡ଼ିଆ ଚ୍ୟାନେଲ 'ଜୀ ସାର୍ଥକ' ଚଳିତ ବର୍ଷର କଟକ ବାଲିଯାତ୍ରାରେ ସାମିଲ ହୋଇଛି। ବାଲିଯାତ୍ରା ବୁଲିବାକୁ ଆସିଥିବା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବା ଲକ୍ଷ୍ୟରେ ଚ୍ୟାନେଲ ପକ୍ଷରୁ ଏକ ଆକର୍ଷଣୀୟ ମଣ୍ଡପ ସାଙ୍ଗକୁ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏପରିକି କଟକ ବାଲିଯାତ୍ରାରେ 'ଜୀ ସାର୍ଥକ' ପକ୍ଷରୁ ଷ୍ଟଲ୍ ନମ୍ବର ପିପି ୧ ରେ ଏକ ଆକର୍ଷଣୀୟ ମଞ୍ଚର ଶୁଭାରମ୍ଭ କରାଯାଇଛି। ଉକ୍ତ ମଞ୍ଚରେ ଜୀ ସାର୍ଥକର ରିଆଲିଟି ଶୋ 'ସା ରେ ଗା ମା ପା'ର କଣ୍ଠଶିଳ୍ପୀମାନେ ପ୍ରତିଦିନ ସନ୍ଧ୍ୟାରେ ସୁମଧୁର ସଙ୍ଗୀତ ପରିବେଷଣ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହେଉଛି। ଏପରିକି ଚ୍ୟାନେଲର ଲୋକପ୍ରିୟ ସୋ 'ଦିଦି ନମସ୍କାର' ଫର୍ମାଟରେ ବାଲିଯାତ୍ରାରେ ଦର୍ଶକଙ୍କ ସହ କୌତୂହଳ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଜରିଆରେ ଦର୍ଶକଙ୍କୁ ମନୋରଞ୍ଜନ କରିବା ସହ ଆକର୍ଷଣୀୟ ପୁରସ୍କାର ମଧ ଦିଆଯାଉଛି ବୋଲି 'ଜୀ ସାର୍ଥକ' ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ମଞ୍ଚ (ଷ୍ଟଲ) ରେ 'ଜୀ ସାର୍ଥକ'ରେ ପ୍ରସାରିତ କାର୍ଯ୍ୟକ୍ରମର କଳାକାରମାନେ ଉପସ୍ଥିତ ରହି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ବିଶେଷକରି ଦର୍ଶକ ନିଜ ପ୍ରିୟ କଳାକାରମାନଙ୍କୁ ପାଖରେ ପାଇ ସେମାନଙ୍କ ସହ ମଧ କଥାବାର୍ତ୍ତା ହୋଇପାରୁଛନ୍ତି।

## ବାଲିଯାତ୍ରାରେ ଷ୍ଟାର୍ କିରଣର ଆକର୍ଷଣୀୟ ମଣ୍ଡପ




**ଭୁବନେଶ୍ୱର,୧୧।୧୧**

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଘରୋଇ ଓଡ଼ିଆ ଚ୍ୟାନେଲ ଷ୍ଟାର୍ କିରଣ ଚଳିତ ବର୍ଷ କଟକ ବାଲିଯାତ୍ରାରେ ଅଂଶ ଗ୍ରହଣ କରିଛି। ଏପରିକି ବାଲିଯାତ୍ରର ତଳ ପଡିଆରେ ଚ୍ୟାନେଲର ଏକ ଆକର୍ଷଣୀୟ ମଣ୍ଡପ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଷ୍ଟାର୍ ଜଲସା ଓ ଷ୍ଟାର୍ କିରଣର ବ୍ୟବସାୟିକ ମୁଖ୍ୟ ଅଭିଷେକ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀ ଓ ଚ୍ୟାନେଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବାଲିଯାତ୍ରାର ତଳ ପଡିଆରେ ଷ୍ଟାର୍ କିରଣର ଷ୍ଟଲ୍ ପ୍ଲଟ୍ ନମ୍ବର ଏଲ୍‌ପି-୮, ୧୯, ୨୦ ରେ ଲୋକମାନଙ୍କ ଭିଡ ଜମୁଛି। ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଷ୍ଟାର୍ କିରଣ ଷ୍ଟଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେଉଛି। ସେହିଭଳି ଷ୍ଟାର୍ କିରଣ ଷ୍ଟଲରେ ପ୍ରସାରିତ ହେଉଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଭାଗନେଇ ଦର୍ଶକ ଆକର୍ଷଣୀୟ ପୁରସ୍କାର ସାଙ୍ଗକୁ ଷ୍ଟାର୍ କିରଣରେ ପ୍ରସାରିତ ହେଉଥିବା ଧାରାବାହିକର କଳାକାରମାନଙ୍କ ସହ ମିଶିପାରିବେ ବୋଲି ଚ୍ୟାନେଲ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ପ୍ରଥମଥର ପାଇଁ ବାଲିଯାତ୍ରାରେ ଷ୍ଟାର୍ କିରଣ ଷ୍ଟଲରେ ଏକ ୩୬୦ ଡିଗ୍ରୀ ବୁଲିପାରୁଥିବା ସେଲ୍‌ଫି ବୁଥ୍ ଲଗାଯାଇଛି।

## ବେଦାନ୍ତ ଆଲୁମିନିୟମକୁ ବିଆଇଏସ୍ ପ୍ରମାଣନ

**ଭୁବନେଶ୍ୱର,୧୧।୧୧**



ଦେଶର ପ୍ରମୁଖ ଆଲୁମିନିୟମ ଉତ୍ପାଦକ କମ୍ପାନୀ 'ବେଦାନ୍ତ ଆଲୁମିନିୟମ'କୁ ନିକଟରେ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ପ୍ରମାଣପତ୍ର ମିଳିଥିବା ଜଣାପଡ଼ିଛି। ବିଶେଷକରି ବିଶ୍ୱ ଗୁଣବତ୍ତା ଦିବସ ପରିପ୍ରେକ୍ଷୀରେ କମ୍ପାନୀ ଏ ସମ୍ପର୍କରେ ମଧ ଘୋଷଣା କରିଛି ଯେ ତା'ର ପ୍ରମୁଖ ଉତ୍ପାଦଗୁଡ଼ିକୁ ବିଆଇଏସ୍ ପ୍ରମାଣପତ୍ର ମିଳିଛି। ଏହା ସହ ଭାରତୀୟ ଆଲୁମିନିୟମ ଉଦ୍ୟୋଗରେ ଏହା ହେଉଛି ପ୍ରଥମ ଯାହାକି ବିଆଇଏସ୍ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିଛି। ଅପରପକ୍ଷରେ କମ୍ପାନୀ ତା'ର ଉତ୍ପାଦ ଓ ପ୍ରୟୋଗ ପାଇଁ ମଧ ୧୫ଟି ପ୍ରମାଣପତ୍ର ହାସଲ କରିଛି। ସେହିପରି କମ୍ପାନୀର ଉତ୍ପାଦଗୁଡ଼ିକ ଲଣ୍ଡନ ମେଟାଲ ଏକ୍ସଚେଞ୍ଜ ସହ ପଞ୍ଜୀକୃତ ସହ ଅନ୍ତର୍ଜାତୀୟ ଗୁଣାତ୍ମକ ମାନର ଏହା ଏକ ନିଶ୍ଚିତ ପ୍ରମାଣ। ଭାରତୀୟ ଗ୍ରାହକଙ୍କ ଆତ୍ମବିଶ୍ୱାସ ଆହୁରି ବଢ଼ାଇବା ଲାଗି କମ୍ପାନୀ ବର୍ତ୍ତମାନ ଉକ୍ତ ସାମଗ୍ରୀଗୁଡ଼ିକୁ ବିତରଣ କରିବ। ଏଥିପାଇଁ କମ୍ପାନୀ ବିଶ୍ୱର କେତେକ ସର୍ବୋତ୍ତମ ଜ୍ଞାନକୌଶଳ ନିୟୋଜିତ କରିଛି। ଏହା ସହ ଆର୍ ଆଣ୍ଡ ଡି ଓ ବୈଷୟିକ ଷ୍ଟାର୍ଟଅପ୍‌କୁ ମଧ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ପରିଚାଳିତ କରୁଛି। ଏହି କାରଣରୁ କମ୍ପାନୀ ପ୍ରାୟ ୫୦ ଦେଶରେ ଗ୍ରାହକଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ଯୋଗାଣକାରୀ ଭାବେ ଉଭା ହୋଇଛି।

ଏ ସମ୍ପର୍କରେ ବେଦାନ୍ତ ଲିଃର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ସ୍ୱଚ୍ଛ ଶକ୍ତି ସମାଧାନ, ବୈଦ୍ୟୁତିକ ଗତିଶୀଳତା, ସବୁଜ ଅଟ୍ଟାଳିକା ଓ ଉଚ୍ଚସ୍ତରୀୟ ଜ୍ଞାନକୌଶଳକୁ ନେଇ ବେଦାନ୍ତ ଆଲୁମିନିୟମ ଭବିଷ୍ୟତରେ ସ୍ୱଳ୍ପ କାର୍ବନ ଯୁକ୍ତ ହେବ। ଏକ ବିଶ୍ୱସ୍ତରୀୟ ଉତ୍ପାଦକ ହେବା ପାଇଁ ଆମର ଉତ୍ପାଦଗୁଡ଼ିକ ବିଆଇଏସ୍ ପ୍ରମାଣପତ୍ର ଏହାର ବଳିଷ୍ଠ ନିର୍ଦ୍ଦର୍ଶନ । ସେହିଭଳି ବିଆଇଏସ୍‌ର ମୁଖ୍ୟ ଜଗନ୍ନାଥ ମାଝି କହିଛନ୍ତି, ବେଦାନ୍ତ ଆଲୁମିନିୟମ ବିଆଇଏସ୍ ଦ୍ୱାରା ପ୍ରତିଷ୍ଠିତ ବିସ୍ତୃତ ମାନଦଣ୍ଡ ମାଧ୍ୟମରେ ସ୍ଥିରୀକୃତ ହୋଇଛି। ଏପରିକି କମ୍ପାନୀର ଉତ୍ପାଦକୁ ପ୍ରମାଣିତ କରିବା ଲାଗି ସ୍ୱେଚ୍ଛାକୃତ ଭାବେ ବେଦାନ୍ତ ଆଗକୁ ଆସି ଅଧିକ ସକ୍ରିୟତା ପ୍ରଦର୍ଶନ କରିଛି।

## ସିଏନ୍‌ଜି ସେଗ୍‌ମେଣ୍ଟରେ ଆସିବ ଟୟୋଟା

**ନୂଆଦିଲ୍ଲୀ,୧୧।୧୧**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍)ର ସିଏନ୍‌ଜି ସେଗ୍‌ମେଣ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଉଭୟ ଟୟୋଟା ଗ୍ଲାନ୍‌ଜା ଏବଂ ଅର୍ବାନ କ୍ରୁଜ୍‌ର ହାଇରେଡର୍ ମଡେଲ ଲାଇନ ଅପ୍ ପାଇଁ ଅଧିକ ବିକଳ୍ପ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଜାନୁଆରୀରେ ଆରମ୍ଭ ହୋଇଥିବା ଟୟୋଟା ଗ୍ଲାନ୍‌ଜା ବର୍ତ୍ତମାନ ଏସ୍ ଏବଂ ଜି ଗ୍ରେଡ୍‌ରେ ଏକ ସିଏନ୍‌ଜି ଭାରିଆଣ୍ଟ ସହ ମାନୁଆଲ ଟ୍ରାନ୍ସମିସନ୍ ପାୱାର ଟ୍ରେନ୍ ସହିତ ଉପଲବ୍ଧ ହେବ। ଗ୍ରାହକମାନଙ୍କ ପାଇଁ ଏକ ଇକୋ-ଫ୍ରେଣ୍ଡଲି ତଥା ଅର୍ଥନୈତିକ ବିକଳ୍ପ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ମାନୁଆଲ ଟ୍ରାନ୍ସମିସନ୍ (ଏମ୍‌ଟି) ପାୱାର ଟ୍ରେନ୍ ସହ ଏ ଏବଂ ଜି ଗ୍ରେଡ୍‌ରେ ଉପଲବ୍ଧ ହେବାକୁ ଥିବା ଉଭୟ ମଡେଲରେ ଇ-ସିଏନ୍‌ଜି ଟ୍ରିମ୍ ରହିଛି। ଇ-ସିଏନ୍‌ଜି ଟେକ୍ନୋଲୋଜି ସହ ଟୟୋଟା ଗ୍ଲାନ୍‌ଜାର ମୂଲ୍ୟ ଯଥାକ୍ରମେ ଏସ୍ ଏବଂ ଜି ଗ୍ରେଡ୍ ପାଇଁ ୮,୪୩,୦୦୦ ଟଙ୍କା ଏବଂ ୯,୪୬,୦୦୦ ଟଙ୍କା ରହିଛି। ଭାରତର ସମସ୍ତ ଟୟୋଟା ଡିଲରଶିପ୍‌ରେ ଉଭୟ ଗ୍ଲାନ୍‌ଜା ଏବଂ ଅର୍ବାନ କ୍ରୁଜ୍‌ର ହାଇରେଡର୍ ପାଇଁ ଇ-ସିଏନ୍‌ଜି ଟ୍ରିମ୍ ପାଇଁ ବୁକିଂ ଆରମ୍ଭ ହୋଇଯାଇଛି। ଅର୍ବାନ କ୍ରୁଜ୍‌ର ହାଇରେଡରର ଇ-ସିଏନ୍‌ଜି ଟ୍ରିମ୍‌ର ମୂଲ୍ୟ ଖୁବ୍ ଶୀଘ୍ର ଘୋଷଣା କରାଯିବ।

ଏ ଟିକେଏମ୍‌ର ବିକ୍ରୟ ଏବଂ ଷ୍ଟ୍ରାଟେଜିକ୍ ମାର୍କେଟିଂ ଆସୋସିଏଟ୍ ଉପସଭାପତି ଅତୁଲ ସୁଦ୍ କହିଛନ୍ତି, ଆମର ଲକ୍ଷ୍ୟ ସର୍ବଦା ବଜାରର ଆବଶ୍ୟକତାକୁ ଆଧାରରେ ଗ୍ରାହକଙ୍କ ଆକାଂକ୍ଷା ପୂରଣ ଉପରେ ସ୍ୱଷ୍ଟ ଧ୍ୟାନଦେଇ ଗ୍ରାହକଙ୍କୁ ସର୍ବାଧିକ ଉପଯୋଗୀ ଉତ୍ପାଦ ଏବଂ ସେବା ଯୋଗାଇଦେବା। ସମାନ ଦୃଷ୍ଟିକୋଣକୁ ଆଖିରେ ରଖି ଆମେ ଟୟୋଟା ଗ୍ଲାନ୍‌ଜା ଏବଂ ଅର୍ବାନ କ୍ରୁଜ୍‌ର ହାଇରେଡର ପାଇଁ ସିଏନ୍‌ଜି ଭାରିଆଣ୍ଟ ଘୋଷଣା କରି ବେଶ୍ ଆନନ୍ଦିତ।

**ଫୁର୍‌ସତ୍**

# ବିଶ୍ୱ ସୁନ୍ଦରୀ ପୋଲିସ

**ବୋଗୋଟା**

ବର୍ତ୍ତମାନ ସୋସିଆଲ ମିଡିଆର ଢେର୍ ଚାହିଦା ବଢ଼ିଯାଇଛି। ଗୋଟିଏ ସାଧାରଣ ଲୋକକୁ ରାତାରାତି ଷ୍ଟାର କରିଦେଇ ପାରୁଛି ସାମାଜିକ ଗଣମାଧ୍ୟମ। ତେବେ ଏହା ଜରିଆରେ ଦେଶ ଛଡ଼ା ବିଦେଶରେ ମଧ ବେଶ୍ ପରିଚିତ ହୋଇଛନ୍ତି କଲମ୍ବିଆର ଡିଆନା ରାମିରେଜ୍। ପେସାରେ ଡିଆନା ଜଣେ ପୋଲିସ। କିନ୍ତୁ ଏହି ପୋଲିସ ଅଧିକାରୀଙ୍କୁ ଏବେ ବିଶ୍ୱର ସବୁଠାରୁ ସୁନ୍ଦରୀ ପୋଲିସର ମାନ୍ୟତା ପ୍ରଦାନ କରାଯାଇଛି। ନିକଟରେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କ ପାଇଁ ଆୟୋଜିତ ଇନ୍‌ଷ୍ଟାଫେସ୍ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ରାମିରେଜ୍‌ଙ୍କୁ ବେଷ୍ଟ ପୋଲିସ ତଥା ମିଲିଟାରି ଇନ୍‌ଫ୍ଲୁଏନ୍ସର ଅଫ୍ ଦ ଇୟର୍ ଭାବେ ବିବେଚନା କରାଯାଇଛି।

ନିଜ ପେସାକୁ ନେଇ ରାମିରେଜ୍ ଖୁବ୍ ଖୁସି ଥିବା କହିଛନ୍ତି। ତାଙ୍କୁ ଯଦି ପୁଣିଥରେ କ୍ୟାରିୟର୍ ବାଛିବା ପାଇଁ ମୌକା ମିଳେ ତେବେ ସେ ପୋଲିସ ହେବାକୁ ଚାହିଁବେ ବୋଲି କହିଛନ୍ତି। ନିଜ ପେସା ପାଇଁ ସେ ବହୁତ୍ କିଛି ପାଇଥିବା କହିଛନ୍ତି। ତେବେ ସୋସିଆଲ ମିଡିଆ ଖାଲି ମନୋରଞ୍ଜନ କ୍ଷେତ୍ରରେ ନୁହେଁ ବରଂ ପଢ଼ାପଢ଼ି ସାଙ୍ଗକୁ ନିଜ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାରେ ସହାୟକ ହେଉଥିବା ସେ କହିଛନ୍ତି। ପ୍ରକାଶିତ ଖବର ଅନୁସାରେ କଲମ୍ବିଆ ଏକ ଅପରାଧପ୍ରବଣ ଦେଶ ହୋଇଥିବାବେଳେ ସେଠାରେ ପୋଲିସ ଚାକିରି କରିବା ବଡ଼ ବିପଜ୍ଜନକ ବୋଲି କୁହାଯାଏ। ସୋସିଆଲ ମିଡିଆରେ ରାମିରେଜ୍‌ଙ୍କର ୪ ଲକ୍ଷରୁ ଅଧିକ ଫଲୋୟର୍ସ ରହିଛନ୍ତି।




ଡିଆନା ରାମିରେଜ୍

# ଫିଲ୍ମ ଜଗତରେ ଧୋନୀଙ୍କ ଏଣ୍ଟ୍ରି

**ଚେନ୍ନାଇ:** କ୍ରିକେଟରୁ ଅବସର ନେବା ପରେ ମହେନ୍ଦ୍ର ସିଂ ଧୋନୀ ଫିଲ୍ମରେ ପାଦ ଥାପିବାକୁ ଯାଉଛନ୍ତି। ଏକାଧିକ ଜାତୀୟ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇଥିବାବେଳେ ଧୋନୀଙ୍କ ତରଫରୁ ଏ ବାବଦ ସୂଚନା ସ୍ପଷ୍ଟ ହୋଇନାହିଁ। ତାମିଲ ଫିଲ୍ମ ଜରିଆରେ ସେ ଏଣ୍ଟରଟେନ୍‌ମେଣ୍ଟ ଜଗତକୁ ପ୍ରବେଶ କରିବେ ବୋଲି ଆଲୋଚନା ହେଉଛି। ତାମିଲ ଫିଲ୍ମ ନିର୍ଦ୍ଦେଶକ ଲୋକେଶ କାନାଗାରେଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଫିଲ୍ମରେ ଧୋନୀଙ୍କୁ ତାଙ୍କ ଫ୍ୟାନ୍ସମାନେ ଦେଖିବାକୁ ପାଇବେ। କିଛିମାସ ପୂର୍ବେ ସାଉଥ୍ ସୁପରଷ୍ଟାର ଥଲପତି ବିଜୟଙ୍କ ସହ ଫିଲ୍ମ କରିବା ନେଇ ଗୁଜବ ଉଠିଥିଲା। ୨୦୨୦ରେ ଧୋନୀ କ୍ରିକେଟରୁ ଅବସର ନେଇଥିଲେ। ସେ ଭାରତୀୟ ସେନାରେ ମଧ କାର୍ଯ୍ୟ କରିଛନ୍ତି। କ୍ରିକେଟ ବ୍ୟତୀତ ଅନେକ କମର୍ସିଆଲ ବିଜ୍ଞାପନରେ ଧୋନୀଙ୍କ ଅଭିନୟ ଦେଖିବାକୁ ମିଳିଛି। ତାଙ୍କ ଫ୍ୟାନ୍, ଫଲୋୟର୍ସ କୌଣସି ସୁପରଷ୍ଟାରଠାରୁ କମ୍ ନୁହେଁ। ଆଗାମୀ ଦିନରେ ଧୋନୀ ଫିଲ୍ମରେ ଅଭିନୟ କଲେ ତାଙ୍କୁ ସମାନ ଭଲପାଇବା ମିଳିବ ବୋଲି ଆଶା ରଖାଯାଇଛି।



## ୨୦୦୦ ବର୍ଷର କାଂସ୍ୟ ପ୍ରତିମୂର୍ତ୍ତି



**ରୋମ୍:** ଇଟାଲୀର ସାନ୍ କାସିଆନୋ ଦେଇ ଗାଭନିରୁ ୨, ୦୦୦ ବର୍ଷ ପୁରୁଣା କାଂସ୍ୟ ପ୍ରତିମୂର୍ତ୍ତି ଠାବ କରିଛନ୍ତି ଇଟାଲୀୟ ପ୍ରତ୍ନତତ୍ତ୍ୱବିତ୍। ମୂର୍ତ୍ତି ସାଙ୍ଗକୁ ପାଖାପାଖି ୫୦୦୦ ସୁନା ,ରୁପା ଓ କଂସା ମୁଦ୍ରା ମଧ ଉକ୍ତ ସ୍ଥାନରୁ ମିଳିଛି। ମୂର୍ତ୍ତିସବୁକୁ ସୁରକ୍ଷିତଭାବେ ମାଟିତଳେ ପୋତାଯାଇଥିବା ଜଣାପଡ଼ିଛି। ମିଳିଥିବା ୨୪ରୁ ଉର୍ଦ୍ଧ୍ୱ ପ୍ରତିମୂର୍ତ୍ତି ପାଇଁ ସ୍ୱତନ୍ତ୍ର ମ୍ୟୁଜିୟମ୍ ତିଆରି କରାଯିବ ବୋଲି ଇଟାଲୀ ସରକାରଙ୍କ ପକ୍ଷରୁ କୁହାଯାଇଛି। ଇଟାଲୀର ଇଟ୍ରୁସ୍କାନ ସମୁଦାୟ ଓ ରୋମାନ ଶାସନକାଳ ସମ୍ବନ୍ଧରେ ବହୁ ତଥ୍ୟ ପ୍ରଦାନ କରିବ ବୋଲି ପ୍ରତ୍ନତତ୍ତ୍ୱବିତ୍ କହିଛନ୍ତି। ବର୍ତ୍ତମାନର ଟୁସ୍କନି, ଉମ୍ବ୍ରିଆ ଏବଂ ଲାଜିଓ ସମୁଦାୟ ମଧ୍ୟରେ ଖ୍ରୀଷ୍ଟପୂର୍ବ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଘମାଘୋଟ ଲଢ଼େଇ ଲାଗି ରହିଥିଲା। ଶତ୍ରୁଙ୍କଠାରୁ ଦେବାଦେବୀଙ୍କ ମୂର୍ତ୍ତିକୁ ବଞ୍ଚାଇବା ପାଇଁ ଲୋକେ କାଦୁଅତଳେ ମୂର୍ତ୍ତି ସବୁ ଲୁଚାଇଥିବା କୁହାଯାଉଛି। ଅନେକ ଦେବଦେବୀଙ୍କ ମୂର୍ତ୍ତି ସାଙ୍ଗକୁ ମୂର୍ତ୍ତିର ଖଣ୍ଡବିଖଣ୍ଡିତ ଅଙ୍ଗ ହସ୍ତଗତ ହୋଇଛି।

## ଏଲିଜାବେଥ୍‌ଙ୍କ ଷ୍ଟାଚ୍ୟୁ ଅନାବରଣ

**ଲଣ୍ଡନ**

ବ୍ରଟେନ୍ କିଙ୍ଗ୍ ଚାର୍ଲସ୍ ତୃତୀୟ ଇଂଲଣ୍ଡରେ ତିଆରି ହୋଇଥିବା ଦିବଂଗତ ମହାରାଣୀ ଏଲିଜାବେଥ୍‌ଙ୍କ ମୂର୍ତ୍ତି ଅନାବରଣ କରିଛନ୍ତି। ସେପ୍ଟେମ୍ବର ୮ରେ ମହାରାଣୀଙ୍କ ମୃତ୍ୟୁ ପରେ ଏହା ହେଉଛି ଏଲିଜାବେଥ୍‌ଙ୍କ ପ୍ରଥମ ପ୍ରତିମୂର୍ତ୍ତି। ଏହାର ଉଚ୍ଚତା ୬ ଫୁଟ୍ ୭ ଇଞ୍ଚ ରହିଥିବାବେଳେ ଅଗଷ୍ଟମାସରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଥିଲା। ବ୍ରିଟେନ୍‌ରେ ମହାରାଣୀଙ୍କ ଶାସକନାଳକୁ ୭୦ ବର୍ଷ ପୂରିଯାଇଥିବା ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ କରାଯାଇଥିଲା। ଏ ନେଇ ମହାରାଣୀଙ୍କ ମୂର୍ତ୍ତି ତିଆରି କରାଯାଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ଫ୍ରେଞ୍ଚ୍ ଲେପିନ ଲାଇମ୍‌ଷ୍ଟୋନରେ ଏହି ଷ୍ଟାଚ୍ୟୁ ତିଆରି କରାଯାଇଛି। ଏହାର ଓଜନ ପାଖାପାଖି ୨ ଟନ୍ ହେବ। ମୂର୍ତ୍ତିରେ ଏଲିଜାବେଥ୍ ରାଜକୀୟ ବାଡ଼ି ଧରିଥିବାର ଦେଖିବାକୁ ମିଳିଛି। ରୋଚକ କଥା ମହାରାଣୀ ନିଜେ ଏହି ଷ୍ଟାଚ୍ୟୁର ଡିଜାଇନ୍ ବାଛିଥିଲେ।



## ନିମୋନିଆ ବିରୋଧରେ ସଂଗ୍ରାମ

**ବିଶ୍ୱ ନିମୋନିଆ ଦିବସ**

ନିମୋନିଆ ମୁକାବିଲା ପାଇଁ ସଚେତନତା ସୃଷ୍ଟି ଲାଗି ବିଶ୍ୱ ନିମୋନିଆ ଦିବସ ପ୍ରତିବର୍ଷ ୧୨ ନଭେମ୍ବରରେ ପାଳିତ ହୋଇଥାଏ। ଶିଶୁମାନଙ୍କର ସୁରକ୍ଷାକୁ ପ୍ରତିପାଦିତ କରୁଥିବା ୧୦୦ ରୁ ଅଧିକ ସଂଗଠନ ୧୨ ନଭେମ୍ବର ୨୦୦୯ ରେ ପ୍ରଥମ ବିଶ୍ୱ ନିମୋନିଆ ଦିବସ ପାଳନ କରିବା ପାଇଁ ଶିଶୁ ନିମୋନିଆ ବିରୋଧରେ ଗ୍ଲୋବାଲ କୋଅଲିସନ ଭାବରେ ଏକତ୍ରିତ ହୋଇଥିଲେ।

ସଚେତନତା ଦ୍ୱାରା ନିମୋନିଆରୁ ଦୂରେଇ ରହିବା ସମ୍ଭବ ହୋଇଥାଏ। ଏହା ପ୍ରତିବର୍ଷ ପୃଥିବୀରେ ୫ ବର୍ଷରୁ କମ ବୟସ୍କ ୧୫୫ ନିୟୁତ ଶିଶୁଙ୍କୁ ଅସୁସ୍ଥ କରିଥାଏ। ନିମୋନିଆରେ ପ୍ରତିବର୍ଷ ୧.୬ ନିୟୁତଙ୍କର ମୃତ୍ୟୁ ଘଟିଥାଏ। ଏଡସ, ମ୍ୟାଲେରିଆ ଏବଂ ମିଳିମିଳା ତୁଳନାରେ ନିମୋନିଆରେ ଅଧିକଙ୍କ ମୃତ୍ୟୁ ଘଟିଥାଏ। ବିଶ୍ୱ ନିମୋନିଆ ଦିବସ ଏହି ସ୍ୱାସ୍ଥ୍ୟ ସଙ୍କଟ ପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାହାଯ୍ୟ କରିବା ଏବଂ ଏହି ରୋଗର ମୁକାବିଲା ପାଇଁ ନୀତି ପ୍ରସ୍ତୁତି ତଥା ତୃଣମୂଳ ସଂଗଠକମାନଙ୍କୁ ଉତ୍ସାହିତ କରିଥାଏ। ନିମୋନିଆ ବିରୁଦ୍ଧରେ ସୁଲଭ ଚିକିତ୍ସା ଏବଂ ପ୍ରତିରୋଧ ବିକଳ୍ପ ବିଦ୍ୟମାନ ଅଛି। ମାରାତ୍ମକ ନିମୋନିଆର ଦୁଇଟି ସାଧାରଣ ବ୍ୟାକ୍ଟେରିଆ ହେମୋଫିଲସ ଏନ୍‌ଫ୍ଲୁଏଞ୍ଜା ଟାଇପ୍-ବି ଏବଂ ଷ୍ଟ୍ରେପଟୋକୋକସ ନିମୋନିଆ ରହିଛି। ନିମୋନିଆ ପ୍ରତିଷେଧକ ପାଇଁ ଅର୍ଥୋମାଇକ୍ସୋଭାଇରିଡା ପ୍ରଭାବଶାଳୀ ଟିକା ପ୍ରଦାନ କରାଯାଇଥାଏ। ନିମୋନିଆର ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଗ୍ଲୋବାଲ ଆକ୍ସନ ପ୍ଲାନ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫ ଦ୍ୱାରା ବିଶ୍ୱ ନିମୋନିଆ ଦିବସରେ ୨୦୦୯ରେ ଆରମ୍ଭ ହୋଇଥିଲା। ଏହି ଦିବସ ପାଳନ ଅବସରରେ ନିମୋନିଆ ବିରୋଧରେ ସଚେତନା ସୃଷ୍ଟି କରାଯାଇଥାଏ।

## ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ଟ୍ରକ୍

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ନର୍ଲା ରେଳ ଫାଟକ ପାଖରେ ଏକ ମାଲ ବୋଝେଇ ଟ୍ରକ୍ ୨ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ଘଟଣାସ୍ଥଳରେ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନର୍ଲା ମେଡିକାଲକୁ ପଠାଯାଇଥିବା ବେଳେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିଛି। ଆହତ ୨ଜଣ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ମହାବିଦ୍ୟାଳୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ଓଜେଓ୍ୟୁର ପ୍ରସ୍ତୁତି ବୈଠକ, ପୂର୍ତ୍ତ ବିଭାଗ ଡାକବଙ୍ଗଳା, ପୂର୍ବାହ୍ନ ୧୧ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସାଂସ୍କୃତିକା କାର୍ଯ୍ୟକ୍ରମ, ବୁଢ଼ାରଜା ସରକାରୀ ହାଇସ୍କୁଲ ପଡିଆ, ସନ୍ଧ୍ୟା ୬ଟା।
- ଅରୁଣ ପ୍ରସନ୍ନ କୁମାର ସେଠଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା, କୁଞ୍ଜେଲପଡ଼ା ଛକ, ସନ୍ଧ୍ୟା ସାଢ଼େ ୬ଟା।
- ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବାର୍ଷିକ ବିଜ୍‌ନେସ କନକ୍ଲେଭ, ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବାଳିକା ଉଚ୍ଚ ବିଦ୍ୟାଳୟରେ ସାଧାରଣ ସଭା

ସମ୍ବଲପୁର,୧୧।୧୧(ବ୍ୟୁରୋ)- ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଗଙ୍ଗାଧର ମେହେର କଲେଜର ପ୍ରାକ୍ତନ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ମିଶ୍ର, ନରେନ୍ଦ୍ର କୁମାର ପ୍ରଧାନ, ଡା. ଅନୀଲ ଚନ୍ଦ୍ର ଦାସ, କୁଞ୍ଜ ବିହାରୀ ମୁଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟ କୁମାରୀ ବିଶ୍ୱାଳ, ବୁଢ଼ାରଜା ସରକାରୀ ଉଚ୍ଚବିଦ୍ୟାଳୟ ଶିକ୍ଷକ ହରିନାରାୟଣ ପଣ୍ଡା ବିଦ୍ୟାଳୟର ବିଭିନ୍ନ ବିକାଶ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପ୍ରତିଷ୍ଠାତା ଡାକ୍ତର ଗୌରମୋହନ ବିଶ୍ୱାଳଙ୍କ ନାମରେ ବିଦ୍ୟାଳୟର ନାମକରଣ କରିବା ଓ ତାଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସ୍ଥିର କରାଯାଇଛି। ଖେଳ ଶିକ୍ଷକ ଭୀମସେନ ବାରିକ ଧନ୍ୟବାଦ ଦେଇଥିଲେ।

### ହିଣ୍ଡାଲ୍‌କୋ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୧୧(ବ୍ୟୁରୋ): ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ସ୍ଥାନୀୟ ମହମ୍ମଦପୁର ଗ୍ରାମରେ ବିଉଟିସିଆନ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ମହିଳା ଓ ବାଳିକାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ମହମ୍ମଦପୁର, ନୂଆଜାମଡା, ଗୁଣ୍ଡୁରୁପଡା ଓ ଆର୍‌ଆର୍ କଲୋନୀ ଡେଙ୍ଗୀମଚାର ମହିଳା ଓ ବାଳିକା ସାମିଲ ହୋଇଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ନିର୍ଦ୍ଦେଶକ୍ରମେ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ହିଣ୍ଡାଲକୋର ଜିଏମ୍ ଏମ୍‌ସିଓଇ ମୌସୁମୀ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତି, ସରୋଜ କୁମାର ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଝାନ୍‌ସୀ ନାୟକ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ ଓ ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ମାଣ୍ଡିଆ ଦିବସ

ଝାରସୁଗୁଡ଼ା ଅଫିସ,୧୧।୧୧: ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୁଷ୍ଟି ଶସ୍ୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହାକୁ ଉଦଘାଟନ କରିଥିଲେ। ପୁଷ୍ଟିଶସ୍ୟ ମାଣ୍ଡିଆ ପୋଷକତତ୍ତ୍ୱରେ ପରିପୂର୍ଣ୍ଣ ହୋଇଥିବାରୁ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଆହ୍ୱାନ ଦେଇଥିଲେ। ଜିଲାପାଳ ସରୋଜ କୁମାର ସାମଲ ମାଣ୍ଡିଆର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଜିଲା କୃଷି ଅଧିକାରୀ ବଳବିର ସିଂ, ଡିପିଡି (ଆତ୍ମା) ଧୀରେନ୍ଦ୍ର ସିଂହ ବରିହା, ଯୋଜନା ଅଧିକାରୀ ସୁପ୍ରିତି ମାଝି, ମିଲେଟ ମିଶନ ଜିଲା ସଂଯୋଜକ ଟିକେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳାର ଆୟୋଜନ କରାଯାଇଥିଲା। ଏଥିରେ ମାଣ୍ଡିଆରେ ପ୍ରସ୍ତୁତ ବରା, ଆଳୁଚପ, ପକୁଡ଼ି, ଆରିସା, ମାଲପୁଆ, କ୍ଷୀରି, ଗଜା, ଖୁର୍ମା ଭଳି ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲଇକେରା, କୋଲାବିରା, ଝାରସୁଗୁଡ଼ା, କିର୍ମିରା ଓ ଲଖନପୁର ବ୍ଲକର ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇ ମାଣ୍ଡିଆ ରଥ ସହିତ ଝାରସୁଗୁଡ଼ା ବସ ଷ୍ଟାଣ୍ଡ ଠାରୁ କଲେକ୍ଟର ଅଫିସ ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଭାଗ ନେଇଥିଲେ।

# ଏସ୍‌ୟୁରେ ଆର୍ଥିକ ସଙ୍କଟ ଆଶଙ୍କା

ସମ୍ବଲପୁର,୧୧।୧୧(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ ଆର୍ଥିକ ସଙ୍କଟ ଆଶଙ୍କା ଦେଖାଦେଇଛି। ନିୟମ ଅନୁସାରେ ସରକାର ଶିକ୍ଷକ, କର୍ମଚାରୀଙ୍କ ଦରମା, ପେନ୍‌ସନ୍ ଭଳି ବିଭିନ୍ନ ଖର୍ଚ୍ଚ ସହିତ ଗବେଷଣା ଓ ଅନ୍ୟାନ୍ୟ ପାଣ୍ଠିକୁ ବ୍ଲକ୍‌ଗ୍ରାଣ୍ଟ ଦେଇଥାନ୍ତି। ଗତ ଆର୍ଥିକ ବର୍ଷରେ ବିଶ୍ୱବିଦ୍ୟାଳୟରେ ଖର୍ଚ୍ଚ ହୋଇଥିବା ଟଙ୍କାରୁ ୨୦ କୋଟି ଟଙ୍କା କମ୍ ଓ ତା' ପୂର୍ବ ବର୍ଷ ପ୍ରାୟ ୭ କୋଟି ଟଙ୍କା କମ୍ ଅନୁଦାନ ଦେଇଥିଲେ। ଏହା ଯଦି ଲାଗି ରହେ ବିଶ୍ୱବିଦ୍ୟାଳୟ ଆର୍ଥିକ ଦେବାଳିଆ ସ୍ଥିତିକୁ ଆସିଯିବ। ଏଣୁ ବିଶ୍ୱବିଦ୍ୟାଳୟକୁ ବକେୟା ଅନୁଦାନ ପ୍ରଦାନ ସହିତ ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ଅନୁଦାନ ବୃଦ୍ଧି କରାଯାଉ। ଗୁରୁତର ପରିସ୍ଥିତି ହେବା ପୂର୍ବରୁ ରାଜ୍ୟ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସରକାର ତୁରନ୍ତ ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ସମ୍ବଲପୁର ନାଗରିକ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସଭାପତି ତଥା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା କହିଥିଲେ। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଖାଲିଥିବା ୬୩ ଶିକ୍ଷକ ଓ ୨୯୩ ଅଣଶିକ୍ଷକ କର୍ମଚାରୀ ପଦବୀ ତୁରନ୍ତ ପୂରଣ କରାଯାଉ ବୋଲି ଦାବି କରିଥିଲେ। ପୂର୍ବତନ କୁଳପତି ସଞ୍ଜୀବ ମିତ୍ତଲଙ୍କ କାର୍ଯ୍ୟକାଳ ସମୟର ଦୁର୍ନୀତି ଓ ନିୟମ ବହିର୍ଭୂତ କାର୍ଯ୍ୟର ସିଏଜି ଦ୍ୱାରା ସମୀକ୍ଷା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗୌରବ ଓ ଗାରିମାମୟ ଇତିହାସ ରହିଛି। ଉପଯୁକ୍ତ ପ୍ରାର୍ଥୀଙ୍କୁ କୁଳସଚିବ କରିବା ଓ ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ବୌଦ୍ଧିକ, ମାନବ ସୁରକ୍ଷା ପାଇଁ ଅଭିଯାନରେ ସମସ୍ତେ ସାମିଲ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗରିକ କଲ୍ୟାଣ ସମିତି ସଭାପତି ମହେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ମହେଶ ସାଏତା, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଝୁଝୁମୁରା ଗଣ୍ଡଗୋଳ ନେଇ ପୁଣି ମାରପିଟ

ସମ୍ବଲପୁର,୧୧।୧୧(ବ୍ୟୁରୋ)

### ଜଣେ ଗିରଫ, ୭ ଅଟକ

ସମ୍ବଲପୁର ଜିଲା ଝୁଝୁମୁରାରେ ୪ଦିନ ତଳେ ରାସୋତ୍ସବରେ ଗଣ୍ଡଗୋଳ ସ୍ଥିତିର ସୁଧାର ଆସୁନାହିଁ। ଶୁକ୍ରବାର ଝୁଝୁମୁରା ଗ୍ରାମର ଭାବଗ୍ରାହୀ ପାଣିଗ୍ରାହୀ ନାମକ ଯୁବକଙ୍କୁ ପୁଣି ମାରପିଟ ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ଗ୍ରାମର ରୋହିତ ତୁପାକ (୨୮)ଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ୭ଜଣଙ୍କୁ ମଧ ପୋଲିସ ଅଟକ ରଖିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି ଓ ଯେଉଁମାନଙ୍କ ସମ୍ପୃକ୍ତି ଥିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି। ସେ ଆହୁରି କହିଥିଲେ, ଭାବଗ୍ରାହୀ ଗ୍ରାମରୁ ଛକକୁ ଆସୁଥିବା ସମୟରେ ଦୁର୍ବୃତ୍ତମାନେ ଅଟକାଇ ମାରପିଟ କରି ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ରୋହିତଙ୍କୁ ଗିରଫ କରିବା ସହ ଅନ୍ୟ ୭ ଜଣଙ୍କୁ ଅଟକ ରଖିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଥିଲେ।

# ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ କରାଯାଉ

ଦେବଗଡ଼,୧୧।୧୧(ଡି.ଏନ୍.ଏ.)

୨୦୦ଶଯ୍ୟା ବିଶିଷ୍ଟ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏଣୁ ତୁରନ୍ତ ଖାଲିଥିବା ଡାକ୍ତର ପଦବୀ ପୂରଣ ଦାବିରେ ଶୁକ୍ରବାର ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ପୂର୍ବାହ୍ନରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ସ୍ମାରକପତ୍ରର ନକଲ ରାଜ୍ୟ


ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା ନେତା।

### ଭାଜପା ଏସ୍‌ସି ମୋର୍ଚ୍ଚାର ଦାବି

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ପ୍ରେରଣ କରିଥିଲେ। ଡାକ୍ତର ଅଭାବରୁ ବିଶେଷ ଭାବେ ଗରିବ ଆଦିବାସୀ ଓ ଦଳିତବର୍ଗର ଲୋକେ ନାନା ସମସ୍ୟାର ସମ୍ମୁଖିନ ହେଉଥିବା ଉକ୍ତ ସ୍ମାରକପତ୍ରରେ ଦର୍ଶାଯିବା ସହ ଯଥାଶୀଘ୍ର ଖାଲି ଡାକ୍ତର ପଦବୀ ପୂରଣ କରା ନ ଗଲେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଶତ୍ରୁଘ୍ନ ପାତ୍ର, ଆଶିଷ କୁମାର ଦେବତା, ଦେବାଶିଷ କର, ସୁମନ୍ତ ଭୋଜ, ରାଜେନ୍ଦ୍ର ଆଚାର୍ଯ୍ୟ, ଲିପନ ସୁଗୁଳା, ମହାଦେବ ନାୟକ, ଛବିଳ ପାତ୍ର ଓ ଜିତେନ ମୁଖିଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

# କଲେଜରେ ଜାତୀୟ ଶିକ୍ଷା ଦିବସ

ନାକଟିଦେଉଳ,୧୧।୧୧(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଶିକ୍ଷା ଦିବସ ସ ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼. ଏପିଜେ ଅବଦୁଲ କାଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ଅଧ୍ୟାପକ ଶରତ କୁମାର ଶତପଥୀ ଓ ଶିକ୍ଷା ବିଭାଗ ଅଧ୍ୟାପକ ମହେନ୍ଦ୍ର କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡ଼. ଅବଦୁଲ କାଲମଙ୍କ ଜୀବନୀ ଓ ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଇଂରାଜୀ ଅଧ୍ୟାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ଓ ଓଡ଼ିଆ ଅଧ୍ୟାପିକା ସୁବାସିନୀ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷା ଦିବସରେ ଆଲୋଚନା ଚକ୍ର

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଜାତୀୟ ଶିକ୍ଷା ଦିବସ ଉପଲକ୍ଷେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଦିବ୍ୟଜୀବନ ସଂଘର ସ୍ୱାମୀ ଆନନ୍ଦ ସ୍ୱରୂପାନନ୍ଦ ସରସ୍ୱତୀଜୀ ମହାରାଜ ମୁଖ୍ୟଅତିଥି ଓ ଦିବ୍ୟଜୀବନ ସଂଘ ସମ୍ବଲପୁର ଶାଖାର ସଭାପତି ଡ. ମୀନକେତନ ପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୌଲାନା ଆବୁଲ୍ କାଲାମ ଆଜାଦ ଓ ତାଙ୍କର ଭାରତୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଥିବା ଅବଦାନ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ହରି ନାରାୟଣ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ଧନ୍ୟବାଦ ଦେଇଥିଲେ।

## ଲରପଙ୍କଠାରେ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସମ୍ବଲପୁର ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ହୀରାକୁଦ ନିକଟ ଲରପଙ୍କଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଙ୍କଜ ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ହୋତାଙ୍କ ସମେତ ନଗର ସ୍ୱାସ୍ଥ୍ୟ ସମିତିର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟସେବା ସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଅଣସଂକ୍ରମଣ ରୋଗ ଚିହ୍ନଟ, ଘରକୁ ଘର ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏହି କେନ୍ଦ୍ରର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି, ଆଶା ଓ ମହିଳା ଆରୋଗ୍ୟ ସମିତି ସଭ୍ୟାଉପସ୍ଥିତ ଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆରତି


@ ମଦନ


@ ମୋନାଲିଶା


@ ସମରେନ୍ଦ୍ର


@ ପ୍ରିୟା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଏପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଶୁକ୍ରବାର ଏଏପିର ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପାର୍ଟିର ଆଭିମୁଖ୍ୟ, ଦିଲ୍ଲୀ ଓ ପଞ୍ଜାବରେ କରାଯାଇଥିବା ଜନକଲ୍ୟାଣକାରୀ କାର୍ଯ୍ୟ ଉପରେ ଚର୍ଚ୍ଚା ହୋଇଥିଲା। ସମ୍ବଲପୁରରେ ଶିକ୍ଷା, ସ୍ୱାସ୍ଥ୍ୟ, ବେରୋଜଗାରି, ବିଜୁଳି, ପାଣି, ପରିମଳ, ରାସ୍ତାଘାଟ, ଟ୍ରାଫିକ୍ ଆଦି ସମସ୍ୟା ସମାଧାନ କରିବା ପାଇଁ ବକ୍ତାଗଣ ମତ ପ୍ରକାଶ କରିଥିଲେ। ଆଗାମୀ କର୍ପୋରେଶନ୍ ଓ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣନୀତି ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ୱାର୍ଡରେ କମିଟି ଓ ସଭା କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ୧୫ ୱାର୍ଡରୁ ୨୦ରୁ ଉର୍ଦ୍ଧ୍ୱ ଯୁବକ ଆପର ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ସମ୍ବଲପୁର ସଭାପତି ଭୁପେନ୍ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରମନି ସାମଲ, ଜିଲା ସଭାପତି ଲାଲ ମଣି ଲୁଗୁନ୍, ଜିଲା ଉପସଭାପତି ଦେଓନିସ୍ ଲୁଗୁନ୍, ଜିଲା ଆଦିବାସୀ ସେଲ ସଭାପତି ସୁବୋଷ ମୁଣ୍ଡା, ଜିଲା ଯୁବ ସଭାପତି ଲୁଲୁ ନାଏକ, ରେଙ୍ଗାଲି ବରିଷ୍ଠ ନେତା ବୀରକିଶୋର ରୋହିଦାସ୍ ମଞ୍ଚାସୀନ ଅତିଥି ଥିଲେ।



ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

# ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଝାରସୁଗୁଡ଼ା ଅଫିସ,୧୧।୧୧

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ୨୦୨୧ରେ କଳାକାରଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ଲଖନପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ କଳାକାର ଚୟନ ଶିବିର ଶେଷ ହୋଇଛି। ହେଲେ ଏଥିରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗକ୍ରମେ ଲଖନପୁର ବ୍ଲକ୍‌ର କଳାକାରମାନେ ଜିଲା ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଆବେଦନ କରିଥିଲେ। ଏହି ବ୍ଲକ୍ ୩୩ ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ ଏହାକୁ ୨ଭାଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ଦିନରେ୧୭ ପଞ୍ଚାୟତର ୧୫୮ଜଣ କଳାକାର ଓ ଦ୍ୱିତୀୟ ଦିନରେ ୧୬ ପଞ୍ଚାୟତର ୨୪୯ଜଣ କଳାକାର ପରୀକ୍ଷଣ ପାଇଁ ଆସିଥିଲେ। ବ୍ଲକ୍ କଳା ସଂସ୍କୃତି ସଂଘ ସଭାପତି ବିଡିଓ ଜୟନ୍ତ ସାହୁଙ୍କ ନେତୃତ୍ୱରେ ଏକ ୬ଜଣିଆ ବିଚାରକ ମଣ୍ଡଳୀ ଗଠନ ହୋଇଥିଲା।


ବିଚାରକ ମଣ୍ଡଳୀ ନିକଟରେ ଜଣେ କଳାକାର ପରୀକ୍ଷଣ ଦେଉଛନ୍ତି।

### ଲଖନପୁର ବ୍ଲକ୍‌ରେ କଳାକାର ପରୀକ୍ଷଣ ଶିବିର

ସକାଳ ୧୦ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ପରୀକ୍ଷଣ ହୋଇଥିଲା। ଏଥିରେ ମହିଳା ଓ ପୁରୁଷ କଳାକାର ରହିଥିଲେ। ପରୀକ୍ଷଣ ପାଇଁ ଦୂରଦୂରାନ୍ତରୁ ଆସିଥିବା କଳାକାରଙ୍କୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା । ବ୍ଲକ୍ ସଦର ମହକୁମାରୁ ସୀମାନ୍ତର ଦୂରତ୍ୱ ୬୦କିମି ହୋଇଥିବାବେଳେ କଳାକାରମାନେ କାମସାରି ରାତିରେ ଘରକୁ ଫେରିବା କଷ୍ଟକର ହୋଇଥିଲା। ମହିଳା କଳାକାର ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ପୂର୍ବରୁ ସୂଚନା ପାଇ ନ ଥିବାରୁ କେତେଜଣ କଳାକାର ବାଦ୍ୟଯନ୍ତ୍ର ସାଙ୍ଗରେ ଆଣି ନ ଥିଲେ। ଫଳରେ ସେମାନେ ଦକ୍ଷତା ପ୍ରତିପାଦନ କଲାବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରୀକ୍ଷଣ କେନ୍ଦ୍ରରେ ପାନୀୟଜଳ, ଖାଦ୍ୟପେୟ, ବସିବାପାଇଁ ସ୍ଥାନ ଆଦିର ସୁବ୍ୟବସ୍ଥା ହୋଇ ନ ଥିଲା। ପରୀକ୍ଷଣ ଶିବିର ୩ଜୋନ୍‌ରେ ପୃଥକ୍ ଭାବେ କରିଥିଲେ କଳାକାରମାନେ ସହଜ ଓ ସୁବିଧାରେ ସେଠାରେ ପହଞ୍ଚି ଦକ୍ଷତା ପ୍ରତିପାଦନ କରିପାରିଥାନ୍ତେ। ଏସବୁ କରା ନ ଯାଇ ତରବରିଆ ଭାବେ ଶିବିର ଆୟୋଜନ କରାଯିବା ଫଳରେ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା କଳାକାର ମହଲରେ ଅଭିଯୋଗ ହେଉଛି। ବିଡିଓ ଜୟନ୍ତ ସାହୁ ଏଭଳି ଅବ୍ୟବସ୍ଥାକୁ ସ୍ୱୀକାର କରିବା ସହ ଆଗାମୀ ଦିନରେ ଏସବୁ ଯେମିତି ନ ହେବ ଏ ଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି।



ଝାଡ଼ଖଣ୍ଡ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ୧୯୩୨ ନିବାସ ସ୍ଥାନ ନୀତି ସମ୍ପର୍କିତ ବିଲ୍ ଏବଂ ବିଭିନ୍ନ ବର୍ଗଙ୍କ ପାଇଁ ସଂରକ୍ଷଣ ଗୃହୀତ ହେବା ପରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ପ୍ରଦେଶ କଂଗ୍ରେସ ସଭାପତି ରାଜେଶ ଠାକୁର ଏବଂ ଉପା ବିଧାୟକମାନେ ଶୁକ୍ରବାର ଖୁସି ବ୍ୟକ୍ତ କରୁଛନ୍ତି।

# ଆଜି ହିମାଚଳ ପ୍ରଦେଶ ଭୋଟ

**ଶିମଲା,୧୧।୧୧:** ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଶନିବାର ଅନୁଷ୍ଠିତ ହେବାକୁ ଯାଉଥିଲାବେଳେ ଶାସକ ଭାଜପା ଏହାର ବିକାଶ ଏଜେଣ୍ଡାକୁ ନେଇ ପୁଣିଥରେ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ବିରୋଧୀ ଦଳ କଂଗ୍ରେସ ୪ ଦଶନ୍ଧିର ଭୋଟିଂ ପରମ୍ପରା ଅନୁଯାୟୀ ବର୍ତ୍ତମାନର ସରାକାରଙ୍କୁ କ୍ଷମତାରୁ ହଟାଇବା ଲାଗି ଜନସାଧାରଣଙ୍କୁ ନିବେଦନ କରିଛି।

ରାଜ୍ୟର ୫୫ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ୪୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ପ୍ରତିଦ୍ୱନ୍ଦ୍ୱିତାରେ ଥିବା ହେଭିଓ୍ୱେଟ ନେତାଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂ, ଭାଜପାର ପୂର୍ବତନ ରାଜ୍ୟ ସଭାପତି ସତ୍‌ପାଲ ସିଂ ସେଟ୍ଟୀ ପ୍ରମୁଖ। ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚାରର ନେତୃତ୍ୱ ନେଇଥିଲେ। ତାଙ୍କ ହାତମୁଠାକୁ ଟାଣ କରିବା ଲାଗି ପ୍ରତ୍ୟେକ ଭୋଟ ପଦ୍ମ ଚିହ୍ନରେ ଦେବା ଲାଗି ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପ୍ରମୁଖ ଏକାଧିକ ନିର୍ବାଚନୀ ରାଲି କରି ଗୈରିକ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ନିବେଦନ କରିଥିଲେ। ଭାଜପା ସମାନ ନାଗରିକ ସଂହିତା ଲାଗୁ କରିବା ସହ ରାଜ୍ୟରେ ୮ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ କଂଗ୍ରେସ କ୍ଷମତାକୁ ଫେରିଲେ ପୁରୁଣା ପେନ୍‌ସନ ଯୋଜନା ପୁନର୍ବାର ଲାଗୁ କରିବା ସହ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। କଂଗ୍ରେସ ପକ୍ଷରୁ ପ୍ରଚାରର ମଙ୍ଗ ଧରିଥିଲେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା। ୨୪ ବର୍ଷ ପରେ କଂଗ୍ରେସ ଅଣଗାନ୍ଧୀ ଅଧ୍ୟକ୍ଷ ପାଇଥିବାବେଳେ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଚାରରେ ସାମିଲ ହୋଇ ନାହାନ୍ତି। ଆମ୍ ଆଦ୍‌ମୀ ପାର୍ଟି ପ୍ରଥମ ଥର ପାଇଁ ହିମାଚଳପ୍ରଦେଶରେ ନିର୍ବାଚନ ଲଢୁଛି। ଶନିବାର ପୂର୍ବାହ୍ନ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ। ଏଥିପାଇଁ ୩ଟି ସହାୟକ ଭୋଟକେନ୍ଦ୍ର ସମେତ ମୋଟ ୭,୮୮୪ଟି ବୁଥ୍ କରାଯାଇଛି। ୭୮୯ଟି ବୁଥ୍ ସମ୍ବେଦନଶୀଳ ହୋଇଥିବାବେଳେ ୩୯୭ଟି ଅତି ସମ୍ବେଦନଶୀଳ।

# ରୂପାନି, ନୀତିନ ପଟେଲ ଭାଜପାର ଷ୍ଟାର ପ୍ରଚାରକ

### ଗୁଜରାଟ ନିର୍ବାଚନ

**ନୂଆଦିଲ୍ଲୀ,୧୧।୧୧**

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଭାଜପା ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ନୀତିନ ଗଡ଼କରୀ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଷ୍ଟାର ପ୍ରଚାରକ ରହିଛନ୍ତି। ଏହା ବ୍ୟତୀତ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ ହୋଇଛନ୍ତି।

# ପ୍ରଦୀପ ପୁରୋହିତ ହେବେ ଭାଜପା ପ୍ରାର୍ଥୀ

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

### ପଦ୍ମପୁର ଉପନିର୍ବାଚନ

- ସୋମବାର ସୁଦ୍ଧା ବିଜେଡି, କଂଗ୍ରେସର ପ୍ରାର୍ଥୀ ଘୋଷଣା
- ନବୀନ ନିବାସରେ ବସିଥିବା ବୈଠକକୁ ନେଇ ଜୋର୍‌ଦାର ଚର୍ଚ୍ଚା

ପଦ୍ମପୁର ବିଧାନସଭା ଉପନିର୍ବାଚନ ପାଇଁ ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରାଯିବ। ଭାଜପା ବିଧାୟିକା କୁସୁମ ଟେଟେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ପ୍ରଦୀପ ୧୪ ତାରିଖରେ ନାମାଙ୍କନ ଭରିବେ ବୋଲି ସେ କହିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଧ୍ୟ ସମାନ କଥା ଦୋହରାଇଛନ୍ତି। ହେଲେ ଏନେଇ ଦଳ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ। ଅପରପକ୍ଷେ ଶାସକ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ କିଏ ପ୍ରାର୍ଥୀ ହେବେ ସେନେଇ ମଧ୍ୟ ଏ ପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ। ପଦ୍ମପୁର ଉପନିର୍ବାଚନ ପାଇଁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୧୭ରେ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଛି। ୧୮ରେ ଯାଞ୍ଚ ଆଉ ୨୧ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ସମୟ ରହିଛି। ଡିସେମ୍ବର ୫ରେ ଭୋଟ ଗ୍ରହଣ ହେବ। ଡିସେମ୍ବର ୮ରେ ଭୋଟ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଦେହାନ୍ତ ପରଠାରୁ ପଦ୍ମପୁର ବିଧାନସଭା ଆସନଟି ଖାଲି ପଡ଼ିଛି। ୬୫ ବର୍ଷ ବୟସରେ ଗତ ଅକ୍ଟୋବର ୨ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱର୍ଗତ



ପ୍ରଦୀପ ପୁରୋହିତ

ବରିହା ବରଗଡ଼ ଜିଲା ପଦ୍ମପୁରରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କଠାରୁ ପରାସ୍ତ ହୋଇଥିଲେ। ତେବେ ୨୦୧୯ରେ ବରିହା ପୁଣି ବାଜି ମାରିଥିଲେ। ତେବେ ଧାମନଗର ଉପନିର୍ବାଚନରେ ଭାଜପା ବିଜୟୀ ହେବାପରେ ପଦ୍ମପୁର ଆସନ ହାତେଇବା ଲାଗି ବିଜେଡି ସବୁ ପ୍ରକାର ଉଦ୍ୟମ ଆରମ୍ଭ କରିଦେଇଛି। ଦଳ ଏଠାରେ ଭାଜପାଠାରୁ ବଡ଼ ବ୍ୟବଧାନରେ ଜିତିବାକୁ ଲକ୍ଷ୍ୟ ରଖିଛି। ତେବେ ମିଳିଥିବା ସୂଚନା ମୁତାବକ, ଦଳୀୟ ନେତାମାନେ ପୂର୍ବରୁ ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନ ଭେଟି ଅନ୍ୟ ନେତାଙ୍କ ଜରିଆରେ ସାଙ୍ଗଠନିକ ଦାୟିତ୍ୱ ପାଇ କାମ କରୁଥିଲେ। ହେଲେ ଗତ ୨ ଦିନ ତଳେ ଉପନିର୍ବାଚନ ଦାୟିତ୍ୱ ହାତେଇଥିବା ବହୁ ନେତାଙ୍କୁ ମୁଖ୍ୟମନ୍ତ୍ରୀ ସିଧାସଳଖ ଭେଟି ପଦ୍ମପୁର ଉପନିର୍ବାଚନ ଲାଗି ଭଲରେ କାମ କରିବାକୁ କହିଛନ୍ତି। ଅନ୍ୟପଟେ ସେମାନଙ୍କ ସୁବିଧା କିମ୍ବା ଅସୁବିଧା ସମ୍ପର୍କରେ ସିଧାସଳଖ ନବୀନ ନିବାସରୁ ହିଁ ବୁଝାଯିବ ବୋଲି କହିଥିବା ଜଣେ ବରିଷ୍ଠ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଏଭଳି ଖବର ଆସିବା ପରେ ଦଳ ଆଉ କୌଣସି ନିର୍ଦ୍ଦିଷ୍ଟ ନେତାଙ୍କ ଉପରେ ଭରସା ରଖି ନ ଥିବା ଖବର ଚାରିଆଡ଼େ ଆଲୋଚନା ହେବା ଆରମ୍ଭ ହୋଇଯାଇଛି। ସେହିପରି କଂଗ୍ରେସ ମଧ୍ୟ ଏ ପର୍ଯ୍ୟନ୍ତ ତା'ର ପ୍ରାର୍ଥୀ କାହାକୁ କରିବ ସେନେଇ କିଛି ଘୋଷଣା କରିନାହିଁ। ତେବେ ସବୁ ଦଳ ସୋମବାର ସୁଦ୍ଧା ପ୍ରାର୍ଥୀଙ୍କ ନାଁ ଘୋଷଣା କରିଦେବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ୨୦୧୯ ନିର୍ବାଚନ ଭଳି ଏହି ଉପନିର୍ବାଚନରେ ବିଜେଡି କଂଗ୍ରେସ ଭୋଟ କିଣିବାକୁ ଉଦ୍ୟମ କରୁଥିବା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ହେଲେ ଏଥର କିନ୍ତୁ କଂଗ୍ରେସ ଭୋଟ ସବୁ ବିଜେଡିକୁ ନ ଯାଇ ଭାଜପା ଖାତାକୁ ଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ୨ ନେତାଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ଭାଜପାରେ ଦୁଇ ଜଣ ବରିଷ୍ଠ ନେତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଭାଜପା ଆର୍ଥିକ ଦୁର୍ବଳଶ୍ରେଣୀ ବର୍ଗ ପ୍ରକୋଷ୍ଠ (ଇଡବ୍ଲ୍ୟୁଏସ୍ ସେଲ୍)ର ରାଜ୍ୟ ସଂଯୋଜକ ଭାବେ କୁଳମଣି ମିଶ୍ରଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଦଳର ଶିକ୍ଷକ ପ୍ରକୋଷ୍ଠ (ଟିଚର ସେଲ୍)ର ରାଜ୍ୟ ସଂଯୋଜକ ଭାବେ ଅଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିବା ଗଣମାଧ୍ୟମ ବିଭାଗ ମୁଖ୍ୟ ଦିଲୀପ ମଲିକ ସୂଚନା ଦେଇଛନ୍ତି।


EIC (Electricity)-cum-PCEI & SDA Odisha Department of Energy

## ଗୃହ ନିର୍ମାଣ କାର୍ଯ୍ୟରେ ଓଡ଼ିଶା ଶକ୍ତି ସଂରକ୍ଷଣ ଗୃହ ସଂହିତା (OECBC) ଅନୁପାଳନର ଉପଯୋଗିତା

No. AA-19:-

- ୧୦୦ କିଲୋୱାଟ ବା ଅଧିକର କନେକ୍ଟେଡ୍ ଲୋଡ୍/ ୧୨୦ kVA ବା ଅଧିକର କନ୍‌ଟ୍ରାକ୍ଟ ଡିମାଣ୍ଡ ରହିଥିବା, କିମ୍ବା ପାର୍କିଂ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଷ୍ଟିଲ୍ଟ ବା ବେସ୍‌ମେଣ୍ଟକୁ ବାଦ୍ ଦେଇ ୧୦୦୦ ବର୍ଗମିଟର ବା ଅଧିକର ବିଲ୍ଟ-ଅପ୍ କ୍ଷେତ୍ର ରହିଥିବା, ନୂତନ ବ୍ୟବସାୟିକ ଗୃହ ବା ଗୃହ କମ୍ପ୍ଲେକ୍ସ ନିର୍ମାଣ, କିମ୍ବା ପୂର୍ବରୁ ଥିବା ବ୍ୟବସାୟିକ ଗୃହର ନୂତନ ସମ୍ପ୍ରସାରଣ ଅଂଶ ନିର୍ମାଣ ନିମିତ୍ତ OECBC ପ୍ରଯୁଜ୍ୟ।
- ସଂଯମିତ ବିଦ୍ୟୁତ୍ ଉପଭୋଗ (ଏ.ସି., ଆଲୋକୀକରଣ ଇତ୍ୟାଦି ଲୋଡ୍) ଦ୍ୱାରା ପାରମ୍ପରିକ ଗୃହ ତୁଳନାରେ ୫୦% ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ହ୍ରାସ କରନ୍ତୁ।
- ସଂହିତା ଅନୁଯାୟୀ ଡିଜାଇନ୍ କରି ଉତ୍କୃଷ୍ଟ କାର୍ଯ୍ୟକ୍ଷମ ଗୃହର ଲାଭ ପାଆନ୍ତୁ।
- ଡିଜାଇନରମାନଙ୍କ ସୁବିଧା ସକାଶେ ନିର୍ମାଣ ସାମଗ୍ରୀ ଓ ଟେକ୍ନୋଲୋଜିରେ ଏକାଧିକ ବିକଳ୍ପ ଚୟନର ପ୍ରାବଧାନ।
- ଶକ୍ତି-ଦକ୍ଷ ବସ୍ତୁ ନିର୍ମାତା ଓ ବିକ୍ରେତା ECBC Cell କୁ ୭୯୭୮୭୮୨୪୯୮/୭୯୮୭୫୪୫୯୪୨ ନଂ.ରେ ଯୋଗାଯୋଗ କରନ୍ତୁ।
- ଗୃହରେ ଶକ୍ତି ସଞ୍ଚୟ ପଦକ୍ଷେପ ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ମାଧ୍ୟମରେ ପାଆନ୍ତୁ ଶକ୍ତି-ଭାରରେ ହ୍ରାସ ଏବଂ ଜଳବାୟୁ-ପରିବର୍ତ୍ତନର କୁପ୍ରଭାବର ଉପଶାନ୍ତି।

OIPR-04068/11/0006/2223



No. CAD-2701

## SPOT ADMISSION NOTICE

**MADHUSUDAN INSTITUTE OF COOPERATIVE MANAGEMENT**
Unit-VIII, Bhubaneswar-751012
(An Institution of National Council for Co-operative Training, New Delhi, an Autonomous Society promoted by Ministry of Co-operation, Government of India)
*Tel: 0674-2562826/ 2561744,*
*Mob: 8895551492/9178515289/9778094689*

## MBA 2022-2023

| | |
|---|---|
| *Registration for Spot admission* | **14th to 16th November 2022** |
| *Merit list display* | **17th November 2022** |
| *Date of Reporting / Admission* | 18th November 2022 11.00 AM onwards |

**The following modalities will be followed during Spot Admission:**

1. Candidates having valid Rank Card issued by OJEE 2022 shall participate in the Spot Admission.
2. The Candidates who have got final allotment in OJEE 2022 counseling process and have already taken admission in any of the Technical College of the State are not eligible to participate in Govt. College Spot Admission process.
3. OJEE 2022 rules and regulations will be followed during spot admission.
4. The total admission fees is Rs.66,400/-. However, the selected candidates shall have to deposit the Part Course Fees of Rs.25,850/- on the same day in shape of Demand Draft drawn in favour of ***Director, Madhusudan Institute of Cooperative Management*** payable at ***BHUBANESWAR*** to confirm his/her allotment. Balance fees Rs.46,000/- has to be deposited online vide NEFT.
5. The guidelines and eligibility criteria prescribed by the AICTE / Govt. of Odisha / OJEE will be strictly followed for final admission.
6. The Candidates must deposit fees online through NEFT by 30th November, 2022.
7. The Candidates are required to bring One Set of Photocopies of all relevant documents along with all Original documents, 2 passport size photographs and 2 stamp size photographs.

**N.B.: *Without* Demand Draft, Original CLC/TC, Candidates will not be allowed to participate in Spot Admission.**

OIPR-39011/11/0003/2223 **Sd./- DIRECTOR**


# ପଞ୍ଚାୟତ ବୁଲି କୃତଜ୍ଞତା ଜଣାଇଲେ ସୂର୍ଯ୍ୟବଂଶୀ



ଧାମନଗରର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଲୋକଙ୍କୁ କୃତଜ୍ଞତା ଜଣାଉଛନ୍ତି।

**ଧାମନଗର,୧୧।୧୧ (ଡି.ଏନ.ଏ.)**

ଧାମନଗର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ପଞ୍ଚାୟତ ବୁଲି ଜନସାଧାରଣଙ୍କୁ କୃତଜ୍ଞତା ଜଣାଉଛନ୍ତି। ଏହି କୃତଜ୍ଞତା ଯାତ୍ରାରେ ବିଧାୟକ ଶୁକ୍ରବାର ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗିର ଛକଠାରୁ ଶତାଧିକ କର୍ମୀଙ୍କ ସହ ବାହାରି ପଧାନୀ ପଞ୍ଚାୟତର କଣ୍ଟିଦୋଳ, କଣ୍ଟଦା, ଭଗତପୁର, ପଧାନୀ, ଦଶନ୍ଧିକୁଳ, କଇଥାଡିଅ, ବଲଦୀଛନ୍ଦା, ଆଠଘରିଆ, ରାମରାକୁଳ, ଦାଶପାରି ହୋଇ ଅର୍ଜୁନପୁର ପଞ୍ଚାୟତର ମମଦୁଲା, ବାଲିପାଟଣା, ମଠସାହି ଏବଂ ହସନାବାଦ ପଞ୍ଚାୟତର ବନବାଗ, ପଙ୍ଗଟା, ନୂଆସାହି, ତଳଅସ୍ତକ ଓ ଅସ୍ତକରେ ଜନସାଧାରଣଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ସେମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଶିକ୍ଷାକୁ ପ୍ରାଥମିକତା ଦେଇ ଏହି ଯାତ୍ରା ସମୟରେ ପଧାନୀ ପଞ୍ଚାୟତର କଣ୍ଟିଦୋଳ ପ୍ରାଥମିକ ବିଦ୍ୟାଳୟ, ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ, ପଧାନୀ-୧ ଅଙ୍ଗନଓ୍ୱାଡି କେନ୍ଦ୍ର ଓ ଅର୍ଜୁନପୁର ପଞ୍ଚାୟତର ଜୟ କିଷାନ ଉଚ୍ଚ ବିଦ୍ୟାଳୟ ସେ ପରିଦର୍ଶନ କରିଛନ୍ତି। ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କଠାରୁ ସେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ସେହିପରି ଅର୍ଜୁନପୁର ପଞ୍ଚାୟତର ପ୍ରସିଦ୍ଧ ବାସୁଦେବ ପୀଠରେ ବାସୁଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ।

# ମିଛ କହି ଶାସନ ଚଳାଇଛନ୍ତି କେନ୍ଦ୍ର ସରକାର: ଚେଲ୍ଲା କୁମାର

**ବାଲେଶ୍ୱର ଅଫିସ, ୧୧।୧୧**

### ବାଲେଶ୍ୱରରେ ଭାରତ ଯୋଡ଼ୋ ଯାତ୍ରା

ବାଲେଶ୍ୱରରେ ଶୁକ୍ରବାର ପୂର୍ବାହ୍ନରେ 'ଭାରତ ଯୋଡୋ ଯାତ୍ରା' ଅନୁଷ୍ଠିତ ହୋଇଥିଲା। କଂଗ୍ରେସର କେନ୍ଦ୍ର ଓ ରାଜ୍ୟ ନେତୃବର୍ଗ ଏଥିରେ ସାମିଲ ହୋଇ ସହର ପ୍ରବେଶପଥ କୁରୁଡ଼ାଠାରୁ ଏକ ବିଶାଳ ପଦଯାତ୍ରାରେ ବାହାରି ଆଇଟିଆଇ ଛକ, ପୋଲିସ ଲାଇନ୍, ଷ୍ଟେଶନ ଛକ, ଫକୀରମୋହନ ଗୋଲେଇ, ବସ୍‌ଷ୍ଟାଣ୍ଡ ଦେଇ ଭୀମପୁରା ନିକଟରେ ପହଞ୍ଚିଥିଲେ। ପରେ ରେମୁଣା ଗୋଲେଇ ଦେଇ ବାଲେଶ୍ୱର ସୀମା କଳମା ପର୍ଯ୍ୟନ୍ତ ଯାଇଥିଲେ।

କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଭାରତର ଐକ୍ୟ, ଅଖଣ୍ଡତାକୁ ରକ୍ଷା କରିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଥିଲେ। ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ବିଭିନ୍ନତା ଭିତରେ ଏକତା ସୃଷ୍ଟି କରିବା କହିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର ଟାର୍ଗେଟ କରିଥିଲେ। ଦେଶରେ ଲୋକଙ୍କୁ ମିଛ କହି ଶାସନ ଚଳାଇଛନ୍ତି କେନ୍ଦ୍ର ସରକାର। ମୁଦ୍ରା ସ୍ଥିତି ସ୍ଥିର ଅଛି ବୋଲି କହୁଛନ୍ତି ଏପଟେ ଦରଦାମ ବୃଦ୍ଧି ହୋଇଛି। ଗ୍ୟାସ, ପେଟ୍ରୋଲ ଓ ଖାଉଟି ସାମଗ୍ରୀର ଅହେତୁକ ବୃଦ୍ଧି ପାଇଛି। ଦେଶରେ ଜାତି ଜାତି ଭିତରେ ବିଭେଦତା ସୃଷ୍ଟି କରାଯାଉଛି ଓ ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ସେହିଭଳି ରାଜ୍ୟରେ ମଧ୍ୟ କୌଣସି ନୂଆ ଶିଳ୍ପ ହୋଇପାରିଲା ନାହିଁ। ଚାଷୀ, ଯୁବକ ହତାଶ ହୋଇଥିବା ବେଳେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ବାର୍ତ୍ତା ନେଇ ଆମେ ଭାରତ ଯୋଡ଼ୋ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚିବୁ ବୋଲି ବିଧାୟକ ତଥା ବରିଷ୍ଠ ବିଧାୟକ ସୁର ରାଉତରାୟ କହିଥିଲେ। ଏହି ପଦଯାତ୍ରାରେ ହଜାର ହଜାର କର୍ମୀ ସାମିଲ ହୋଇଥିଲେ।



ବାଲେଶ୍ୱର ସହରରେ ଆୟୋଜିତ ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ନେତା,କର୍ମୀ।


**Office of the District Manager**
**Odisha State Civil Supplies Corporation Ltd., (OSCSC)**
**Nayagarh, Phone:-06753-253942,**
**District Website:-www.nayagarh.nic.in**

**Tender No.6925,** **Dt.09.11.2022**

**No.CAD-2694:**District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of Level-1 Transport Contractor for transportation of food grains from FSD, FCI, Jatni to RRCs in the district Nayagarh of the State of Odisha. |
| 2 | Availability of bid document in the portal | **From 10.11.2022** |
| 3 | Last Date/ Time for receipt of bids in the portal | **Dt.30.11.2022 up to 05:00 PM** |
| 4 | Date/ Time of opening of Technical Bid | **Dt.01.12.2022 at 11:00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C Ltd., Nayagarh** |

Tender documents and other details can be seen from the e-proourement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**



**Office of the District Manager**
**Odisha State Civil Supplies Corporation Ltd., (OSCSC)**
**Nayagarh, Phone:-06753-253942,**
**District Website:-www.nayagarh.nic.in**

**Tender No.6924,** **Dt.09.11.2022**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, Cuttack to RRCs in the district Nayagarh of the State of Odisha. |
| 2 | Availability of bid document in the portal | **From 10.11.2022** |
| 3 | Last Date/ Time for receipt of bids in the portal | **Dt.30.11.2022 upto 05:00 PM** |
| 4 | Date/ Time of opening of Technical Bid | **Dt.01.12.2022 at 11:00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C Ltd., Nayagarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**
**OIPR-07057/11/0018/2223**



**GOVERNMENT OF ODISHA** **No.A-714:**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**
**Email ID :- seec2chandikhole@gmail.com**
**"e" Procurement Notice No. ACE,EC-II 01 of 2022-23 (On-line)**

| | | | |
|---|---|---|---|
| 1 | Name of the Works | 1 | Improvement to 1-C canal Embankment of Jajpur Canal System from Champa to Sasanapada Chhak & Communication facility on left Bank of 1E Disty. From RD. 2.365Km. to RD.10.562 Km.of Jajpur Canal System & Improvement to Communication facility on right Bank on Disty. No.3 Main of HLC Range-III from RD 3.300Km. to RD 7.670Km. & right bank of Disty No.1 of HLC Range-III from RD 00 Km. to Tail. |
| | | 2 | Improvement to Service road on Chitrotpala right Embankment from RD 28.590 Km.to 33.500Km. (Mohammadapur to Sasan) & Improvement to service road on Chitrotpala right embankment from RD 60.200Km. to 65.150Km. (Talasanga to Mangala Chhaka) |
| | | 3 | Improvement to road on Gopalpur Akhadasahi Saline Embankment from RD 0.00 Km. to 4.800Km. and RD 7.260 Km. to 12.200 Km. in Mahakalapada Block of Kendrapara District . |
| 2 | Total No.of Packages | : | 3 No. Individual Packages |
| 3 | Tender Cost | 1 | Rs.490.89 Lakh |
| | | 2 | Rs.621.80 Lakh |
| | | 3 | Rs.647.64 Lakh |
| 4 | Cost of Bid document | : | Rs.10,000.00 (Online payment) for each Package |
| 5 | Bid Security | : | "Bid Security Declaration" as per W.D.O.M. No. 18281/W/07556900052021(Pt.) dated 31.12.2021 |
| 6 | Class of Contractor | 1 | 'A' for Package No.1 |
| | | 2 | "A" & "Special" Package No. 2 & 3 |
| 7 | Period of Completion | 1 | 12 (Tweleve) Calendar Months for all Packages |

8. Other details are as follows:

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE, EC-II JPD 01 of 2022-23<br>ACE, EC-II KID 01 of 2022-23<br>ACE, EC-II AUL 01 of 2022-23 | 18.11.2022 at 10.00 hrs. | 02.12.2022 upto 17.00 hrs. | 03.12.2022 at 11.30 hrs. |

9. e-mail id : seec2chandikhole@gmail.com

Further detailed conditions can be seen from the Govt. website **www.tendersorissa.gov.in**

**Sd./- Additional Chief Engineer**
**Eastern Circle-II, Chandikhole**
**OIPR-32322/11/0002/2223**

# ଚୟନରେ ତ୍ରୁଟି, ରକ୍ଷଣଶୀଳ ସ୍ୱଭାବରୁ ବିପର୍ଯ୍ୟୟ

ମେଲବୋର୍ନ, ୧୧।୧୧ (ପି.ଟି.)

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରୁ ଭାରତ ବିଦାୟ ନେଇଛି। ମାତ୍ର ଇଂଲଣ୍ଡଠାରୁ ଯେପରି ୧୦ ଉଇକେଟରେ ଲଜ୍ଜାଜନକ ପରାଜୟ ମିଳିଲା ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଖେଳାଳି ଚୟନରେ ଜିଦ୍‌ଖୋର ମନୋବୃତ୍ତି, ପାୱାରପ୍ଲେରେ ଟପ୍ ଅର୍ଡରଙ୍କ ପୁରୁଣାକାଳିଆ ରକ୍ଷଣଶୀଳ ସ୍ୱଭାବ, ଉଇକେଟ କିପରଙ୍କ ବିଫଳତା, କୋଚ୍ ରାହୁଲ ଦ୍ରାବିଡଙ୍କ ରିସ୍କ ନ ନେବାର ରଣନୀତି ଅଷ୍ଟ୍ରେଲିଆରେ ଭାରତ ପାଇଁ ମହଙ୍ଗା ପଡ଼ିଲା। ଏହାକୁ ବିଚାରକୁ ନେଇ ଆଗାମୀ ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ଟିମ୍ ମ୍ୟାନେଜମେଣ୍ଟକୁ କଠୋର ନିଷ୍ପତ୍ତି ନେବାକୁ ପଡ଼ିବ। ବିଶ୍ୱକପ୍ ପରି ଏକ ବଡ଼ ପ୍ରତିଯୋଗିତାର

## ଟି୨୦ ବିଶ୍ୱକପ୍‌ରେ ଭାରତ

ସେମିଫାଇନାଲରେ ପହଞ୍ଚିବା ଭଲ ଫିନିଶ୍ ବୋଲି ହୁଏତ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ ଭାବୁଥାଇ ପାରନ୍ତି, ମାତ୍ର ଭାରତୀୟ କ୍ରିକେଟ ପ୍ରଶଂସକ ଏହାକୁ ସହଜରେ ହଜମ କରିପାରିନାହାନ୍ତି।

ବିଶ୍ୱସ୍ତରୀୟ ପ୍ରତିଯୋଗିତାର ନକ୍‌ଆଉଟ ପର୍ଯ୍ୟାୟରେ ୯ ବର୍ଷରେ ଭାରତର ୬ ପରାଜୟର ଅନେକ କାରଣ ରହିଛି। ଏଥର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ବୁମ୍ରାଙ୍କ ଉପସ୍ଥିତି ଡେଥ୍ ଓଭରରେ ଭାରତୀୟ ବୋଲିଂରେ ପ୍ରଭେଦ ଆଣିଥାନ୍ତା। ଜାଡେଜା ପରିସ୍ଥିତି ଅନୁସାରେ ଉଭୟ ବ୍ୟାଟ୍ ଓ ବଲ୍‌ରେ କରିଶ୍ମା ଦେଖାଇଥାନ୍ତି। ଏହା ବ୍ୟତୀତ ସେ ବାମହାତୀ ହୋଇଥିବାରୁ ଟିମ୍ ଲାଇନ୍‌ଅପ୍‌ରେ ସନ୍ତୁଳନ ମଧ୍ୟ ରକ୍ଷା ହୋଇଥାଏ। ମାତ୍ର ସେମାନେ ଆହତ ଥିବାରୁ ଏହା ନିୟନ୍ତ୍ରଣ ବାହାରେ ଥିଲା। ଭାରତର ବିପର୍ଯ୍ୟୟ ପଛରେ ଯେଉଁ କେତେକ ମୁଖ୍ୟ କାରଣ ଥିଲା ତାହା ଆଲୋଚନା କରାଯାଇପାରେ..



ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ।

### ପାୱାରପ୍ଲେରେ ଟପ୍-୩ଙ୍କ ରକ୍ଷଣଶୀଳ ମନୋଭାବ

ଭାରତୀୟ ବ୍ୟାଟିଂ ଅର୍ଡରରେ ଟପ୍-୩ରେ ଲୋକେଶ ରାହୁଲ, ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଖେଳିଥିଲେ। ତେବେ କୋହଲିଙ୍କ ଅପେକ୍ଷା ରାହୁଲ ଓ ରୋହିତଙ୍କ ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର ଧରିଛି। ପାୱାରପ୍ଲେରେ ଏମାନେ ଖେଳ ମୋଡ଼ ବଦଳାଇବାରେ ସକ୍ଷମ ହୋଇ ନ ଥିଲେ ବୋଲି ନିଶ୍ଚିତ ସ୍ୱୀକାର କରିବେ। ପାୱାରପ୍ଲେ ସମୟରେ ଭାରତୀୟ ଦଳର ପୁରୁଣାକାଳିଆ ଖେଳ ଦେଖି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ ବିସ୍ମୟ ପ୍ରକାଶ କରିଥିଲେ। ଏହି ସମୟରେ ଭାରତ ନିର୍ଭୀକ ଖେଳ ଦେଖାଇବାରେ ଅସମର୍ଥ ରହିଲା ବୋଲି ଦ୍ରାବିଡ ମଧ୍ୟ ସ୍ୱୀକାର କରିଛନ୍ତି। ଟପ୍ ଅର୍ଡରରେ ୩ ଜଣଙ୍କ ମଧ୍ୟରୁ ଜଣେ ଆଙ୍କରର ଭୂମିକା ନେଇଥାଏ ଏବଂ ଅନ୍ୟ ୨ ଜଣ ଆକ୍ରମଣାତ୍ମକ ଖେଳିବା କଥା। ମାତ୍ର ରାହୁଲ (୧୨୦.୭୫ ଷ୍ଟ୍ରାଇକରେଟ୍), ରୋହିତ (୧୦୬.୪୨) ଏବଂ କି କୋହଲି (୧୩୬.୪୦) ରକ୍ଷଣଶୀଳ ମନୋବୃତ୍ତି ଆପଣେଇଥିଲେ। ପେସ୍ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପାୱାରପ୍ଲେରେ ୩୩/୨ ଓ ପାକିସ୍ତାନ ବିପକ୍ଷରେ ୩୧/୩ ଗ୍ରହଣଯୋଗ୍ୟ ହୋଇଥିଲେ ମଧ୍ୟ ଆଡିଲେଡ୍‌ରେ ୩୮/୧ ଆଦୌ କ୍ଷମଣୀୟ ନ ଥିଲା। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଖେଳିଥିଲେ। ସେମାନଙ୍କ ମଧ୍ୟରୁ ପାୱାରପ୍ଲେରେ ଧୀମା ଖେଳିବାରେ ଭାରତ ସ୍ଥାନ ୧୫ ନମ୍ବରରେ ରହିଥିଲା। ଏହାର ରନ ହାର ୬.୦୨ ରହିଥିଲା। କେବଳ ୟୁଏଇ (୪.୭୧ ରନହାର) ଭାରତ ତଳକୁ ରହିଥିଲା। ବିଶ୍ୱକପ୍ ପୂର୍ବ ପ୍ରି-ଗେମ୍‌ରେ ରୋହିତଙ୍କ ସହ ରିଷଭ ପନ୍ତ ଓ ଦୀପକ ହୁଡାଙ୍କୁ ଓପନରଭାବେ ପରୀକ୍ଷା କରାଯାଇଥିଲା। ସେମାନେ ନିର୍ଭୀକ ଖେଳ ମଧ୍ୟ ଦେଖାଇଥିଲେ। ମାତ୍ର ରାହୁଲ ଫିଟ୍‌ହୋଇ ଯିବା ପରେ ସବୁକିଛି ବଦଳି ଯାଇଥିଲା। ରାହୁଲଙ୍କ ଟି୨୦ ରେକର୍ଡ ଭଲ, ମାତ୍ର ଯଦି ଇଣ୍ଡିଆନ ପ୍ରିମିୟର ଲିଗ୍ ମଧ୍ୟ ଦେଖାଯାଏ ତେବେ ସେ ସେଟ୍ ହେବାପାଇଁ ସମୟ ନେଉଥିବା ସ୍ପଷ୍ଟ ପରିଲକ୍ଷିତ। ସେ ପାୱାରପ୍ଲେରେ ୨ଟି ମେଡେନ ଓଭର ଦେଇଥିଲେ, ଯାହାକି ଏହି ଫର୍ମାଟରେ ଆଦୌ ଗ୍ରହଣୀୟ ନୁହେଁ।

### ରିଷଭ ବନାମ କାର୍ତ୍ତିକ

ସୀମିତ ଓଭର କ୍ରିକେଟରେ ଇନିଂସ ଓପନ କଲେ ରିଷଭ ପନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥାନ୍ତି। ସେ ବଡ଼ ସ୍କୋର କରି ନ ପାରିଲେ ମଧ୍ୟ ନିଜର ଆକ୍ରମଣାତ୍ମକ ସ୍ୱଭାବ ଦେଖାଇଥାନ୍ତି। ମାତ୍ର ତାଙ୍କ ସ୍ଥାନରେ ମିଡିଲ ଅର୍ଡରରେ ଦୀନେଶ କାର୍ତ୍ତିକଙ୍କୁ ସୁଯୋଗ ଦିଆଗଲା। ଆଇପିଏଲ୍‌ରେ ଉପମହାଦେଶୀୟ ପିଚ୍‌ରେ କାର୍ତ୍ତିକ ହୁଏତ ୧୦ ବଲ୍‌ରୁ ୨୫ କିମ୍ବା ୩୦ ରନକରି ଫିନିଶରର ଭୂମିକା ତୁଲାଇଥିଲେ। ତେବେ ଅଷ୍ଟ୍ରେଲିଆ ପିଚ୍, ଯେଉଁଠି ବୋଲରଙ୍କୁ ଅତିରିକ୍ତ ବାଉନ୍ସ ମିଳୁଥିଲା ସେଠାରେ ସେ ବିଫଳ ହେଲେ। ହଠାତ ସେମିଫାଇନାଲ ପୂର୍ବରୁ ପନ୍ତଙ୍କୁ ପରୀକ୍ଷା କରାଗଲା। ମାନସିକ ସ୍ତରରେ ପ୍ରସ୍ତୁତିର ଅଭାବ ହେଉ କି ଅନ୍ୟକିଛି ସେ ମଧ୍ୟ ଫେଲ୍ ମାରିଲେ। ତାଙ୍କୁ ଟପ୍ ଅର୍ଡରରେ ପଠା ଯାଇଥିଲେ ହୁଏତ ସ୍ଥିତି ଭିନ୍ନ ହୋଇଥାନ୍ତା।

### ଚହଲଙ୍କୁ ବ୍ୟବହାର କରାଗଲାନି

ୟୁଜବେନ୍ଦ୍ର ଚହଲ ହେଉଛନ୍ତି ଟି୨୦ରେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ। ମାତ୍ର ବିଶ୍ୱକପ୍‌ରେ ତାଙ୍କୁ ଗୋଟିଏ ହେଲେ ମ୍ୟାଚ ଖେଳା ନ ଯିବା ହାସ୍ୟାସ୍ପଦ ହୋଇଛି। ସେ ଲେଗ୍ ବ୍ରେକ୍ ମାଧ୍ୟମରେ ଟର୍ନ କରିବା ସହିତ ଭଲ ଗୁଗ୍‌ଲି ମଧ୍ୟ ବୋଲିଂ କରିପାରନ୍ତି। ଇଂଲଣ୍ଡ ବ୍ୟାଟିଂ ଲାଇନ୍‌ଅପ୍ ବିପକ୍ଷରେ ସେ ସମ୍ଭବତଃ ଉପାଦେୟ ହୋଇଥାନ୍ତେ। ମାତ୍ର ତାଙ୍କ ସ୍ଥାନରେ ଅକ୍ଷର ପଟେଲଙ୍କୁ ନିଆଗଲା, ଯିଏକି ନିରାଶ କଲେ।

### ଦ୍ରାବିଡଙ୍କ ନିଷ୍ପତ୍ତି

ରାହୁଲ ଦ୍ରାବିଡ ଗତ ୧ ବର୍ଷ ଧରି ମୁଖ୍ୟ କୋଚ୍‌ଭାବେ କାର୍ଯ୍ୟ କରି ଆସୁଛନ୍ତି। ବିଭିନ୍ନ ପ୍ରସଙ୍ଗରେ ନିଷ୍ପତ୍ତି ନେବାର ଅଧିକାର ତାଙ୍କର ଅଛି। ମାତ୍ର ସମୟ ଅନୁସାରେ ସେ ଦଳ ଚୟନରେ କଠୋର ହୋଇପାରି ନ ଥିଲେ। ଶୁବମନ ଗିଲ, ପୃଥ୍ୱୀ ଶ’, ରାହୁଲ ତ୍ରିପାଠୀ, ରଜତ ପଟିଦାର ଭଲ ପ୍ରଦର୍ଶନ କରୁଥିବାରୁ ଆଗାମୀ ଟି୨୦ ବିଶ୍ୱକପ ପୂର୍ବରୁ ତାଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

## ୱେଷ୍ଟ ମିଡ୍‌ଲାଣ୍ଡ୍‌ସରେ ହେବ କବାଡ଼ି ବିଶ୍ୱକପ୍

**ନୂଆଦିଲ୍ଲୀ, ୧୧।୧୧ (ପି.ଟି.):** ବିଶ୍ୱ କବାଡ଼ି ଫେଡେରେଶନର ଉଦ୍ୟମ କ୍ରମେ ୨୦୨୫ରେ ୱେଷ୍ଟ ମିଡ୍‌ଲାଣ୍ଡ୍‌ସରେ କବାଡ଼ି ବିଶ୍ୱକପ୍ ଆୟୋଜନ ହେବ। ଭାରତୀୟ ପୁରୁଷ କବାଡ଼ି ଦଳ ବର୍ଷ ବର୍ଷ ଧରି ଏହି ଖେଳରେ ପ୍ରାଧାନ୍ୟ ବିସ୍ତାର କରିଆସିଛି। ବିଶ୍ୱକପ୍‌ରେ ୧୦ଟିରୁ ୯ଟି ଟାଇଟଲ ହାସଲ କରିଛି। ଅନ୍ତର୍ଜାତୀୟ କବାଡ଼ି ମହାସଂଘ (ଆଇକେଏଫ୍) ଅଧୀନରେ ଅଧିକାଂଶ ଥର ଏହି ଟୁର୍ନାମେଣ୍ଟ ଏସିଆରେ ଆୟୋଜିତ ହୋଇଛି। ପ୍ରଥମ ଥର କବାଡ଼ି ବିଶ୍ୱକପ୍ ଏସିଆ ବାହାରେ ହେବାକୁ ଯାଉଛି। ଇଂଲଣ୍ଡ କବାଡ଼ି, ସ୍କଟିଶ କବାଡ଼ି ଓ ବ୍ରିଟିଶ କବାଡ଼ି ଲିଗ୍ ମିଳିତ ଭାବେ ଏହାର ଆୟୋଜନ କରିବେ। ଏଥିରେ ଅତିକମ୍‌ରେ ୧୬ଟି ଦଳ (ପୁରୁଷ ଓ ମହିଳା) ଭାଗ ନେବେ। ତନ୍ମଧ୍ୟରେ ଭାରତ, ପାକିସ୍ତାନ ଓ ଇରାନ ଦଳ ରହିବେ। ୨୦୨୫ର ପ୍ରଥମ ଭାଗରେ ମ୍ୟାଚ୍‌ଗୁଡ଼ିକ ୱେଷ୍ଟ ମିଡ୍‌ଲାଣ୍ଡ୍‌ସର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ।

ପ୍ରାଂଶୁର ଜନ୍ମଦିନ ଶୁଭେଚ୍ଛା



ଦୀକ୍ଷାନ୍ତ ନାୟକ
ବାରିକ ସାହି, ମାଉସୀମା ମନ୍ଦିର, ଭୁବନେଶ୍ୱର
ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋତେ ଯଶସ୍ୱୀ କରନ୍ତୁ। ତୋର ଚଳାପଥ କୁସୁମିତ ହେଉ।
ଶୁଭେଚ୍ଛା ଓ ଶୁଭକାମନା ସହ: ଜେଜେ, ଜେଜେମାଆ, ଅଜା, ଆଈ, ବାପା-ବୋଉ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୭୬୫୦

## ରାଜ୍ୟ ସବ୍‌ଜୁନିୟର ଚେସ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଟ୍ରଫି ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୧୧।୧୧
(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସବ୍‌ଜୁନିୟର (୧୫ ବର୍ଷରୁ କମ୍) ବାଳିକା ଏବଂ ଓପନ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ପଟିଆସ୍ଥିତ ରାଜା ମଧୁସୁଦନ ଦେବ ଡିଗ୍ରି କଲେଜ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ୱାରହାଉସ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନା ମୁଖ୍ୟ ଅତିଥି, ରାଜା ମଧୁସୁଦନ ଦେବ ଡିଗ୍ରି କଲେଜର ପ୍ରିନ୍ସିପାଲ ପ୍ରଶାନ୍ତ ରାଉତ, ଓଡ଼ିଶା ଅଭିଭାବକ ମହାସଙ୍ଘ ସଭାପତି ବାସୁଦେବ ଭଞ୍ଜ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କୋଷାଧ୍ୟକ୍ଷ ଭବେଶ ମହାନ୍ତି, ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଖୋର୍ଦ୍ଧାଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ୧୩ ଜିଲାରୁ ମୋଟ ୬୭ (୨୦ ବାଳିକା, ୪୭ ବାଳକ) ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଓପନ ବର୍ଗରେ କୌସ୍ତୁଭ ଦାଶ (୧୮୭୩ ରେଟିଂ) ଏବଂ ବାଳିକାରେ ଯାଶିତା ରାଉତ (୧୭୮୦) ଟପ୍‌ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୬ ରାଉଣ୍ଡ ଖେଳ ହେବ। ପ୍ରଥମ ଦିବସରେ ୨ ରାଉଣ୍ଡ ଖେଳ ଶେଷରେ ବାଳିକାରେ ୩ ଜଣ ଏବଂ ଓପନ ବର୍ଗରେ ୫ ଖେଳାଳି ଅଗ୍ରଣୀ ହାସଲ କରିଛନ୍ତି। ବାଳିକା ବର୍ଗରେ ଅଗ୍ରଣୀ ରହିଥିବା ଖେଳାଳି ହେଲେ ଜୟଲକ୍ଷ୍ମୀ ସାହୁ, ଯାଶିତା ରାଉତ ଓ ସାହାନା ଲେଙ୍କା। ସେହିପରି ଓପନ ବିଭାଗରେ ପ୍ରିୟାଂଶ ଦାସ, ଅନୁବ୍ରତ ପ୍ରିୟଦର୍ଶନ ସାହୁ, ଆରିନ ଅନ୍ୱେଷ ସ୍ୱାଇଁ, ଓମ୍‌ଆଦିତ୍ୟ ଖାଡ଼ଙ୍ଗା ଓ କୌସ୍ତୁଭ ଦାଶ ଆଗୁଆ ରହିଛନ୍ତି।

## ଲଭଲିନା, ପରବୀନ, ଅଲିଫିୟା, ସାୱିଟଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୧।୧୧ (ପି.ଟି.):** ଜୋର୍ଡାନର ଅମାନଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଲଭଲିନା ବର୍ଗୋହେନ୍ ମିଡୱେଟ୍ ଡିଭିଜନରେ ପ୍ରଥମ ପଦାର୍ପଣରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ପରବୀନ ହୁଡା (୬୩ କେଜି), ସାୱିଟି (୮୧କେଜି) ଓ ଅଲିଫିୟା ଖାନ୍ (୮୧+କେଜି) ମଧ୍ୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ଲଭଲିନା ଟୁର୍ନାମେଣ୍ଟରେ ପ୍ରଥମଥର ୭୫କେଜି କାଟେଗୋରିରେ ଭାଗ ନେଇ ଉଜ୍‌ବେକିସ୍ତାନର ରୁଜ୍‌ମେଟୋଭା ସୋଖିଭାଙ୍କୁ ୫-୦ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରିଥଲେ। ପରବୀନ ଜାପାନର କିଟୋ ମାଇଙ୍କ ବିପକ୍ଷରେ ସମାନ ୫-୦ରେ ବିଜୟ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଇପାରି ନ ଥିବା ପରବୀନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଚତୁର୍ଥ ସିଡ୍ ମାଇଙ୍କ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ସର୍ବସମ୍ମତି ନିଷ୍ପତ୍ତିରେ ବିଜୟୀ ହୋଇଥିଲେ। ପରେ ସାୱିଟି ଓ ଅଲିଫିୟା ଯଥାକ୍ରମେ କାଜାଖସ୍ତାନର ଗୁଲ୍‌ସାୟା ୟେରଝାନ୍ ଓ ଜୋର୍ଡାନର ଇସ୍‌ଲାମ ହୁସେଲିଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଅପରପକ୍ଷରେ ମିନାକ୍ଷୀ ଫ୍ଲାଇୱେଟ୍ ଡିଭିଜନ (୫୨କେଜି)ରେ ରୌପ୍ୟ ଜିତିଥିଲେ।

## ଦିବ୍ୟାଂଶ ସ୍ୱର୍ଣ୍ଣ, କିରଣଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୧୧।୧୧ (ପି.ଟି.):** କୋରିଆର ଡାଲଗୁଠାରେ ଚାଲିଥିବା ୧୫ତମ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଶୁଟରମାନଙ୍କ ଆରମ୍ଭ ଉତ୍ସାହଜନକ ରହିଛି। ଶୁକ୍ରବାର ସେମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଅଲିମ୍ପିଆନ ଦିବ୍ୟାଂଶ ଜୁନିୟର ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ କିରଣ ଅଙ୍କୁଶ ଯାଦବ ସିନିୟର ପ୍ରତିଯୋଗିତାରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଶ୍ରୀ କାର୍ତ୍ତିକ ସବାରି ରାଜ୍ ରବିଶଙ୍କର ଜୁନିୟର ପୁରୁଷ ଏୟାର ରାଇଫଲରେ ଏକ ବ୍ରୋଞ୍ଜ ପାଇଛନ୍ତି। ଦିବ୍ୟାଂଶ ର୍‌ୟାଙ୍କିଂ ରାଉଣ୍ଡରେ ୨୬୦.୭ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ଫିଫା ବିଶ୍ୱକପ୍

### ଲେୱାଣ୍ଡୋସ୍କି ପୋଲାଣ୍ଡର ଷ୍ଟାର ଖେଳାଳି

ୱାରସ, ୧୧।୧୧(ଏପି)

କାତାର ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ୨୬ ଜଣିଆ ପୋଲାଣ୍ଡ ଦଳ ଘୋଷଣା କରାଯାଇଛି। ଦଳର ଷ୍ଟାର ଖେଳାଳି ହେଉଛନ୍ତି ଅଧିନାୟକ ରବର୍ଟ ଲେୱାଣ୍ଡୋସ୍କି। ତାଙ୍କ ପ୍ରଦର୍ଶନ ଉପରେ ଦଳ ବିଶେଷ ଭାବେ ନିର୍ଭରଶୀଳ। ଦଳର କୋଚ୍ ରହିଛନ୍ତି ସିଜେସ୍ଲା ମିଚ୍‌ନିୱିକ୍। ୩୪ ବର୍ଷୀୟ ଲେୱାଣ୍ଡୋସ୍କି ହେଉଛନ୍ତି ପୋଲାଣ୍ଡର ରେକର୍ଡ ଗୋଲ୍ ସ୍କୋରର। ଦେଶ ତରଫରୁ ସେ ସେ ୧୩୪ଟି ମ୍ୟାଚ ଖେଳି ରେକର୍ଡ ୭୬ ଗୋଲ୍ ସ୍କୋର କରିଛନ୍ତି। ଏକ ବିଶ୍ୱକପ୍‌ରେ ପ୍ରଥମ ଗୋଲ ସ୍କୋର କରିବା ଲକ୍ଷ୍ୟରେ ସେ ଅଛନ୍ତି। ଲେୱାଣ୍ଡୋସ୍କିଙ୍କର ଏହା ପ୍ରଥମ ବିଶ୍ୱକପ୍ ନୁହେଁ। ଏହାପୂର୍ବରୁ ସେ ୨୦୧୮ରେ ରୁଷିଆରେ ବିଶ୍ୱକପ୍ ଖେଳିଥିଲେ, ମାତ୍ର ଗୋଲ୍ ସ୍କୋର କରିପାରି ନ ଥିଲେ। ସେତେବେଳେ ପୋଲାଣ୍ଡ ତରଫରୁ ଜାନ୍ ବେଡ୍‌ନାରେକ୍ ଓ ଗ୍ରିଜିଗୋର୍ଜ କ୍ରିଚୋଏକ୍ ଗୋଲ ସ୍କୋର କରିଥିଲେ। ଏହି ସଂସ୍କରଣର ଗ୍ରୁପ୍ ପର୍ଯ୍ୟାୟରେ ସେନେଗାଲ ଓ କଲମ୍ବିଆଠାରୁ ପରାସ୍ତ ହେବା ପରେ ଏଲିମିନେଟ ହୋଇ ସାରିଥିଲା। କିନ୍ତୁ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଜାପାନକୁ ହରାଇ ଦେଇଥିଲା। ବେୟର୍ନ ମ୍ୟୁନିକ୍‌ରୁ ଆସି ବାର୍ସିଲୋନା ଦଳରେ ଯୋଗଦାନ ପରେ ତାଙ୍କର ପ୍ରଦର୍ଶନ ଭଲ ରହିଛି। ଦଳ ତରଫରୁ ଲା ଲିଗାରେ ସେ ୧୩ ଗୋଲ୍ ଓ ଚାମ୍ପିୟନ୍ସ ଲିଗ୍‌ରେ ୫ ଗୋଲ୍ ସ୍କୋର କରିଥିଲେ। ମିଚ୍‌ନିୱିକ୍‌ଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଦଳରେ ଅନ୍ୟ ଭଲ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଜୁଭେଣ୍ଟସ ଗୋଲ୍‌କିପର ଓଜସିଚ୍ ସ୍କିଜେନ୍ସି, ଆଷ୍ଟନଭିଲା ଡିଫେଣ୍ଡର ଜାନ୍ ବେଡ୍‌ନାରେକ ଓ ମ୍ୟାଟି କ୍ୟାଶ୍, ବେନେଭେଣ୍ଟୋ ଡିଫେଣ୍ଡର କାମିଲ୍ ଗ୍ଲିକ୍, ପୋଗନ ସିଜେସିନ୍ ମିଡ୍‌ଫିଲ୍ଡର କାମିଲ ଗ୍ରୋସିକି ଓ ନାପୋଲି ୱିଙ୍ଗର ପିଓଟିର୍ ଜିଲିନସ୍କି। କୋଚ୍ ଡିଏଗୋ ଆଲୋଁସୋଙ୍କ ଦ୍ୱାରା ଗୁରୁବାର ଘୋଷଣା କରାଯାଇଥିବା ଦଳରେ ଏହି ଖେଳାଳିମାନେ ସ୍ଥାନ ପାଇଛନ୍ତି।



ରବର୍ଟ ଲେୱାଣ୍ଡୋସ୍କି

### ସୁଆରେଜ, କାଭାନିଙ୍କ ଶେଷ ବିଶ୍ୱକପ୍

**ମଣ୍ଟେଭିଡିଓ (ଉରୁଗୁଏ), ୧୧।୧୧ (ଏପି):** ଷ୍ଟ୍ରାଇକର ଲୁଇସ୍ ସୁଆରେଜ, ଏଡିନସନ କାଭାନି ଏବଂ ଉରୁଗୁଏର ଅନ୍ୟ କେତେଜଣ ଭେଟେରାନ ଖେଳାଳି କାତାରରେ ସେମାନଙ୍କ ଅନ୍ତିମ ବିଶ୍ୱକପ୍ ଖେଳିବେ। ଉଭୟ ସୁଆରେଜ ଓ କାଭାନିଙ୍କ ବୟସ ୩୫ ବର୍ଷ। ସେମାନଙ୍କର ଏହା ଶେଷ ବିଶ୍ୱକପ୍ ହେବ ବୋଲି ଆଶା କରାଯାଉଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ୩ ଭେଟେରାନ ଖେଳାଳି ହେଲେ ଗୋଲକିପର ଫର୍ନାଣ୍ଡୋ ମୁସ୍‌ଲେରା ଏବଂ ଦୁଇ ଡିଫେଣ୍ଡର ଡିଏଗୋ ଗଡିନ୍ ଓ ମାର୍ଟିନ କାସେର୍ସ। ପର୍ତ୍ତୁଗାଲ, ଦକ୍ଷିଣ କୋରିଆ ଓ ଘାନା ସହିତ ଉରୁଗୁଏ ଗ୍ରୁପ୍-‘ଏଚ୍’ରେ ସ୍ଥାନ ପାଇଛି। ଦଳ କାତାରରେ ଏହାର ପ୍ରଥମ ମ୍ୟାଚ ନଭେମ୍ବର ୨୪ରେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ। ଆଲୋଁସୋ ଆହୁରି ମଧ୍ୟ ଦଳରେ ବାର୍ସିଲୋନା ଡିଫେଣ୍ଡର ରୋନାଲ୍‌ଡୋ ଆରାଉଜୋଙ୍କୁ ଦଳରେ ନେଇଛନ୍ତି। ଏହି ଖେଳାଳିଙ୍କ ଡାହାଣ ଜଙ୍ଘରେ ଅସ୍ତ୍ରୋପଚାର ହୋଇଛି। ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିଲେ ମଧ୍ୟ ଉରୁଗୁଏ କୋଚ୍ ତାଙ୍କ ଉପରେ ଭରସା ରଖିଛନ୍ତି।




## ୧୩ରୁ ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍

ପୁରୀ ଅଫିସ, ୧୧।୧୧

ଓଡ଼ିଶାର ଜଗରନଟ୍ସ ଖୋ ଖୋ ଦଳ ଗତ ଅଗଷ୍ଟରେ ପୁଣେରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲା। ତେଣୁ ଖୋ ଖୋ ଖେଳକୁ ରାଜ୍ୟରେ ଅଧିକ ଲୋକପ୍ରିୟ କରିବା ଲକ୍ଷ୍ୟରେ ପୁରୀରେ ସିନିୟର ବର୍ଗର ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି। ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲା ସ୍କୁଲ ପରିସରରେ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି।

ଶୁକ୍ରବାର ସର୍କିଟ ହାଉସରେ ଏ ନେଇ ସୂଚନା ଦେଇ ଅତିରିକ୍ତ ଜିଲାପାଳ ସାହୁ କହିଛନ୍ତି, ଏହି ଚାମ୍ପିୟନଶିପ୍‌କୁ ଭବ୍ୟ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତିଯୋଗୀମାନେ ବିଭିନ୍ନ ଜିଲାରୁ ଆସୁଥିବାରୁ ସେମାନଙ୍କ ସମେତ ଅଧିକାରୀ ଓ ସହଯୋଗୀଙ୍କ ରହଣି ବ୍ୟବସ୍ଥା ବୃନ୍ଦାବତୀ ନିବାସରେ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର କହିଥିଲେ, ରାଜ୍ୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହ ଖେଳାଳିମାନଙ୍କୁ ସହଯୋଗ ଓ ନିଯୁକ୍ତି ସୁଯୋଗ ମିଳୁଛି। ତେଣୁ କ୍ରୀଡ଼ା ପ୍ରତି ପିଲାମାନେ ଆକୃଷ୍ଟ ହେବାକୁ ସେ ପରାମର୍ଶ ଦେଇଥିଲେ। ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଜିଲାରେ କ୍ରୀଡ଼ାକୁ ଆଗକୁ ନେବାକୁ ପଦକ୍ଷେପ ନିଆଯିବା ସହ ଏକାଧିକ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ କ୍ରୀଡ଼ାବିତ୍ ସୃଷ୍ଟି ଲକ୍ଷ୍ୟ ରହିଛି ବୋଲି କହିଥିଲେ। ଖୋ ଖୋ ସଂଘର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଖୋ ଖୋ ଖେଳ ଆୟୋଜନର ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତା ଜିଲା ହାଇସ୍କୁଲଠାରେ ନଭେମ୍ବର ୧୩ ତାରିଖ ଅପରାହ୍ନ ୫ଟା ୩୦ରେ ଉଦ୍‌ଘାଟନ ହେବ ଓ ୧୫ତାରିଖ ସନ୍ଧ୍ୟା ୭ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିରେ ରାଜ୍ୟର ବିଭିନ୍ନ ଜିଲା ସହ କିଟ୍ ବିଶ୍ୱବିଦ୍ୟାଳୟ ଓ ପୁରୀ ଖୋ ଖୋ ସ୍ପୋର୍ଟ୍ସ ହଷ୍ଟେଲ ଭାଗନେବେ। ଉଭୟ ପୁରୁଷ ଓ ମହିଳା ଦଳ ଏଥିରେ ପ୍ରତିନିଧିତ୍ୱ କରିବେ। ଜିଲା ହାଇସ୍କୁଲର ତିନୋଟି କୋର୍ଟରେ ମ୍ୟାଟ୍ ମାଧ୍ୟମରେ ଏହି ଖେଳ ହେବ। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କ ଦଳ ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରରେ ହେବାକୁ ଥିବା ୫୫ତମ ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ଚାମ୍ପିୟନ ଦଳକୁ ୧୦ ହଜାର, ରନର୍ସ ଅପ୍ ଦଳକୁ ୭ ହଜାର, ୩ୟ ଓ ୪ର୍ଥ ଦଳକୁ ୫ହଜାର ଟଙ୍କା ଲେଖାଏ ଓ ୩ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ୨ ହଜାର ଟଙ୍କା ଲେଖାଏ ପୁରସ୍କାର ସହ ଟ୍ରଫି ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ଚାମ୍ପିୟନଶିପ୍‌ର ଜର୍ସି ଉନ୍ମୋଚନ କରାଯାଇଥିଲା। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥି ମହାପାତ୍ର ଏବଂ ପୁରୀ ପୌରପାଳିକାର ପରାମର୍ଶଦାତା ଜ୍ୟୋତି ପ୍ରକାଶ ଦାସ ଉପସ୍ଥିତ ଥିଲେ।

**ଜର୍ସି ଉନ୍ମୋଚିତ**
- ଅଂଶଗ୍ରହଣ କରିବେ ମହିଳା ଓ ପୁରୁଷ ଖେଳାଳି
- ଚାମ୍ପିୟନ ଦଳକୁ ୧୦ ହଜାର, ରନର୍ସ ଅପ୍‌କୁ ୭ ହଜାର




ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍‌ର ଜର୍ସି ଉନ୍ମୋଚନ କରାଯାଉଛି।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶିଶିର କୁମାର ମିଶ୍ର
ରାମେଶ୍ୱରପୁର, ଢେଙ୍କାନାଳ
ଆବିର୍ଭାବ: ୨୭।୦୨।୧୯୫୫
ତିରୋଧାନ: ୨୩।୧୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ମିନତୀ ପାଢ଼ୀ, କନ୍ୟା: ଶୁଭ୍ରା, ସିପ୍ରା, ଜାମାତା: କୀର୍ତ୍ତି ରଞ୍ଜନ, ନାତି: ଶିତିକଣ୍ଠ, ଶକ୍ତି ପ୍ରସାଦ, ବନ୍ଧୁମାନେ ।
ଧ-୧୯୭୪

CLASSIFIED DISPLAY
MORE SPACE SAME PRICE
ALL EDITION - BW (Everyday)

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 6371569368

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଆ ସେବେ ଓ ଏବେ



ସୁମନ୍ୟୁ ଶତପଥୀ

**ଆଧୁନିକ ଓଡ଼ିଶାର ଜନକ କୁହାଯାଉଥିବା ମଧୁବାବୁ ଓଡ଼ିଆମାନଙ୍କ ସାଙ୍ଗରେ ମଧ ବଙ୍ଗଳାରେ କଥା କହୁଥିଲେ। ସେଥିପାଇଁ ଆମ ସମୟର କେହି ଐତିହାସିକ ତାଙ୍କୁ ସମାଲୋଚନା କରନ୍ତି ନାହିଁ। ତା' ବାଦ୍, ଆମ ସମୟର ଭାଷାରେ 'ସାଧୁ ଶବ୍ଦ' ନାମରେ ଗୁଡ଼ାଏ ତଦ୍ଭବ ତତ୍ସମ ଶବ୍ଦ ଆଉ କିଛି ଆହରିତ ବାକ୍ୟଗଠନ ଶୈଳୀକୁ ଅନୁସରଣ କରି ଅନେକ ସ୍ୱନାମଧନ୍ୟ ଲେଖକ ନାଁ କମାଇଛନ୍ତି।**

ସେଦିନ ଦିଲ୍ଲୀର କୌଣସି ସିନେମା ହଲ୍‌ରେ 'ଏଜ୍ୟୁ ଗୋଡାଡ୍' ଦେଖିବା ବେଳେ ଗୋଟିଏ ସଂଳାପରେ 'ଭଲ୍‌ସେ ପଢ଼' ବାକ୍ୟଟି ଶୁଣିବାକୁ ମିଳିଲା। ସଂଳାପ ଲେଖକ ହୁଏତ ସାମାଜିକ ବାସ୍ତବବାଦ ଦୃଷ୍ଟିରୁ ଆଜିକାଲି ଓଡ଼ିଶାର ରାସ୍ତାଘାଟ ବା ସ୍କୁଲରେ ଶୁଣାଯାଉଥିବା ହିନ୍ଦୀମିଶା ଓଡ଼ିଆକୁ ଚରିତ୍ରର ମୁହଁରେ ଦେଇଥିବେ ବା ନିଜେ ସେମିତି ଓଡ଼ିଆ କହୁଥିବେ। ସେ ଯାହା ହେଉନା କାହିଁକି ଊନବିଂଶ ଶତାବ୍ଦୀ ଶେଷ ଆଡ଼କୁ ଓଡ଼ିଆ ଗଦ୍ୟକୁ ନେଇ ଓଡ଼ିଆ ଭାଷା ତଥା ସାହିତ୍ୟ ଐତିହାସିକମାନଙ୍କ ମଧ୍ୟରେ ଯେଉଁ ଆଲୋଚନା ହୋଇଆସୁଛି ସେଇକଥା ମୋ' ମନକୁ ଆସିଲା। ଯେମିତିକି, ନଟବର ସାମନ୍ତରାୟଙ୍କ ପ୍ରତିନିଧିଶ୍ରେଣୀୟ ନିମ୍ନଲିଖିତ ମତ, ପଦ୍ୟବହୁଳ ଓଡ଼ିଆ ସାହିତ୍ୟରେ ଗଦ୍ୟ ବିଭାଗ ଥିଲା ଅତିଶୟ ଦରିଦ୍ର। ଚିରଦିନ ଅବହେଳିତ ଏଇ ବିଭାଗରେ ଯଥାର୍ଥ ସାହିତ୍ୟ ପଦବାଚ୍ୟ ଅତିକମ୍ ଲେଖା ପ୍ରକାଶ ଲାଭ କରିଥିଲା। ପରୋକ୍ଷ ଭାବରେ ସେ ଏବଂ ଅନ୍ୟମାନେ ପ୍ରାକ୍-ମୁଦ୍ରଣ ଯୁଗରେ ଓଡ଼ିଆ ଗଦ୍ୟର ଉଦାହରଣ ନଥିବା ଅନ୍ୟ ଗୋଟିଏ କାରଣ ବୋଲି ମଧ ଦର୍ଶାଇଥା'ନ୍ତି। ତେଣୁ ସାମନ୍ତରାୟ କହନ୍ତି (ବଙ୍ଗରୁ ଅନୁବାଦ କରାଯାଇଥିବାରୁ) "ଖ୍ରୀଷ୍ଟଧର୍ମ ସମ୍ପର୍କୀୟ ପୁସ୍ତକର ନୂତନ ଗଦ୍ୟ ଭାଷା ଉପରେ ପ୍ରଭାବ ପରିଲକ୍ଷିତ ହେବା ଏକାନ୍ତ ସ୍ୱାଭାବିକ।"

ଫକୀରମୋହନଙ୍କ 'ଭାରତ ବର୍ଷର ଇତିହାସ' ଏବଂ 'ଜୀବନ ଚରିତ'କୁ ନେଇ ମତାମତ- ଫକୀରମୋହନ ପ୍ରୟୋଗ କରିଥିବା ଓଡ଼ିଆ ବଙ୍ଗଳା ମିଶ୍ରିତ ଓଡ଼ିଆ ହୋଇଥିବାରୁ ତାଙ୍କୁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। ଦେବେନ୍ଦ୍ର ଦାଶ ମଧ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକାରେ ମଧ ଏପରି ସମାଲୋଚନା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ଉମେଶ ଚନ୍ଦ୍ର ସରକାର, ରାମଶଙ୍କର ରାୟଙ୍କ ପ୍ରଣୀତ ଉପନ୍ୟାସରେ ମଧ ଏପରି ବଙ୍ଗମିଶ୍ରିତ ଓଡ଼ିଆ ଭାଷାକୁ ନେଇ ସମାଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଏମସ୍ ସାଟନ୍ ଏବଂ ଅନ୍ୟାନ୍ୟ ମିଶନାରୀମାନଙ୍କ ଦ୍ୱାରା ପ୍ରଣୀତ ଓ ଅନୂଦିତ ପୁସ୍ତକର ଓଡ଼ିଆ ଗଦ୍ୟକୁ ମଧ ଉପହାସ କରାଯାଇଛି।

ଆଧୁନିକ ଓଡ଼ିଆ ସାହିତ୍ୟର ଗଦ୍ୟ ସମାଲୋଚକମାନେ ଓଡ଼ିଆ ଇତିହାସ ଲେଖିଗଲା ବେଳେ ଊନବିଂଶ ଶତାବ୍ଦୀର ଓଡ଼ିଆମାନଙ୍କ ଭଳି ତତ୍କାଳୀନ ବଙ୍ଗଳା ସାହିତ୍ୟର ଭୂରିଭୂରି ପ୍ରଶଂସା କରିଥା'ନ୍ତି। ଯେମିତିକି ମାସିକ ପତ୍ରିକା, ପ୍ରବୋଧ ଚନ୍ଦ୍ରିକା (୧୮୫୭)ରେ ସମ୍ପାଦକ ଲେଖିଥିଲେ: "ଗତ କିଛି ବର୍ଷ ମଧ୍ୟରେ ପଡ଼ୋଶୀ ବଙ୍ଗଦେଶରେ ବଙ୍ଗଳା ଭାଷା ସେମାନଙ୍କ ଶିକ୍ଷିତ ପଣ୍ଡିତମାନଙ୍କ ଦ୍ୱାରା ମାର୍ଜିତ ଓ ସଂଶୋଧିତ କରାଯାଇଥିଲା।... [କିନ୍ତୁ] ଦୁର୍ଭାଗ୍ୟବଶତଃ, [ଆମର ଉତ୍କଳ ଦେଶ]ରେ ବହୁତ କମ୍ ଆବଶ୍ୟକ ପ୍ରୟାସ କରାଯାଇଛି।" କିନ୍ତୁ ପ୍ରକୃତ କଥା ହେଲା ବଙ୍ଗଳା ପଦ୍ୟଶୈଳୀର ପ୍ରାରମ୍ଭିକ ଇତିହାସ ମଧ ସେହିଭଳି- ଓଡ଼ିଆ ଭଳି ଦୋଷତ୍ରୁଟି ଥାଇ ଜନ୍ମଲାଭ କରିଥିଲା। ଆଧୁନିକ ବଙ୍ଗଳା ଗଦ୍ୟ ସାହିତ୍ୟର ଜନକ ବୋଲି ଗ୍ରହଣ କରାଯାଇଥିବା ଲେଖକ ଯଥା: ରାମମୋହନ ରାୟ, ବିଦ୍ୟାସାଗର ଏବଂ ବଙ୍କିମଚନ୍ଦ୍ରଙ୍କ ବିଷୟରେ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଅନେକ ଦୃଷ୍ଟିରୁ କଡ଼ା ସମାଲୋଚନା କରିଥିଲେ। ସେ ମଧ୍ୟରୁ ଗୋଟିଏ ମନ୍ତବ୍ୟ ହେଲା, ଜଣେ ହେଲେ ସୁଦ୍ଧା ଲେଖକ ଏପର୍ଯ୍ୟନ୍ତ ଲେଖିଥିବା ବଙ୍ଗଳା ଲେଖକଙ୍କଠାରୁ ବଙ୍ଗଳା ଶିଖିନଥିଲେ। ସେମାନେ ଇଂରାଜୀ କିମ୍ବା ସଂସ୍କୃତ ପଢ଼ି ତାହାକୁ ବଙ୍ଗଳାକୁ ଅନୁବାଦ କରିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଯେହେତୁ ସେମାନଙ୍କ ଚିନ୍ତାଧାରା ନିଜସ୍ୱ ନଥିଲା, ନିଜ ଭାଷାର ସମ୍ବଳକୁ ସେମାନେ ଉପଯୋଗ କରୁନଥିଲେ। ଶାସ୍ତ୍ରୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଅନେକ ସମ୍ମାନ କରୁଥିବା ସତ୍ତ୍ୱେ 'ସୀତାର ବନବାସ' (୧୮୬୦), 'ଜୀବନ ଚରିତ' (୧୮୪୯) ପୁସ୍ତକରେ ଥିବା ବଙ୍ଗଳାକୁ ଇଂରାଜୀ ଅନୁକୃତ ଗଦ୍ୟ ବୋଲି କହି ସମାଲୋଚନା କରିଥିଲେ। ଏପରିକି ବଙ୍କିମଚନ୍ଦ୍ରଙ୍କ ବଙ୍ଗଳା ଗଦ୍ୟକୁ ମଧ ଚନ୍ଦ୍ରନାଥ ବସୁଙ୍କଠାରୁ ଆରମ୍ଭ କରି ସୁକୁମାର ସେନଙ୍କ ପର୍ଯ୍ୟନ୍ତ ପଣ୍ଡିତ ସମାଲୋଚନା କରିଥିଲେ। ଶାସ୍ତ୍ରୀ କହିଥିଲେ ଯେ, ମୁଦ୍ରଣଯନ୍ତ୍ର ସ୍ଥାପନ ଓ ଇଂରାଜୀ ଶିକ୍ଷା ପୂର୍ବରୁ କୀର୍ତ୍ତିବାସ ଏବଂ କାଶୀଦାସ ତଥା କବି କଙ୍କନ, ଭାରତଚନ୍ଦ୍ର, ରାମପ୍ରସାଦ ସେନ ଇତ୍ୟାଦି ଖାଣ୍ଟି ବଙ୍ଗଳାରେ ଲେଖୁଥିଲେ। ହରପ୍ରସାଦଙ୍କ କହିବା କଥା ହେଲା, ଏ ସବୁକୁ ଛାଡ଼ି କାହିଁକି ଆଧୁନିକ ବଙ୍ଗଳା ଲେଖକ ବିକୃତ ବଙ୍ଗଳା ଲେଖୁଥିଲେ। କାରଣ ଖୋଜିବାକୁ ଯାଇ ବଙ୍ଗଳା ପୁସ୍ତକ-ଐତିହାସିକ (ବୁକ୍ ହିଷ୍ଟୋରିଆନ୍) ତଥା ସମାଲୋଚକ ସ୍ୱପନ ଚକ୍ରବର୍ତ୍ତୀ କହିଛନ୍ତି ଯେ ସଂସ୍କୃତ, ପାର୍ସୀ, ଇଂରାଜୀର ପ୍ରାଦୁର୍ଭାବରେ କଥିତ ବଙ୍ଗଳା ଯେଉଁ ରୂପ ନେଇଥିଲା, ତାକୁ ଅତିକ୍ରମ କରି ଶୁଦ୍ଧ 'ବଙ୍ଗଳା'ରେ ଲେଖିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ତେଣୁ ସେ ସମୟର ଓଡ଼ିଆ ଲେଖକମାନେ ଯାହା କହିଥାନ୍ତୁ ନା କାହିଁକି, ଆମ ସମୟର ଐତିହାସିକମାନେ ସେଇ ମନ୍ତବ୍ୟ ଦୋହରାଇବା କେତେଦୂର ସମୀଚୀନ ଭାବିବା କଥା। ତେଣୁ ଆମପକ୍ଷରେ ଏହା ଭାବିବା ବୋଧହୁଏ ଭୁଲ୍ ହେବ ଯେ ଊନବିଂଶ ଶତାବ୍ଦୀରେ ଆମ ଭାଷାଠାରୁ ଅଧିକ ଉନ୍ନତ ଶୈଳୀରେ ବଙ୍ଗଳା ଭାଷାରେ ଗଦ୍ୟ ଲେଖା ହୋଇଥିଲା।

ଅନୁଶୀଳନ

ଆହୁରି ଆଶ୍ଚର୍ଯ୍ୟ କଥା ଯେ ନା ସେବେ ନା ପରବର୍ତ୍ତୀ ସମୟରେ କେହି ଶାସ୍ତ୍ରୀଙ୍କ ଭଳି ପ୍ରଶ୍ନ ପଚାରିଛନ୍ତି: ପ୍ରାକ୍ ମୁଦ୍ରାଯନ୍ତ୍ର ଯୁଗରେ ପୂର୍ବର କେଉଁ ଉଦାହରଣକୁ ନେଇ ବ୍ରଜନାଥ ବଡ଼ଜେନା ଏବଂ ନୀଳମଣି ବିଦ୍ୟାରତ୍ନ ଭଳି ଲେଖକ ଗଦ୍ୟ ରଚନା କରିଥିଲେ? ଯାହା ବ୍ୟତୀତ, ଗଦ୍ୟ ନହେଲେ ମଧ ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ରାମାୟଣ ଆଦି ଓଡ଼ିଆ ଭାଷାରେ ଯଥେଷ୍ଟ ଉଦାହରଣ ଥିଲା। ଊନବିଂଶ ଶତାବ୍ଦୀର ଲେଖକମାନେ ଫକୀରମୋହନଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ଓଡ଼ିଆ, ସେଇ ଓଡ଼ିଆ ଭାଷା ସହିତ ବେଶ୍ ପରିଚିତ ଥିଲେ ସୁଦ୍ଧା ତାକୁ କାହିଁକି ଆପଣାଇଲେ ନାହିଁ। ଜଗନ୍ନାଥ ଦାସଙ୍କ ଭାଗବତର ନିମ୍ନ ଧାଡ଼ିଗୁଡ଼ିକୁ ଲକ୍ଷ୍ୟକଲେ ତା' ଭିତରେ ଥିବା ଗଦ୍ୟର ବିନ୍ୟାସକୁ ସହଜରେ ଠଉରାଇ ହେବ:

ଗୋପାଳମେଳେ ବେନି ଭାଇ। ଭୁଞ୍ଜନ୍ତି ଶିଳାପରେ ଥୋଇ।।
କୋମଳ ଘାସେ ପଶୁମାନେ। ଶୁଅନ୍ତି ନିଦ୍ରିତ ଲୋଚନେ।।
ଗାଇ ଚରାନ୍ତି ବୃନ୍ଦାବନ। ଭକ୍ଷନ୍ତି କନ୍ଦମୂଳ ମାନ।।

କେବଳ ଯତିପାତ ଓ ପଦରକ୍ଷାକୁ ଛାଡ଼ିଦେଲେ ମୋଟାମୋଟି ଏଥିରେ ଗଦ୍ୟଭଳି ଭାଷା ରହିଛି। କିନ୍ତୁ ଆମେ ଏଭଳି ଓଡ଼ିଆକୁ ଅନୁସରଣ କରିବାରେ ସଫଳ ହୋଇଛୁ କି?

ଅଥଚ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ପୃଷ୍ଠାଗୁଡ଼ିକ ଗୌରୀଶଙ୍କରଙ୍କ ଓଡ଼ିଆରେ ପଥପ୍ରଦର୍ଶକ ହୋଇପାରିଥିଲା। ଗୌରୀଶଙ୍କର ଜଣେ ପ୍ରବାସୀ ବଙ୍ଗୀୟ ଥିଲେ, ଯାହାଙ୍କ ତତ୍ତ୍ୱାବଧାନରେ ଫକୀରମୋହନ ତାଙ୍କ 'ଭାରତବର୍ଷର ଇତିହାସ'ର ପୁନଃ ସଂଶୋଧିତ ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ। ୧୮୮୦ରେ ପ୍ରକାଶିତ ମଧୁସୂଦନ ରାଓଙ୍କ ସଂସ୍କୃତିଆ ଓଡ଼ିଆ ଗଦ୍ୟ ତୁଳନାରେ ଉତ୍କଳ ଦୀପିକାର ଗଦ୍ୟ ଅଧିକ ସ୍ପଷ୍ଟ ଓ ଅପେକ୍ଷାକୃତ ପ୍ରଭାବମୁକ୍ତ ଥିଲା। ଏଇ ମର୍ମରେ କହିଲେ, ଉତ୍ତର ଓଡ଼ିଶାରେ ବଙ୍ଗଳାର ପ୍ରାଦୁର୍ଭାବ, ପଶ୍ଚିମ ଓଡ଼ିଶାରେ ହିନ୍ଦୀର ପ୍ରାଦୁର୍ଭାବ, ଦକ୍ଷିଣ ଓଡ଼ିଶାରେ ତେଲୁଗୁର ପ୍ରାଦୁର୍ଭାବ ତଥା ସର୍ବୋପରି ମରାଠୀ ଶାସନର ପ୍ରଭାବ- ଏହା ଭିତରେ କଥିତ ଓଡ଼ିଆ ଅପ୍ରଭାବିତ ରହିପାରିଲା ନାହିଁ। ତାରି ପ୍ରତିଫଳନ ଦେଖିବାକୁ ମିଳେ ସେ ସମୟର ଗଦ୍ୟରେ।

'ଭଲ୍‌ସେ ପଢ଼େ' ପ୍ରସଙ୍ଗକୁ ଫେରିଆସିବା- ଯେତେବେଳେ (ଭିନ୍ନଭିନ୍ନ ସମୟରେ) ସଂସ୍କୃତ, ପାର୍ସୀ, ମରାଠୀ, ବଙ୍ଗଳା, ଇଂରାଜୀ ଆଦି ଭାଷା କ୍ଷମତା ତଥା ଶାସନର ଭାଷା ଥିଲେ ତା'ର ପ୍ରଭାବ ଓ ଚାପ ଓଡ଼ିଆରେ ପଡୁଥିଲା; ଏବଂ ଏବେ ହିନ୍ଦୀର କ୍ଷମତାକୈନ୍ଦ୍ରିକ ପ୍ରଭାବ ଓଡ଼ିଆ ଉପରେ କାୟା ବିସ୍ତାର କରୁଛି। ଶୁଣାଯାଏ ଯେ ଆଧୁନିକ ଓଡ଼ିଶାର ଜନକ କୁହାଯାଉଥିବା ମଧୁବାବୁ ଓଡ଼ିଆମାନଙ୍କ ସାଙ୍ଗରେ ମଧ ବଙ୍ଗଳାରେ କଥା କହୁଥିଲେ। ସେଥିପାଇଁ ଆମ ସମୟର କେହି ଐତିହାସିକ ତାଙ୍କୁ ସମାଲୋଚନା କରନ୍ତି ନାହିଁ। ତା' ବାଦ୍, ଆମ ସମୟର ଭାଷାରେ 'ସାଧୁ ଶବ୍ଦ' ନାମରେ ଗୁଡ଼ାଏ ତଦ୍ଭବ ତତ୍ସମ ଶବ୍ଦ ଆଉ କିଛି ଆହରିତ ବାକ୍ୟଗଠନ ଶୈଳୀକୁ ଅନୁସରଣ କରି ଅନେକ ସ୍ୱନାମଧନ୍ୟ ଲେଖକ ନାଁ କମାଇଛନ୍ତି। ଅନ୍ତତଃ ସେ ସମୟର ନାମଜାଦା ଲେଖକମାନଙ୍କ ଗଦ୍ୟକୁ ସମାଲୋଚନା କରିବା ସମ୍ଭବ ଥିଲା । ଏବେ ତା'ର ପ୍ରଶ୍ନ ଉଠୁନାହିଁ ।

## କବିତା

### ବୋଝ

ସନ୍ନ୍ୟାସୀ ନାୟକ

ତମେ କବିତା ବୁଝନି,
କି ମୁଁ ସଂସାର ବୁଝେନି,
ବୁଝେ, ବୋଝ ବୋହିବା।
ଏ ସଂସାରରେ ଭାରି କଷ୍ଟ
ସନ୍ନ୍ୟାସୀ ହେବାଠାରୁ
ସଂସାରୀ ହେବା।

ବୋଝ ହାଲୁକା ହୁଏ
ତୁମେ ହସୁଥିଲେ,
ବୋଝ ଉଠାଇପାରେନା
ତୁମେ ରୁଷିଗଲେ,
ଖାସ୍ ତୁମ ପାଇଁ ତ
ବୋଝ ବୋହୁଛି,
ତୁମେ ସାଥିରେ ଚାଲିଛ ବୋଲି
ବୋଝିଆର ବାଟ ସରୁଛି।

ଏ ବୋଝ କେତେ ଦିନ
ବୋହିବାକୁ ପଡ଼ିବ
ମୁଁ କ'ଣ କହିପାରିବି ?
କିନ୍ତୁ ତୁମେ ପାଖେ ଥିଲେ
ବୋଝ କ'ଣ
ହିମାଳୟକୁ ବି
ଟେକି ଦେଇ ପାରିବି।

ମୋ: ୯୪୩୭୩୫୨୫୬୦

### ମୁଁ ବିସ୍ଥାପିତ

ଡ. ମମତା ସାହୁ

ତୁମର ସାରା ଅବୟବଟା-
ମୋ' ପ୍ରୀତିର ପଲଙ୍କ
ଆଖି କାନଭାସ୍ ଓଠ ମହୁଫେଣା
ଛାତି ତ ସ୍ନେହସିକ୍ତ ଜଉଘର
ଭୋକ ଓ ଭୋଗର ନରମ ଦହନ
ତା' ଭିତରେ ଯେଉଁ
ଲାଲିମାର ସିଂହାସନ
ତାକୁ ପଚାରୁନ ? ସେ କହିବ-
କେବେ ମଉଳୁ ନ ଥିବା,
ମୁଁ ଏକ ଅମ୍ଳାନ ସ୍ତବକ
ଯାହାର ଅଚୁମ୍ବିତ ଓଠ ଚୁମିବାକୁ
ତୁମେ ସର୍ବଦା ସହୁଛ ଚଇତ୍ର ଦହନ।

ମୁଁ ହୋଇପାରେ ପ୍ରୀତିଲତା
ନାମାବଳୀ ପାଇନଥିବା
ଗୋପାଙ୍ଗନା,
ଋତୁପର୍ଣ୍ଣା, ସୁନୟନା କିମ୍ବା
ତୁମ ଦେହ ମଲାଟ ତଳେ
ସଂଗୋପନେ ବଢୁଥିବା
ଏକ ମୟୂରୀକା।

ପୃଥିବୀର ହେ ଶ୍ରେଷ୍ଠ ପ୍ରେମୀଗଣ
ଆଉ ମାଗିବନି ମୋ' ଠିକଣା
ପ୍ରେମିକ ହେବାକୁ
ମୋ' ସାନ୍ନିଧରେ ବାରବାର।
ନା...ମ, ମେଘାକାଶେ ଜହ୍ନଟିଏ ମୁଁ
ଆଢୁଆଳରେ ଅଧିକ ସୁନ୍ଦର
ପ୍ରକାଶ୍ୟରେ କାହିଁରେ ମୋ'
କାଣିଚାଏ ଅଧିକାର ନାହିଁ
ବିସ୍ଥାପିତ ମୁଁ କାଳ କାଳ।

ମୋ: ୯୮୬୧୧୫୩୩୬୪

### ସର୍ବହରା ମେଘ

ଡ. ଦୁର୍ଯ୍ୟୋଧନ ଦାସ

ଝାଉଁଳା ପତ୍ରକୁ ଉପରକୁ ଟେକି
ଗଛ ଦେଖେ ଭସା ସଂବର୍ତ୍ତକୁ
ଖସୁ ନାହିଁ ଜାମୁକୋଳି ଟୋପା,
ଅଠା ଅଠା ତଣ୍ଟିରେ ଚାତକ
ଉଡ଼ା ଆବର୍ତ୍ତକୁ ଆପତ୍ତି କଲେ ବି
ସେ ଦେଉନି କୁଣ୍ଡାଝଡ଼ା ବର୍ଷାରୁ ବୁନ୍ଦାଏ।

କାଦୁଅରେ ଛଟପଟ ମାଛ ମରଣରେ
ତରଳୁନି ଦ୍ରୋଣୀର ଅନ୍ତର
ଢାଳିବାକୁ ଅସରାଏ ଜଳ।
ଭୂଗୋଳୁ ବିଦାୟ ନେଇ
ଇତିହାସ ହେଉଥିବା ନଈ ଦୁଃଖ ବୁଝି
ଝିପିଝିପି ଝରାଉନି ଲୁହ
ଉଚ୍ଚବଂଶୀ ଦୟାର୍ଦ୍ର ପୁଷ୍କର।

ଆକାଶରେ ଲଣ୍ଡଭଣ୍ଡ
ଜଳଶୂନ୍ୟ ମେଘ ଚାରି ଭାଇ
ହରିବେ କାହାର ଶୋଷ ଅଥବା ଯନ୍ତ୍ରଣା
ସେମାନେ ତ ରକ୍ତହୀନ ରୋଗୀ !
ଓଜନର ଫାଟ ଦେଇ ଆସିଥିବା
ବାଇଗଣୀ ଖରା ଲୁଟିନେଲା ପରେ
ଜଳବାଷ୍ପ ଜମାଟ ଆଗରୁ
ମେଘମାନେ ଉଡୁଛନ୍ତି ତୁଳା ପରି
ଫଟାଫଟା ମାଟି ପରେ ଲେଖି ନେଇ
ମରୁଡ଼ିର ମାନଚିତ୍ର
ମଲା ଗଛ ଧୂସର ତୂଳୀରେ।

ମୋ: ୯୪୩୭୨୧୪୦୨୧

## ପୁସ୍ତକ ପରିଚୟ

### ପ୍ରୀତି ପୀୟୂଷ




**କବି:** ମାନଗୋବିନ୍ଦ ବାରିକ
**ପ୍ରକାଶିକା:** ବାସନ୍ତୀ ବାରିକ, ପୋଖରୀପୁଟ, ଭୁବନେଶ୍ୱର-୨୦
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

'ପ୍ରୀତି ପୀୟୂଷ', 'ନାରୀ ନାରାୟଣୀ', 'ମା ମମତା', 'ଋତୁର ରୂପାନ୍ତର', 'ପ୍ରକୃତିର ପ୍ରତିଲିପି', 'ଭକ୍ତି ଭାବନା' ଓ 'ପର୍ବପାର୍ବଣ' ଆଦି ସାତଟି ପର୍ଯ୍ୟାୟରେ ସ୍ୱରଚିତ କବିତାଗୁଡ଼ିକୁ କବି ସଂକଳନଭୁକ୍ତ କରିଛନ୍ତି। ଗ୍ରନ୍ଥାରମ୍ଭରେ ଲେଖିଛନ୍ତି: "ପ୍ରୀତି ପୀୟୂଷ ହୃଦୟତନ୍ତ୍ରୀର ଅନ୍ତରଙ୍ଗ ଆବେଗିକ ପ୍ରୀତି ଅନୁରାଗର ଭାବ, ଭାଷା, ଶବ୍ଦ, ଛନ୍ଦର ତରଙ୍ଗାୟିତ ସ୍ୱର-ଝଙ୍କାର।" ପ୍ରେମ, ପ୍ରକୃତି, ପରମ୍ପରା ଓ ଆଧ୍ୟାତ୍ମିକତା- ଏହି ଚାରିଟି ସ୍ତମ୍ଭ ଉପରେ କବିତାଗୁଡ଼ିକ ପର୍ଯ୍ୟବସିତ। ପ୍ରକୃତିର ବର୍ଣ୍ଣନାରେ କବି କିପରି ଆତ୍ମବିସ୍ମୃତ, ତା'ର ପ୍ରମାଣ ବହିରେ ଥିବା ଅନେକ କବିତାରୁ ମିଳେ। ଯଥା: "ସୋରିଷ କ୍ଷେତର ସୁନା-ରଙ୍ଗୀ ଫୁଲେ/ ପବନ ଲହରୀ ଭାଙ୍ଗେ,/ ସରସୀ ଜଳରେ ସରମୀ-କଇଁ ତ/ ଝୁମଇ ନୀଳ-ତରଙ୍ଗେ।" ('ଶରତର ଶୋଭା-୧') 'ପ୍ରିୟତମା'କୁ କବି ଦେହର ଊର୍ଦ୍ଧ୍ୱରେ ଦେହାତୀତର ଯେଉଁ ଗୌରବ ଦେଇଛନ୍ତି, ତାହା ତାଙ୍କ ପ୍ରେମ-ଚେତନାର ସୌକୁମାର୍ଯ୍ୟକୁ ସୂଚାଇଥାଏ। ଯଥା: "ଯନ୍ତ୍ରଣା-ବିଦଗ୍ଧ ଉଦାସ-ପ୍ରାଣରେ/ ସୁଧାମୟ-ସଂଜୀବନୀ,/ ତପସ୍ୟା-ବେଦୀର ପୁଣ୍ୟ-ଦେବାଳୟେ/ ପବିତ୍ର ଓଁକାର ଧ୍ୱନି।" ('ପ୍ରିୟତମା-୮')। ସମଗ୍ର କବିତା ବହିଟିରେ କବିଙ୍କର ରୋମାଣ୍ଟିକ୍ ଭାବାବେଗ ଓ ଛନ୍ଦନୈପୁଣ୍ୟ ପାଠକୀୟ ପ୍ରଶଂସାର ଅପେକ୍ଷା ରଖେ।

### ଆନ୍ ଇଲୁଷ୍ଟ୍ରେଟିଭ୍ ଆପ୍ରୋଚ୍ ଟୁ ଇଂଲିଶ୍ ପ୍ରୋଭର୍ବସ୍, ଫରେନ୍ ୱାର୍ଡ୍ସ ଆଣ୍ଡ୍ ଫ୍ରେଜେସ୍




**ସଂକଳକ:** ରମେଶ ଚନ୍ଦ୍ର ରାଉତ
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୪୦୦/-

"AN ILLUSTRATIVE APPROACH TO ENGLISH PROVERBS, FOREIGN WORDS AND PHRASES" ବହିଟିରେ ଗ୍ରନ୍ଥକର୍ତ୍ତା ଇଂଲିଶ୍ ଭାଷା ବ୍ୟବହାରକୁ ଅଧିକ ଯଥାର୍ଥ ଓ ସୁଖକର କରିବା ପାଇଁ ରୂଢ଼ି ଓ ଢଗ ('Phrase' and 'Proverb') ଆଦିର ସଂଗତ ବ୍ୟବହାର କିପରି ଏହି ଭାଷା ବ୍ୟବହାରକାରୀଙ୍କ ପକ୍ଷେ ସୁଗମ ହେବ, ସେ ଦିଗରେ ଆନ୍ତରିକ ଉଦ୍ୟମ କରିଛନ୍ତି। ଇଂଲିଶ୍ 'ଫ୍ରେଜ' ଓ 'ପ୍ରୋଭର୍ବ'ର ଅର୍ଥ ବୁଝାଇବା ସହ ବାକ୍ୟରେ ତା'ର ବ୍ୟବହାର ଓ ଓଡ଼ିଆରେ ତା'ର ଅର୍ଥକୁ ସ୍ପଷ୍ଟ କରିବା ଦିଗରେ ତାଙ୍କର ନିରଳସ ଉଦ୍ୟମ ଓ ଅନୁସନ୍ଧିତ୍ସା ଇଂଲିଶ୍ ଭାଷାରେ ଅଧିକ ଦଖଲଦାରୀ ଆଣିବା କ୍ଷେତ୍ରରେ ଏହି ଭାଷାଭିଳାଷୀମାନଙ୍କୁ ବହୁମତେ ସାହାଯ୍ୟ କରିବ ବୋଲି ଆଶା। 'A man is known by the company he keeps'ର ଓଡ଼ିଆ ଅନୁବାଦ ସେ କରିଛନ୍ତି ଏହିପରି- "ଗାଁ ପରିମଳ ଧୋବାତୁଠରୁ।" ଇଂଲିଶ୍ ବାକ୍ୟଟିକୁ ଓଡ଼ିଆର ନିକଟତର କରିବାକୁ ଏହି ଅନୁବାଦ ଏକ ସଫଳ ପ୍ରଚେଷ୍ଟା। ବହିଟିରେ ସଂକଳକ ଇଂଲିଶ୍‌ରୁ କେବଳ ବହୁବିଦିତ 'ରୂଢ଼ି ଓ ଢଗ' ସବୁକୁ ଆମଦାନୀ କରି ଏକତ୍ର କରିନାହାନ୍ତି, ନୂଆନୂଆ ରୂଢ଼ି ଓ ଢଗର ମଧ ସମାବେଶ କରାଇଛନ୍ତି। ବହିଟି ଇଂଲିଶ୍ ଭାଷାପ୍ରତି ଆଗ୍ରହୀ ବ୍ୟକ୍ତିବିଶେଷ ଓ ବିଦ୍ୟାର୍ଥୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

## ଭାଇ

ସୁଦର୍ଶନ ମହାପାତ୍ର

ମିନି ଗଳ୍ପ

ସକାଳୁ ସକାଳୁ ପତ୍ନୀ ସୁଧାଙ୍କ ମୁହଁରେ ବିଷାଦର ଛାୟା ଦେଖି ମୁଁ କାରଣଟା ଅନୁମାନ କରିପାରୁଥିଲି। ଗାଁରୁ ଭାଇ ଆସୁଛନ୍ତି ବୋଲି ଜାଣି ସେ ଗତକାଲି ଚିହିଁକି ଉଠିଲେ ଯେମିତି। "ମୁଁ ଜାଣେ ସେ କାହିଁକି ଆସୁଛନ୍ତି। ଚାଷ କାମ ପାଇଁ କିମ୍ବା ଅନ୍ୟ କିଛି ବାହାନା କରି ପଇସା ଝଡ଼େଇବାର ମତଲବ ନିଶ୍ଚୟ ଥିବ। ଆମ ପାଖରେ କ'ଣ ପଇସା ଡିଆଁମାରୁଛି ? ଜାଗାବାଡ଼ି ତ ସବୁ ଭାଗ ହୋଇଗଲା। ସେ ତାଙ୍କର କେମିତି ଚଳିବେ ସେ ଜାଣନ୍ତି। ମୁଁ ଜାଣେ, କଉ ଛଟକରେ ଭାଇଙ୍କୁ ତୁମେ ଲୁଚାଇ ପଇସା ଦେବ। ମୋତେ ନ ଜଣେଇ ସାନ ଝିଅାରୀ ବାହାଘରକୁ ଦଶ ହଜାର ଟଙ୍କା ଦେଇଥିଲ ପରା। ସତ କଥା କ'ଣ ଲୁଚି ରହିଲା ? ହେଲେ ସେଇ ବାହାଘରକୁ ଯିବାପାଇଁ ମୋତେ କାନଫୁଲ ହଳେ କିଣି ଦେଲ ନାହିଁ। କ'ଣ ନା ମୋ' ପାଖରେ ପଇସା ନାହିଁ।" ସବୁ ଶୁଣି କାଲିଠୁ ମୁଁ ଚୁପ୍ ରହିଲି। ଅଯଥା ଅଶାନ୍ତି ବଢ଼ାଇବା ପାଇଁ ଚାହିଁଲି ନାହିଁ।

ଗାଁରୁ ଆସୁଥିବା ପବନ କୁମାର ବସ୍‌ରେ ଭାଇ ଆସି ସକାଳ ଆଠଟାରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ, ଆଉ ସେଇଠୁ ରିକ୍ସାଟିଏ କରି ମୋ' ଘର ପାଖରେ ପହଞ୍ଚିଗଲେ। ଚାଉଳ ବସ୍ତା, ବିରି, ମୁଗ, ବାଦାମ, ନଡ଼ିଆଠାରୁ ଆରମ୍ଭ କରି ଅମୃତଭଣ୍ଡା ଆଦି ଯେତେ ସବୁ ପନିପରିବା ବୋହି ଘରର ଗୋଟିଏ କୋଣରେ ଠୁଳ କଲେ। ସେତିକିବେଳକୁ ମୁଁ ବାଥ୍‌ରୁମରୁ ବାହାରିଲି। ଭାଇ ଲଥ୍ କରି ବସିପଡ଼ିଲେ ଗୋଟିଏ ଚେୟାରରେ। ପାଣି ଟିକେ ପିଇ ଆଗ ଖୋଜି ବସିଲେ ଦୀପୁକୁ। ଜଳଖିଆ ଖାଇବା ଭିତରେ ତା' ପଢ଼ାପଢ଼ି କଥା ସବୁ ପଚାରି ବୁଝିଲେ। ମନଦେଇ ପଢ଼ାପଢ଼ି କରିବାକୁ ଉତ୍ସାହିତ କଲେ।

ଖରାବେଳକୁ ଖାଇବସି ଭାଇ ପୁଣି କଥା ଆରମ୍ଭ କଲେ- "ମୁଁ ଜାଣେ ତୋର ପ୍ରାଇଭେଟ୍ କମ୍ପାନୀରୁ ଚାକିରି ଗଲାପରେ ଆଜିକାଲି ଖୁବ୍ ଅସୁବିଧାରେ ଅଛୁ। ବାହାରେ ରହୁଛୁ। ପୁଣି ପୁଅର ପାଠପଢ଼ା ଶେଷ ହୋଇନି। ଟିଉସନ କରି କେତେ ପଇସା ପାଉଥିବୁ! ବିମଳ ଜାଣିଲୁ, ମୋର ଦୁଇ ଝିଅଙ୍କ ବାହାଘର ପରେ ଆଉ କ'ଣ ଜଞ୍ଜାଳ ଅଛି ? ପ୍ରାଥମିକ ସ୍କୁଲ ଚାକିରି କରି ବି ପଇସା ସଞ୍ଚି ସେତେବେଳେ ଷାଠିଏ ହଜାର ଟଙ୍କା ଦେଇ ବଜାର ପାଖରେ ଜମି ଖଣ୍ଡେ କିଣିଥିଲି। ତାକୁ ଏବେ ବିକ୍ରି କରି ଦଶ ଲକ୍ଷ ଟଙ୍କା ଆଣିଛି। ଆମ ଦୀପକୁ ସେ ଚାହୁଁଥିବା ପାଠ ପଢ଼ାଇବୁ। ସେ ହିଁ ତ ଆମ ବଂଶର ଭବିଷ୍ୟତ।" ଇତିମଧ୍ୟରେ ଖାଇବା ସରି ଯାଇଥିଲା ଆମ ଦୁହିଁଙ୍କର। ଗାଆଁକୁ ଯାଉଥିବା ବସ୍ ପାଖରେ ଛାଡ଼ିଦେବାକୁ ସମୟ ହେବ କି ନାହିଁ ବୋଲି ପଚାରି ଛତା, ଗାମୁଛା ଆଦି ସଜାଡୁଥିଲେ ଭାଇ...!

ମୋ: ୯୪୩୮୧୭୫୫୪୨

## କାଳକାଳକୁ

"ସଦାବେଳେ ଦୁଇଟି ବହି
ମୋ' ପାଖରେ ଥାଏ,
ଗୋଟିକୁ ପଢ଼େ,
ଆରଟିରେ ଲେଖେ।"
– ରବର୍ଟ ଲୁଇସ୍ ଷ୍ଟିଭେନ୍‌ସନ୍



ରବର୍ଟ ଲୁଇସ୍ ଷ୍ଟିଭେନ୍‌ସନ୍‌ଙ୍କ ଜନ୍ମ ୧୩ ନଭେମ୍ବର ୧୮୫୦ରେ, ଇଂଲଣ୍ଡର ଏଡିନ୍‌ବର୍ଗରେ ଓ ପରଲୋକ ସାମୋଆର ଭୈଲିମାରେ ୩ ଡିସେମ୍ବର ୧୮୯୪ରେ। ଏକାଧାରରେ କବି, ଔପନ୍ୟାସିକ ଓ ଭ୍ରମଣ-ଲେଖକ ଷ୍ଟିଭେନ୍‌ସନ୍ ତାଙ୍କର ଯେଉଁସବୁ ବହି ପାଇଁ ପ୍ରସିଦ୍ଧ, ତହିଁରୁ କେତୋଟି ହେଲା- "Treasure Isand", "Kidnapped" ଓ "Strange case of Dr. Jekyll and Mr. Hyde." ବିଶ୍ୱର ବହୁଧା ଅନୂଦିତ ଲେଖକ ତାଲିକାରେ ୟୁନେସ୍କୋ ଏହି ଲେଖକଙ୍କୁ ୨୬ତମ ସ୍ଥାନରେ ସ୍ଥାନିତ କରିଛି। ତାଙ୍କର ଅନେକ ବହି ଚଳଚ୍ଚିତ୍ର ହୋଇ ଲୋକାଦୃତି ଲାଭ କରିଛି।

## ବଡ଼ପଣିଆ

ଦୁର୍ଗା ପ୍ରସାଦ ପଟ୍ଟନାୟକ

ଲଘୁ ଗଳ୍ପ

ଦାମୀଦାମୀ ପୋଷାକ ପରିଧାନ କରିବା, ଦାମୀଦାମୀ ବ୍ରାଣ୍ଡେଡ୍ ବିଦେଶୀ ମଦ୍ୟପାନ କରିବା, ଘର ଥାଇ ମଧ ଫାଇଭ୍ ଷ୍ଟାର୍ ହୋଟେଲରେ ରାତ୍ରିଯାପନ କରିବା, ହାଇ କ୍ୱାଲିଟି ଏସି କାର୍‌ରେ ବସି ବୁଲିବା, ସାଙ୍ଗସାଥୀଙ୍କ ମେଳରେ ବିଡ଼ାବିଡ଼ା ଟଙ୍କା ଖର୍ଚ୍ଚ କରିବା ହେଉଛି ସୁଧାକର ସାମନ୍ତରାଏଙ୍କ ଦୁଇ ପୁଅ ପ୍ରିନ୍ସ ଏବଂ ପ୍ରୀତମ୍‌ର ସଉକ। ପିଲାମାନଙ୍କର ଏହି ସଉକରେ ସୁଧାକର ଭାରି ଆହ୍ଲାଦିତ ଏବଂ ଗର୍ବିତ ମଧ। ଏଥିପାଇଁ ପିଲାମାନଙ୍କୁ କେବେ ବି କିଛି କୁହେ ନାହିଁ। ଓଲଟା ଅୟସ କରିବାର ବାଟ ଦେଖାଏ।

ଘର କାମଠୁଁ ଆରମ୍ଭ କରି ବିଜ୍‌ନେସ୍ ପର୍ଯ୍ୟନ୍ତ ସବୁଠି ସବୁ ଜାଗାରେ ଚାକର, ଚାକରାଣୀଙ୍କ ବ୍ୟବସ୍ଥା ଥିବା କାରଣରୁ ପିଲାମାନେ ଅଳସୁଆ ହେଇଗଲେଣି। ସବୁ କାମରେ ତାଙ୍କୁ ଲୋକ ଆବଶ୍ୟକ ପଡୁଛି। ଘରେ ଦୁଇଟି ବଢ଼ିଲା ଝିଅ ଅଛନ୍ତି, ସେମାନେ ମଧ କୁଟା ଖଣ୍ଡିକୁ ଦିଖଣ୍ଡ କରନ୍ତି ନାହିଁ। କିନ୍ତୁ ଏ ସବୁକୁ ବିରୋଧ କରନ୍ତି ସୁଧାକର ବାବୁଙ୍କ ପତ୍ନୀ ପ୍ରମିଳା, ଯେଉଁଥିପାଇଁ ସେ ଘରେ ସମସ୍ତଙ୍କ ଅପ୍ରିୟପାତ୍ରୀ। ପ୍ରମିଳା ସୁଧାକର ବାବୁଙ୍କୁ ଅନେକଥର କହିଛନ୍ତି ପିଲାମାନେ ଭୁଲ୍ ବାଟରେ ଯାଉଛନ୍ତି, ତା' ପରେ ବି ତମେ ତାଙ୍କୁ ତାଗିଦା ନ କରି ସପୋର୍ଟ କରୁଛ, ଏତେଟା ମୁହଁ ଦବା ଠିକ୍ ନୁହେଁ। ଜାଣିଛ, ସେମାନେ ଏତେ ସୌଖିନିଆ ହେଇଗଲେଣି ଯେ, ନିଜ ପାଇଁ ଗୋଟେ ଗ୍ଲାସ୍ ପାଣି ମଧ ଆଣି ପିଇ ପାରୁ ନାହାନ୍ତି। ସବୁଥିରେ ଚାକର, ଚାକରାଣୀଙ୍କ ଉପରେ ନିର୍ଭର କରୁଛନ୍ତି। ଏତେଟା ସୌଖିନିଆ ହେବା ଠିକ୍ ନୁହେଁ। ତମର ଏତେ ବଡ଼ ବିଜ୍‌ନେସ୍ ଅଛି, ତାକୁ ସମ୍ଭାଳିବା ପାଇଁ କ'ଣ ତାଙ୍କ ବୟସ ହେଇନି? ତଥାପି ତମେ ତାଙ୍କୁ ବିଜ୍‌ନେସ୍‌ର 'ବି' ଅକ୍ଷର ମଧ ଶିଖେଇନ। ଏତେଟା ଅମନଯୋଗ ଠିକ୍ ନୁହେଁ। ହେଲେ କିଛି ଲାଭ ହେଇନି, କାହିଁକି ନା ପ୍ରମିଳା ଗୋଟେ ଗରିବ ଘର ଝିଅ ହେଇଥିବାରୁ ତା'ର କୌଣସି କଥାକୁ ଗୁରୁତ୍ୱ ନ ଦେଇ ସୁଧାକର ବାବୁ କୁହନ୍ତି ଗୋଟେ ଛୋଟଲୋକ ଘରର ଝିଅ ଛୋଟଲୋକଙ୍କ ପରି ହିଁ କଥା ହବ। ସେ କ'ଣ ବୁଝିବ ବଡ଼ ଲୋକଙ୍କ ବଡ଼ପଣିଆର ମହତ୍ତ୍ୱ କେତେ, ତାଙ୍କ ପାଇଁ ତାଙ୍କ ଷ୍ଟାଟସ୍‌ଟା କେତେ ବଡ଼। ଆରେ! ଏ ସୁଧାକର ସାମନ୍ତରାଏ ପାଖରେ ଗୋଲାମର ଅଭାବ ନାହିଁ। ଆଉ ମୋ' ପିଲାମାନେ ଗୋଲାମଙ୍କଠାରୁ କେମିତି କାମ ହାସଲ କରାଯାଏ ସେ କାଇଦାଟା ବେଶ୍ ଭଲ ଭାବରେ ଜାଣନ୍ତି। ତମପରି ଜଣେ ଥାର୍ଡକ୍ଲାସ୍ ମଣିଷ ସେ ବିଷୟରେ ମୁଣ୍ଡ ପୂରେଇବା କିଛି ଦରକାର ନାହିଁ। ଅନିଚ୍ଛା ସତ୍ତ୍ୱେ ଚୁପ୍ ରହିବାକୁ ହୁଏ ପ୍ରମିଳାଙ୍କୁ।

ଏମିତି ପିଲାମାନଙ୍କ ବଦଭ୍ୟାସ ଦିନକୁଦିନ ବଢ଼ିବାରେ ଲାଗେ। ଝିଅମାନେ ଏକରୁ ଏକାଧିକ ପ୍ରସ୍ତାବରେ ଖୁଣ କାଢ଼ି ବୃଦ୍ଧା ହେବାକୁ ବସିଲେଣି। ପୁଅମାନେ ନିଜ ପସନ୍ଦରେ ପ୍ରେମ ବିବାହ କରି ଏମିତି ବୋହୂ ଆଣିଛନ୍ତି ଯେ, ତାଙ୍କ ପାଖରେ ବି ବଡ଼ପଣିଆ ଗୁଣ ଖୁନ୍ଦି ହେଇକି ଅଛି। ନିଜ ମନପସନ୍ଦିଆ ବୋହୂ ପାଇ ସୁଧାକର ବାବୁଙ୍କ ଛାତି କୁଣ୍ଢେ ମୋଟ ହେଇଯାଇଥାଏ। ହେଲେ ଏ ବଡ଼ପଣିଆ ମଣିଷମାନଙ୍କ ସହ ଖାପଖୁଆଇ ଚଳିବାଟା ଭାରି କଷ୍ଟସାଧ ହେଇପଡୁଥାଏ ପ୍ରମିଳାଙ୍କ ପାଇଁ। ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ବିତି ସୁଧାକର ବାବୁ ବୃଦ୍ଧ ହେଇ ରୋଗଶଯ୍ୟାରେ ପଡ଼ନ୍ତି। ବାପାଙ୍କ ସେବାଯତ୍ନ ପାଇଁ ପୁଅମାନେ ଚାକର, ଚାକରାଣୀଙ୍କ ବ୍ୟବସ୍ଥା କରିଦିଅନ୍ତି, କିନ୍ତୁ ପ୍ରମିଳାଙ୍କ ଦେହ ସହେ ନାହିଁ। ସେଇ ବୃଦ୍ଧା ବୟସରେ ସ୍ୱାମୀଙ୍କ ସେବାଯତ୍ନରେ ଏକା ଘାଣ୍ଟି ହୁଅନ୍ତି ସିନା, କୌଣସି ବୋହୂ ପାଖ ମାଡ଼ନ୍ତି ନାହିଁ। ପିଲାମାନଙ୍କୁ ଦେଖିବା ପାଇଁ ଯେତେ ବିକଳ ହେଲେ ମଧ ପିଲାମାନେ ବାପାଙ୍କ ପାଖକୁ ଆସିବା ପାଇଁ ଘୃଣା କରନ୍ତି। ପିଲାମାନଙ୍କୁ ସେମିତି ଝୁରିଝୁରି ସୁଧାକର ବାବୁଙ୍କ ଦେହାନ୍ତ ହୁଏ। ବାପା ମରିଯିବା ଖବର ପାଇଲା ମାତ୍ରେ ପିଲାମାନେ ଭାରି ଆନନ୍ଦିତ ହୁଅନ୍ତି, କାହିଁକି ନା ବାପା ଘରଦ୍ୱାର ଅସନା କରୁଥିଲେ, ଖେଁ ଖେଁ ହେଇ କାଶି ଶୁଆଇ ଦେଉ ନ ଥିଲେ, ଏମିତି ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ବାପାଙ୍କ ପାଇଁ ବୋଲି ଏହି ଦିନକୁ ସେମାନେ ଭାରି ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ।

ସୁଧାକରଙ୍କ ମୃତ୍ୟୁ ପରେ ବନ୍ଧୁବାନ୍ଧବ, ସାଇ ଭାଇ, ସାଙ୍ଗ ମଇତ୍ର ଆସି ଜମା ହୁଅନ୍ତି। ସୁଧାକରଙ୍କ ଅନ୍ତିମଯାତ୍ରାରେ ଖଇ କଉଡ଼ିଠାରୁ ଆରମ୍ଭ କରି ଶବ କାନ୍ଧେଇଲା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଦେଖିବାକୁ ମିଳେ ଅଚିହ୍ନା ମଣିଷଙ୍କୁ। ଏହା ଦେଖି ବନ୍ଧୁବାନ୍ଧବଙ୍କ ମଧ୍ୟରୁ କେତେଜଣ ଭଦ୍ରଲୋକ ବଡ଼ପୁଅ ପ୍ରିନ୍ସକୁ ପଚାରନ୍ତି ଏମାନେ ସବୁ କିଏ ? କ'ଣ ପାଇଁ କୁହା ନାଇଁ ବୋଲା ନାଇଁ ସବୁ କାମକୁ ଆବୁଡ଼ା ପଡ଼ିଛନ୍ତି।

ଏମାନେ ହେଲେ ଶବବାହକ ଦଳ, ଟଙ୍କା ନେଇ ଶବଦାହର ସମସ୍ତ କାମ କରିଥା'ନ୍ତି। ଭାରି ସହଜରେ କଥା ପଦକ କହିଦିଏ ପ୍ରିନ୍ସ। ପ୍ରିନ୍ସର କଥା ଶୁଣି ପ୍ରମିଳା କାନ୍ଦି କାନ୍ଦି କୁହେ ଶେଷକୁ ନିଜର ଜନ୍ମକଲା ବାପାର ଅନ୍ତିମ ସଂସ୍କାରରେ ମଧ ଲୋକ ଲଗେଇଦେଲ ! ଛି...ଛି... ଧିକ୍ ତମ ପୁଅପଣିଆ।

ମା' କଥା ଶୁଣି ପ୍ରିନ୍ସ ଚିତ୍କାର କରି କୁହେ ମା' ଆମ ପାଖରେ ଟଙ୍କା ଅଛି, ଟଙ୍କା ଫୋପାଡ଼ିଲେ ସବୁ କାମ କରିବା ପାଇଁ ଲୋକ ଅଛନ୍ତି। ଏତେ ସବୁ ସୁବିଧା ଥାଉଥାଉ ଆମେ ଏ ଖରାରେ ଶବ କାନ୍ଧେଇ ମଶାଣିକୁ କ'ଣ ପାଇଁ ଯିବୁ? ଏଇଟା ହେଲା ବଡ଼ ଲୋକଙ୍କ ଢାଞ୍ଚା, ତୁ' ବୁଝି ପାରିବୁନି। ତେଣୁକରି ପାଟି ଚୁପ୍ ରଖିବା ପାଇଁ ଚେଷ୍ଟା କର। ସେତେବେଳକୁ ଶବବାହକ ଦଳ ଛିଡ଼ା ହେଇ ଏ ସବୁ ଦେଖୁଥାନ୍ତି। ସେମାନଙ୍କୁ ବିରକ୍ତ ହେଇ ପ୍ରୀତମ୍ କୁହେ ଏଠି ତମେମାନେ ତାମ୍‌ସା ଦେଖିବା ପାଇଁ ଆସିଛ ? ଶୀଘ୍ର ଏଠୁ ଅଳିଆ ହଟେଇ କାମ ସାର। ଶବବାହକ ଦଳ ଗଲାପରେ ଦୁଇଭାଇ ଘର ଭିତରକୁ ପଶିଯାଇଛନ୍ତି। ବନ୍ଧୁବାନ୍ଧବ, ସାଇଭାଇ, ସାଙ୍ଗ ମଇତ୍ର ଛି'ଛାକର କରି ଚାଲିଯାଆନ୍ତି ନିଜନିଜ ବାଟରେ। ପ୍ରମିଳା ଆଖିରୁ ଲୁହ ଝରେଇ ସୁଧାକରଙ୍କ ଅଫେରାବାଟକୁ ଚାହିଁ ବସିଥାଏ।

ମୋ: ୯୫୮୩୩୨୨୧୪୩



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୧୨/୨୦୨୨ Sambalpur, Saturday, November 12/ 2022

# ୩୦ ବର୍ଷ ପରେ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ-ପାକିସ୍ତାନ


ଦୁଇ ଅଧିନାୟକ ବାବର ଆଜମ ଓ ଜୋସ୍ ବଟଲର।

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଆସନ୍ତା ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ମେଗା ଫାଇନାଲ ଖେଳାଯିବ। ରେକର୍ଡ ଅନୁସାରେ ୩୦ ବର୍ଷ ପରେ ଉଭୟ ଦଳ କୌଣସି ଏକ ବିଶ୍ୱକପ ଫାଇନାଲରେ ପରସ୍ପରକୁ ଭେଟିବେ। ଶେଷଥର ପାଇଁ ୧୯୯୨ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଉଭୟ ଦଳ ଫାଇନାଲ ଖେଳିଥିଲେ। ଏଥିରେ ଇଂଲଣ୍ଡକୁ ୨୨ ରନରେ ହରାଇ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ସଂଯୋଗବଶତଃ ସେତେବେଳେ ମଧ୍ୟ ପାକିସ୍ତାନ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା ଏବଂ ଫାଇନାଲ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା।

▶▶ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ଓ ପାକିସ୍ତାନ ଏହା ପୂର୍ବରୁ ପରସ୍ପରକୁ ୨ ଥର ଭେଟିଛନ୍ତି। ୨ ଥରଯାକ ଇଂଲଣ୍ଡ ବିଜୟୀ ହୋଇଛି। ୨୦୧୦ରେ ୬ ଉଇକେଟରେ ଏବଂ ୨୦୦୯ରେ ୪୮ ରନରେ ପାକିସ୍ତାନକୁ ହରାଇଥିଲା ଇଂଲଣ୍ଡ।

▶▶ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ୧୦ଟି ମ୍ୟାଚ ଖେଳାଯାଇଛି। ଏଥିରୁ ପାକିସ୍ତାନ ୫ଟି ଓ ଇଂଲଣ୍ଡ ୪ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏରୁ ଫଳାଫଳ ମିଳିନାହିଁ।

▶▶ଏଥର ଟି୨୦ ବିଶ୍ୱକପ୍ ଫାଇନାଲ ପ୍ରବେଶ ପଥରେ ଉଭୟ ଇଂଲଣ୍ଡ ଓ ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସୁପର-୧୨ ପର୍ଯ୍ୟାୟରେ ଜିମ୍ବାୱେଠାରୁ ପାକିସ୍ତାନ ଏବଂ ଆୟର୍ଲାଣ୍ଡଠାରୁ ଇଂଲଣ୍ଡ ପରାଜିତ ହୋଇଥିଲା।

▶▶ଟି୨୦ ଫର୍ମାଟରେ ଇଂଲଣ୍ଡ ଓ ପାକିସ୍ତାନ ପରସ୍ପରକୁ ମୋଟ ୨୮ଥର ଭେଟିଛନ୍ତି। ଏଥିରୁ ଇଂଲଣ୍ଡ ୧୮ଟିରେ ବିଜୟୀ ହୋଇଥିବାବେଳେ ପାକିସ୍ତାନ ୯ ମ୍ୟାଚ ଜିତିଛି। ଗୋଟିଏ ମ୍ୟାଚ ଫଳାଫଳବିହୀନ ରହିଛି। ତେବେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଉଭୟ ଦଳ ଗୋଟିଏ ହେଲେ ଟି୨୦ ମ୍ୟାଚ ଖେଳିନାହାନ୍ତି। ନିରପେକ୍ଷ ଭେନ୍ୟୁରେ ଇଂଲଣ୍ଡ ୭ଟି ଓ ପାକିସ୍ତାନ ୨ଟି ମ୍ୟାଚ ଜିତିଛି।

▶▶ଟି୨୦ରେ ଇଂଲଣ୍ଡ ବିପକ୍ଷରେ ପାକିସ୍ତାନର ସର୍ବାଧିକ ସ୍କୋର ୨୩୨ ଓ ସର୍ବନିମ୍ନ ୮୯। ସେହିପରି ପାକିସ୍ତାନ ବିପକ୍ଷରେ ଇଂଲଣ୍ଡର ସର୍ବାଧିକ ସ୍କୋର ୨୨୧ ଓ ସର୍ବନିମ୍ନ ୧୩୫।

▶▶ପାକିସ୍ତାନ ଓପନିଂ ଯୋଡ଼ି ବାବର ଆଜମ ଓ ମହମ୍ମଦ ରିଜୱାନ ଓପନିଂ ଯୋଡ଼ିରେ ୫୧ ଇନିଂସରୁ ସର୍ବାଧିକ ୨୫୦୯ ରନ ସଂଗ୍ରହ କରିଛନ୍ତି। ଭାରତର ଲୋକେଶ ରାହୁଲ ଓ ରୋହିତ ଶର୍ମା ଯୋଡ଼ି ୪୨ ଇନିଂସରୁ ୧୮୯୭ ରନକରି ଦ୍ୱିତୀୟରେ ରହିଛନ୍ତି।

# କଳିଙ୍ଗରେ ସର୍ବଭାରତୀୟ ଚାମ୍ପିୟନଶିପ୍ ସିରିଜ ଟେନିସ

**ଭୁବନେଶ୍ୱର, ୧୧।୧୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଟେନିସ ଆସୋସିଏଶନ ସହଯୋଗରେ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆସନ୍ତା ୧୪ରୁ ୧୮ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ୧୨ ଓ ୧୪ ବର୍ଷରୁ କମ୍ ସର୍ବଭାରତୀୟ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, କର୍ନାଟକ, ଗୁଜରାଟ, ରାଜସ୍ଥାନ, ସିକ୍କିମ, ମଣିପୁର, ପୁଡୁଚେରୀ ଆଦି ରାଜ୍ୟରୁ ୧୦୦ରୁ ଅଧିକ ଏଣ୍ଟ୍ରି ମିଳି ସାରିଛି ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତା ଟ୍ରଷ୍ଟି ସନ୍ତୋଷ ମଲିକ ପ୍ରକାଶ କରିଛନ୍ତି। କ୍ୱାଲିଫାଇଂ ମ୍ୟାଚଗୁଡ଼ିକ ଶନିବାରଠାରୁ ଆରମ୍ଭ ହେବ। ବର୍ଷକୁ ଅତିକମ୍‌ରେ ୧୦ଟି ଏଆଇଟିଏ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଆମ ଖେଳାଳିମାନେ ଅଧିକ ମ୍ୟାଚ ଖେଳିବା ସୁଯୋଗ ପାଇବେ। ର୍ୟାଙ୍କ୍ ପଏଣ୍ଟ ବଢ଼ିବା ଦ୍ୱାରା ସେମାନଙ୍କ ସର୍ବଭାରତୀୟ ର୍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ହେବ ବୋଲି ଟ୍ରଷ୍ଟି ମାନସ ରଞ୍ଜନ ସାମଲ କହିଛନ୍ତି।




# ସାନିଆ-ସୋଏବ ବିବାହ ବିଚ୍ଛେଦ


ପୁତ୍ର ଇଜ୍‌ହାନ୍‌ଙ୍କ ସହ ସୋଏବ ଓ ସାନିଆ।

**ନୂଆଦିଲ୍ଲୀ, ୧୧।୧୧**

ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ଓ ପାକିସ୍ତାନ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ସୋଏବ ମଲିକଙ୍କ ମଧ୍ୟରେ ଶେଷରେ ବିଧିବଦ୍ଧ ବିବାହ ବିଚ୍ଛେଦ ଘଟିଛି। ନିଜେ ସୋଏବ କିମ୍ବା ସାନିଆ ଯଦିଓ ଏ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି ତେବେ ଦମ୍ପତିଙ୍କ ଜଣେ ଘନିଷ୍ଠ ବନ୍ଧୁ ଏକଥା ପ୍ରକାଶ କରିଛନ୍ତି, ଯିଏକି ପାକିସ୍ତାନରେ ସୋଏବଙ୍କ ମ୍ୟାନେଜମେଣ୍ଟ ଟିମ୍‌ର ଜଣେ ସଦସ୍ୟ। ସାନିଆ ଓ ସୋଏବ କ୍ରୀଡ଼ାର ଏକ ଅନ୍ୟତମ ସୁନ୍ଦର ଦମ୍ପତି ଭାବେ ପରିଚିତ। ଏକଦା ଦୁହିଁଙ୍କ ସୀମାପାର ରୋମାନ୍ସକୁ ନେଇ ଖୁବ୍ ଚର୍ଚ୍ଚା ହେଉଥିଲା। ସେମାନେ ୨୦୧୦ରେ ବିବାହ କରିଥିଲେ। ୨୦୧୮ରେ ପୁତ୍ର ସନ୍ତାନ ଇଜ୍‌ହାନ୍ ମିର୍ଜା ମଲିକ ଜନ୍ମ ହୋଇଥିଲେ। ମାତ୍ର ପରବର୍ତ୍ତୀ କାଳରେ ଦୁହିଁଙ୍କ ମଧ୍ୟରେ ବିବାଦ ସୃଷ୍ଟିହୋଇଥିବା ଖବରମାନ ପ୍ରକାଶ ପାଇଥିଲା। ଦୁହିଁଙ୍କ ମଧ୍ୟରେ ବିଚ୍ଛେଦର ପ୍ରକୃତ କାରଣ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ଶୋଏବ ତାଙ୍କ ସ୍ତ୍ରୀଙ୍କୁ ଧୋକା ଦେଇଥିବା ଆଲୋଚନା ହେଉଛି। ଉଭୟଙ୍କ ମଧ୍ୟରେ କେତେକ ଆଇନଗତ ସମସ୍ୟା ରହିଛି। ସେଗୁଡ଼ିକର ସମାଧାନ ପରେ ସେମାନେ ବିଧିବଦ୍ଧ ସେମାନଙ୍କର ବିବାହ ବିଚ୍ଛେଦ ଘୋଷଣା କରିବେ। ନିକଟ ଅତୀତରେ ସୋଏବ ଓ ପାକିସ୍ତାନୀ ମଡେଲ/ଅଭିନେତ୍ରୀ ଆୟେଶା ଓମାରଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଶୁଟ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କେତେକ ନ୍ୟୁଜ ପୋର୍ଟାଲ ଆୟେଶାଙ୍କ ସହ ସୋଏବଙ୍କ ସମ୍ପର୍କ ଥିବା ପ୍ରକାଶ କରିଥିଲେ। ପାକିସ୍ତାନର ଏକ ଟିଭି ଚ୍ୟାନେଲ ଆୟେଶାଙ୍କ ସହ ଅନ୍ତରଙ୍ଗ ଫଟୋ ଶୁଟ୍‌କୁ ନେଇ ସ୍ତ୍ରୀ ସାନିଆଙ୍କ ପ୍ରତିକ୍ରିୟା ସମ୍ପର୍କରେ ସୋଏବଙ୍କଠାରୁ ଜାଣିବାକୁ ଚାହିଁଥିଲା। ମାତ୍ର ଏହି ପାକିସ୍ତାନୀ କ୍ରିକେଟର ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ।

# ବର୍ଷାରେ ଧୋଇବ ଫାଇନାଲ, ଯୁଗ୍ମ ବିଜେତା ସମ୍ଭାବନା

**ମେଲବୋର୍ନ, ୧୧।୧୧(ପି.ଟି.)**

ଆସନ୍ତା ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ହେବାକୁଥିବା ପାକିସ୍ତାନ-ଇଂଲଣ୍ଡ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ବର୍ଷାରେ ଧୋଇଯିବା ସମ୍ଭାବନା ରହିଛି। ଏପରି ହେଲେ ଦୁଇ ଦଳ ଯୁଗ୍ମ ବିଜେତା ଘୋଷିତ ହେବେ। ରବିବାର ମେଲବୋର୍ନରେ ବର୍ଷା ହେବାର ସମ୍ଭାବନା ୯୫ ପ୍ରତିଶତ ରହିଛି। ପାଖାପାଖି ୨୫ ମିଲିମିଟର ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ସୋମବାର ରିଜର୍ଭ ଦିବସରେ ମଧ୍ୟ ୫ରୁ ୧୦ ମିଲିମିଟର ବର୍ଷା ହେବାର ପୂର୍ବାନୁମାନ ରହିଛି। ଦୁଇଦିନଯାକ ପ୍ରବଳ ବର୍ଷା ହେବାର ଆକଳନ କରାଯାଉଥିବାରୁ ଖେଳ ହେବା ସମ୍ଭାବନା କ୍ଷୀଣ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ପାଇଁ ନିୟମ ଅନୁସାରେ ଅତିକମ୍‌ରେ ୧୦ ଓଭର ଖେଳ ହେବା ଆବଶ୍ୟକ। ଏହା ସମ୍ଭବ ନ ହେଲେ ଯୁଗ୍ମ ବିଜେତା ଘୋଷଣା କରାଯିବ। ଟସ୍ ପଡ଼ିବା ପରେ ଗେମ୍ ଲାଇଭ୍ ହୋଇଯିବ। ଆବଶ୍ୟକସ୍ଥଳେ ଓଭର କମାଇ ରବିବାର ମ୍ୟାଚ ସାରିବାକୁ ଉଦ୍ୟମ କରାଯିବ। ଯଦି ଖେଳ ଅଧାରୁ ବନ୍ଦ ହୁଏ ତେବେ ରିଜର୍ଭ ଦିବସରେ ସେହିଠାରୁ ଖେଳ ଆରମ୍ଭ କରି ଶେଷ କରିବାକୁ ଚେଷ୍ଟା କରାଯିବ। ପ୍ରକାଶ ଯୋଗ୍ୟ ଯେ, ବର୍ଷା ଯୋଗୁ ଭାରତ-ନ୍ୟୁଜିଲାଣ୍ଡ ୨୦୧୯ ଦିନିକିଆ ବିଶ୍ୱକପ ସେମିଫାଇନାଲ ୨ ଦିନ ଖେଳାଯାଇଥିଲା। ଭାରତ-ଶ୍ରୀଲଙ୍କା ୨୦୦୨ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ବର୍ଷାରେ ଧୋଇଥିଲା। ସେତେବେଳର ପ୍ଲେଇଂ କଣ୍ଡିଶନ୍ସ ଅନୁସାରେ ରିଜର୍ଭ ଦିବସରେ ମ୍ୟାଚ ପୁଣିଥରେ ମୂଳରୁ ଆରମ୍ଭ ହେବାର ନିୟମ ଥିଲା। ମାତ୍ର ତାହା ମଧ୍ୟ ବାତିଲ ହୋଇଥିଲା। ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଏଥର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଗ୍ରୁପ୍ ପର୍ଯ୍ୟାୟର ୩ଟି ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା ଏବଂ ଗୋଟିଏ ମ୍ୟାଚରେ ଓଭର କାଣ୍ଟଛାଟ ହୋଇଥିଲା।




# ଦମୟନ୍ତୀ ଖେସ୍‌ଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୧।୧୧ (କ୍ରୀଡ଼ା ପ୍ରତିନିଧି):** ଆସାମର ଗୁଆହାଟୀଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ୩୭ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ମିଟ୍‌ର ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଦମୟନ୍ତୀ ଖେସ। ୨୦ ବର୍ଷରୁ କମ୍ ବର୍ଗ ବାଳିକା ଜାଭେଲିନ୍ ଥ୍ରୋରେ ସେ ଏହି ସଫଳତା ପାଇଛନ୍ତି। ଦମୟନ୍ତୀ ୪୦.୬୪ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। କେରଳର ଐଶ୍ୱର୍ଯ୍ୟା ସୁରେଶ ୩୮.୯୯ ଏବଂ ରାଜସ୍ଥାନର ଖୁସି ଯାଦବ ୩୮.୪୬ ମିଟର ଦୂରକୁ ଜାଭେଲିନ୍ ପକାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଁ ଦମୟନ୍ତୀଙ୍କୁ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଜର୍ମାନୀ ଭାଷାରେ ପୁଣି ଅନୂଦିତ ହେଲା ଭବାନୀ ଶଙ୍କର ନିଆଲଙ୍କ କବିତା



ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.): ପ୍ରସିଦ୍ଧ ଜର୍ମାନୀ କବି ପ୍ରଫେସର ଇରେନେ ଦୋରା କବାଡିଆ କଳାହାଣ୍ଡିର ଖ୍ୟାତିନାମା କବି ଡ. ଭବାନୀ ଶଙ୍କର ନିଆଲଙ୍କ ଓଡ଼ିଆ କବିତା 'ଦୁଃଖ ଓ ଈଶ୍ୱର'କୁ ଜର୍ମାନୀ ଭାଷାରେ ଅନୂଦିତ କରିଛନ୍ତି। ଏହି କବିତାକୁ ଇଂଲିଶରେ ଡ଼. ତପନ କୁମାର ରଥ ଅନୁଦିତ କରିଥିଲେ। ପ୍ରଫେସର ଇରେନେ ଦୋରା କବାଡିଆ ହେଉଛନ୍ତି ରାଇଟର୍ସ କ୍ୟାପିଟାଲ ଇଣ୍ଟର ନ୍ୟାଶନାଲ ଫାଉଣ୍ଡେସନର ମହାସଚିବ। ଏହାସହ ଜଣେ ଶିକ୍ଷାବିତ, ଭାଷାବିତ, ଲେଖକ ଓ ମାନବବାଦୀ ଭାବେ ସୁପରିଚିତ। କ୍ରମାଗତ ଭାବେ ଡ. ନିଆଲଙ୍କ କବିତା ଇଂଲିଶ, ଇଟାଲୀ, ରୁଷ, ଫ୍ରାନ୍ସ, ଚୀନ, ଆର୍ବିକ, ଜର୍ମାନୀ, ପାର୍ସିଆ, ସ୍ପେନିସ, ଆଲବାନିୟନ, ଫିଲିପିନୋ, ଭିଏତନାମା, ଜାପାନ, କିର୍ଗିଜ, ହିବ୍ରୁ ଭଳି ୧୬ଟି ଆନ୍ତଃରାଷ୍ଟ୍ରୀୟ ଭାଷାରେ ଅନୁଦିତ ହୋଇଛି। ବର୍ତ୍ତମାନ କବି ଡ. ନିଆଲଙ୍କ କବିତା ପୁଣି ଜର୍ମାନୀ ଭାଷାରେ ଅନୁଦିତ ହେବା ଓ ତାଙ୍କୁ ରାଇଟର୍ସ କ୍ୟାପିଟାଲ ଇଣ୍ଟର ନ୍ୟଶନାଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ କରାଯାଇଥିବା ପନୋରମା ଇଣ୍ଟରନ୍ୟଶନାଲ ଲିଟରେଚର ଫେଷ୍ଟିଭାଲ ୨୦୨୩ର କାର୍ଯ୍ୟକାରୀ ଅଧକ୍ଷ ଭାବେ ମନୋନୀତ କରାଯାଇଥିବାରୁ କଳାହାଣ୍ଡି ଜିଲା ସମେତ ରାଜ୍ୟ ଓ ଦେଶ ପାଇଁ ଏକ ଗୌରବର କ୍ଷଣ ଅଟେ ।

### ଯୌନ ସ୍ୱାସ୍ଥ୍ୟ ଉପରେ କର୍ମଶାଳା

ଧର୍ମଗଡ଼/ବେହେରା,୧୧।୧୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ଼ସ୍ଥିତ ଏକ ହୋଟେଲରେ ଚାଇଲଡ ଫଣ୍ଡ ଇଣ୍ଡିଆ ଦ୍ୱାରା ଶୁକ୍ରବାର କିଶୋର କିଶୋରୀଙ୍କ ପ୍ରଯୋଜନ ଯୌନ ସ୍ୱାସ୍ଥ୍ୟ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୮୦ଜଣ କିଶୋରୀ କିଶୋର ଅଂଶ ଗ୍ରହଣ କରିଥିଲେ। ଗ୍ରାମାଞ୍ଚଳର କିଶୋର କିଶୋରୀମାନଙ୍କ ମଧ୍ୟରେ ପ୍ରଜୋଜନ ଯୌନ ସ୍ୱାସ୍ଥ୍ୟ ଉପରେ ସଚେତନ ସୃଷ୍ଟି କରିବା ଏବଂ ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇବା କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ବିଡିଓ ଶରତ କୁମାର ସେଠି, ଏମଓଆଇସି ଧର୍ମଗଡ ଡାକ୍ତର ସ୍ମରଣିକା ପଣ୍ଡା, ଆଇସିଡିଏସ ନିର୍ବାସିନି ଦେଇ, ସୁପର ଭାଇଜର, ସିନିୟର ଅଫିସର ଚାଇଲଡ଼ ଫଣ୍ଡ ଇଣ୍ଡିଆ ଆଶିଷ କୁମାର ଦାସ ଯୋଗଦେଇ ସଚେତନ ଅଭିଭାଷଣ ପ୍ରଦାନ କରିଥିଲେ। ଫିଲଡ଼ ଅଫିସର କଳ୍ପନା ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ଦୀପ କୁମାର ନାଗ, ସମୀକ୍ଷା ସିଂ, ବିହାରୀ ରାଉତ ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ଭିରକାପଡ଼ାରେ ବ୍ୟାପୁଛି ଝାଡ଼ାବାନ୍ତି

କୋକସରା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଭିରକାପଡାରେ ଗତ ଏକ ସପ୍ତାହ ହେବ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଅନେକ ଲୋକ ସଂକ୍ରମିତ ହୋଇ ଚିକିତ୍ସିତ ପରେ ସୁସ୍ଥ ହୋଇଥିବା ବେଳେ ପୁଣି ଗୁରୁବାରଠାରୁ ଗାଁର ୩ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଗୁରୁବାର ରାତିରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସ୍ଥିତି ଅନୁଧ୍ୟାନ କରି ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ପରିମଳ ବିଭାଗକୁ ଶୀଘ୍ର ପରିସ୍ଥିତି ନିୟନ୍ତ୍ରଣ କରିବାକୁ କହିବା ପରେ ଶୁକ୍ରବାର ଗାଁରେ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼.ତତ୍ତ୍ୱଦର୍ଶୀ ଦାସଙ୍କ ନେତୃତ୍ୱରେ ମେଡିକାଲ ଟିମ ସହ ଏଏନଏମ, ଆଶା କର୍ମୀ ପହଞ୍ଚିଥିଲେ। ଘର ଘର ବୁଲି ଆକ୍ରାନ୍ତ ରୋଗୀଙ୍କୁ ଔଷଧ ବଣ୍ଟନ ସହ ସଚେତନ କରିଛନ୍ତି। ଗ୍ରାମ୍ୟ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇ ଓ କର୍ମଚାରୀ ଗାଁରେ ଥିବା ନଳକୂପର ପାଣି ନମୁନା ସଂଗ୍ରହ କରିବା ସହ ବିଶୋଧନ କରିଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ପାନୀୟ ଜଳ ଦୂଷିତ କାରଣରୁ ଝାଡ଼ାବାନ୍ତି ସଂକ୍ରମିତ ହେଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ସନ୍ଦେହ ପ୍ରକାଶ କରିଛନ୍ତି। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦାସ ସୂଚନା ଦେଇଛନ୍ତି। ଗାଁରେ ଆକ୍ରାନ୍ତ ରୋଗୀଙ୍କସ୍ଥିତି ଉପରେ ଡ଼.ସୁଶୀଲ କୁମାର ସାହୁ ଓ ଲଡୁଗାଁ ମେଡିକାଲ ଟିମକୁ ସତର୍କ ଦୃଷ୍ଟି ଦେବାକୁ କୁହାଯାଇଛି। ଶୁକ୍ରବାର ମେଡିକାଲ ଟିମରେ ବିପିଏମ ମାନସ ନୟନ ସ୍ୱାଇଁ, ସ୍ୱାସ୍ଥ୍ୟକର୍ମୀ କେତନ ପାତ୍ର, ମହିଳା ସ୍ୱାସ୍ଥ୍ୟ ସେବିକା ପୁଷ୍ପଲତା ଦୋରା ଙ୍କସମେତ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସାମାଜିକ କର୍ମୀ ସଞ୍ଜୟ ସିଂଘଲ ସ୍ଥିତି ତଦାରଖ କରିବା ସହ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି।



ଝାଡ଼ାବାନ୍ତି ଆକ୍ରାନ୍ତ ଗାଁରେ ମେଡିକାଲ ଟିମ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଗାଁରେ ପହଞ୍ଚିଲା ମେଡ଼ିକାଲ ଟିମ୍**

# ସାହିତ୍ୟ, ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ



ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

କର୍ଲାମୁଣ୍ଡା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପଡିଆଠାରେ ସାହିତ୍ୟ, ସଂସ୍କୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଂସଦ ସଭାପତି ଭାଗିରଥି ଷଡଙ୍ଗୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ଜିଲା କଳା ଓ ସଂସ୍କୃତି ସଂସଦ ଉପାଧକ୍ଷ କରୁଣାକର ଦାସ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ପୂର୍ବତନ ସରପଞ୍ଚ ଶେଷଦେବ ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଞ୍ଜା ସମିତି ସଭ୍ୟ ଆନନ୍ଦ ନାଗ ଯୋଗଦେଇଥିଲେ। ସମ୍ପାଦକ ସଞ୍ଜୀବ କୁମାର ନାଗ ବିବରଣୀ ପାଠ କରିଥିବା ବେଳେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ସଭା ସଂଯୋଜନା କରିଥିଲେ। କର୍ଲାମୁଣ୍ଡା ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ଧନ୍ୟବାଦ ଦେଇଥିଲେ। ଏହିଅବସରରେ ଅନ୍ତପତ୍ରିକା ପ୍ରତିଷ୍ଠାତା ନରେଶ କୁମାର ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଯେମନ୍ତ ସାହୁ, ଡୋଳେଶ୍ୱର ସାହୁ, ନରେଶ କୁମାର ସାହୁ, କ୍ଷୀରୋଦ ସାହୁ, ଦୁର୍ଲ୍ଲଭ ମେହେର, କୁଞ୍ଜ ସାହୁ, ସୁଶାନ୍ତ ରଣା, ମାନସ ବାଗ, ପ୍ରକାଶ କୁମାର, ଭାଗିରଥି ଷଡଙ୍ଗୀ, ସଞ୍ଜୀବ ନାଗ, ପ୍ରମୋଦ ସାହୁ, ରିପୁ ଦମନ ସୌରଭ ମିଶ୍ର, ଅଭିମନ୍ୟୁ ନନ୍ଦ, ମୀନକେତନ ସାହୁ ଓ ତପନ କୁମାର ସାହୁ କବିତା ପାଠ କରିଥିଲେ। ଗୀତିକାର ପ୍ରକାଶ କୁମାର, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଓ ଗାଳ୍ପିକ ସଞ୍ଜୀବ ନାଗଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ନୃତ୍ୟ ପ୍ରତିଯୋଗୀତା ମଧୁସୂଦନ ବାଗ ସଂଯୋଜନା କରିଥିବା ବେଳେ କରୁଣାକର ଦାସ, କ୍ଷୀରୋଦ୍ର ନାଏକ ଓ ରାଜପ୍ରତାପ ନାଏକ ବିଚାରକ ଭାବେ ଯୋଗଦେଇଥିଲେ।

## ବ୍ଲକସ୍ତରୀୟ ରକ୍ତହୀନତା ନିରାକରଣ ଅଭିଯାନ

କେସିଙ୍ଗା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସାସ୍ଥ୍ୟ ଅଧିକାରୀ ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ରକ୍ତହୀନତା ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବବୃ ବାହନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଡିପିଓ ମୁଯିବୁନି ନିଶା, କୋର୍ଡିନେଟର କୁନି ରାଉତ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବିଶ୍ୱ ମୋହନ ଠାକୁର, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ମେଡ଼ିକାଲ ଅଫିସର ଝସ କେତନ ସାହୁ, ଗୋପାଳ ବଳ ପ୍ରମୁଖ ସାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୨୦୦ ଛାତ୍ରୀଙ୍କୁ ରକ୍ତହୀନତା ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ରକ୍ତହୀନତା ବିଷୟରେ ଡାକ୍ତର ଜେନା ଛାତ୍ରୀମାନଙ୍କୁ ବୁଝାଇଥିଲେ।

## ଆଜି ଭବାନୀପାଟଣାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ବିଚାର ବିଭାଗୀୟ କୋର୍ଟ ନୂଆ କୋଠା ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। କୋର୍ଟ କଚେରିରେ ବିଚାରାଧୀନ ଥିବା ମକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ଭିତ୍ତିରେ ଫଏସଲା କରିବା ପାଇଁ ଗଠିତ ଅନୁଷ୍ଠାନ ହୋଇଛି ଲୋକ ଅଦାଲତ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଦେୱାନୀ, ଫୌଜଦାରି, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ଚେକ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ।

# ବ୍ଲକସ୍ତରୀୟ ରକ୍ତହୀନତା ନିୟନ୍ତ୍ରଣ ଅଭିଯାନ

କୋକସରା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଚିଲିଗୁଡା ସର୍ବମଙ୍ଗଳା ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ରକ୍ତହୀନତା ନିୟନ୍ତ୍ରଣକୁ ନେଇ ସଚେତନତା ସୃଷ୍ଟି ଅଭିଯାନ ଉଦ୍ଦେଶ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼.ତତ୍ତ୍ୱଦର୍ଶୀ ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଜନସୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଓ ବିପିଏମ ମାନସ ନୟନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଆରସିସି ତୋଫାନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୧୦ରୁ ୧୯ ବର୍ଷର ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା କିଶୋରି ବାଳିକାଙ୍କୁ ରକ୍ତହୀନତାର ବିଭିନ୍ନ କାରଣ ବିଷୟରେ ପରାମର୍ଶ ଦେବା ସହ ସେମାନଙ୍କ ହିମୋଗ୍ଲୋବିନ ପରୀକ୍ଷା, ଚିକିତ୍ସା, କଥାବାର୍ତ୍ତା (୩ଟି) ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପଞ୍ଜୀକରଣରେ ମହିଳା ସାସ୍ଥ୍ୟ କର୍ମୀ ଶ୍ରାବଣୀ ବଛା, ଅନୁସୂୟା ମାଝି, ପ୍ରଭାତୀ ବେହେରା ଚିକିତ୍ସାରେ ଡ଼. ପ୍ରତାପ ବେହେରା, ଫାର୍ମାସିଷ୍ଟ ଶୁଭେନ୍ଦୁ ପଣ୍ଡା ପରାମର୍ଶ ଓ କଥାବାର୍ତ୍ତାରେ ଡ଼. ଲିପିକା ମହାନ୍ତି, ଚତୁର୍ଭୁଜ ବାଣୁଆ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୯୫ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ରକ୍ତହୀନତା ନେଇ କୁଇଜ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଆଶା, ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

# ସ୍ୱଳ୍ପ ସଞ୍ଚୟ ପକ୍ଷ ସମାରୋହ ଉଦ୍‌ଯାପିତ

ନୂଆପଡ଼ା ଅଫିସ,୧୧।୧୧

ଓଡିଶା ସରକାରଙ୍କ ଅର୍ଥ ବିଭାଗ ଓ ନୂଆପଡ଼ା ଜିଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଜିଲାପାଳଙ୍କ ସଦଭାବନା ସଭାଗୃହରେ ସ୍ୱଳ୍ପ ସଞ୍ଚୟ ପକ୍ଷ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ସିଇଓ ମଧୁଛନ୍ଦା ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ଉପଜିଲାପାଳ ରାମଚନ୍ଦ୍ର ଖାଡିଆ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସଦର ତହସଲିଦାର ଦେବେନ୍ଦ୍ର ରାଉତ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ, ଡାକ ବିଭାଗ, ବିଭିନ୍ନ ବ୍ୟାଙ୍କ କର୍ମଚାରୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତଥିଲେ। ବିଭୁଦତ ମିଶ୍ର ପରିଚାଳନା କରିଥିଲେ। ଏହି ସଚେତନତା ପକ୍ଷରେ ଏକ ସଚେତନ ରଥ ବାହାରି ଜିଲା ପରିଭ୍ରମଣ କରି ଲୋକଙ୍କୁ ସଚେତନ କରିଥିଲା। ଅସ୍ୱାଭାବିକ ଭାବେ ଉଚ୍ଚ ସୁଧହାର ପ୍ରଦାନର ପ୍ରତିଶ୍ରୁତି ତଥା ଖୁବ କମ ଦିନରେ ଦୁଇଗୁଣା ହୋଇଯିବା ପ୍ରଲୋଭନ ଠକାମୀର ଶିକାର ହୋଇଥାଏ। କେବଳ ଡାକଘର ଓ ବ୍ୟାଙ୍କ ଭଳି ପ୍ରତିଷ୍ଠିତ ଓ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନରେ ନିଜର ଅର୍ଥ ସଞ୍ଚୟ କରିବାକୁ ଲୋକଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ସବୁ ବିଭାଗର କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର ଓ ଡାକଘର କର୍ମଚାରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଡିବିଟି ମାଧ୍ୟମରେ ୧୯୫ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଜୁନାଗଡ,୧୧।୧୧(ଡି.ଏନ.ଏ.)

କଳାହାଣ୍ଡିଜିଲା ଜୁନାଗଡ ବ୍ଲକକାର୍ଯ୍ୟାଳୟରେ ଡିବିଟି (ଇ ଟ୍ରାନ୍ସଫର)ମାଧ୍ୟମରେ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ନୂତନ ମଞ୍ଜୁର ପ୍ରାପ୍ତ ୧୯୫ଜଣ ହିତାଧିକାରୀଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସିଧାସଳଖ ଟଙ୍କା ପ୍ରଦାନ କରାଯାଇଛି। ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ଗୌଡଛେଣ୍ଡିଆ ସରପଞ୍ଚ ଶିବ ହାତୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ବିଏସ୍‌ଏସଓ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ।

# ମାଣ୍ଡିଆ ଦ୍ୱାରା ତିଆରି ସାମଗ୍ରୀ ପ୍ରଦର୍ଶିତ



ଅଧିକାରୀମାନେ ମାଣ୍ଡିଆ ଦ୍ୱାରା ତିଆରି ସାମଗ୍ରୀ ଷ୍ଟଲ ବୁଲି ଦେଖୁଛନ୍ତି।

ନୂଆପଡ଼ା ଅଫିସ,୧୧।୧୧

ନୂଆପଡା ଜିଲା କୃଷି ବିଭାଗ କାର୍ଯ୍ୟାଳୟରେ ଜିଲା କୃଷି ବିଭାଗ ଓ ମିଲେଟ ମିଶନଙ୍କ ମିଳତ ଉଦ୍ୟମରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ସମରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଜିଲାପାଳ ହେମାକାନ୍ତ ସାଏ ମୁଖ୍ୟଅତିଥି, ଏସ୍‌ପି ପ୍ରତ୍ୟୁଷ ଦିବାକର, ଜଲା ପରିଷଦ ସିଇଓ ମଧୁଛନ୍ଦା ସାହୁ, ଜିଲାପାଳ ପ୍ରତିନିଧି ଲୋପାମୁଦ୍ରା ସାମଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲେମ୍ଭୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୫ଟି ବ୍ଲକରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ମହିଳାମାନେ ମାଣ୍ଡିଆରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ମା'ଠାକୁରାଣୀ ଗ୍ରୁପ ହଳଦିଖୋଲ ସିନାପାଲି, ଓମ ଶାନ୍ତି ଗ୍ରୁପ ବୋଇରଭାଡି ନୂଆପଡା, ଜୟ ମା' ବୈଷ୍ଣଦେବୀ ଗ୍ରୁପ କୋମନା, ଝଙ୍କିରାଣୀ ଗ୍ରୁପ ଗୋଇମୁଣ୍ଡି ଖଡିଆଳ, ଶୁଭଲକ୍ଷ୍ମୀ ଗ୍ରୁପ ଲିଟିସର୍ଗି ବୋଡେନ ଯୋଗଦେଇଥିଲେ। ପ୍ରଦର୍ଶନୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳା ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ଜିଲା କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଲଖନଲାଲ ମିନା, ସହକାରୀ କୃଷି ଅଧିକାରୀ ଦୀପାଶ୍ରୀ ମଣ୍ଡଳ, ଆଶିଷ ମେହେର ପ୍ରମୁଖ ବିଚାରକ ଭାବେ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଣ୍ଡିଆ ଜନିତ ଖାଦ୍ୟ ବଣ୍ଟନ କରାଯାଇଥିଲା।

# ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା

ଗୋଲାମୁଣ୍ଡା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ନନ୍ଦ କିଶୋର ତାଣ୍ଡି, ଉପାଧକ୍ଷ ପଞ୍ଚମୀ ଦୀପ, ଏମ୍‌ପି ପ୍ରତିନିଧି ଭାଗ୍ୟବାନ ବାଗ, ବିଧାୟକ ପ୍ରତିନିଧି ଦୟାସାଗର ଚଲାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୨୮ଟି ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ପାନୀୟଜଳ, ଶିକ୍ଷା, ବିଜୁଳି, ସମ୍ମନିତ ଶିଶୁ ବିକାଶ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍, ଯୋଗାଣ ବିଭାଗ, ପୋଲିସ, ଗ୍ରାମ୍ୟ ଉନ୍ନୟନ ବିଭାଗ, ନଗର ଉନ୍ନୟନ ବିଭାଗୀୟ ବିଷୟରେ ଆଲୋଚନା ହୋଇଥିଲା। ଏହି ସମୟରେ ଗ୍ରାମରେ ଥିବା ସମସ୍ୟା ସବୁ କିପରି ଶୀଘ୍ର ସମାଧାନ କରାଯିବ ଉପସ୍ଥିତ ସମସ୍ତ ବିଭାଗ କର୍ମଚାରୀମାନଙ୍କୁ ବ୍ଲକ ଅଧକ୍ଷ ମହାନନ୍ଦ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ନବ କିଶୋର ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ, ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ଗୋପାଲ ମାଝି, ସିଡିପିଓ ପ୍ରିୟମଞ୍ଜରୀ ସାହୁଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ନଗର ଉନ୍ନୟନ ବିଭାଗର ପଦାଧିକାରୀଙ୍କ ସମତେ ବ୍ଲକର ସମସ୍ତ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

# ଜାନୁୟାରୀ ୫ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା

ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଭୋଟର ତାଲିକା ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ନିର୍ବାଚନ ଆୟୋଗ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ନଭେମ୍ବର ୯ରୁ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଛି। ନୂତନ ଭୋଟର ପଞ୍ଜୀକରଣ ପାଇଁ ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ, ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ, ଆଧାର କାର୍ଡ ସଂଯୋଗୀକରଣ କରିବାକୁ ଜନସଚେତନତା ସୃଷ୍ଟି କରାଯିବ। ଏହି ସମୟ ମଧ୍ୟରେ ସତନ୍ତ୍ର ଶିବିର ଆସନ୍ତା ୧୨, ୧୩, ୨୬ ଓ ୨୭ ମତଦାନ କେନ୍ଦ୍ରଗୁଡିକରେ ବୁଥସ୍ତରୀୟ ଅଧିକାରୀ ଉପସ୍ଥିତ ରହି ସମସ୍ତ ଆପତ୍ତି ଅଭିଯୋଗ ଶୁଣିବେ। ଆପତ୍ତି ଅଭିଯୋଗର ଫଇସଲା ପରେ ୨୦୨୩ ଜାନୁୟାରୀ ୫ରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଯଦି ଜଣେ ନାଗରିକର ବୟସ ୨୦୨୩ ସୁଦ୍ଧା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ହେଉଥିବ ତାହେଲେ ଜଣେ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆଗୁଆ ଆବେଦନ କରିପାରିବେ। ବୈଠକରେ ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ ଦାସ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ନିର୍ବାଚନ ଶାଖାର ଅଧିକାରୀ ପ୍ରମୋଦ କୁମାର ଖିଲୋ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ।

**ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ**

## ସଂକ୍ଷେପରେ

### ବିଜେଡିରେ ମିଶିଲେ ୩ ସମିତି ସଭ୍ୟ

**ପଦ୍ମପୁର, ୧୧।୧୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡାଠାରେ ରାଜବୋଡାସମ୍ବର ଠାକୁର ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଅଧକ୍ଷ ରଣଜିତ ସିଂ ବରିହା ଓ ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ବେଲାର ସାହୁଙ୍କ ଉପସ୍ଥିତିରେ ପଲସାପାଲି ସମିତି ସଭ୍ୟ ଅନୀଳ ଭୋଇ, ଝାନ ସମିତି ସଭ୍ୟ ପ୍ରସନ୍ନ ଭୋଇ ଓ କନସିଂହା ସମିତି ସଭ୍ୟ ସୁଦାମ ମହାନନ୍ଦ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ରାଜେଶ ସାହୁ, ସାବିତ୍ରୀ ଚାନ୍ଦ, ବିଷ୍ଣୁ ପ୍ରସାଦ ବାଜପେୟୀଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ଗୋଡଭଗାରେ ହିତଚିନ୍ତକ ଅଭିଯାନ

**ଜାମଟିକ୍ରା,୧୧।୧୧(ଡି.ଏନ.ଏ.):** ଅତାବିରାରେ ବଜରଙ୍ଗ ଦଳ ତରଫରୁ ହିତଚିନ୍ତକ ଅଭିଯାନ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ବିଶ୍ୱହିନ୍ଦୁ ପରିଷଦର (କଲିକତା କ୍ଷେତ୍ର) କ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ସପନ କୁମାର ମୁଖାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥାନପତି, ସମ୍ବଲପୁର ଜିଲା ସଙ୍ଗଠନ ମନ୍ତ୍ରୀ ରାମଚନ୍ଦ୍ର ନାୟକ, ବଜରଙ୍ଗ ଦଳ ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର, ଜିଲା ସହ ସଂଯୋଜକ ପରମେଶ୍ୱର ପଟେଲ, ଖଣ୍ଡ ସଂଯୋଜକ ପ୍ରଶାନ୍ତ ଭୋଇ, ପ୍ରଭାସ ମଲ୍ଲିକ, ସୁଧୀର ଭୋଇ, ପ୍ରେମରାଜ ଚାନ୍ଦ, ସନତ ମହାରଣା, ଶ୍ରୀହରି, ବିକାଶ, ଶୁଭମ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### କୃଷକ ସାଥୀଙ୍କ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

**ତରଭା,୧୧।୧୧(ଡି.ଏନ.ଏ.):** ୩ ଦଫା ଦାବି ନେଇ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକରେ କାର୍ଯ୍ୟରତ କୃଷକ ସାଥୀମାନେ ଶୁକ୍ରବାର ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତରଭା ତହସିଲଦାର, ବିଡ଼ିଓ ଓ ବ୍ଲକ କୃଷି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ବ୍ଲକର ୨୧ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ କୃଷକ ସାଥୀ ଏକତ୍ରିତ ହୋଇ ସହର ମୁଖ୍ୟରାସ୍ତା ଦେଇ ଏକ ଶୋଭାଯାତ୍ରାରେ ଯାଇ ଏହି ଦାବିପତ୍ର ପ୍ରଦାନ କରିଥିଲେ । କୃଷକ ସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କୃଷକ ସାଥୀମାନଙ୍କୁ କୃଷି ବିଭାଗରେ ନିୟୋଜିତ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି । ତରଭା ବ୍ଲକ ସଂଘ ସଭାପତି ସୁରେଶ ନାଗଙ୍କ ନେତୃତ୍ୱରେ ଜିଲା ସଂଘ ସାଧାରଣ ସମ୍ପାଦକ ଉଦ୍ଧବ ସୁନା, ବ୍ଲକ ଉପ ସଭାପତି ଭଗବାନ ମିଶ୍ର,ସମ୍ପାଦକ ସୁଦାମ ସାହୁ, ହୃଦାନନ୍ଦ ପଧାନ, ମୁକୁନ୍ଦ ବିଶ୍ୱାଳ, ରାଜେନ୍ଦ୍ର ଝାଙ୍କର, ଦଶରଥୀ ପାଣ୍ଡେ, ଅଭୟ ରଣା, ରାଜେନ୍ଦ୍ର ରଣା, ବୁଦ୍ଧଦେବ ନାଏକ, ରୁଦ୍ର ପ୍ରସାଦ ବାରିକ, ଗୁଣ୍ଡୁ ଗୋପାଳ ପଧାନ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ । ସଂଘ ପକ୍ଷରୁ ପ୍ରଥମେ ତହସିଲଦାର ସୁଶ୍ରୀ ସୂର୍ଯ୍ୟମଣି ଭୋଇ, ବ୍ଲକ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ସୁବୋଧ କୁମାର ମହାରଣା ଏବଂ ଗୋଷ୍ଠୀ କୃଷି ଅଧିକାରୀ ସୁଶ୍ରୀ ସିସ୍ମିତା ପଣ୍ଡାଙ୍କୁ ଦାବିପତ୍ର ସଭାପତି ନାଗ ପ୍ରଦାନ କରିଥିଲେ ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

## ଇନ୍‌ପୁଟ ସବ୍‌ସିଡ଼ି, ବୀମା ସହାୟତା ଦାବି

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏହି ଜିଲାର ଚାଷୀମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧାନ ବିକ୍ରିବଟା ଠିକ୍ ଭାବେ କରିପାରୁ ନ ଥିବାବେଳେ ଫସଲକ୍ଷତି ବାବଦ ଇନପୁଟ୍ ସବ୍‌ସିଡ଼ି କିମ୍ବା ବୀମା ସହାୟତା ପାଇ ପାରୁନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଡେଙ୍ଗୁଛି। ଏହି କ୍ରମରେ ଶୁକ୍ରବାର ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଗତ ୪ବର୍ଷ ହେଲା ରାଜ୍ୟରେ ଧାନ ବିକ୍ରିବଟା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅର୍ଥାତ୍ ଏକର ପ୍ରତି ଧାନବିକ୍ରି ପରିମାଣ, ଟୋକନ ଅବଧି, ଟୋକନ ତ୍ରୁଟି ସଂଶୋଧନ ଆଦି ଜିଲାସ୍ତରରେ ହେବା ବଦଳରେ ଭୁବନେଶ୍ୱରରେ କରାଯାଉଛି। ଏହାଦ୍ୱାରା ଚାଷୀମାନେ ଆହୁରି ସମସ୍ୟା ଭିତରକୁ ଠେଲି ହୋଇ ଯାଉଛନ୍ତି। ଗତବର୍ଷ ଖରିଫ ଫସଲକ୍ଷତିର ଇନ୍‌ପୁଟ ସବ୍‌ସିଡ଼ି କିମ୍ବା ବୀମା କ୍ଷତିପୂରଣ ସହାୟତା ଏପର୍ଯ୍ୟନ୍ତ ଚାଷୀଙ୍କୁ ମିଳିପାରିନାହିଁ। ଅନ୍ୟପଟେ ଏଥର ଧାନ ସଂଗ୍ରହ ପ୍ରକ୍ରିୟାକୁ ମଧ୍ୟ ବିଳମ୍ବିତ କରାଯାଇଛି। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଜୟ କିଷାନ ଆନ୍ଦୋଳନ ୩ ଦଫା ଦାବି କରିଛି।

ଆସନ୍ତା ୧୫ ତାରିଖରୁ ଜିଲାର ସବୁ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବା, ପ୍ରତ୍ୟେକ ମଣ୍ଡିରେ ଧାନ ବିକ୍ରିବଟା ପାଇଁ ଆବଶ୍ୟକ ଭିତ୍ତିଭୂମି ଠିକ୍ ସହିତ ମଣ୍ଡିରେ ଓଜନ, ମାପ, ଗୁଣମାନ ନିର୍ଦ୍ଧାରଣ କରାଯିବା, ମିଲର୍ସଙ୍କ ମର୍ଜିରେ ତାହା ଛଡ଼ା ନ ଯିବା, ମଣ୍ଡି ଗୁଡ଼ିକରେ ଧାନ ଉଠାଣ ପ୍ରକ୍ରିୟାରେ ପାତରଅନ୍ତର ନୀତି ବନ୍ଦ, ଧାନ ବିକ୍ରିବଟା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଜିଲାସ୍ତରରେ କରାଯିବା, ୨୦୨୧-୨୨ ଫସଲକ୍ଷତିର ଇନ୍‌ପୁଟ ସବ୍‌ସିଡ଼ି ତଥା ବୀମା କ୍ଷତିପୂରଣ ବ୍ୟବସ୍ଥା ତୁରନ୍ତ କରାଯିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଦୋଷାରୋପରୁ ଓହରିବା, କୃଷିକାର୍ଯ୍ୟ ପାଇଁ ବ୍ୟବହୃତ ସମସ୍ତ ବକେୟା ବିଦ୍ୟୁତ ଦେୟ ଛାଡ କରିବା ଅର୍ଥାତ୍ ରାଜ୍ୟ ସରକାର ନିଜେ ଏହାକୁ ବହନ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ଚାଷୀନେତା ଲିଙ୍ଗରାଜ, ଷଡ଼ାନନ ସାହୁ, ସରୋଜ ପ୍ରଧାନ, ଭଞ୍ଜନ ବାରିକ, ସୁରେନ୍ଦ୍ର ମେହେର, ଅରୁଣ ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ଅତିରିକ୍ତ ଜିଲାପାଳ ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

## ପାଇକମାଳରେ ବିଜେଡିର କର୍ମୀ ସମ୍ମିଳନୀ

**ପାଇକମାଳ,୧୧।୧୧(ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ଡିସେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସାଲେପାଲି ବିଜେଡି କାର୍ଯ୍ୟାଳୟଠାରେ ପାଇକମାଳ ବ୍ଲକର ବିଜେଡି କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ, ପାଇକମାଳ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଦୀପାଳି ଦାସ, ପାଇକମାଳ ବ୍ଲକ ସଭାପତି ରାଜେନ୍ଦ୍ର ରାଉତ, ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଜିଲା ପରିଷଦ ସଭ୍ୟା ବାସନ୍ତୀ ବାଲମ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଉପନିର୍ବାଚନ ଉପରେ ରଣନୀତି ପ୍ରସ୍ତୁତି କରିଥିଲେ। ଏହି ଅବସରରେ ପାଇକମାଳ ଅଞ୍ଚଳର ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗଦାନ କରିଥିଲେ।

## ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ନିର୍ବାଚନ ପରିଚାଳନା ନେଇ ପ୍ରଶାସନିକ ତତ୍ପରତା ସେଭଳି ବଢ଼ିଚାଲିଛି। ଗୁରୁବାର ସନ୍ଧ୍ୟାରେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଏସ୍‌ଏସ୍‌ଟି, ଫ୍ଲାଇଂ ସ୍କ୍ୱାଡ୍, ଭିଏସ୍‌ଟି ଏବଂ ଆକାଉଣ୍ଟିଂ ଟିମ୍‌ର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସ୍‌ପି ପରମାର୍ ସ୍ମିତ୍ ପୁରୁଷୋତ୍ତମ ଦାସ, ଜିଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋଏଲ, ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ, ରିଟର୍ନିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ର ଏବଂ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ଶ୍ରଦ୍ଧାକର କୁମ୍ଭାରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫ୍ଲାଇଂ ସ୍କ୍ୱାଡ୍, ଭିଡ଼ିଟ ସର୍ଭେଲାନ୍ସ ଟିମ୍, ଷ୍ଟାଟିକ୍ ସର୍ଭେଲେନ୍ସ ଟିମ୍, ଇଲେକ୍ସନ ଏକ୍ସପେଣ୍ଡିଚର ମନିଟରିଂ ଟିମ୍, ଏମ୍‌ସିସି ଏନ୍‌ଫୋର୍ସମେଣ୍ଟ ଟିମ୍, ଟେକ୍ନିକାଲ ଟିମ୍ ନିର୍ବାଚନ ସମ୍ପର୍କୀତ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

ସେହିପରି ଗୁରୁବାର ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ସ୍ଥାନରୁ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୩୦ଟି ବ୍ୟାନର ହଟାଯାଇଥିବାବେଳେ ଏସ୍‌ଏସ୍‌ଟି ଦ୍ୱାରା ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରାଯାଉଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଅବକାରୀ ବିଭାଗ ତରଫରୁ ୩୯୪ ଲିଟର ମଦ ଜବତ ସହିତ ୩୨୦୦ ଲିଟର ପୋଚ ନଷ୍ଟ କରାଯାଇଛି । ଏ ନେଇ ୬ଟି ମାମଲା ରୁଜୁ ହୋଇଥିବାବେଳେ ୩ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି । ଶୁକ୍ରବାର ପଦ୍ମପୁର ଉପନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସିଂଘନପୁର ଗ୍ରାମର ଶେଷଦେବ ସାହୁ ଗୋଟିଏ ଫର୍ମ କିଣିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ ।

## ରକ୍ତଦାନ ଶିବିର, ୩୨ ୟୁନିଟ୍ ସଂଗ୍ରହ

**ପାଇକମାଳ,୧୧।୧୧(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସର ଅଧକ୍ଷ ଲୋହିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ପାଇକମାଳ ଅତିରିକ୍ତ ତହସିଲଦାର ପ୍ରତାପ ପୂଜାରୀ ମୁଖ୍ୟ ଅତିଥି, ସିଆର୍‌ପିଏଫ୍‌ର ଓ.ସି. ମୋହନ କୁମାର ପ୍ରଧାନ, ଇନ୍ସପେକ୍ଟର ଶଙ୍କର ସିଂ, ଡା. ସୁରେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସମୁଦାୟ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡକ୍ରସ ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନ, ସଂଯୋଜକ ଦେବାଶିଷ ଭାଇନା, ସମାଜସେବୀ ବଡ ଶତପଥି, ସୁରଥ ସାହୁ, ମହାବିଦ୍ୟାଳୟର ଶିକ୍ଷକ ତଥା ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।



ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

**ବାଉଁଶୁଣୀ, ୧୧।୧୧ (ଡ଼ି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ବୌଦ୍ଧ ଜିଲା ଶାଖାର ସଭାପତି ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଏଥିରେ ପଞ୍ଚାୟତରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଆଠ ଦଫା ଦାବି ଉପରେ ଆଲୋଚନା ହୋଇଥିଲା। କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା, ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା, ସମାନ କାମକୁ ସମାନ ଦରମା ପାଇଁ ଆଲୋଚନା କରିଥିଲେ। ତା'ସହିତ ରାଜ୍ୟ ବଜେଟରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବାକୁ ଆଲୋଚନା କରିଥିଲେ। ଆଗାମୀ ଦିନରେ ଯଦି ସମସ୍ତ ଦାବି ପୂରଣ ନ କରନ୍ତି ତେବେ ଆନ୍ଦୋଳନ କରିବା ପାଇଁ ସମସ୍ତ କର୍ମଚାରୀ ମତବ୍ୟକ୍ତ କରିଥିଲେ। ଏଥିରେ ଜିଲାର ତିନୋଟି ବ୍ଲକ କଣ୍ଟାମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ସମସ୍ତ ପଞ୍ଚାୟତ କର୍ମଚାରୀ ସାମିଲ ହୋଇଥିଲେ। ଏନେଇ ରାଜ୍ୟ ସରକାରଙ୍କ ନିକଟରେ ସମସ୍ତ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୌଦ୍ଧ ବ୍ଲକ ସଭାପତି ଦୟାନିଧି ଜାଲ, କଣ୍ଟାମାଳର ପରମାନନ୍ଦ ପ୍ରଧାନଙ୍କ ସମେତ ଦିଲୀପ ଖେତି, ଲୋଚନ ମଲ୍ଲିକ, ଜୟନ୍ତ ବେହେରା, ରଘୁନନ୍ଦନ ଭୋକ୍ତା, କେଶବ ଖମାରି, ଦଶରଥ ଖମାରି, ରତ୍ନାକର ମୁଦୁଲି, ଅକ୍ଷୟ ଶ୍ରୀଚନ୍ଦନ ଦାସ, ପ୍ରଶାନ୍ତ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

## ଫାଇନାଲରେ ୟୁନାଇଟେଡ୍ ସ୍ପୋର୍ଟ୍ସ


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଏବଂ କାଇଁଶିର ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ପ୍ରତିପକ୍ଷକୁ ୪-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଦଳର ରାଜୁ ବେହେରା ୨ଟି ଗୋଲ ସ୍କୋର କରିଥିବାବେଳେ ଲକ୍ଷ୍ମଣ ଭୁଏ ଏବଂ ସଞ୍ଜୟ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଭାତାଦିତ୍ୟ ମିଶ୍ର, ସୁବ୍ରତ ଚାଟାର୍ଜୀ, ପ୍ରେମନାଥ ଗିରି, ମନୋରଞ୍ଜନ କୁମାର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅଶ୍ୱିନୀ ମେହେର, ସନ୍ତୋଷ ପଟେଲ, ସଚିନ ଭୁଏ, ନାରାୟଣ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତା ୧୩ ତାରିଖରେ ବରଗଡ଼ ରେଲୱେ ଷ୍ଟେଶନ ଏଫ୍‌ସି ଏବଂ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବାର କାର୍ଯ୍ୟକ୍ରମ ରହିଛି ।

## ଶନିବାରଠୁ କଚେରି ପରିସରରେ ଧାରଣା

### ଜିଲା ଦାବି ଆନ୍ଦୋଳନ ତେଜିଲା

**ପଦ୍ମପୁର,୧୧।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଓକିଲ ସଂଘର ଆହ୍ୱାନ କ୍ରମେ ପଦ୍ମପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ, ସଂଘ, ରାଜନୈତିକ ଦଳ, ଜନପ୍ରତିନିଧି ଏବଂ ଜନସାଧାରଣଙ୍କୁ ନେଇ ଓକିଲ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବିକୁ ତୀବ୍ର କରିବା ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଓକିଲ ସଂଘ ନେତୃତ୍ୱରେ ପଦ୍ମପୁର ଜିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଥିଲା। ଶନିବାର ପୂର୍ବାହ୍ନ ୧୦ଟାରୁ ପଦ୍ମପୁରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ରାଜ୍ୟ ବସ୍ ମାଲିକ ସଂଘ ବୈଠକ

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ରେ ରାଜ୍ୟ ବସ୍ ମାଲିକ ସଂଘର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଲୋକନାଥ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଦାବିଗୁଡ଼ିକୁ ରାଜ୍ୟ ସରକାର ଅଣଦେଖା କରୁଥିବା ଯୋଗୁ କ୍ଷୋଭ ପ୍ରକାଶ ପାଇଥିଲା। ବସ୍ ପରମିଟ୍ ଗୁଡ଼ିକ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତର କରିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା, ସ୍ଲିପର ବସ୍‌ଗୁଡ଼ିକୁ ଦିନବେଳା ଚଳାଇବାକୁ ଅନୁମତି ପ୍ରଦାନ, ମଙ୍ଗୁଳିଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାକାମ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା, ଉକ୍ତ ରାସ୍ତାର ଦୁରବସ୍ଥା ପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୋଟରଯାନ ଆଇନ ଅନୁସାରେ ବସ୍‌ଗୁଡ଼ିକର ବୟସ ସୀମା ନିର୍ଦ୍ଧାରଣ କରାଯିବା, ୧୫ବର୍ଷରୁ ଊର୍ଦ୍ଧ୍ୱ ବସ୍ ଗୁଡ଼ିକର ସ୍ଥାୟୀ ପରମିଟ୍ ନବୀକରଣ କରାଯିବାକୁ ଦାବି ହୋଇଥିଲା। ବୈଠକରେ ରାଜ୍ୟ ବସ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ମୁଖପାତ୍ର ଦେବାଶିଷ ନାୟକ, ବରଗଡ଼ ସଂଘ ସଭାପତି ଭୀଷ୍ମଦେବ ଦୋରା, ସମ୍ପାଦକ ସେକ୍ ନଜିମୁଦ୍ଦିନ, ୧୨ ନମ୍ବର ଜୋନ୍ ଉପସଭାପତି ସରୋଜ କୁମାର ମହାପାତ୍ର, ରାଉରକେଲାର ସମ୍ପାଦକ ପ୍ରକାଶ କୁମାର ଜେନା, ଜୋନ୍ -୮ର ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ଜୋନ-୩ର ସମ୍ପାଦକ ଶ୍ରୀନିବାସ ପତି, ଭଦ୍ରକ ସଂଘ ଉପସଭାପତି ମାନଭଞ୍ଜନ ପାତ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲା ସଂଘର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।



ବୈଠକରେ ରାଜ୍ୟ ବସ ମାଲିକ ସଂଘର କର୍ମକର୍ତ୍ତାବୃନ୍ଦ ।

## ଧାରଣାରତ ଚାଷୀଙ୍କ ସହ ଆଲୋଚନା କଲେ ସୁଶାନ୍ତ ସିଂ

### ପଦ୍ମପୁର ଉପଖଣ୍ଡରେ ନଭେମ୍ବର ୧୮ରୁ ଧାନକିଣା ହେବ

**ପଦ୍ମପୁର,୧୧।୧୧(ଡି.ଏନ.ଏ.)**

ବୀମା ଇନ୍‌ପୁଟ ସବ୍‌ସିଡି ସହିତ ଧାନ ବିକ୍ରି ସମସ୍ୟାକୁ ନେଇ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ଧାରଣା ଶୁକ୍ରବାର ୧୧ ଦିନରେ ପହଞ୍ଚିଛି। ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶୁଶାନ୍ତ ସିଂ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବର ୧୭ ତାରିଖରେ ଚାଷୀଙ୍କ ଟୋକନ ଜେନେରେଟ ହେବ ଏବଂ ୧୮ ତାରିଖରୁ ପଦ୍ମପୁର ଉପଖଣ୍ଡର ମାର୍କେଟ ୟାର୍ଡମାନଙ୍କରେ ଧାନକିଣା ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଚାଷୀନେତା ରମେଶ ମହାପାତ୍ର, ଆବାହକ ଅଶୋକ ସାହୁ, ରୋହିତ ପଧାନଙ୍କ ସମେତ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ ।


ଚାଷୀଙ୍କ ସହିତ ବିଧାୟକ ସୁଶାନ୍ତ ସିଂ ଆଲୋଚନା କରୁଛନ୍ତି ।

## ଘର ଆଗରୁ ପିକ୍‌ଅପ୍ ଗାଡ଼ି ଚୋରି ଅଭିଯୋଗ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗ୍ରାମର ବ୍ୟବସାୟୀ ସନ୍ତୋଷ ଅଗ୍ରୱାଲଙ୍କ ପିକ୍‌ଅପ୍ ଗାଡି ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଥାନାରେ ତାଙ୍କ ଭାଇ ପ୍ରମୋଦ ଅଗ୍ରୱାଲ ଅଭିଯୋଗ କରିଛନ୍ତି। କୋକସରା ଷ୍ଟେଟ ବ୍ୟାଙ୍କ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଥିବା ସନ୍ତୋଷଙ୍କ ଘର ରହିଛି। ପ୍ରତିଦିନ ଭଳି ତାଙ୍କର ପିକ୍‌ଅପ୍ ଓ କାର ବାହାରେ ରହିଥିଲା। ପିକ୍‌ଅପ୍ ଗାଡି (ନଂ.ଓଡି଼୦୮ ବି ୬୭୨୫) ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଗାଡି ମାଲିକଙ୍କ ବଡ଼ଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଚୋରି ମାମଲା ରୁଜୁ କରି ରାସ୍ତାରେ ରହିଥିବା ବିଭିନ୍ନ ସ୍ଥାନର ସିସିଟିଭିକୁ ଆଧାର କରି ତଦନ୍ତ ଜାରି ରଖିଛି।

### ସଂକ୍ଷେପରେ

## ରସାୟନ ବିଜ୍ଞାନ ଉପରେ କର୍ମଶାଳା

ଖଡ଼ିଆଳ,୧୧।୧୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ସାଶୀତ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ପକ୍ଷରୁ ଜଳବାୟୁ ପରିବର୍ତ୍ତନ କର୍ମଶାଳା ଅଧକ୍ଷ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଦିଲ୍ଲୀ ଆଇଆଇଟି ପୂର୍ବତନ ପ୍ରଫେସର ଡ଼ ସୁଶୀଲ କୁମାର ଦାସ, ମୁଖ୍ୟ ଅତିଥି ପରିଚାଳନା କମିଟି ସଭାପତି ବିଶଜିତ ପାଢ଼ୀ, ସମ୍ମାନିତ ଅତିଥି ଏନଆଇଟି ପୂର୍ବତନ ନିର୍ଦ୍ଦେଶକ ଜେନେରାଲ, ସମ୍ମାନିତ ଅତିଥି ଡିନ ଡ଼ ପଦ୍ମଲୋଚନ ବର୍ମା, ଅଧାପକ ପ୍ରଶାନ୍ତ ପଣ୍ଡା, ମଡେଲ କଲେଜ ଅଧକ୍ଷ ଅକ୍ଷୟ ପଣ୍ଡା ଯୋଗଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ରାଜଲକ୍ଷ୍ମୀ ରଥ, ଅଧାପିକା ମମତା ମେହେର ଜଳବାୟୁ ପରିବର୍ତ୍ତନ ଉପର ସଜ୍ଞା ନିରୂପଣ କରିଥିଲେ । ଅତିଥିମାନେ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ, ବିଭିନ୍ନ ଦେଶର ଭୂମିକା, ଭାରତର ଭୂମିକା, ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ତଥା ଉତ୍ତମ ପରିବେଶ ପାଇଁ ଛାତ୍ରୀଛାତ୍ରମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର ଦାଶ ଫେରସିର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଏହି କର୍ମଶାଳାରେ ପ୍ରାଧାପକ ଚନ୍ଦ୍ର ଶେଖର ଚନ୍ଦ୍ରକାର ଯୋଗଦାନ କରିଥିବା ବେଳେ ଅଧାପିକା ଲିପ୍ସା ବାରିକ, ଅଧାପକ ରୋହିତ ଭିତ୍ରିଆ, ଦୁର୍ଯ୍ୟ ଦୁଜ୍ୟେ ତାଣ୍ଡି, ସହାୟତା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ରାଜଶ୍ରୀ ମିଶ୍ର। ଏଥିରେ ମହାବିଦ୍ୟାଳୟ ପିଜି ଓ ସ୍ନାତକର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ରକ୍ତ ହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ

ବେହେରା,୧୧।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜୟନ୍ତପୁର କନ୍ୟାଶ୍ରମଠାରେ ରକ୍ତ ହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶୁତୋଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ କଳାହାଣ୍ଡିରୁ ଆନିମିଆ ମୁକ୍ତ କରିବା। ଆନିମିଆ ରୋଗ ସଚେତନା ଅଭାବରୁ ହେଉଥିବା ମଞ୍ଚସୀନ ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କନ୍ୟାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରା, ବିପିଏମ ଦୀପକ ବେହେରା, ଏବିଇଓ ସାରଙ୍ଗ ମୁଣ୍ଡ, ସୁପରଭାଇଜର ପୁଷ୍ପିତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ,ଇ ଓ କିଶୋର ଚନ୍ଦ୍ର ପଟେଲ ପରିଚାଳନା କରିଥିବା ବେଳେ ଏଏନଏମ ଶର୍ମିଳା ଛତରିଆ, ଡଃ ସୁଶୀଲ ମହାପାତ୍ର, ଡଃ ଜୟରାମ ମଙ୍ଗରାଜ, ଡଃ ସୁଶାନ୍ତ ଠାକୁର, ଡଃ ସ୍ମରଣୀକା ପଣ୍ଡା, ସୁଜିତ ହୋତା, ଶ୍ରୀକାନ୍ତ ପଣ୍ଡା, କୁଶଳ ପ୍ରଧାନ, କ୍ଷଣପ୍ରଭା ଦାସ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀମାନେ ରକ୍ତ ପରୀକ୍ଷଣ କରିଥିଲେ। ବିଦ୍ଧବଦ୍ଧ ଭାବେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଧର୍ମଗଡ ବ୍ଲକକୁ ଆନିମିଆ ମୁକ୍ତ କରିବା ଲକ୍ଷ୍ୟ ରଖାଯାଇଥିବା ବିଭାଗ ଲକ୍ଷ ରଖିଥିବା ସୂଚନା ଦେଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ନୂଆପଡ଼ା ଅଫିସ,୧୧।୧୧



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗରିବ ସେନା ସଙ୍ଗଠନର ଧାରଣା।

**ଜିଲାର ବିଭିନ୍ନ ସମସ୍ୟା ନେଇ ଗରିବ ସେନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ନୂଆପଡ଼ା ଜିଲାର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଗରିସେନା ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬ ଘଣ୍ଟିଆ ଗଣଧାରଣା ଦିଆଯାଇଛି। ଜିଲା ଗରିବସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଜିଲାପାଳ ହେମାକାନ୍ତ ସାଏଙ୍କୁ ୨୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଜିଲାକୁ ଆସୁଥିବା ଅର୍ଥ ଲୁଟ ହୋଇ ବିଭିନ୍ନ ବିଭାଗର ଅନେକ ଦୁର୍ନୀତି ପଦାକୁ ଆସିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗତ ଜୁଲାଇ ୨୭ ତାରିଖରେ ୨ଟି ଦାବି ନେଇ ଗରିବ ସେନା ପକ୍ଷରୁ ରାଲି ଓ ବିକ୍ଷୋଭ ମାଧ୍ୟମରେ ଜିଲାପାଳଙ୍କୁ ଜଣାଇଥିଲେ। ୭୦ ହଜାର ପରିବାରଙ୍କୁ ଆବାସ ଘର ଯୋଗାଇବା ସହ ଅଟକଳ ପରିମାଣ ୨ ଲକ୍ଷ ୫୦ ହଜାର କରାଯାଉ ବୋଲି ଦାବି କରାଯାଇଥିଲା। ହେଲେ ଆଜକୁ ପ୍ରାୟ ୩ ମାସ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଅସମର୍ଥ ହେବାରୁ ପୁଣି ଥରେ ଗଣଧାରଣା ଦିଆଯାଇଥିଲା। ଦାବିଗୁଡିକ ହେଲା ୨୦୨୧ର ଫସଲ ବୀମା ଅର୍ଥ ପ୍ରଦାନ, ୧୦ ବର୍ଷ ମଧ୍ୟରେ ନିଖୋଜ ଦାଦନ ଶ୍ରମିକଙ୍କ ସନ୍ଧାନ ସହ ମୃତ ଓ ଭିନ୍ନକ୍ଷମ ଦାଦନ ଶ୍ରମିକଙ୍କ ପରିବାରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ, ଯୋଗ୍ୟ ପରିବାରକୁ ରାଶନ କାର୍ଡ ଓ ବଞ୍ଚିତ ଚାଷୀଙ୍କୁ କାଳିଆ ଯୋଜନା ପ୍ରଦାନ, ହତ୍ୟାର ଶିକାର ହୋଇଥିବା ମୃତ ହିତେଶ୍ୱରୀଙ୍କ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯାଉ। ଏହି ସବୁ ଦାବିଗୁଡିକ ୭ ଦିନ ମଧ୍ୟରେ ପୁରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଗିରିବ ସେନା ପକ୍ଷରୁ ଚେତବନୀ ଦିଆଯାଇଛି। ଗିରିବ ସେନା ସଙ୍ଗଠଗନ ଆବାହକ ମଙ୍ଗରାଜଙ୍କ ସମେତ ଗଦାଧର ମାଝି, କୁଶଳ ବିଭାର, ରୋହିତ ମାଝି, ଗୋବିନ୍ଦ ସୁନାନୀ, ହେମନ୍ତ ତାଣ୍ଡି, ଭୁବନେଶ୍ୱର ସାହୁ ପ୍ରମୁଖ କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ।

# ଧାନ ମଣ୍ଡି ଖୋଲିବା ଦାବିରେ ରାସ୍ତାରୋକୋ



ଗଜବାହାଲ ଛକଠାରେ ରାସ୍ତାରୋକୋ କରାଯାଇଛି।

କର୍ଲାମୁଣ୍ଡା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତରେ ଖରିଫ ଧାନମଣ୍ଡି ଖୋଲିବା ଦାବିରେ ଶୁକ୍ରବାର ରିଷିଡା-ମରାମପୁର-ବଲାଙ୍ଗୀର ରାସ୍ତା ଗଜବାହାଲ ଛକଠାରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି। ଫଳରେ ଭବାନୀପାଟଣା-ବଲାଙ୍ଗୀରକୁ କୌଣସି ଯାନବାହନ ଯାଇ ନପାରି ଅଟକି ରହିଛି। ଧାରଣାସ୍ଥଳରେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ପବିତ୍ର ଭୋଇ, ପୂର୍ବତନ ସରପଞ୍ଚ ଭୀମସେନ ସାହୁ, ପ୍ରଫୁଲ ସାହୁ, ଅଶ୍ୱିନୀ ବେହେରା, ନୃପମଣି ଗହୀର, ସୁବଳ ପଧାନ, ରଶ୍ମିରଞ୍ଜନ ମିଶ୍ର, ଜ୍ୟୋତିରଞ୍ଜନ ପଧାନ, ଅଖିଳ ମିଶ୍ର, ମୋତିରାମ ସାହୁ, ଦାମୋଦର ପଧାନ, ପୂର୍ବତନ ସମିତି ସଭ୍ୟ ବୀଣାପାଣି ସା, ଆମ୍ ଆଦ୍‌ମୀ ପାର୍ଟି ନେତା ଦଶରଥ ସାହୁଙ୍କ ନେତୃତ୍ୱରେ ବହୁ ପୁରୁଷ ଓ ମହିଳା ଚାଷୀମାନେ ରାସ୍ତା ଉପରେ ବସି ଧାରଣା ଦେଇଛନ୍ତି। ତହସିଲଦାର ମିଳନ କୁମାର ଝାଙ୍କର ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କଲେ ମଧ ସେମାନେ ମଣ୍ଡି ଦାବିରେ ଅଟଳ ଅଛନ୍ତି। ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝିଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଚାଷୀଙ୍କ ଆନ୍ଦୋଳନ ଜାରି ରହିଛି।

# ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ ଉତ୍ସବ

କୋକସରା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗ୍ରାମବାସୀଙ୍କ ପକ୍ଷରୁ ମାଣବସା ଗୁରୁବାର ଲକ୍ଷ୍ମୀଙ୍କ ପୂଜନୋତ୍ସବ ପାଇଁ ଶୁକ୍ରବାର ମାଟିଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାଣବସା ଶେଷ ଗୁରୁବାର ଲକ୍ଷ୍ମୀଙ୍କର ପ୍ରତିମା ନିର୍ମାଣ ପାଇଁ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ ମାଟି ପୂଜନ କରିଛନ୍ତି। ନିର୍ଦ୍ଧାରିତ ଲଗ୍ନ ଅନୁସାରେ ମାଟି ପୂଜନ ପୂଜାକର୍ତ୍ତା ତୋଷଣ କୁମାର ପ୍ରଧାନୀ ମାଟି ଅନୁକୂଳ କରିଛନ୍ତି। ପୂଜା କମିଟି ସଭାପତି ତ୍ରିଭୁବନ ପ୍ରଧାନୀ, ଉପସଭାପତି ଲଳିତ ଶବର, ସମ୍ପାଦକ ଆକାଶ ପ୍ରଧାନୀ, ସହସମ୍ପାଦକ ତୁଷାର ରଞ୍ଜନ ରାଉତ, କ୍ଷୀରସିନ୍ଧୁ ନେଗି, କୋଷାଧ୍ୟକ୍ଷ ମୋକ୍ଷରାମ ପ୍ରଧାନୀ, ସଦସ୍ୟ ନାରାୟଣ ପ୍ରଧାନୀ, ପ୍ରଭାକର ପ୍ରଧାନୀ, ଅଶୋକ ପଟ୍ଟନାୟକ, ସୁବୋଧ ପ୍ରଧାନୀ, ଯଜ୍ଞଦତ୍ତ ପ୍ରଧାନୀ, ସୁଶାନ୍ତ ପ୍ରଧାନୀ ସେବକ ଘନଶ୍ୟାମ ପ୍ରଧାନୀ, କବି ମାଝି ଉପସ୍ଥିତ ରହିଥିଲେ। ପୂଜକ ଶ୍ରୀପତି ଠାକୁର ପୂଜା କାର୍ଯ୍ୟ ତୁଲାଇଥିଲେ।

## ସମନ ଜାରି କଲେ ମାନବାଧିକାର କମିଶନ

**ବୁଲା କୁକୁର ଆକ୍ରମଣରେ ଶିଶୁ ମୃତ୍ୟୁ ଘଟଣା**

- ୨ ବର୍ଷ ପରେ ବି ରିପୋର୍ଟ ଦେଇନାହାନ୍ତି ଜିଲାପାଳ

ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମରେ ୨ ବର୍ଷ ତଳେ ବୁଲା କୁକୁର ଆକ୍ରମଣରେ ଲକ୍ଷ୍ମୀଧର ଧରୁଆଙ୍କ ଛୋଟପୁଅ ବସନ୍ତ ଧରୁଆ ପ୍ରାଣ ହରାଇଥିଲେ। ଏହାର ରିର୍ପୋଟ ଜିଲାପାଳ ୨ ବର୍ଷ ପରେ ବି ପ୍ରଦାନ କରି ନ ଥିବାରୁ ତାଙ୍କ ବିରୋଧରେ ସମନ ଜାରି କରିଛନ୍ତି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)। ଗତ ୭ ନଭେମ୍ବରରେ କମିଶନର ଜିଲାପାଳଙ୍କୁ ଏହି ସମନ ଜାରି କରିଛନ୍ତି। ଡିସେମ୍ବର ୨୭ ତାରିଖ ସୁଦ୍ଧା ଏହାର ରିର୍ପୋଟ ଦାଖଲ କରିବାକୁ କମିଶନ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ଆସନ୍ତା ୩ ଜାନୁୟାରୀ ୨୦୨୩ରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୦ ଜୁଲାଇ ୨୪ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଘଟଣା ସମ୍ପର୍କରେ କଳାହାଣ୍ଡିର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ପକ୍ଷରୁ ଅଭିଯୋଗ ଆଧାରରେ ଜାତୀୟ ମାନବଧିକାର କମିଶନ ୮ ସେପ୍ଟେମ୍ବର ୨୦୨୦, ୨୯ ଜୁଲାଇ ୨୦୨୧ ଓ ୨୦ ମେ ୨୦୨୨ରେ ୩ଥର ନୋଟିସ ଜାରିକରି ରିର୍ପୋଟ ମାଗିଥିଲେ। ହେଲେ ଜିଲାପାଳ ଏ ସମ୍ପର୍କରେ ଅବହେଳା ପ୍ରଦର୍ଶନ କରି କୌଣସି ରିର୍ପୋଟ ଦାଖଲ କରୁନାହାନ୍ତି। ଫଳରେ ଜାତୀୟ ମାନବଧିକାର କମିଶନ ପୁଣି ଥରେ ଜିଲାପାଳଙ୍କୁ ସମନ ଜାରି କରିଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଗୋଲାମୁଣ୍ଡା,୧୧।୧୧(ଡି.ଏନ.ଏ.)

**ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ କେଗାଁ ଥାନା ଟିଙ୍ଗିପଦରରେ ଗୁରୁବାର ଅପରାହ୍ନରେ ଗ୍ରାମର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଯୁବତୀଙ୍କୁ ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଅଭିଯୋଗରୁ ଜଣାଯାଏ ଯେ, ଟିଙ୍ଗିପଦର ଗ୍ରାମର ପ୍ରେମଶୀଳା ମାଝି (୨୦)ଙ୍କ ସହ ଗ୍ରାମର ସୁନିଲ ଦାସ (୨୧)ଙ୍କ ମଧରେ ପ୍ରେମ ସମ୍ପର୍କ ଥିଲା। ଦୁହେଁ ଗତ ଅଗଷ୍ଟ ୧୮ ତାରିଖରେ ଘରୁ ଫେରାର ହୋଇଯାଇଥିଲେ। ଏ ନେଇ ଝିଅର ବାପା କେଗାଁ ଥାନରେ ସମ୍ପୃକ୍ତ ପୁଅ ସହିତ ତାଙ୍କ ଝିଅ କୁଆଡେ ଚାଲିଯାଇ ଥିବା ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ପୁଅ ଓ ଝିଅ ଫେରିଆସି ଥିଲେ। ଅକ୍ଟୋବର ୧୫ରେ କେଗାଁ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଅକ୍ଟୋବର ୩୦ ତାରିଖରେ କୋର୍ଟ ମ୍ୟାରେଜ ହେବ ବୋଲି ଚୁକ୍ତି ହୋଇଥିଲା। କିନ୍ତୁ ଏହି ତାରିଖରେ ପୁଅ କୋର୍ଟ ମ୍ୟାରେଜ ନ କରି ଝିଅକୁ ନେଇ ଫେରାର ହୋଇଯାଇଥିଲେ। ପରେ ଝିଅର ବାପା କେଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ପୁଅର ବାପା ମା ପୁଅ ଓ ଝିଅଙ୍କୁ ଯେଉଁଠି ଥିଲେ ମଧ ଧରି ଆଣି ଚଳିତ ମାସ ୯ ତାରିଖରେ କୋର୍ଟ ମ୍ୟାରେଜ କରିବୁ ବୋଲି ଚୁକ୍ତିନାମା କରିଥିଲେ। କିନ୍ତୁ ୯ ତାରିଖରେ ପୁଅ ଝିଅ ଆସି ନ ଥିବା ବେଳେ ୧୦ ତାରିଖରେ କେବଳ ଝିଅ ପୁଅ ଘରକୁ ଆସିଥିବା ବେଳେ ଅପରାହ୍ନରେ ଗାଁ ନିକଟରେ ଥିବା ଏକ କପା ବାଡ଼ିରେ ଥିବା ନିମ୍ବ ଗଛରେ ଝିଅର ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଝିଅକୁ ହତ୍ୟା କରି ଝୁଲାଇ ଦିଆଯାଇଛି ବୋଲି ଝିଅର ବାପା କେଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେଗାଁ ଥାନା ପୋଲିସ ଘଟଣାସ୍ଥଳ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସକାଳେ ସାଇଣ୍ଟିଫିକ ଟିମ ଜରିଆରେ ପ୍ରାଥମିକ ତଦନ୍ତ କରି ମୃତଦେହ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପଠାଯାଇଛି। ଏ ନେଇ ପ୍ରାଥମିକ ଭାବେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ଅନେକ ଘଟଣା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ପୁଅ ପୂର୍ବରୁ ଫେରାର ଥିବା ବେଳେ ଉକ୍ତ ଘଟଣା ପରେ ପୁଅର ବାପା ଓ ମା' ମଧ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ପୁଅ ଓ ତାଙ୍କ ବାପା ମା'ଙ୍କୁ ତୁରନ୍ତ ଧରି ଆଇନ ଅନୁଯାୟୀ ଦଣ୍ଡିତ କରିବାରକୁ ଝିଅ ପରିବାର ଲୋକ ଦାବି କରିଛନ୍ତି।

# ୬ ବାଇକ୍ ଚୋର ଗିରଫ, ୨୨ଟି ଚୋରି ବାଇକ୍ ଉଦ୍ଧାର



ଜବତ ବାଇକ୍ ଓ ଅଭିଯୁକ୍ତମାନେ।

ଖଡ଼ିଆଳ,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ପୋଲିସ ୬ ବାଇକ୍ ଚୋରଙ୍କୁ ଗିରଫ କରିବା ସହ ୨୨ଟି ଚୋରି ବାଇକ୍ ଉଦ୍ଧାର କରିଛି। ୨ ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କରାଯାଇଥିବା ବେଳେ ଅନ୍ୟ ୪ ଜଣଙ୍କୁ ତାଗିତ କରି ଜାମିନରେ ଛାଡି ଦିଆଯିବ ବୋଲି ଶୁକ୍ରବାର ଖଡ଼ିଆଳ ଏସ୍‌ଡିପିଓ କାର୍ଯ୍ୟାଳୟରେ ଏସ୍‌ଡିପିଓ ସନ୍ତକ ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖଡ଼ିଆଳ ନରସିଂପୁର ନିକଟସ୍ଥ ବାସ କରୁଥିବା ଶ୍ରୀକାନ୍ତ ବିହାରୀଙ୍କ ଜୁନ ୩୦ରେ ବାଇକ୍ ଚୋରି ହୋଇଥିଲା। ଖୋଜାଖୋଜି କରିବାରୁ ମିଳି ନ ଥିଲା। ଏ ନେଇ ଖଡ଼ିଆଳ ଥାନାରେ ଶ୍ରୀକାନ୍ତ ବିହାରୀଙ୍କ ଅଭିଯୋଗକୁ ଭିତ୍ତି କରି ଖଡ଼ିଆଳ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାକୁ ଭିତ୍ତି କରି ଏକ ମାମଲା (ନଂ.୪୫୫/୭.୧୧.୨୦୨୨) ରୁଜୁ ହୋଇଥିଲା। ମୁଖ୍ୟ ୨ ଅଭିଯୁକ୍ତ ଚାନ୍ଦୋପଲା ଗ୍ରାମର ତ୍ରିଲୋଚନ ଶବର ଏବଂ ଟାଙ୍ଗରିପଡା ଗୋବର୍ଦ୍ଧନ ନାଗଙ୍କ ସହ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ୨୨ଟି ଚୋରି ବାଇକ ଉଦ୍ଧାର ହୋଇଛି। ଖବରଦାତା ସମ୍ମିଳନୀରେ ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଏସଆଇ ଦୁର୍ଗା ପ୍ରଶାଦ ସାହୁ, ଏସଆଇ ତାରାକାନ୍ତ ବିଶ୍ୱାଳ, ଏଏସଆଇ ଧନେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜୋନସ୍ତରୀୟ କଳା ଉତ୍ସବରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.)

**୫ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ**

ବଲାଙ୍ଗୀର ସହର ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଜୋନ୍‌ସ୍ତରୀୟ କଳା ଉତ୍ସବରେ ଭବାନୀପାଟଣା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନସର ଛାତ୍ରୀଛାତ୍ର ସଫଳତା ଆଣିଛନ୍ତି। ଏଥିରେ ୫ଜଣ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ହାସଲ କରି କଳାହାଣ୍ଡି ଜିଲା ପକ୍ଷରୁ ରାଜ୍ୟସ୍ତରୀୟ କଳା ଉତ୍ସବ ପ୍ରତିଯୋଗୀତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବିକାଶ ଆବାସିକ ବିଦ୍ୟାଳୟ ଦଶମ ଶ୍ରେଣୀର ଛାତ୍ର ବିନୀତ ମେହେର, ଲୋକ ଗୀତ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ରୀ ଆସ୍ଥା ଜୈନ, ଶାସ୍ତ୍ରୀୟ ସଙ୍ଗୀତ ହାରମୋନିୟମରେ ପ୍ରଥମ ସ୍ଥାନ, ଛାତ୍ର ରୋନକରାଜ ପୁରୋହିତ, ଓଡିଶୀ ନୃତ୍ୟ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଆନନ୍ଦିତା ଠାକୁର, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ମହିଳା ବିଭାଗରେ ପ୍ରଥମସ୍ଥାନ ଓ ଜାଗୃତି କୁମାର,ଶାସ୍ତ୍ରୀୟ ନୃତ୍ୟ ମହିଳା ବିଭାଗରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହାସହ ନବମ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ ଠାକୁର ଶାସ୍ତ୍ରୀୟ ବାଦ୍ୟ (ତବଲା)ରେ ଦ୍ୱିତୀୟ ସ୍ଥାନ, ଛାତ୍ରୀ ଜ୍ୟୋତିର୍ମୟୀ ବେଣୁପାଣି, ଆର୍ଟ (ଟୁଡି) ମହିଳା ବିଭାଗରେ ଦ୍ୱିତୀୟ ସ୍ଥାନ, ଚନ୍ମୟୀ ଛୁରା, ଲୋକଗୀତ ମହିଳା ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲା ତଥା ସ୍ଥାନୀୟ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି।





ସଫଳତା ଆଣିଥିବା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନସର ଛାତ୍ରୀଛାତ୍ର।

# ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାପାଳ, ସିଡିଏମଓଙ୍କୁ ଦାବିପତ୍ର

ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.)





ସ୍ଥାୟୀ ନିଯୁକ୍ତି ଦାବିରେ ସିଡିଏମଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜିଲା ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀ**

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ଗୁରୁବାର କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗର ଚୁକ୍ତିଭିତ୍ତିକ(ଠିକା) କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧାରୀ(ସିଡିଏମଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ମଧ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗତ ୧୬ ତାରିଖ ରାଜ୍ୟରେ କାର୍ଯ୍ୟରତ ଥିବା ବିଭିନ୍ନ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ରାଜ୍ୟ ସରକାର ନିୟମିତ କରିଥିବାବେଳେ ଏଥିରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟରତ ଚୁକ୍ତିଭିତ୍ତିକ କର୍ମଚାରୀମାନେ ବାଦ ପଡିଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଗୋଟେ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ଏହି କର୍ମଚାରୀମାନେ କୋଭିଡ୍ ସମୟରେ ନିଜ ଜୀବନକୁ ଖାତିର ନ କରି ସାହସିକତାର ସହ କାର୍ଯ୍ୟ ସମ୍ପାଦନା କରିଥିଲେ। ଏପରିକି ରାଜ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ମାଇଲଖୁଣ୍ଟରେ ପହଞ୍ଚାଇବା ପାଇଁ ଏକ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ହାତ ରହିଥିବାବେଳେ ଏହି କର୍ମଚାରୀଙ୍କୁ ରାଜ୍ୟ ସରକାର କେମିତି ଅଣଦେଖା କଲେ ତାହା ଆଶ୍ଚର୍ଯ୍ୟର ବିଷୟ। ଶୁକ୍ରବାର ମଧ ରାତି ପର୍ଯ୍ୟନ୍ତ ଉପରୋକ୍ତ ଦାବି ପ୍ରତି ରାଜ୍ୟ ସରକାର ବିଚାର ନ କରନ୍ତି ତାହାହେଲେ ଆସନ୍ତା ଶନିବାର ୧୨ ତାରିଖରୁ ହଳଦିଆ ବ୍ୟାଜ୍ ଲଗାଇ ଅସହଯୋଗ କାର୍ଯ୍ୟପନ୍ଥା କରିବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାପରେ ମଧ ରାଜ୍ୟ ସରକାର ଉପରୋକ୍ତ ଦାବି ନ ଶୁଣନ୍ତି ତାହାହେଲେ ୨୧ ତାରିଖରେ ଭୁବନେଶ୍ୱରଠାରେ ବିଶାଳ ଶୋଭାଯାତ୍ରା କରାଯିବ ବୋଲି ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ପ୍ରଶାନ୍ତ ପାଢି, ସାଧାରଣ ସମ୍ପାଦକ ଡ. ପ୍ରଦ୍ୟୁମ୍ନ ପାଢି, ଆବାହକ ଜ୍ଞାନେନ୍ଦ୍ର ଭୋଇ, ସହକାରୀ ସମ୍ପାଦକ ଅଜିତ ଆଚାର୍ଯ୍ୟ, ଡ.କୁମୁଦ କୁମାର ମେହେର, କୋଷାଧ୍ୟକ୍ଷ ବିଶ୍ୱ ଭୂଷଣ ପ୍ରଧାନୀ,ଡିପିଏମ ଅବନୀ ମହାପାତ୍ର ପ୍ରମୁଖଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଘର ଆଗରୁ ପିକ୍‌ଅପ୍ ଗାଡ଼ି ଚୋରି ଅଭିଯୋଗ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗ୍ରାମର ବ୍ୟବସାୟୀ ସନ୍ତୋଷ ଅଗ୍ରୱାଲଙ୍କ ପିକ୍‌ଅପ୍ ଗାଡି ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଥାନାରେ ତାଙ୍କ ଭାଇ ପ୍ରମୋଦ ଅଗ୍ରୱାଲ ଅଭିଯୋଗ କରିଛନ୍ତି। କୋକସରା ଷ୍ଟେଟ ବ୍ୟାଙ୍କ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଥିବା ସନ୍ତୋଷଙ୍କ ଘର ରହିଛି। ପ୍ରତିଦିନ ଭଳି ତାଙ୍କର ପିକ୍‌ଅପ୍ ଓ କାର ବାହାରେ ରହିଥିଲା। ପିକ୍‌ଅପ୍ ଗାଡି (ନଂ.ଓଡି୦୮ ବି ୬୭୨୫) ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଗାଡି ମାଲିକଙ୍କ ବଡ଼ଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଚୋରି ମାମଲା ରୁଜୁ କରି ରାସ୍ତାରେ ରହିଥବା ବିଭିନ୍ନ ସ୍ଥାନର ସିସିଟିଭିକୁ ଆଧାର କରି ତଦନ୍ତ ଜାରି ଜାରି ରଖିଛି।

### ସଂକ୍ଷେପରେ

## ରସାୟନ ବିଜ୍ଞାନ ଉପରେ କର୍ମଶାଳା

ଖଡ଼ିଆଳ,୧୧।୧୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ସାଶୀତ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ପକ୍ଷରୁ ଜଳବାୟୁ ପରିବର୍ତ୍ତନ କର୍ମଶାଳା ଅଧକ୍ଷ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଦିଲ୍ଲୀ ଆଇଆଇଟି ପୂର୍ବତନ ପ୍ରଫେସର ଡ଼ ସୁଶୀଲ କୁମାର ଦାସ, ମୁଖ୍ୟ ଅତିଥି ପରିଚାଳନା କମିଟି ସଭାପତି ବିଶଜିତ ପାଢ଼ୀ, ସମ୍ମାନିତ ଅତିଥି ଏନଆଇଟି ପୂର୍ବତନ ନିର୍ଦ୍ଦେଶକ ଜେନେରାଲ, ସମ୍ମାନିତ ଅତିଥି ଡିନ ଡ଼ ପଦ୍ମଲୋଚନ ବର୍ମା, ଅଧାପକ ପ୍ରଶାନ୍ତ ପଣ୍ଡା, ମଡେଲ କଲେଜ ଅଧକ୍ଷ ଅକ୍ଷୟ ପଣ୍ଡା ଯୋଗଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ରାଜଲକ୍ଷ୍ମୀ ରଥ, ଅଧାପିକା ମମତା ମେହେର ଜଳବାୟୁ ପରିବର୍ତ୍ତନ ଉପର ସଜ୍ଞା ନିରୂପଣ କରିଥିଲେ । ଅତିଥିମାନେ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ, ବିଭିନ୍ନ ଦେଶର ଭୂମିକା, ଭାରତର ଭୂମିକା, ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ତଥା ଉତ୍ତମ ପରିବେଶ ପାଇଁ ଛାତ୍ରୀଛାତ୍ରମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର ଦାଶ ଫେରସିର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଏହି କର୍ମଶାଳାରେ ପ୍ରାଧାପକ ଚନ୍ଦ୍ର ଶେଖର ଚନ୍ଦ୍ରକାର ଯୋଗଦାନ କରିଥିବା ବେଳେ ଅଧାପିକା ଲିପ୍ସା ବାରିକ, ଅଧାପକ ରୋହିତ ଭିତ୍ରିଆ, ଦୁର୍ଯ୍ୟ ଦୁଜ୍ୟେ ତାଣ୍ଡି, ସହାୟତା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ରାଜଶ୍ରୀ ମିଶ୍ର। ଏଥିରେ ମହାବିଦ୍ୟାଳୟ ପିଜି ଓ ସ୍ନାତକର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ରକ୍ତହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ

ବେହେରା,୧୧।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜୟନ୍ତପୁର କନ୍ୟାଶ୍ରମଠାରେ ରକ୍ତ ହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶୁତୋଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ କଳାହାଣ୍ଡିରୁ ଆନିମିଆ ମୁକ୍ତ କରିବା। ଆନିମିଆ ରୋଗ ସଚେତନା ଅଭାବରୁ ହେଉଥିବା ମଞ୍ଚସୀନ ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କନ୍ୟାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରା, ବିପିଏମ ଦୀପକ ବେହେରା, ଏବିଇଓ ସାରଙ୍ଗ ମୁଣ୍ଡ, ସୁପରଭାଇଜର ପୁଷ୍ପିତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ,ଇ ଓ କିଶୋର ଚନ୍ଦ୍ର ପଟେଲ ପରିଚାଳନା କରିଥିବା ବେଳେ ଏଏନଏମ ଶର୍ମିଳା ଛତରିଆ, ଡଃ ସୁଶୀଲ ମହାପାତ୍ର, ଡଃ ଜୟରାମ ମଙ୍ଗରାଜ, ଡଃ ସୁଶାନ୍ତ ଠାକୁର, ଡଃ ସ୍ମରଣୀକା ପଣ୍ଡା, ସୁଜିତ ହୋତା, ଶ୍ରୀକାନ୍ତ ପଣ୍ଡା, କୁଶଳ ପ୍ରଧାନ, କ୍ଷଣପ୍ରଭା ଦାସ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀମାନେ ରକ୍ତ ପରୀକ୍ଷଣ କରିଥିଲେ। ବିଦ୍ଧବଦ୍ଧ ଭାବେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଧର୍ମଗଡ ବ୍ଲକକୁ ଆନିମିଆ ମୁକ୍ତ କରିବା ଲକ୍ଷ୍ୟ ରଖାଯାଇଥିବା ବିଭାଗ ଲକ୍ଷ ରଖିଥିବା ସୂଚନା ଦେଇଛି।

# କୁଞ୍ଜାପାଲି ଆଶ୍ରମ ସ୍କୁଲରେ ସର୍ଗିଫୁଲ ମହୋତ୍ସବ

ଅମରପାଲି,୧୧।୧୧(ଡି.ଏନ.ଏ.)


କୁଞ୍ଜାପାଲି ଆଶ୍ରମ ସ୍କୁଲରେ ସର୍ଗିଫୁଲରେ ଛାତ୍ରୀମାନଙ୍କ ନୃତ୍ୟ ପରିବେଷଣ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉପାନ୍ତ ଦୁର୍ଜନତୈଲା ପଞ୍ଚାୟତର କୁଞ୍ଜାପାଲି ସ୍ଥିତ ଆଶ୍ରମ ସ୍କୁଲରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ସରଗି ଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାପତି ନାରାୟଣ ପଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ପ୍ରେମାନନ୍ଦ ନାଏକ ଓ ସ୍କୁଲ ପରିଚାଳନା କମିଟିର ଉପସଭାନେତ୍ରୀ ପ୍ରଭାତି ବଗର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଗିରିଧାରୀ ନାଏକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାନସ ରଞ୍ଜନ କଲତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ କନିଷ୍ଠ ବର୍ଗରେ ବକ୍ତୃତା, ସଙ୍ଗୀତ, ନୃତ୍ୟ, କୁଇଜ,

### ୧୪ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

ସୃଜନଶୀଳ ଲିଖନ, ସ୍ଲୋଗାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତରେ ଆରତି ମୁଣ୍ଡା, କୁଇଜ ଓ ସ୍ଲୋଗାନ ଲିଖନରେରେ ମହିମା ମିର୍ଦ୍ଧା, ଏଲୋକେଶନରେ ଲିଜା ସୁମୁର୍ଥା,ବକ୍ତୃତାରେ ରଶ୍ମିତା ଭେଙ୍ଗ୍ରା, ଚିତ୍ରାଙ୍କନରେ ଅନନ୍ତ ନାଏକ,ସୃଜନ ଲିଖନରେ ନିଳେନ୍ଦ୍ରି ମୁଣ୍ଡା,ସୋଲୋ ଡ୍ୟାନ୍ସରେ ଚାନ୍ଦିନି ନାଏକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଓ ୬ ଜଣିଆ ନୃତ୍ୟଦଳ ଡିସେମ୍ବର ପ୍ରଥମ ସପ୍ତାହରେ ହେବାକୁ ଥିବା ଜିଲାସ୍ତରୀୟ ସରଗି ଫୁଲରେ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୭୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଗୋଲାମୁଣ୍ଡା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ କେଗାଁ ଥାନା ଟିଙ୍ଗିପଦରରେ ଗୁରୁବାର ଅପରାହ୍ନରେ ଗ୍ରାମର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଯୁବତୀଙ୍କୁ ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଅଭିଯୋଗରୁ ଜଣାଯାଏ ଯେ, ଟିଙ୍ଗିପଦର ଗ୍ରାମର ପ୍ରେମଶୀଳା ମାଝି (୨୦)ଙ୍କ ସହ ଗ୍ରାମର ସୁନିଲ ଦାସ (୨୧)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଦୁହେଁ ଗତ ଅଗଷ୍ଟ ୧୮ ତାରିଖରେ ଘରୁ ଫେରାର ହୋଇଯାଇଥିଲେ। ଏ ନେଇ ଝିଅର ବାପା କେଗାଁ ଥାନରେ ସମ୍ପୃକ୍ତ ପୁଅ ସହିତ ତାଙ୍କ ଝିଅ କୁଆଡେ ଚାଲିଯାଇ ଥିବା ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ପୁଅ ଓ ଝିଅ ଫେରିଆସି ଥିଲେ। ଅକ୍ଟୋବର ୧୫ରେ କେଗାଁ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଅକ୍ଟୋବର ୩୦ ତାରିଖରେ କୋର୍ଟ ମ୍ୟାରେଜ ହେବ ବୋଲି ଚୁକ୍ତି ହୋଇଥିଲା। କିନ୍ତୁ ଏହି ତାରିଖରେ ପୁଅ କୋର୍ଟ ମ୍ୟାରେଜ ନ କରି ଝିଅକୁ ନେଇ ଫେରାର ହୋଇଯାଇଥିଲେ। ପରେ ଝିଅର ବାପା କେଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ପୁଅର ବାପା ମା ପୁଅ ଓ ଝିଅଙ୍କୁ ଯେଉଁଠି ଥିଲେ ମଧ ଧରି ଆଣି ଚଳିତ ମାସ ୯ ତାରିଖରେ କୋର୍ଟ ମ୍ୟାରେଜ କରିବୁ ବୋଲି ଚୁକ୍ତିନାମା କରିଥିଲେ। କିନ୍ତୁ ୯ ତାରିଖରେ ପୁଅ ଝିଅ ଆସି ନ ଥିବା

### ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

ବେଳେ ୧୦ ତାରିଖରେ କେବଳ ଝିଅ ପୁଅ ଘରକୁ ଆସିଥିବା ବେଳେ ଅପରାହ୍ନରେ ଗାଁ ନିକଟରେ ଥିବା ଏକ କପା ବାଡ଼ିରେ ଥିବା ନିମ୍ବ ଗଛରେ ଝିଅର ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଝିଅକୁ ହତ୍ୟା କରି ଝୁଲାଇ ଦିଆଯାଇଛି ବୋଲି ଝିଅର ବାପା କେଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେଗାଁ ଥାନା ପୋଲିସ ଘଟଣାସ୍ଥଳ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସକାଳେ ସାଇଣ୍ଟିଫିକ ଟିମ ଜରିଆରେ ପ୍ରାଥମିକ ତଦନ୍ତ କରି ମୃତଦେହ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପଠାଇଯାଇଛି। ଏ ନେଇ ପ୍ରାଥମିକ ଭାବେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ଅନେକ ଘଟଣା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ପୁଅ ପୂର୍ବରୁ ଫେରାର ଥିବା ବେଳେ ଉକ୍ତ ଘଟଣା ପରେ ପୁଅର ବାପା ଓ ମା' ମଧ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ପୁଅ ଓ ତାଙ୍କ ବାପା ମା'ଙ୍କୁ ତୁରନ୍ତ ଧରି ଆଇନ ଅନୁଯାୟୀ ଦଣ୍ଡିତ କରିବାରକୁ ଝିଅ ପରିବାର ଲୋକ ଦାବି କରିଛନ୍ତି।

# ଆବେଗଜନିତ ଉତ୍ତେଜନାରୁ ମୁକ୍ତ ହେବାକୁ ପରାମର୍ଶ

ସୋନପୁର,୧୧।୧୧(ନି.ପ୍ର.)


ସୋନପୁର କାରାଗାରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

ସ୍ୱାଧୀନତାର ଅମୃତ ମହୋତ୍ସବ ଓ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କାରାଗାରରେ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଅରବିନ୍ଦ ପାଠଚକ୍ର ସଙ୍ଗଠନ ତରଫରୁ ପୁରୀ ଅରୋମୀରା ଟ୍ରଷ୍ଟ ସହଯୋଗରେ ଏହି କାର୍ଯ୍ୟକ୍ରମ ସୋନପୁର ଓ ବୀରମହାରାଜପୁର ଉପ କାରାଗାର ପରିସରରେ ଆୟୋଜିତ ହୋଇଥିଲା। ସୋନପୁରରେ ଅନ୍ତେବାସୀମାନଙ୍କୁ ଶିକ୍ଷାବିତ୍ ମଦନମୋହନ ଦାନୀ, ରାଜ ସୁନାଖଲାସ୍ଥିତ ଶ୍ରୀ ଅରବିନ୍ଦ କେନ୍ଦ୍ରର ଅଧକ୍ଷ ସୁନିଲ କୁମାର ପୃଷ୍ଟି ଓ ଅବସରପ୍ରାପ୍ତ ପ୍ରାଧାପକ ଡ. ଜ୍ୟୋତିରଞ୍ଜନ ବହିଦାର ସମ୍ବୋଧିତ କରିଥିଲେ। ଆବେଗଜନିତ ଉତ୍ତେଜନାରୁ ମୁକ୍ତ ହୋଇ ଅପରାଧ ମାର୍ଗରୁ କିପରି ନିଜକୁ ସଂଶୋଧିତ କରି ହେବ ବିଭିନ୍ନ ଉଦାହରଣ ଦେଇ ଅନ୍ତୋବାସୀଙ୍କୁ ବୁଝାଇ ଥିଲେ। ସମସ୍ତଙ୍କ ଅନ୍ତର ମଧ୍ୟରେ ଭଗବାନ ଅଛନ୍ତି ଓ ତାଙ୍କ ସହିତ କିଭଳି ଯୋଡି ହୋଇ ପାରିବା ସେ ବିଷୟରେ ଆଲୋଚକମାନେ ବକ୍ତବ୍ୟ ରଖିଥିଲେ। ସୋନପୁର ଉପକାରାଗାର ଅଧୀକ୍ଷକ ଡିଲେଶ୍ୱର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ବୀରମହାରାଜପୁର ଉପକାରାଗାର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନିଲ କୁମାର ପୃଷ୍ଟି ଯୋଗଦେଇ ଆନ୍ତରିକ ଅନୁଶୀଳନ ଓ ନିଜ ପ୍ରକୃତି ଉପରେ ବିଜୟ ଦ୍ୱାରା ହିଁ ଯଥାର୍ଥ ଜୀବନଯାପନ କରା ଯାଇପାରିବ ବୋଲି ଅନ୍ତେବାସୀମାନଙ୍କୁ କହିଥିଲେ। ଦେଶ ସ୍ୱାଧୀନତା ସଂଗ୍ରାମରେ ଶ୍ରୀଅରବିନ୍ଦଙ୍କ ଭୂମିକା ଓ ପରବର୍ତ୍ତୀ ସମୟରେ ସମଗ୍ର ମାନବ ଜାତିର ଅଧ୍ୟାତ୍ମିକ ଉତ୍ତରଣ ବିଷୟରେ ବ୍ରଜମୋହନ ଦାନୀ ବକ୍ତବ୍ୟ ରଖିଥିଲେ। ଉପ କାରାଗାର ଅଧୀକ୍ଷକ ଅଞ୍ଜଳି ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଧାଂଶୁ ଶେଖର ଲୁହା ଧନ୍ୟବାଦ ପ୍ରଦାନ କରିଥିଲେ।

## ସମନ ଜାରି କଲେ ମାନବାଧିକାର କମିଶନ

### ବୁଲା କୁକୁର ଆକ୍ରମଣରେ ଶିଶୁ ମୃତ୍ୟୁ ଘଟଣା

■ ୨ ବର୍ଷ ପରେ ବି ରିପୋର୍ଟ ଦେଇନାହାନ୍ତି ଜିଲାପାଳ

ଭବାନୀପାଟଣା,୧୧।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମରେ ୨ ବର୍ଷ ତଳେ ବୁଲା କୁକୁର ଆକ୍ରମଣରେ ଲକ୍ଷ୍ମୀଧର ଧରୁଆଙ୍କ ଛୋଟପୁଅ ବସନ୍ତ ଧରୁଆ ପ୍ରାଣ ହରାଇଥିଲେ। ଏହାର ରିପୋର୍ଟ ଜିଲାପାଳ ୨ ବର୍ଷ ପରେ ବି ପ୍ରଦାନ କରି ନ ଥିବାରୁ ତାଙ୍କ ବିରୋଧରେ ସମନ ଜାରି କରିଛନ୍ତି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)। ଗତ ୭ ନଭେମ୍ବରରେ କମିଶନର ଜିଲାପାଳଙ୍କୁ ଏହି ସମନ ଜାରି କରିଛନ୍ତି। ଡିସେମ୍ବର ୨୭ ତାରିଖ ସୁଦ୍ଧା ଏହାର ରିପୋର୍ଟ ଦାଖଲ କରିବାକୁ କମିଶନ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ଆସନ୍ତା ୩ ଜାନୁଆରୀ ୨୦୨୩ରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୦ ଜୁଲାଇ ୨୪ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଘଟଣା ସମ୍ପର୍କରେ କଳାହାଣ୍ଡିର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ପକ୍ଷରୁ ଅଭିଯୋଗ ଆଧାରରେ ଜାତୀୟ ମାନବଧିକାର କମିଶନ ୮ ସେପ୍ଟେମ୍ବର ୨୦୨୦, ୨୯ ଜୁଲାଇ ୨୦୨୧ ଓ ୨୦ ମେ ୨୦୨୨ରେ ୩ଥର ନୋଟିସ ଜାରିକରି ରିପୋର୍ଟ ମାଗିଥିଲେ। ହେଲେ ଜିଲାପାଳ ଏ ସମ୍ପର୍କରେ ଅବହେଳା ପ୍ରଦର୍ଶନ କରି କୌଣସି ରିପୋର୍ଟ ଦାଖଲ କରୁନାହାନ୍ତି। ଫଳରେ ଜାତୀୟ ମାନବଧିକାର କମିଶନ ପୁଣି ଥରେ ଜିଲାପାଳଙ୍କୁ ସମନ ଜାରି କରିଛନ୍ତି।

# ପ୍ରବାସୀ ଶ୍ରମିକଙ୍କ ନିରାପଦ ସ୍ଥାନାନ୍ତର ପାଇଁ ଗଡ଼ିଲା ସଚେତନତା ରଥ

ସୋନପୁର,୧୧।୧୧(ନି.ପ୍ର.)

ରାଜ୍ୟ ବାହାରକୁ କାମଧନ୍ଦା ନିମନ୍ତେ ଯାଉଥିବା ପ୍ରବାସୀ ଶ୍ରମିକଙ୍କ ନିରାପଦ ସ୍ଥାନାନ୍ତର ନିମନ୍ତେ ସୁବର୍ଣ୍ଣପୁର ଜିଲାରେ ଗଡିଛି ସଚେତନତା ରଥ। ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରମିକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁକ୍ରବାର ଶୁଭାରମ୍ଭ କରିଛନ୍ତି ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ। ଏହି ଅବସରରେ ସେ ପ୍ରବାସୀ ଶ୍ରମିକମାନଙ୍କୁ ସ୍ଥାନାନ୍ତର ପୂର୍ବରୁ ସେମାନଙ୍କ ନିରାପଦ ସ୍ଥାନାନ୍ତର ସହ ସେମାନଙ୍କ ନିମନ୍ତେ ଥିବା ସୁବିଧା ସୁଯୋଗ ଓ ଅଧିକାର ଉପରେ ଆବଶ୍ୟକ ତଥ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ରଥ ସାତ ଦିନ ପର୍ଯ୍ୟନ୍ତ ଜିଲାର ସମସ୍ତ ପଞ୍ଚାୟତ ଓ ସହର ପରିକ୍ରମା କରି ଜନସାଧାରଣ ଏବଂ ପ୍ରବାସୀ ଶ୍ରମିକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିବ। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁଃର୍ଭୁଜ ଦାଶ, ସହକାରୀ ଶ୍ରମ ଅଧିକାରିଣୀ ସବିତା କୁମାରୀ ନାୟକ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ଜିଲାର ବିଭିନ୍ନ ପଞ୍ଜୀକୃତ ଶ୍ରମିକ ଠିକାଦାର, ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜଙ୍ଗଲ ସୁରକ୍ଷା ପାଇଁ ପରାମର୍ଶ

ଅମରପାଲି,୧୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ କୋଟସମଲାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ବନସୁରକ୍ଷା ସମିତି ସହିତ ଆରସିସିଏଫ ଅଶ୍ୱିନୀ କୁମାର କର ଆଲୋଚନା କରିଛନ୍ତି। ଶୁକ୍ରବାର ତାଙ୍କର ଗସ୍ତ ସମୟରେ ସୁବର୍ଣ୍ଣପୁର ଡିଏଫଓ ନୀତିଶ କୁମାର ଉପସ୍ଥିତ ରହି ବନସୁରକ୍ଷା ସମିତି ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଆଲୋଚନା କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋଟସମଲାଇ ପଞ୍ଚାୟତର ଖଜୁରିଆପାଲି ଗ୍ରାମରେ ଥିବା ଦୁଇ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତିମୂଳକ କାର୍ଯ୍ୟ ତଥା ପ୍ରଗତି ଏସଏଚଜିର ପିଠା,ପେପର ଠୁଙ୍ଗା ଓ କନ୍ଧେନ ବୁଢ଼ୀ ଏସଏଚଜିର ଶାଳପତ୍ର ଖଲି ଦନା ପ୍ରସ୍ତୁତି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦିଲୀପ କୁମାର ପ୍ରଧାନ, ପ୍ରକାଶ ସାହୁ, ବନପାଳ ଜଗବନ୍ଧୁ ବାରିକ, ଦିଲିପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟିମ ଲିଡର ପଦ୍ମଲୋଚନ ଯୋଶୀ ସଭା ପରିଚାଳନା କରିଥିବା ବେଳେ ପରିବେଶପ୍ରେମୀ ସତ୍ୟଜିତ ଗଡୁଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି କିଶୋର ଗଡୁଆ, ବନରକ୍ଷୀ ରଘୁମଣି ଭୋଇ, ସୁବାସିନୀ ମାଝୀ,ଦମୟନ୍ତୀ ଦେହେରୀ, ଗଜେନ୍ଦ୍ର ମାଝି, ବେଦମତି ଗଡୁଆ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଦିର ପ୍ରତିଷ୍ଠା କଳସ ଶୋଭାଯାତ୍ରା

ଡୁଙ୍ଗୁରିପାଲି,୧୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସରଗୁଲ ଗ୍ରାମରେ ଦେବାଦେବୀ ମନ୍ଦିର ପ୍ରତିଷ୍ଠାକୁ ନେଇ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ, ବାଳିକା ବାଳକ ଗ୍ରାମ ନିକଟରେ ଥିବା ଜୁନା ବନ୍ଧ ପୋଖରୀରୁ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଜଳ ଏକ ଶୋଭାଯାତ୍ରାରେ ଆଣିଥିଲେ। ଶ୍ରଦ୍ଧାଳୁମାନେ ଗ୍ରାମ ପରିକ୍ରମା କରି ପୂଜାସ୍ଥଳୀରେ ପହଞ୍ଚିଥିଲେ। ଗ୍ରାମରେ ଥିବା ଗ୍ରାମପତି, ବିନ୍ଧ୍ୟବାସିନୀ, ପୀତବଳି, ଭାତପର୍ଣୀ, ଭୀମ ଭୀମବୁଢ଼ା, ପଥେଇ ଦୁର୍ଗା ପ୍ରମୁଖ ଦେବାଦେବୀ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ ଅନୁଷ୍ଠିତ ହେବ । ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ବୀର ଭୋଇ ଓ ତାଙ୍କ ସ୍ତ୍ରୀ ନମିତା କାର୍ଯ୍ୟ ତୁଲାଉ ଥିବା ବେଳେ ବିନୋଦ ବିହାରୀ ଦାସ ଶର୍ମା ଓ କୈଳାଶ ଶତପଥୀ ପୂଜା ଦାୟିତ୍ୱରେ ଅଛନ୍ତି ।ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇ ଆସନ୍ତା ମଙ୍ଗଳବାର ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଜଳନ୍ଧର ଦରବାର, ମୀନାବଜାର, ଅପେରା, ଦଣ୍ଡନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରାୟଣ, ସତସଙ୍ଗ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଶିକ୍ଷା ବିନା ସମାଜର ପରିକଳ୍ପନା ଅସମ୍ଭବ

ଅମରପାଲି,୧୧।୧୧(ଡି.ଏନ.ଏ.)

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ଶିକ୍ଷା ଦିବସ ପାଳନ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ଶିକ୍ଷା ଦିବସ ପାଳନ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସୁଦାମ ଚରଣ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟତିରେକ ସମାଜର ପରିକଳ୍ପନା ଅସମ୍ଭବ ବୋଲି ମତପ୍ରକାଶ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବିଜୟ କୁମାର ପ୍ରଧାନ,ଶିଶିର ବଣିଆଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବର୍ତ୍ତମାନର ଶିକ୍ଷା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅଧାପିକା ହରପ୍ରିୟା ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ଅଧାପିକା ସୀମାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଗବର ୟୁପି ସ୍କୁଲରେ ମୌଲାନା ଅବୁଲ କାଲାମ ଆଜାଦଙ୍କ ଜନ୍ମଦିନ ଅବସରରେ ପାଳିତ ହେଉଥିବା କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ଗୌରୀ କୁମୁରା ଓ ମିନାକ୍ଷୀ ପ୍ରଧାନ ଶିକ୍ଷା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରବା ସହିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକର୍ଷିତ ହେବାକୁ ଉତ୍ସାହିତ କରିଥିଲେ। ସେହିପରି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି।



ବୀରମହାରାଜପୁର କଲେଜରେ ଜାତୀୟ ଶିକ୍ଷା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ସ୍ଥାୟୀ ନିଯୁକ୍ତି ଦାବି କଲେ ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀ

ସୋନପୁର,୧୧।୧୧(ନି.ପ୍ର.)



ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀମାନେ ରାଲିରେ ସୋନପୁର ସହର ପରିକ୍ରମା କରୁଛନ୍ତି।

ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ସୋନପୁରରେ ରାଲି ହୋଇଥିଲା । ସ୍ଥାୟୀ ନିଯୁକ୍ତି ପାଇଁ ଠିକା କର୍ମଚାରୀମାନେ ଦାବି କରିବା ସହ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟି ଅଧୀନରେ ସୁବର୍ଣ୍ଣପୁର ଜିଲାରେ ୧୫୦ରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କର୍ମଚାରୀମାନେ ଶିଶୁ ଓ ମାତୃ ବିଭାଗ, ଅଣସଂକ୍ରମଣ, ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ମୋବାଇଲ ସ୍ୱାସ୍ଥ୍ୟ, ଯକ୍ଷ୍ମା, ମ୍ୟାଲେରିଆ, ଲେପ୍ରୋସି, ସିକିଲସେଲ,ଏଡସ୍, ଜନସ୍ୱାସ୍ଥ୍ୟ ଓ ମାନସିକ ରୋଗ ଭଳି ବିଭିନ୍ନ ବିଭାଗରେ ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ନିକଟରେ ରାଜ୍ୟ ସରକାର ୫୭ ହଜାର ଠିକା କର୍ମଚାରୀଙ୍କୁ ନିୟମିତ କଲେ। କିନ୍ତୁ ଠିକା କର୍ମଚାରୀ ଉଚ୍ଛେଦ ନୀତିରେ ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀଙ୍କୁ ସାମିଲ କରାଗଲାନି। ପ୍ରତିବାଦରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ୧୨ ତାରିଖ ଶନିବାର ଠାରୁ ହଳଦିଆ ବ୍ୟାଜ୍ ପରିଧାନ କରି ନିଜ ବିଭାଗର କାର୍ଯ୍ୟରେ ଅସହଯୋଗ କରିବେ। ସରକାର ସ୍ଥାୟୀ ନିଯୁକ୍ତି ପାଇଁ ବିହିତ ପଦକ୍ଷେପ ନ ନେଲେ ଆସନ୍ତା ନଭେମ୍ବର ୨୨ ତାରିଖରୁ ସାରା ଓଡିଶାର ୧୦ ହଜାର ସ୍ୱାସ୍ଥ୍ୟ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ରାଜଧାନୀରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। କର୍ମଚାରୀ ମହାସଂଘ ସୁବର୍ଣ୍ଣପୁର ଜିଲା ଶାଖାର ସଭାପତି ସୁଜିତ କୁମାର ସାହୁ, ଉପସଭାପତି ଡା.ସରୋଜ ପଟେଲ, ସାଧାରଣ ସମ୍ପାଦକ ବିଶିକେଶନ ରଥ, ଆବାହକ ନାରାୟଣ ରଥ, ସନ୍ତୋଷ ସାହୁ, ସ୍ୱାଗତିକା ସ୍ୱାଇଁ, ଗଦାଧର ସୁରୁଜାଲ, ବାସୁଦେବ ଜଗଦଲା, ଡା. ବିକାଶ ରଞ୍ଜନ ବାବୁ, ଡା. ଶାଶ୍ୱତୀ ଶତପଥୀ, ଡା. ବିଷ୍ଣୁ ଚରଣ ମାଝୀ, ସୁଧାଂଶୁ ଶେଖର ନାୟକ, ତରଣୀସେନ ପ୍ରଧାନ, ହିତେଶ କୁମାର ତ୍ରିପାଠୀ, ସୁଧାଂଶୁ ଶେଖର ସେଠୀ, ପ୍ରଫୁଲ୍ଲ ମଲ୍ଲିକ ଓ ଅଜିତ କୁମାର ହୋତା ପ୍ରମୁଖ ରାଲିରେ ସାମିଲ ହୋଇଥିଲେ।

# ୧୯ବର୍ଷରୁ କମ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



ବ୍ୟାଡମିଣ୍ଟନ ଉଦଘାଟନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

**ବୌଦ୍ଧ, ୧୧।୧୧(ସ୍ୱ.ପ୍ର)**

ରାଜ୍ୟ ବେଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧ ବେଡମିଣ୍ଟନ ସଂଘ ପକ୍ଷରୁ ବୌଦ୍ଧ ଇନଡୋର ଷ୍ଟାଡିୟମଠାରେ ୧୯ବର୍ଷରୁ କମ୍ ରାଜ୍ୟସ୍ତରୀୟ ବେଡମିଣ୍ଟନ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ବୌଦ୍ଧ ଜିଲାରେ ଏହି ଭଳି ପ୍ରତିଯୋଗିତା ଆୟୋଜନ ପାଇଁ ରାଜ୍ୟ ବେଡମିଣ୍ଟନ ଆସୋସିଏସନ ନିଷ୍ପତି ନେଇଥିବାରୁ ଖୁସିବ୍ୟକ୍ତ କରିବା ସହିତ ଜିଲାର ଖେଳାଳିମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଯୋଗିତା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲା ବେଡମିଣ୍ଟନ ସଂଘର ସଭାପତି ଜୁଲିୟସସିଜର ମହାକୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର,ଏପିଡି ପ୍ରତାପ କୁମାର ପ୍ରଧାନ, ଷ୍ଟେଟବ୍ୟାଙ୍କର ରିଜିଓନାଲ ମ୍ୟାନେଜର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ବେଡମିଣ୍ଟନ ଆସୋସିଏସନ ସମ୍ପାଦକ ନିଳିନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାର ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ। ରାଜ୍ୟ ବେଡମିଣ୍ଟନ ଆସୋସିଏସନ ଦ୍ୱାରା ମନୋନୀତ ରେଫରି ବିଜୟ କୁମାର ବାଗ ଏବଂ ଅନ୍ୟ ୧୪ଜଣ ଟେକନିକାଲ ଅଫିସିଆଲଙ୍କ ଦ୍ୱାରା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୨୭ଟି ଜିଲାରୁ ୧୨୦ ବାଳକ ବାଳିକା ଅଂଶଗ୍ରହଣ କରିବା ପାଇଁ ନାମ ପଂଜିକରଣ କରିଛନ୍ତି। ଉଦଘାଟନୀ ଉତ୍ସବ ଅବସରରେ ପ୍ରଣାମ ନୃତ୍ୟ ଅନୁଷ୍ଠାନର କୁନି ନୃତ୍ୟ ଶିଳ୍ପିଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ବେଡମିଣ୍ଟନ ଆସୋସିଏଶନର ଉପସଭାପତି ପ୍ରଦୋଷ କୁମାର ମହାରଣା, ସମ୍ପାଦକ ହୃଦାନନ୍ଦ ମିଶ୍ର, ସଙ୍ଗଠନ ସମ୍ପାଦକ ସୁନ୍ଦର ପ୍ରକାଶ, ବ୍ରଦିନାରାୟଣ ମିଶ୍ର, ବିଭୁ ପଣ୍ଡା, ପରେଶ ବେହେରା, ପ୍ରିତମ ମିଶ୍ର, ହେମନ୍ତ ଚମ୍ପତି, ବିଘ୍ନେଶ ଅଗ୍ରୱାଲା, ଆଲୋକ ରଥ, ଗଣେଷ ମହାପାତ୍ର, ଏସ.କେ. ସାହାଜାହାନ, ଶିବାନନ୍ଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ପ୍ରତିଯୋଗିତା ଆୟୋଜନରେ ସକ୍ରିୟ ସହଯୋଗ କରୁଛନ୍ତି।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କଲା ବାଉଁଶୁଣୀ ପୋଲିସ

**ବାଉଁଶୁଣୀ, ୧୧।୧୧(ଡି.ଏନ.ଏ.)**

ବୌଦ୍ଧ ଜିଲାରେ ଦିନକୁ ଦିନ ବୃଦ୍ଧି ପାଉଛି ଗଞ୍ଜେଇ ଚାଷ। ସଙ୍ଖୋଳି ପାରୁନି ବନ ବିଭାଗ ଓ ଅବକାରୀ ବିଭାଗ। କହିବାକୁ ଗଲେ ବୌଦ୍ଧ ଜିଲାରେ ଅବକାରୀ ବିଭାଗ ଏକ ପ୍ରକାର ନିଷ୍କ୍ରିୟ। ନା ରନ୍ଧା ମଦ ରୋକି ପାରୁଛି ନା ଗଞ୍ଜେଇ ଚାଷ ନା ଗଞ୍ଜେଇ ଚୋରା ବେପାର । ବିଭାଗ ଏକଦମ ନିଦା ବିଷ୍ଟୁ। ଗଣମାଧ୍ୟମରେ ପୂର୍ବରୁ ଖବର ପ୍ରସାରିତ ଆଧାରରେ ବାଉଁଶୁଣୀ ପୋଲିସ ଶୁକ୍ରବାର ବୌଦ୍ଧ ଜିଲା ଉଡବିଲକା ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରିଛି । ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ ଥାନା ପକ୍ଷରୁ ଚଢ଼ାଉ କରି ୪୮ହେକ୍ଟର ପରିମିତ ଜଙ୍ଗଲରେ ଚାଷ ହୋଇଥିବା ପାଖାପାଖି ୭୨ ହଜାର ଗଞ୍ଜେଇ ଗଛକୁ ନଷ୍ଟ କରିଥିବା ଜଣାପଡିଛି। ଅନ୍ୟପଟେ ଆହୁରି ବହୁ ହେକ୍ଟର ଜମିରେ ଗଞ୍ଜେଇ ଚାଷ ହୋଇଥିବା ଅଭିଯୋଗ ହୋଇଛି ।

## ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ,୧୧।୧୧ (ସ୍ୱ.ପ୍ର.)**


ଠିକା କର୍ମଚାରୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଠିକା କର୍ମଚାରୀ ଭାବରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନିୟମିତ କରିବା ଦାବିରେ ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ବୌଦ୍ଧ ଜିଲା ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ ନିୟନ୍ତ୍ରଣ ସୋସାଇଟି ଅଧିନରେ ଦୀର୍ଘ ୧୫ ବର୍ଷ ହେବ ନିରବଛିନ୍ନ ଭାବରେ ଠିକା କର୍ମଚାରୀ ଭାବରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ ସୁଦ୍ଧା ଓଡିଶା ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି। କିନ୍ତୁ ଚଳିତ ବର୍ଷ ଅକ୍ଟୋବର ୧୬ରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ ନିୟନ୍ତ୍ରଣ ସୋସାଇଟି ଅଧିନରେ କାର୍ଯ୍ୟରତ ଦଶ ହଜାରରୁ ଉର୍ଦ୍ଧ୍ୱ ପ୍ରକୃତ ଠିକା କର୍ମଚାରୀଙ୍କୁ ଛାଡି ଅନ୍ୟାନ ବିଭାଗର ୫୭ ହଜାର ଠିକା କର୍ମଚାରୀଙ୍କୁ ନିୟମିତ କରିଥିଲେ। ଯାହାଫଳରେ ଠିକା କର୍ମଚାରୀମାନେ ଦୁଃଖ ବଢ଼ିଯାଇଛି। ସରକାର ଠିକା କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବିକୁ ଗୁରୁତର ସହ ବିଚାରକରି ଠିକା କର୍ମଚାରୀଙ୍କୁ ନିୟମିତ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବିପ୍ରଦାନ ସମୟରେ ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ସାମିଲ ଥିଲେ।

## ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

### ପାଟିଲପଡା ଦିଲୀପ ଡାଙ୍ଗ ହତ୍ୟାକାଣ୍ଡ ଘଟଣା

**ବୌଦ୍ଧ,୧୧।୧୧ (ସ୍ୱ.ପ୍ର)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ ଅଲ୍ପନା ସ୍ୱାଇଁ ଶୁକ୍ରବାର ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୯।୪।୨୦୧୭ରେ ବଘିଆପଡା ଫାଣ୍ଡି ଅନ୍ତର୍ଗତ ଗଣ୍ଡପଦର ଜଙ୍ଗଲର ଏକ ପରିତ୍ୟକ୍ତ କୂଅ ଭିତରୁ ଜଣେ ଯୁବକର ମୃତଦେହ ପାଇବା ପରେ ସେ ସମୟରେ କାର୍ଯ୍ୟରତ ବଘିଆପଡା ଫାଣ୍ଡି ଅଧିକାରୀ ସୁବାଷ ମିଶ୍ର ଏକ ଅପମୃତ୍ୟୁ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ତଦନ୍ତ ସମୟରେ ଶବଟି ବୌଦ୍ଧ ଜିଲା ହରଭଙ୍ଗା ଥାନାର ସୁରୁଣ୍ଡି ଗ୍ରାମର ଦିଲୀପ ଡାଙ୍ଗ ବୋଲି ଜାଣିପାରିଥିଲେ। ଦିଲୀପ ଗତ ୨୯।୩।୨୦୧୭ରେ ବୌଦ୍ଧ ଥାନା ଅନ୍ତର୍ଗତ ପାଟିଲିପଡା ଗ୍ରାମରେ ସଙ୍ଗାତ ଶଳା ଶଶିନ୍ଦ୍ର ନାଏକଙ୍କ ବାହାଘର ଭୋଜି ଖାଇବାକୁ ଆସିଥିଲା । ପୂର୍ବରୁ ଦିଲୀପ ଉକ୍ତ ଗ୍ରାମର ଗୁରୁବାରୀ ନାଏକଙ୍କ ଝିଅ ନଳିନୀ ନାଏକ (୨୭) ସହିତ ସମ୍ପର୍କ ରଖିଥିଲା। ଶଶିନ୍ଦ୍ରର ବାହାଘର ଶେଷ ହେବା ପରେ ଦିଲୀପ ନଳିନି ନାଏକଙ୍କ ଘରେ ଯାଇରହିଥିଲେ। ଏନେଇ ନଳିନୀଙ୍କ ଭାଇ କରୁଣାକର ନାଏକ ଜାଣିବା ପରେ ତାକୁ ବାଟରୁ ହଟାଇବା ପାଇଁ ଯୋଜନା କରିଥିଲେ। ଏନେଇ କରୁଣାକର ଓ ତାଙ୍କ ମାଆ ଗୁରୁବାରୀ ନାଏକ (୫୦) ଦିଲୀପକୁ ମାଡ ମାରିବା ସହ ଶାଢୀ ଦ୍ୱାରା ବେକକୁ ଗୋଡାଇ ଚିପି ହତ୍ୟା କରିଥିଲେ। ଦିଲୀପ ମରିବା ପରେ କରୁଣାକର, ଗୁରୁବାରୀ ଓ ନଳିନି ନେଇ ଗଣ୍ଡପଦର ଜଙ୍ଗଲ ଭିତରେ ଥିବା କୂଅରେ ମୃତଦେହ ପକାଇଥିବା ନେଇ କରୁଣାକର ପୋଲିସକୁ କହିଥିଲେ। ଉକ୍ତ ଅପମୃତ୍ୟୁ ମାମଲା ପରେ ବୌଦ୍ଧ ଥାନା କେସ ନଂ. ୮୬ ତା ୧୭।୪।୨୦୧୭ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପୋଲିସ ଉକ୍ତ ମାମଲାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ଉକ୍ତ ମାମଲାଟି ବୌଦ୍ଧ ଅତିରିକ୍ତ ଜିଲାଦୌରାଜଜଙ୍କ ଅଦାଲତରେ ଏସଟି କେସ ନଂ ୮୧/୧୭ ହୋଇ ବିଚାର ହୋଇଥିଲା। ମାମଲା ବିଚାର ଚାଲିଥିବା ବେଳେ ଅଭିଯୁକ୍ତ କରୁଣାକର ନାଏକଙ୍କ ମୃତ୍ୟୁ ହୋଇଯାଇଥିଲା। ମାମଲାଟି ଅଭିଯୁକ୍ତ ଗୁରୁବାରୀ ଓ ନଳିନୀଙ୍କ ପାଇଁ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୨୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ଜିଲାଦୌରାଜଜ ଦୁଇ ଅଭିଯୁକ୍ତ ନଳିନୀ ନାଏକ ଓ ଗୁରୁବାରୀ ନାଏକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ପ୍ରିତମ ମିଶ୍ର ପରିଚାଳନା କରୁଥିଲେ।

## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

### ଗଞ୍ଜେଇ ଚୋରାଚାଲାଣ ମାମଲା

**ସୋନପୁର,୧୧।୧୧(ନି.ପ୍ର.):** ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ସୁବର୍ଣ୍ଣପୁରର ଅତିରିକ୍ତ ଜିଲା ଦୌରାଜଜ୍ ପୂର୍ଣ୍ଣିମା ଜେନା ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ଶୁକ୍ରବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ହେଉଛନ୍ତି ଛତିଶଗଡ ରାଜ୍ୟ ଜାଞ୍ଜଗିରଚାମ୍ପା ଜିଲା ମାଲଖରଡା ଗ୍ରାମର ଭଜରାମ ପଙ୍କଜ। ସୂଚନା ଅନୁଯାୟୀ, ୨୦୧୯ ମସିହା ଜୁଲାଇ ୨୭ ତାରିଖରେ ଏକ ସ୍କର୍ପିଓ ଗାଡିରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ସୋନପୁର ଅବକାରୀ ବିଭାଗ ସୋନପୁର କୁଞ୍ଜି ଛକ ନିକଟରେ ଚଢାଉ କରି ସ୍କର୍ପିଓକୁ ତନଖି କରିବାରୁ ୯୮ କିଲୋ ଗଞ୍ଜେଇ ମିଳିଥିଲା । ଏହି ଘଟଣାରେ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଗାଡିରେ ବସିଥିବା ଭଜରାମ ପଙ୍କଜଙ୍କୁ ଗିରଫ କରି ଅବକାରୀ ବିଭାଗ କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ମାମଲା ବିଚାରଧୀନ ଥିଲା। ମାମଲାରେ ୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ତେବେ ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ ପଙ୍କଜଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଓମକାର ପ୍ରସାଦ ପ୍ରଧାନ ମାମଲାର ପରିଚାଳନା କରୁଥିଲେ।


**OFFICE OF THE SUPERINTENDING ENGINEER**
**RURAL WORKS DIVISION-II,GANJAM,BERHAMPUR**

No.O-1239: Government of Odisha

**e-Procurement Notice**

Bid Identification No.Online Tender/07/SERWD-II/2022-23
Phone-0680-2404096, E-mail:eerwgmt@yahoo.co.in
Memo No......./RWD-IIGB, Date..............

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.70.35 to 71.08 lakh |
| 3 | Period of Completion | : | 3 (Three) Month as per Annexure |
| 4 | Date & Time of availability of Bid documents in the Portal | : | From 15.11.2022 at 11.00 AM to 30.11.22 upto 3.00 PM |
| 5 | Last Date/Time for receipt of Bids in the Portal | : | 30.11.22 upto 3.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal **tendersodisha.gov.in./ nicgep/app.**

**Sd./- Superintending Engineer**
**R.W.Division-II, Ganjam, Berhampur**
OIPR-25073/11/0008/2223

**ODISHA UNIVERSITY OF TECHNOLOGY AND RESEARCH**
(Formerly College of Engineering & Technology, Bhubaneswar)
Techno Campus, Ghatikia, Mahalaxmi Vihar, Bhubaneswar - 751029, www.cet.ac.in

No. 3597/OUTR Date: 09.11.2022

**SHORT TENDER CALL NOTICE**

No. KK-234: Sealed tenders are invited from the reputed Agencies/ Firms/Caterers those who have valid Food License as described in the tender document for catering during Smart Odisha Hackathon 2022 at Odisha University of Technology and Research (Formerly College of Engineering & Technology), Bhubaneswar during **29th November to 01st December 2022**. The interested Agency(s)/ Firms(s) /Caterer may download the Tender Document from the Website **www.cet.edu.in**. The complete tender document should reach to Odisha University of Technology and Research (Formerly College of Engineering & Technology), Bhubaneswar by **22.11.2022** up to 3.00 PM. The authority reserves the right to reject/cancel the tenders in whole or in part without assigning any reason thereof.

**Sd./- OFFICER ON SPECIAL DUTY**
OIPR-16005/11/0040/2223

No. O-1229
**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION No.-II, KEONJHAR**
**"e" Procurement Notice for Road Works**
**Identification No. Online NCB - 09/2022-23**

1. Name of the work : 05 Nos. Road Works
2. Total Number of Work : 05 Nos.
3. Estimated Cost : Rs.6.71 lakhs to Rs.50.34 lakhs
4. Class of Contractor : 'D' & 'C' and only 'B'
5. Period of Completion : Sl. No. 4 - 2 (Two) Calendar Months; Sl. No. 1, 2, 3 & 5 - 1 (One) Calendar Month
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No.-II, Keonjhar | Road Works N.C.B. No. 09/2022-23 | Dt.14.11.2022 at 10.00 A.M. | Dt.26.11.2022 at 05.00 P.M. | Dt.27.11.2022 at 11.30 A.M. |

Further details can be seen from the website **www. tenderorissa.gov.in.**

**Sd./- Superintending Engineer**
**R.W. Divn. No.-II, Keonjhar**
OIPR - 25093/11/0010/2223

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At-Ambapua,Po-Engineering School,Near Income Tax Office, Berhampur-760011
No.O-1249: (E-mail:- serwbpr2004@yahoo.com, Tel/Fax:- 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/56-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakhs) | Class of Contractor | Period of Completion |
|---|---|---|---|---|---|
| Online Tender/ 56-2022-23/BPR | Building Works | 01 No. | Rs.121.81 Lakhs | "B" Class & "A" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/ 56-2022-23/BPR | 16.11.2022 at 10.00 A.M. | 01.12.2022 upto 3.00 P.M. |

(i) No EMD is required as per O.M. No.8484, Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN. (ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender. Further details & corrigendum if any can be seen from the website: www.tendersodisha.gov.in.

**Sd./- Chief Construction Engineer**
**R.W.Circle, Berhampur**
OIPR-25071/11/0091/2223

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office: Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

**Tender Notice No. TPWODL/RB/O/SER/117**
**RC for Supply, Installation and Maintenance of Network Equipment's (Router, Switches, Battery Charger & Battery Bank and Network Rack) for Substation Automation at TPWODL, ODISHA**

The time period is hereby extended for Submission of Tender Participation Fee and Authorization Letter through e-mail till **14th November 2022, 18:00Hrs,** after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

**Sd./- Chief-Contracts and Stores**

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office: Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

**Tender Notice No. TPWODL/AB/O/SU/113**
**RC for SITC of WTI & OTI monitoring system in Transformers.**

The time period is hereby extended for Submission of Tender Participation Fee and Authorization Letter through e-mail till **16th November 2022, 18:00Hrs,** after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

**Sd./- Chief-Contracts and Stores**

**Odisha Lift Irrigation Corporation Ltd.**
(A Govt.of Odisha Undertaking)
**OFFICE OF THE EXECUTIVE ENGINEER**
**L.I. DIVISION, KEONJHAR**
**E-Procurement Notice - 05/2022-23**
E-mail:olickjr@gmail.com
No.CAD-2715 No.3247/Dated: 11.11.2022

1. Name of the tender Inviting Officer : Executive Engineer, L.I. Division, Keonjhar
2. Name of the work : (i) Installation, electrification and energisation of 21 Nos. T/W and 3 Nos. R/L L.I. Project under Anandapur, Ghasipura & Hatadihi block in Keonjhar district.
3. No. of Packages : 8 Nos.
4. Tender Amount : Varies from 12.537 lakhs to 66.638 lakhs
5. Date and time of availability of bid documents in the portal for on line bidding **from 10.00 hrs dated 21.11.2022 to 17.00hrs dated 30.11.2022.**
6. Last date and time of receipt of bids in the portal upto **17.00hrs. Dated- 30.11.2022.**
7. Last date and time of clarification upto **17.00hrs Dated- 28.11.2022.**
8. Date of opening of Tender at **11.00 hrs. Dated-01.12.2022.**
9. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.**
10. Subsequent corrigendum / addendum if required shall be available in the above portal.
Authority reserves the right to reject any or all the tenders, increase or decrease the quantities without assigning any reason thereof.

**Sd./-Executive Engineer**
**L.I. Division, Keonjhar**
OIPR-32156/11/0005/2223

**ZILLA SWASTHYA SAMITI, GANJAM**
No. 15861 Date: 10.11.2022

**IN HOUSE ADVERTISEMENT**

No. E-622: Applications are invited from the contractual employees of NHM working in the same post under OSH&FW Society in other district against the vacant post under in-house selection. Fresh candidates need not to apply.
Interested in house candidates may log on to **http:// ganjam.nic.in** for details (Vacancies, terms and conditions & application form etc.). The candidates fulfilling the eligibility criteria are to apply in the prescribed application form to the undersigned by Regd. Post/Speed Post on or before 30.11.2022 by 5.00 P.M. with all relevant documents to the **Chief District Medical & Public Health Officer, Ganjam, Near City Hospital, Berhampur, PIN - 760001**. The undersigned is not responsible for any postal delay. Application received after due date will be rejected.
Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hosited in district website. The undersigned reserves the right to cancel/reject any or all the applications without assigning any reason thereof.

**Sd./- CDM & PHO-cum-DMD, Ganjam**
OIPR-10041/11/0013/2223

**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER, DEOGAON**
**Procurement Notice**
No.i-127:- E-mail ID- ori-deogaon@nic.in
No.2969 / Dated: 10.11.2022

1. The BDO, Deogaon, PR&DW Deptt., Balangir on behalf of Government of Odisha invites unit Rate bids in double cover in offline mode for Procurement of Desk Top Computer for Schools under Transformation of High Schools of Phase-III as detail in the DTCN for eligible Bidder, Supplier & Manufacturer.
2. Nos. of Desk Top Computer : 90 Nos.
3. Tender paper cost: Rs.6000/- (+GST @18%)
4. Date, time of available in web portal : 10 hrs. of Dt.15.11.2022 to 16 hrs. of Dt.01.12.22.
5. Date of opening of tender : Dt.02.12.2022 at 10.45 hrs. Venue: Panchayat Samiti Conference Hall, Deogaon
6. The bidders have to participate in OFFLINE bidding only. Further details can be seen from the Web portal (http:// www.balangir.nic.in).
7. Any corrigendum / addendum will be displayed in the above web portal.

**Sd./- BDO, Deogaon**
OIPR-19253/11/0001/2223

**Block Development Office, Lakhanpur**
**Tender Call Notice**
No.4303 Date: 10.11.2022

No. i-128:- The Block Development Officer, Lakhanpur invites percentage rate basis Tender for 1. Additional infrastructure development & repairing, maintenance of existing building with demolition of old unsafe building at Govt. SSD High School Banjari. 2. Additional infrastructure development & repairing, maintenance of existing building with demolition of old unsafe building at Attabira Ashram School. 3. Additional infrastructure development & repairing, maintenance of existing building with demolition of old unsafe building at Dalgaon Ashram School. 4. Additional infrastructure development & repairning, maintenance of existing building with demolition of old unsafe building at Kudaloi Ashram School. 5. Construction of Livestock Aid Centre at Pandri. 6. Construction of Livestock Aid Centre at Remta. 7 Construction of 2 Nos. of Addl. Class room at Dhulunda Upper Primary School under Lakhanpur Block. The sale of bid documents starts from Dt.11.11.2022 to Dt.30.11.2022 during the office hour and receipt of the bid documents starts from Dt.11.11.2022 to Dt.01.12.2022 upto 5.00 P.M. on all working days in the Office of the Block Development Officer, Lakhanpur. The bid will be opened on Dt.02.12.2022 at 11.00 A.M. Intending Class-D, Class-C or Class-B contractors may visit district website of Jharsuguda www.jharsuguda.nic.in for detail information.

**Sd./- Block Development Officer, Lakhanpur**
OIPR-19143/11/0004/2223

**ODISHA STATE AYUSH SOCIETY**
**NATIONAL AYUSH MISSION**
**DIRECTORATE OF AYUSH**
**DEPARTMENT OF HEALTH & FAMILY WELFARE**
**GOVT. OF ODISHA**
NAM-Misc-O-40-2021 No. 8942/DAYUSH Dated: 10 Nov. 2022

**ADVERTISEMENT FOR EMPANELMENT OF YOGA INSTRUCTOR (MALE & FEMALE) FOR DEPLOYMENT TO AYUSH HEALTH & WELLNESS CENTRES ON PART TIME BASIS**

No. E-621: Applications are hereby invited from qualified & eligible candidates for empanelment as Yoga Instructors (Male & Female) and deployment to AYUSH Health & Wellness Centres (AHWCs) in the State on part time basis.
The detailed advertisement regarding eligibility, educational qualification and other required/relevant documents can be downloaded from the website of Directorate AYUSH i.e. **www.ayushodisha.nic.in**.
The applications in the prescribed format should be addressed to the concerned District Ayurvedic Medical Officers (DAMO)/District Homoeopathic Medical Officers (DHMO) in the State and should reach via Speed Post/Registered Post/Courier only by **9th December 2022, 5.30 P.M.** The applications accompanied with all relevant documents should be submitted in a sealed envelope superscribed as **"APPLICATION FOR EMPANELMENT OF YOGA INSTRUCTOR (MALE/FEMALE) FOR DEPLOYMENT TO AYUSH HEALTH & WELLNESS CENTRES 2020-21"**. After scrutiny of the applications and completion of the selection procedure, the eligible candidates will be empanelled as Yoga Instructors (Male/Female) and will be suitably deployed on parttime basis to AYUSH Health & Wellness Centres based on merit. Applications received after the scheduled date and time shall not be taken into consideration.

**Sd./- Director AYUSH-cum-Mission Director**
**National AYUSH Mission**
OIPR-10056/11/0004/2223

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
Bid identification No.03, Dated 10.11.2022

**TENDER CALL NOTICE FOR**
**"Procurement, Installation, Development, Operation and Management of Adventure Sports Equipments at Sarafgarh Ecotourism Site during the year 2022-23 in Sundargarh Forest Division"**

**No.MM-271:**Sealed tenders are invited from the reputed manufacturers / Authorised dealers having registration under GST Act for Procurement, Installation, Development, Operation and Management of Adventure Sports Equipments at Sarafgarh Ecotourism Site during the year 2022-23 in Sundargarh Forest Division for "Sarafgarh Ecotourism Site" so as to reach the undersigned by dt.17.11.2022 by 5.00 P.M by Hand / Speed Post / Regd. Post at Divisional Forest Officer, Sundargarh Forest Division. Tender will be opened on dt.18.11.2022 at 11:30 A.M in presence of the tenderers or their authorized representatives at the office of Divisional Forest Officer, Sundargarh Forest Division.
Tender documents containing terms and conditions with detail specifications of the materials can be obtained from the Office of the Divisional Forest Officer, Sundargarh Forest Division during office hours on any working day from the date of publication of tender call notice up to dt.17.11.2022, 5:00 P.M. The undersigned reserves the right to accept or reject any or all tenders in full or parts without assigning any reason thereof.

**Sd./-Divisional Forest Officer**
**Sundargarh Forest Division**
OIPR-08034/11/0009/2223

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୨ ନଭେମ୍ବର, ୨୦୨୨



## ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ଟ୍ରକ୍

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ନର୍ଲା ରେଳ ଫାଟକ ପାଖରେ ଏକ ମାଲ ବୋଝେଇ ଟ୍ରକ୍ ୨ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ଘଟଣାସ୍ଥଳରେ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନର୍ଲା ମେଡିକାଲକୁ ପଠାଯାଇଥିବା ବେଳେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିଛି। ଆହତ ୨ଜଣ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି।

# ୧୧୬ କନିଷ୍ଠ ଅଧ୍ୟାପିକା ଅଧ୍ୟାପକଙ୍କ ଭବିଷ୍ୟତ ଅନ୍ଧାରରେ

ରିପୋର୍ଟ-ଭୁବନେଶ୍ୱର ବାରିକ
ଲାଠୋର,୧୧।୧୧(ଡି.ଏନ.ଏ.)

**ମାଲପଡ଼ା ସହ ୨୨ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

- ଅନିଶ୍ଚୟତା ମଧ୍ୟରେ ଗତି କରୁଛନ୍ତି
- ନିୟମିତ କର୍ମଚାରୀ ମାନ୍ୟତା ଦେବାରେ ସରକାରୀ ଅବହେଳା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡ଼ା ପଞ୍ଚାୟତର ମାଲପଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ୨୨ଟି ବିଦ୍ୟାଳୟରେ ଦୀର୍ଘ ୧୬ ବର୍ଷ ଧରି କାର୍ଯ୍ୟରତ ୧୧୬ ଜଣ କନିଷ୍ଠ ଅଧ୍ୟାପିକା ଅଧ୍ୟାପକଙ୍କୁ ଅଦ୍ୟାବଧି ନିୟମିତ କରାଯାଇନାହିଁ। ଫଳରେ ସେମାନେ ନିଜ ଭବିଷ୍ୟତ ନେଇ ଅନିଶ୍ଚୟତା ମଧ୍ୟରେ ଦିନ କାଟୁଛନ୍ତି।

ଶିକ୍ଷାର ବିକାଶ ପାଇଁ କେବିକେ ଜିଲାର ବଲାଙ୍ଗୀର, ନୂଆପଡ଼ା, ସୋନପୁର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ଜିଲାରେ ଗତ ୨୦୦୬ ମସିହାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନ ଖୋଲାଗଲା। ମାଷ୍ଟର ଡିଗ୍ରୀରେ ୬୫ ପ୍ରତିଶତ ମାର୍କ ରଖିଥିବା ଆଶାୟୀମାନଙ୍କର ସେକ୍ରେଟ୍ରିଏଟ ସ୍ତରରେ ଏକ ସାକ୍ଷାତକାର ନେଇ କ୍ୟାରିୟର ମାର୍କିଂ ଆଧାରରେ କନିଷ୍ଠ ଅଧ୍ୟାପିକା ଅଧ୍ୟାପକ ଭାବେ ନିଯୁକ୍ତି ଦିଆଗଲା। ସଂପୃକ୍ତ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ନିଯୁକ୍ତି ସମୟରେ ମାସିକ ୬ ହଜାର ୫ ଶହ ଟଙ୍କା ଲେଖାଏ ଦରମା ପ୍ରଦାନ କରିବାର ବ୍ୟବସ୍ଥା କରାଗଲା। ପରବର୍ତ୍ତୀ ସମୟରେ ଏସସି ଓ ଏସଟି ଜନବହୁଳ ଜିଲା ସମ୍ବଲପୁର, ସୁନ୍ଦରଗଡ଼, ମୟୁରଭଞ୍ଜ ଏବଂ କେନ୍ଦୁଝର ଜିଲାରେ ମଧ୍ୟ ଏହି ବିଦ୍ୟାଳୟମାନ ସ୍ଥାପନ କରାଗଲା। ବର୍ତ୍ତମାନ ସମୁଦାୟ ୧୨ ଗୋଟି ଜିଲାରେ ୬୨ ଗୋଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ହେଲେ ସେହିସବୁ ବିଦ୍ୟାଳୟଗୁଡିକରେ ଯେଉଁ ଅଧ୍ୟାପିକା ଅଧ୍ୟାପକମାନେ କ୍ୟାରିୟର ମାର୍କିଂ ଆଧାରରେ ନିଯୁକ୍ତି ପାଇଛନ୍ତି ସେମାନେ ଆଜିଯାଏ ନିୟମିତ କର୍ମଚାରୀର ମାନ୍ୟତା ପାଇ ପାରିନାହାନ୍ତି। ବଲାଙ୍ଗୀର ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକମାତ୍ର ମାଲପଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୫୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବାଣିଜ୍ୟ ବିଭାଗ ପାଇଁ ୨ ଜଣ ଓ ବିଜ୍ଞାନ ବିଭାଗରେ ୪ ଜଣ ଅଧ୍ୟାପିକା ଅଧ୍ୟାପକ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଅଧ୍ୟାପିକା ଅଛନ୍ତି। ଏହି ଅଧ୍ୟାପିକାଅଧ୍ୟାପକମାନେ ୨୦୧୦-୨୦୧୧ ମସିହାରୁ ମାସିକ ୧୨ ହଜାର ୫୦୦ ଟଙ୍କା ଦରମା ପାଇ ଆସୁଛନ୍ତି । ମାଓବାଦୀ ପ୍ରବଣ ଓ ଗମନାଗମନର ବିଶେଷ ସୁବିଧା ନ ଥିବା ଲାଠୋର ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏତେ କମ ଟଙ୍କାରେ ଚାକିରି କରୁଥିବା ଅଧ୍ୟାପିକା ଅଧ୍ୟାପିକାମାନଙ୍କ ସମସ୍ୟା ପ୍ରତି ସରକାର ଆଖି ବୁଜି ଦେଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ୨୦୦୬ ମସିହା ପରେ ଯେଉଁମାନେ ଓପିଏସସି ପରୀକ୍ଷା ଆଧାରରେ ନିଯୁକ୍ତି ପାଇଛନ୍ତି ସେମାନେ ନିୟମିତ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ୬୨ଟି ବିଦ୍ୟାଳୟ ମଧ୍ୟରୁ ୪୦ ଗୋଟି ବିଦ୍ୟାଳୟରେ ଓପିଏସସି ପରୀକ୍ଷା ଦେଇ ନିଯୁକ୍ତି ପାଇଥିବା କର୍ମଚାରୀମାନେ ନିୟମିତ ହୋଇ ଫୁଲ ଦରମା ପାଉଥିବା ବେଳେ ୨୨ ଗୋଟି ବିଦ୍ୟାଳୟର ୧୧୬ ଜଣ ଅଧ୍ୟାପିକା ଅଧ୍ୟାପକ ମାତ୍ର ୧୨ ହଜାର ୫ ଶହ ଟଙ୍କା ଦରମାରେ କାମ କରୁଛନ୍ତି। ସରକାର ନିକଟରେ ଠିକା ନିଯୁକ୍ତିକୁ ଉଠାଇ ନିୟମିତ ନିଯୁକ୍ତି ଦେବା ବ୍ୟବସ୍ଥା କରିଛନ୍ତି। ମାତ୍ର ସରକାରୀ ଚାକିରି ବୟସ ସୀମା ଅତିକ୍ରାନ୍ତ କରିଥିବା ସଂପୃକ୍ତ ଅଧ୍ୟାପିକା ଅଧ୍ୟାପକମାନଙ୍କ ଭବିଷ୍ୟତ କଥା ଚିନ୍ତା ନ କରିବା ବିଡମ୍ବନାର ବିଷୟ। ଏ ସମ୍ପର୍କରେ ମାଲପଡା ବିଦ୍ୟାଳୟର ଯୁକ୍ତ ୨ ଶ୍ରେଣୀର ପଦାର୍ଥ ବିଜ୍ଞାନର କନିଷ୍ଠ ଅଧ୍ୟାପକ ପ୍ରମୋଦ କୁମାର ଦେବତା କ୍ଷୋଭର ସହ କହିଛନ୍ତି ଯେ, ବର୍ତ୍ତମାନର ମହଙ୍ଗା ଯୁଗରେ ସ୍ୱଳ୍ପ ଦରମାରେ ପରିବାର ଚଳାଇବା ବହୁ କଷ୍ଟକର ହେଉଛି । ନିଜର ଚାକିରି ନିୟମିତ କରିବା ପାଇଁ ବହୁବାର ଶାସକ ଓ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବି କୌଣସି ସୁଫଳ ମିଳିନାହିଁ। ଅନ୍ୟ କୌଣସି ସରକାରୀ ଚାକିରି କରିବା ମଧ୍ୟ ସମ୍ଭବପର ହୋଇ ପାରୁନାହିଁ। ଏନେଇ ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରେ ଆମ ହାତରେ କିଛି ନାହିଁ । ଯାହା ସରକାର କରିବେ ବୋଲି କହିଥିଲେ। ଦୀର୍ଘବର୍ଷ ହେଲା ଦୁର୍ଦ୍ଦିନରେ ରହିଥିବା ଏହି ଅଧ୍ୟାପିକା ଅଧ୍ୟାପକଙ୍କୁ ଯଥାଶୀଘ୍ର ନିୟମିତ କର୍ମଚାରୀର ମାନ୍ୟତା ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ବିଜୁ ଆଦର୍ଶ କଲୋନି ପାଇଁ ଜାଗା ଚିହ୍ନଟ



ବିଜୁ ଆଦର୍ଶ କଲୋନି ନିର୍ମାଣ ହେବାକୁ ଥିବା ଚିହ୍ନଟ ଜାଗା ବୁଲି ଦେଖିବା ଅବସରରେ ନିର୍ବାହୀ ଅଧିକାରୀ, ଅଧକ୍ଷା, ଉପାଧକ୍ଷା।

ଟିଟିଲାଗଡ,୧୧।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌରପରିଷଦ ତରଫରୁ ବିଜୁ ଆଦର୍ଶ କଲୋନୀ ପାଇଁ ଜାଗା ଚିହ୍ନଟ ହୋଇଛି। ସ୍ଥାନୀୟ ଅଞ୍ଚଳର ପୁରୁଣା ଟେନେରିଠାରେ ପୌର ପରିଷଦର ୯୬ ପରିବାର ପାଇଁ ୩ ଏକର ୭ ଡେସିମିଲ ଜାଗାରେ ଘର ତିଆରି ପାଇଁ ସମସ୍ତଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଖୁବଶୀଘ୍ର ସମସ୍ତଙ୍କୁ କାର୍ଯ୍ୟାଦେଶ ଦିଆଯିବା ସହ ଘର କାମ ଆରମ୍ଭ କରାଯିବ ବୋଲି ଗୁରୁବାର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହିଛନ୍ତି।

### ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**ଜିଲାପାଳଙ୍କ କଣ୍ଟାବାଞ୍ଜି ପରିଦର୍ଶନ**

କଣ୍ଟାବାଞ୍ଜି,୧୧।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଶୁକ୍ରବାର କଣ୍ଟାବାଞ୍ଜି ପରିଦର୍ଶନରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଡାକ୍ତରଖାନାର ଏମ.ସି.ଏଚ. ବିଲଡିଂ, ନିର୍ମାଣ ହେବାକୁ ଥିବା ବାଳ ଆଶ୍ରମ ଏବଂ ଇନଡୋର ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ଚାଲୁଛି କି ନାହିଁ ପଚାରି ବୁଝିଥିଲେ। ପୁଣି ତୁରେକେଲା ବ୍ଲକ ଚାଉଲସୁଖାସ୍ଥିତ ସେବାଶ୍ରମ ସ୍କୁଲ ଓ ଜାମୁଟଝୁଲା ଆଦିବାସୀ ହାଇସ୍କୁଲ ୫-ଟି ଅନ୍ତର୍ଭୁକ୍ତ ହୋଇଥିବାରୁ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଶିରିଡି ସାଇ ସଂସ୍ଥାନର ରତ୍ନମୁଦ ଉତ୍ସବ

ଟିଟିଲାଗଡ,୧୧।୧୧ (ଡି.ଏନ.ଏ.): ଶୁକ୍ରବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶିରିଡି ସାଇ ସଂସ୍ଥାନ ଦ୍ୱାରା ଜଗନ୍ନାଥପଡ଼ା ସାଇ ମନ୍ଦିରର ରତ୍ନମୁଦ ଉତ୍ସବ ପାଳିତ ହୋଇଯାଇଛି। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ଶେଷ ଦିନରେ ହୋମଯଜ୍ଞ, ରତ୍ନମୁଦ ଓ ପୂର୍ଣ୍ଣାହୁତି ହୋଇଛି। ହୋମଯଜ୍ଞରେ ୪ଟି ପରିବାର କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଶିରିଡି ସାଇ ସଂସ୍ଥାନର ସଭାପତି ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ, ଉପସଭାପତି ରାଜୁ ମିଶ୍ର, ସମ୍ପାଦକ ପଦ୍ମନାଭ ବେହେରା, କୋଷାଧକ୍ଷ କେ ଶେଷଗିରି, ଶମ୍ଭୁ ଗୋୟଲ,, ଚିନ୍ତାମଣି ମହାପାତ୍ର, ପ୍ରଶାନ୍ତ ବେହେରା, ପ୍ରଦୀପ ଦେ, ସୁନୀଲ ମେହେର, ସରୋଜ ବେହେରା, କୈଳାଶ ସାହୁ, କେ. ପି. ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇଥିଲେ।



ରତ୍ନମୁଦ ପାଇଁ ଅନୁଷ୍ଠିତ ହୋମ ଯଜ୍ଞ।

# ଅଙ୍ଗନୱାଡି କର୍ମୀଙ୍କ ବୈଠକ, ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ



ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଅଙ୍ଗନୱାଡି କର୍ମୀମାନେ ରାଲିରେ ଯାଉଛନ୍ତି।

ଲୋଇସିଂହା,୧୧।୧୧(ଡି.ଏନ.ଏ.)

ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା, ଅବସରକାଳୀନ ସହାୟତା ଏବଂ କେନ୍ଦ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନା ପରିଚାଳନା ପାଇଁ ଉପଯୁକ୍ତ ଅନୁଦାନ ଦେବାକୁ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ସଂଘ ପକ୍ଷରୁ ଦାବି ହୋଇ ଆସୁଛି। ହେଲେ ଏହି ଦାବି ପ୍ରତି ସରକାର ଉଦାସୀନ ରହୁଛନ୍ତି। ଏହିସବୁ ଦାବି ନେଇ ଆସନ୍ତା ୨୧ ତାରିଖରେ ରାଜ୍ୟ ସରକାରଙ୍କୁ ଚେତାଇବା ପାଇଁ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଏକ ରାଲି ଅନୁଷ୍ଠିତ ହେବ। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଦିନ କେନ୍ଦ୍ର ବନ୍ଦ ରହିବ। ଏଣୁ ସମୂହ ଛୁଟି ଦେବାକୁ କର୍ମୀମାନେ ସିଡିପିଓ ପ୍ରଜ୍ଞାରାଣୀ ବାରିକଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିବାସୀ ଭବନଠାରେ ଅନୁଷ୍ଠିତ ବୈଠକରେ ବ୍ଲକ ସଂଘ ସଭାନେତ୍ରୀ ଯାଜ୍ଞସିନୀ କୁମ୍ଭାର ଅଧକ୍ଷତା କରିଥିଲେ। ଏଥିରେ ବ୍ଲକର ୨୦ଟି ପଞ୍ଚାୟତ ଅଧୀନ ଗ୍ରାମର ସମସ୍ତ କର୍ମୀ ଯୋଗ ଦେଇଥିଲେ । କର୍ମୀମାନେ ସରକାରଙ୍କ ସମସ୍ତ ବିଭାଗର କାମ କରୁଛନ୍ତି। ୧୯୯୩ ମସିହାରୁ କର୍ମୀମାନେ କାମ କରୁଥିଲେ ବି ସରକାରୀ ମାନ୍ୟତା ମିଳିନାହିଁ। ଦୀର୍ଘବର୍ଷ ହେଲା ଦରମା ବୃଦ୍ଧି ହେଉନାହିଁ । ସ୍ୱଳ୍ପ ଦରମାରେ ପରିବାର ପରିପୋଷଣ କରିବା କଷ୍ଟକର ହେଉଛି। ବିଭିନ୍ନ ସମୟରେ ହେଉଥିବା ସଂଘର ଦାବିକୁ ସରକାର କର୍ଣ୍ଣପାତ କରୁନାହାନ୍ତି। କର୍ମୀମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକ ପରେ କର୍ମୀମାନେ ରାଲିରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

## ଆଶ୍ରମ ସ୍କୁଲ ଛାତ୍ରୀଙ୍କୁ ମାଡ଼ ଅଭିଯୋଗ

ସିନାପାଲି,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ସେବାଶ୍ରମ ସ୍କୁଲର ୨ଜଣ ଛାତ୍ରୀଙ୍କୁ ସ୍ଥାନୀୟ ଜଣେ ବ୍ୟକ୍ତି ଆଶ୍ରମ ବିଦ୍ୟାଳୟରେ ପଶି ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଛାତ୍ରୀ ଦ୍ୱୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଅପରାହ୍ନ ୨ଟାରେ ସ୍କୁଲର କିଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଜଣେ ଛାତ୍ର ଘରକୁ ଯାଇ ଘଟଣା ବିଷୟରେ ପରିବାରକୁ ଜଣାଇଥିଲେ। ଛାତ୍ରଙ୍କ ବାପା ଓ ମା' ସମେତ କିଛି ଲୋକ ସ୍କୁଲରେ ପସି ୨ଜଣ ଛାତ୍ରୀଙ୍କୁ ମାଡ ମାରି ଏକ ଶ୍ରେଣୀ ଗୃହରେ ବନ୍ଦ କରିଥିବା ଅଭିଯୋଗ ହୋଇଛି। ପରେ ୨ ଛାତ୍ରୀଙ୍କୁ ସ୍କୁଲ କର୍ମଚାରୀ ଉଦ୍ଧାର କରି ସିନାପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୨ଜଣ ଛାତ୍ରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସ୍କୁଲ ଭିତରେ ଏଭଳି ବିନା ଅନୁମତିରେ ପ୍ରବେଶ କରି ଛାତ୍ରୀଙ୍କୁ ମାଡ ଓ ଗାଳିଗୁଲଜ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ସ୍କୁଲ କର୍ମଚାରୀଙ୍କ କାର୍ଯ୍ୟକଳାପକୁ ନେଇ ଅଞ୍ଚଳ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ୫ ମାସ ହେଲା ପାଉଣା ପାଇନାହାନ୍ତି ଶ୍ରମିକ

ଦେଓଗାଁ,୧୧।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର, ଫଲସାପଦର ଓ ବ୍ରାହ୍ମଣୀପାଲିର କେତେଜଣ ଶ୍ରମିକ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରି ଆଜକୁ ପ୍ରାୟ ୫ ମାସ ହେଲା ପାଉଣା ପାଇ ନ ଥିବା ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଚଳିତବର୍ଷ ଜୁନ ମାସରେ ଅଇଁଲାପାଲି ଗାଁର କଦଳିମୁଣ୍ଡା ନାଲା ସଫେଇ କାମ, ମଧୁପୁର ଗାଁର ଖାଇସଭାଗ ନାଲା, ଫଲସାପଦରର ଝରିଆ ନାଲା ତଥା ବ୍ରାହ୍ମଣୀପାଲିର ନଦୀଖଣ୍ଡି ନାଲାରେ ସ୍ଥାନୀୟ ଶ୍ରମିକମାନେ ନିଯୁକ୍ତି ହୋଇ ମାଟି କାମ କରିଥିଲେ । ଏହି ଶ୍ରମିକମାନଙ୍କ ମଧ୍ୟରୁ କେତେକ ଶ୍ରମିକ ପାଉଣା ପାଇଥିବା ବେଳେ ଆଉ କେତେଜଣ ଏପର୍ଯ୍ୟନ୍ତ ପାଇନାହାନ୍ତି। ପାଉଣା ପାଇଁ ପଞ୍ଚାୟତକୁ ବାରମ୍ବାର ଯାଇ ନିରାଶ ହୋଇ ଫେରୁଥିବା ନେଇ ଶ୍ରମିକ ରମାକାନ୍ତ ବାଗ, ଶୁକ୍ରୁ ହରପାଲ, ଭୁଜ ବନଛୋର, ମୁଟା ବୁଡେକ, ସୁରେନ୍ଦ୍ର ଜାଲ, ପ୍ରହ୍ଲାଦ ବୁଡେକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଦେଓଗାଁ ବ୍ଲକ ଏପିଓ ସୁଧାଂଶୁ ଶେଖର ମେହେରଙ୍କୁ ପଚାରିବାରେ କ'ଣ ସମସ୍ୟା ହୋଇଛି ସଂପୃକ୍ତ ପଞ୍ଚାୟତର ଜିଆରଏସଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆରତି



@ ମଦନ



@ ମୋନାଲିଶା



@ ସମରେନ୍ଦ୍ର



@ ପ୍ରିୟା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜ୍ଞାନ ଓ କଳା ପ୍ରଦର୍ଶନୀ

ବଲାଙ୍ଗୀର ଅଫିସ,୧୧।୧୧

ବଲାଙ୍ଗୀର ସହରସ୍ଥିତ ବ୍ଲୁସମ କନ୍ସେପ୍ଟ ସ୍କୁଲ ପକ୍ଷରୁ ଶୁକ୍ରବାର ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ଶିକ୍ଷାନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଜ୍ଞାନଭିତ୍ତିକ ଅନେକ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଭିତରେ ବିଜ୍ଞାନ ଶିକ୍ଷା ପ୍ରତି ଆଦର ସୃଷ୍ଟି କରିବା ଏବଂ ସେମାନଙ୍କ ଭିତରେ ବୈଜ୍ଞାନିକ ଚିନ୍ତାଧାରାର ଅଭିବୃଦ୍ଧି ପାଇଁ ଏଭଳି ପ୍ରଦର୍ଶନୀ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଷଡଙ୍ଗୀ କହିଥିଲେ। ମଣିଷ ସଭ୍ୟତାକୁ ବିଜ୍ଞାନର ଅବଦାନ ଅତୁଳନୀୟ,ଏହା ମଣିଷକୁ କାର୍ଯ୍ୟକ୍ଷମ ଓ ଉତ୍ପାଦନଶୀଳ କରାଇଥାଏ। ସେହିପରି କଳା ମଣିଷକୁ ସୃଜନଶୀଳ ଓ ମାନବବାଦୀ ଭାବରେ ଗଢି ତୋଳି ଥାଏ। ମଣିଷର ଉନ୍ନତିରେ ଏଇ ଦୁଇ ଉପାଦାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଆଭିମୁଖ୍ୟ ନେଇ ବଲାଙ୍ଗୀର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବ୍ଲସମ କନସେପ୍ଟ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ୫୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପମାନ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ବହୁ ଛାତ୍ରୀଛାତ୍ର ବିଭିନ୍ନ ଆକର୍ଷଣୀୟ କଳାକୃତି ପ୍ରସ୍ତୁତ କରି ଏହାକୁ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ଅଧକ୍ଷା ସୁନନ୍ଦିନୀ ଗୁରୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବରେ ଜେଆଇଟିଏମର ଅଧକ୍ଷ ଅନଙ୍ଗ ଉଦୟ ନାଏକ ଏବଂ ଉପାଧକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବୈଜ୍ଞାନିକ ମନୋବୃତ୍ତି ରଖି ଆଗକୁ ବଢିବା ଏବଂ କଳା ପାଇଁ ସବୁବେଳେ ଅନୁସନ୍ଧିତ୍ସୁ ହେବା ପାଇଁ କହିଥିଲେ। ଛାତ୍ରୀଛାତ୍ରମାନଙ୍କ ଅଭିନବ ବିଜ୍ଞାନ ପ୍ରକଳ୍ପ ଓ ସୂକ୍ଷ୍ମ କଳାକୃତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।



ବିଜ୍ଞାନ ଓ କଳା ପ୍ରଦର୍ଶନୀରେ ମୁଖ୍ୟଅତିଥି ପ୍ରଦୀପ କୁମାର ଷଡଙ୍ଗୀ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ବଡାଖାନା ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଗଠନ ନେଇ ସମ୍ବର୍ଦ୍ଧନା ସଭା

ଖଡ଼ିଆଳ,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବଡାଖାନା ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଠନ ନେଇ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ସଭାରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ସ୍ୱଚ୍ଛତା ଜୀବନରେ ସୁନ୍ଦରତା ଆଣିଥାଏ ବୋଲି ମତପ୍ରକାଶ କରିଥିଲେ। ତେଣୁ ସଫେଇ କର୍ମଚାରୀ ଏବଂ ସ୍ୱଚ୍ଛ ମିତ୍ର,ଙ୍କ ପ୍ରମୁଖ ଭୂମିକା ରହିଅଛି। ଏହି ସଭାରେ ଖଡ଼ିଆଳ ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା ଅଧକ୍ଷତା କରିଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ସଭାରେ ସଫେଇ କର୍ମଚାରୀଙ୍କୁ ତାଙ୍କ ନିସ୍ୱାର୍ଥ ସେବା ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଛନ୍ତି।

# ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଆରମ୍ଭ

ଖପ୍ରାଖୋଲ,୧୧।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କର ଠାରୁ ବିଭିନ୍ନ ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ତରଫରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମେ ସମ୍ବିଧାନ ପଠନ ସହ ପଦଯାତ୍ରା ହୋଇଥିଲା। ଦେଶର ବିକାଶ ନାମରେ ବଡ଼ ବଡ଼ ଶିଳ୍ପ,ଡ୍ୟାମ ପ୍ରତିଷ୍ଠା କରି କମ୍ପାନୀମାନଙ୍କ ହାତକୁ ଟେକି ଦିଆଯାଉଥିବା ବେଳେ ଏହାକୁ ଯିଏ ବିରୋଧ କଲେ ବିକାଶ ବିରୋଧୀ ବୋଲି ଆଖ୍ୟା ଦିଆଯାଉଛି। ଏହି ପ୍ରକ୍ରିୟାକୁ ବିରୋଧ କରି ସମ୍ବିଧାନର ସୁରକ୍ଷା, ଜଳ, ଜଙ୍ଗଲ ଜମି,ପରିବେଶ, ଜୀବନଜୀବିକା, ପ୍ରକୃତି, ନ୍ୟାୟ, ସମତା ଉପରେ ସଚେତନତା ବାର୍ତ୍ତା ଦେଇ ଏହି ପଦଯାତ୍ରା ବଲାଙ୍ଗୀରରେ ପହଞ୍ଚିବ ବୋଲି ଆୟୋଜକ କମିଟି କର୍ମକର୍ତ୍ତା କହିଛନ୍ତି। ତ୍ରିଲୋଚନ ପୁଞ୍ଜି, ବାଲକୃଷ୍ଣ ଷଣ୍ଡ, ମୟ ପଧାନୀ, ଧନେଶ୍ୱର ନାଗ, ସେବିକା ରାଜହଂସ, ଡୋଲମଣି ପଧାନ, ସଉରୀ ସାହୁ, ରାସବିହାରୀ ଭୋଇ, ସତ୍ୟ ବନଛୋର, ଡି. ନନ୍ଦ, ସୁଶୀଲ ଗୁରୁ, ଡିଙ୍ଗର କୁମ୍ଭାର,ଗୁପ୍ତେଶ୍ୱର କୁଅଁର, ଗଜରାଜ ନାଗ, ପ୍ରେମରାଜ ବରିହାଙ୍କ ସମେତ ୨୪ଟି ଜନ ଆନ୍ଦୋଳନର କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଖପ୍ରାଖୋଲ ଠାରେ ପଦଯାତ୍ରାରେ ସାମିଲ କର୍ମକର୍ତ୍ତାମାନଙ୍କୁ ଧରମ ସିଂ ଧରୁଆ ସ୍ୱାଗତ କରିଥିଲେ।




ହରିଶଙ୍କର ଠାରୁ ବାହାରି ଥିବା ପଦଯାତ୍ରା।